DIGITAL EDITION

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୭୦ Vol. 21 No-270 29 DECEMBER 2024 SUNDAY BHUBANESWAR ରବିବାର, ୨୯ ଡିସେମ୍ବର ୨୦୨୪ ପୃଷ୍ଠା: ୮ ମୂଲ୍ୟ: ୭.୦୦





ସୈନିକଙ୍କ ପରିବାର ପାଇଁ ଅନୁକମ୍ପାମୂଳକ ରାଶି ବୃଦ୍ଧି | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



୩ ପ୍ରଖ୍ୟାତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୭୦ | Vol. 21 No-270 | 29 DECEMBER 2024 SUNDAY BHUBANESWAR | ରବିବାର, ୨୯ ଡିସେମ୍ବର ୨୦୨୪ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ପଞ୍ଚଭୂତରେ ବିଲୀନ ହେଲା ମନମୋହନଙ୍କ ପାର୍ଥିବ ଶରୀର

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ



### ନିଗମବୋଧ ଘାଟରେ ହେଲା ଅନ୍ତିମ ସଂସ୍କାର, ଝିଅ ଦେଲା ମୁଖାଗ୍ନି, ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ

ନୂଆଦିଲ୍ଲୀ, ୨୮।୧୨: ପଞ୍ଚଭୂତରେ ବିଲୀନ ହୋଇଛି ପୂର୍ବତନ ପ୍ରଧାନମନ୍ତ୍ରୀ, ବିଶିଷ୍ଟ ଅର୍ଥଶାସ୍ତ୍ରୀ, ଭାରତୀୟ ଅର୍ଥନୀତିର ଅନ୍ୟତମ ବିନ୍ଧାଣୀ ଡକ୍ଟର ମନମୋହନ ସିଂହଙ୍କ ପାର୍ଥିବ ଶରୀର। ନୂଆଦିଲ୍ଲୀର ନିଗମବୋଧ ଘାଟରେ ଏକ ଶୋକାକୁଳ ପରିବେଶରେ ଶନିବାର ମଧ୍ୟାହ୍ନରେ ତାଙ୍କର ଶେଷକୃତ୍ୟ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ, ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ସାଂସଦ ପ୍ରିୟଙ୍କା ଗାନ୍ଧୀ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭୁଟାନ ରାଜା ଜିଗ୍‌ମେ ଖେସର ନାମଗେଲ ୱାଙ୍ଗଚୁକ୍, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମଧ୍ୟ ଉପସ୍ଥିତ ରହିଥିଲେ। ତିନି ସେନା ପକ୍ଷରୁ ପାର୍ଥିବ ଶରୀରକୁ ତୋପ ସଲାମୀ ଦିଆଯାଇଥିଲା। ଶେଷରେ ଚିତାରେ ମୁଖାଗ୍ନି ଦିଆଯାଇଥିଲା। ତାଙ୍କ ଝିଅ ମୁଖାଗ୍ନି ଦେଇଥିଲେ। ଶନିବାର ସକାଳେ ତାଙ୍କ ପାର୍ଥିବ ଶରୀରକୁ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରୁ କଂଗ୍ରେସ ମୁଖ୍ୟାଳୟକୁ ବିରାଟ ପଟୁଆରରେ ନିଆଯାଇଥିଲା। ସେଠାରେ ଦଳୀୟ ନେତା ଓ ସାଂସଦମାନେ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ବିରାଟ ପଟୁଆରରେ ପାର୍ଥିବ ଶରୀରକୁ ନିଗମବୋଧ ଘାଟକୁ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ସ୍ୱର୍ଗତଃ ମନମୋହନ ସିଂହ ଏକାଧାରରେ ଜଣେ ରାଜନୀତିଜ୍ଞ, ଅର୍ଥନୀତିଜ୍ଞ, ଶିକ୍ଷାବିତ୍ ଓ ପ୍ରଶାସନିକ ଅଧିକାରୀ ଥିଲେ। ଯିଏ କି ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଭାରତୀୟ ଜାତୀୟ କଂଗ୍ରେସର ସଦସ୍ୟ ଥିବା ସ୍ୱର୍ଗତଃ ସିଂହ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇପାରିଥିଲେ।

## ଫସଲ କ୍ଷତି ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ୩୦ ସୁଦ୍ଧା ସରିବ କ୍ଷୟକ୍ଷତି ଆକଳନ



ଭୁବନେଶ୍ୱର, ୨୮।୧୨ (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ଗତ ୨୦ ତାରିଖରୁ ୨୮ ତାରିଖ ମଧ୍ୟରେ ହୋଇଥିବା ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତି ସଂପର୍କରେ ସମୀକ୍ଷା କରି ଯେପରି ଜଣେ ବି କ୍ଷତିଗ୍ରସ୍ତ ଚାଷୀ ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଧ୍ୟାନ ଦେବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ୩୦ ତାରିଖ ମଧ୍ୟରେ ଫସଲ କ୍ଷୟକ୍ଷତିର ସଠିକ ଆକଳନ ସହ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଚିହ୍ନଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୀମା କରିଥିବା ଓ ବୀମା ନ କରିଥିବା କ୍ଷତିଗ୍ରସ୍ତ ସମସ୍ତ ଚାଷୀମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ସହାୟତା ଯଥାଶୀଘ୍ର ଡିବିଟି ମାଧ୍ୟମରେ ଯୋଗାଇ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୀମା କରିଥିବା ସମସ୍ତ ଚାଷୀଭାଇ ଓ ଭଉଣୀମାନେ ଯେପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କ୍ଷୟକ୍ଷତି ସଂପର୍କରେ ବୀମା କମ୍ପାନୀମାନଙ୍କୁ ସୂଚନା ଦେବେ ସେଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକର ସୂଚନାରୁ ଜଣାଯାଇଥିଲା ଯେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧ଲକ୍ଷ ୨୬ହଜାର ଚାଷୀ କ୍ଷୟକ୍ଷତି ସଂପର୍କରେ ସୂଚନା ଦେଇଛନ୍ତି। ରବିବାର ସୁଦ୍ଧା ସମସ୍ତ ବୀମାଭୁକ୍ତ ଚାଷୀମାନେ ନିଜର ଫସଲ କ୍ଷୟକ୍ଷତି ସଂପର୍କରେ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ଅପିଲ କରିଛନ୍ତି। ଏଥିସହିତ ବିଭିନ୍ନ ଜିଲ୍ଲାର ପଞ୍ଜିକୃତ ଚାଷୀଭାଇ ଓ ଭଉଣୀମାନେ ଅଦିନିଆ ବର୍ଷାଜନିତ ସେମାନଙ୍କ ଫସଲ ଅମଳର ପରବର୍ତ୍ତୀ କ୍ଷୟକ୍ଷତିର ସୂଚନା ତୁରନ୍ତ 'କୃଷି ରକ୍ଷକ' ପୋର୍ଟାଲ ମାଧ୍ୟମରେ କିମ୍ବା ୧୪୪୪୭କୁ କଲ୍ କରି ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମବାୟ ମନ୍ତ୍ରୀ ପ୍ରଦୀପବଳ ସାମନ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟଶାସନ ସଚିବ ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଫସଲ କ୍ଷତି, ଜିଲ୍ଲା ବୁଲିବେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ

ଭୁବନେଶ୍ୱର, ୨୮।୧୨ (ଭାସ୍କର ନ୍ୟୁଜ): ରାଜ୍ୟରେ ଅଦିନିଆ ବର୍ଷା ଯୋଗୁ ବ୍ୟାପକ ଫସଲହାନି ଘଟିଛି। ତେଣୁ ସରକାରଙ୍କ ପକ୍ଷରୁ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମର ରଙ୍ଗେଇଲୁଣ୍ଡା ଓ ଛତ୍ରପୁର ବ୍ଲକ ଗସ୍ତରେ ଯିବାକୁ ଥିବାବେଳେ ଗଜପତିର ଗୋସାଣୀ ଓ ନୟାଗଡ଼ର ରଣପୁର ବ୍ଲକକୁ ମଧ୍ୟ ଯିବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କଟକ ଓ ଜଗତସିଂହପୁର ଜିଲ୍ଲାକୁ ଯିବାକୁ ଥିବାବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭଦ୍ରକ ଓ ବାଲେଶ୍ୱର ଏବଂ ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ରାପଡ଼ା ଓ ଯାଜପୁର ଗସ୍ତରେ ଯିବେ ବୋଲି ସୂଚନା ଦିଆଯାଇଛି।

### ରାଜ୍ୟରେ ବଢ଼ିବ ବ୍ଲକ୍ ସଂଖ୍ୟା

ଭୁବନେଶ୍ୱର, ୨୮।୧୨ (ଭାସ୍କର ନ୍ୟୁଜ): ଲୋକଙ୍କ ନିକଟରେ ସୁଶାସନ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ବ୍ଲକ ସଂଖ୍ୟାବୃଦ୍ଧି ନେଇ ଚିନ୍ତା କରୁଛନ୍ତି। ଏ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବ୍ଲକ ବିଭାଜନ ଜରୁରି। ଏ ନେଇ ପଞ୍ଚାୟତିରାଜ ବିଭାଗ ସହ ଦୁଇ ରାଉଣ୍ଡ ଆଲୋଚନା ସରିଛି।


### ନିଗମାନନ୍ଦ ସମ୍ମିଳନୀରେ ୨ ଭକ୍ତ ମୃତ

ପୁରୀ, ୨୮।୧୨ (ଭାସ୍କର ନ୍ୟୁଜ): ପୁରୀରେ ଚାଲିଥିବା ନିଗମାନନ୍ଦ ସମ୍ମିଳନୀରେ ଦୁଇଜଣ ଭକ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେମାନଙ୍କୁ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ସେନ୍‌ସେକ୍ସ: ୭୮,୬୯୯.୦୭
ସର୍ବାଧିକ: ୨୮.୦ ଡିଗ୍ରୀ
ସର୍ବନିମ୍ନ: ୧୭.୨ ଡିଗ୍ରୀ

**୨୮।୧୨।୨୦୨୪ର ମତାମତ**

ମୋଦୀ, ଶାହଙ୍କ ଘନଘନ ଓଡ଼ିଶା ଗସ୍ତ ବିଜେପି ସଂଗଠନକୁ ମଜବୁତ କରିବ କି?




**ଆଜିର ପ୍ରସଙ୍ଗ**

ଲୋକେ ସଚେତନ ହେଲେ ରାସ୍ତାରୁ ଗଛକଟା ବନ୍ଦ ହେବା ସମ୍ଭବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com


## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ମନ୍ତ୍ରୀମାନେ ନେଲେ ଜିଲ୍ଲାର ଦାୟିତ୍ୱ
ଚେଲା ଓ ଚାମୁଣ୍ଡା ଖୁସି,
କିଛି ନ ହେଲେ ବି ମନ୍ତ୍ରୀ ଦେଖାହେଲେ
ଦେବେ ନିଶ୍ଚେ ଟିକେ ହସି ।
ଯେଉଁଥିରେ ଲୋକେ ଫସି,
ପଞ୍ଚାୟତ ଭୋଟ୍ ହେବ ଯେତେବେଳେ
ଜିତାଇବେ ମିଳିମିଶି ।

# ନୂଆବର୍ଷରେ ଶ୍ରୀକ୍ଷେତ୍ର ଜଗିବେ ୬୦ ପ୍ଲାଟୁନ୍ ଫୋର୍ସ



ପୁରୀ, ୨୮।୧୨ (ଭାସ୍କର ନ୍ୟୁଜ): ନୂଆ ବର୍ଷରେ ସିସିଟିଭି ନଜରରେ ରହିବ ଶ୍ରୀକ୍ଷେତ୍ର । ପୁରୀକୁ ଜଗିବେ ୬୦ ପ୍ଲାଟୁନ୍ ଫୋର୍ସ । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଟ୍ରାଫିକ୍ ସୁପରିଚାଳନା ନେଇ ବ୍ୟାପକ ପ୍ରସ୍ତୁତି କରିଛି ପୁରୀ ପୋଲିସ। ଡିସେମ୍ବର ୩୧ ତାରିଖଠୁ ନୂଆବର୍ଷ ପର୍ଯ୍ୟନ୍ତ ପ୍ରବଳ ଭିଡ଼ ଆଶଙ୍କାରେ ଟ୍ରାଫିକ୍ କଟକଣା ଜାରି କରାଯାଇଛି । ପୁରୀର ମୁଖ୍ୟ ପ୍ରବେଶପଥରେ ଚେକିଂକୁ କଡାକଡି କରାଯିବ । ଭୁବନେଶ୍ୱରରୁ ଆସୁଥିବା ଚାରିଚକିଆ ଯାନ ଜେଲ୍ ରୋଡ ପାର୍କିଂରେ, କୋଣାର୍କରୁ ଆସୁଥିବା ଚାରିଚକିଆ ତାଳବଣିଆ ପାର୍କିଂରେ ଓ ବ୍ରହ୍ମଗିରିରୁ ଆସୁଥିବା ଚାରିଚକିଆ ଯାନ ଷ୍ଟର୍ଲିନ କିମ୍ବା ଯାତ୍ରିକା ପାର୍କିଂରେ ରହିବ। ମେଡିକାଲ୍ ଛକଠାରୁ ଶ୍ରୀମନ୍ଦିର ଓ ବେଳାଭୂମି ପର୍ଯ୍ୟନ୍ତ କୌଣସି ଚାରିଚକିଆ ଯାନ ଯାତାୟାତ କରିବ ନାହିଁ। ମାର୍କେଟ ଛକଠାରୁ ହେବ ନୋ ଭେଇକିଲ୍ ଜୋନ୍ । ଶ୍ରୀମନ୍ଦିର ବାହାରେ ଓ ଶ୍ରୀମନ୍ଦିର ଭିତରେ ଭିଡ ନିୟନ୍ତ୍ରଣ ସହ ମହାପ୍ରଭୁଙ୍କ ଦର୍ଶନର ସୁବ୍ୟବସ୍ଥା କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି । ବେଳାଭୂମିରେ ପର୍ଯ୍ୟାପ୍ତ ଲାଇଫଗାର୍ଡ ମୁତୟନ ହେବାସହ ଜିରୋ ନାଇଟ୍ ସେଲିବ୍ରେସନ ବେଳେ ପାଟ୍ରୋଲିଂକୁ ମଧ କଡାକଡି କରାଯିବ। ମଦ୍ୟପାନ କରି ଗାଡି ଚଳାଉଥିବା ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆନ୍ତରାଜ୍ୟ ଲୁଟେରା ଗ୍ୟାଙ୍ଗ୍ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ଏସ୍‌ପି କହିଛନ୍ତି।

## ଏଚ୍‌ସିଇଏସ୍ ରିପୋର୍ଟ

# ଦୈନିକ ହାରାହାରି ୨୫ଟଙ୍କାରେ ଲୋକେ ଜୀଉଁଛନ୍ତି ଜୀବନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ): ଗାଁ ଗହଳିରେ ପାରିବାରିକ ବ୍ୟୟରେ ଓଡ଼ିଶା ଦେଶରେ ତଳଆଡୁ ତୃତୀୟ। ଗ୍ରାମୀଣ ପରିବାରର ମାସିକ ହାରାହାରି ଖର୍ଚ୍ଚ ମାତ୍ର ୩,୩୫୭ ଟଙ୍କା। ଅର୍ଥାତ୍ ଗାଁର କୌଣସି ୪ରୁ ୫ଜଣିଆ ପରିବାରର ଦିନକୁ ଖର୍ଚ୍ଚ ମାତ୍ର ୧୧୨ ଟଙ୍କା। ଅର୍ଥାତ୍ ଜଣେ ଦିନକୁ ୨୦ରୁ ୨୫ ଟଙ୍କାରେ ଜୀବନ ଜୀଉଁଛନ୍ତି। ହାଉସ୍ ହୋଲ୍ଡ କଞ୍ଜପସନ୍ ଏକ୍ସପେଣ୍ଡିଚର ସର୍ଭେ ରିପୋର୍ଟ- ୨୦୨୩-୨୪ରେ ଏଭଳି ଚିନ୍ତାଜନକ ତଥ୍ୟ ଉଲ୍ଲେଖ କରାଯାଇଛି। ଗତ ୨୪ ବର୍ଷ ଧରି ରାଜ୍ୟରେ ଏକ ସ୍ଥିର ସରକାର ରହିଥିଲେ ମଧ୍ୟ ଓଡ଼ିଆ ପରିବାରର ସର୍ବନିମ୍ନ ବ୍ୟୟ କରିବାର କ୍ଷମତା ସୁଧୁରି ପାରିଲାନି। ଗାଁରେ ରହୁଥିବା ଯେକୌଣସି ୪ରୁ ୫ ଜଣିଆ ସଦସ୍ୟ ପରିବାରର ଦିନକୁ ଖର୍ଚ୍ଚ ମାତ୍ର ୧୧୨ଟଙ୍କାରେ ସୀମିତ। ସହରାଞ୍ଚଳରେ ବି ଅନୁରୂପ ସ୍ଥିତି। ଯାହାକୁ ନେଇ ଅର୍ଥନୀତି ବିଶାରଦ ଚିନ୍ତା ପ୍ରକଟ କରୁଥିବାବେଳେ ଓଡ଼ିଶାର ନୂଆ ସରକାର ଆଗକୁ ସ୍ଥିତି ସୁଧାରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ କହୁଛି, ଓଡ଼ିଶାର ଖାଲି ଗାଁ ଗହଳି ନୁହେଁ, ସହରାଞ୍ଚଳରେ ବି ସମାନ ଅବସ୍ଥା। ସହରୀ ପରିବାରର ମୁଣ୍ଡପିଛା ମାସିକ ବ୍ୟୟ ୫ହଜାର ୮୨୫ ଟଙ୍କା। ଅର୍ଥାତ୍ ଏକ ପରିବାରର ଦୈନିକ ହାରାହାରି ଖର୍ଚ୍ଚ ୧୯୪ ଟଙ୍କା। ଯାହାକି ଜାତୀୟ ହାରଠାରୁ ଢେର ପଛରେ। ଜାତୀୟ ସ୍ତରରେ ଗ୍ରାମୀଣ ପରିବାରର ମାସିକ ଖର୍ଚ୍ଚ ୪ହଜାର ୧୨୨ଟଙ୍କା ରହିଥିବାବେଳେ ଓଡ଼ିଶା ଗ୍ରାମୀଣ ପରିବାରର ମାସିକ ଖର୍ଚ୍ଚ ଏହାଠାରୁ ୭୬୫ଟଙ୍କା କମ୍। ସେହିପରି ସହରାଞ୍ଚଳରେ ଜାତୀୟ ହାର ୬ହଜାର ● ପୃଷ୍ଠା ୫ ଦେଖନ୍ତୁ






ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ଯଅଁରାବାରିମୂଳ ଓ ନାନକାର ଆଞ୍ଚଳିକ ସାଧନକେନ୍ଦ୍ର ଦ୍ୱୟ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ପାଚିକା ଓ ସହାୟିକାଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଯଅଁରାବାରିମୂଳ ପଞ୍ଚାୟତ ନୋଡାଲ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ଏହି ଶିବିରକୁ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଉଦ୍‌ଘାଟନ କରିଥିଲେ । ଶିବିରରେ ନିରୀକ୍ଷକ ଭାବେ ମଣ୍ଡଳର ସହଶିକ୍ଷା ଅଧିକାରୀ ଖଗେଶ୍ୱର ନାୟକ, ଦେବଦତ୍ତ ଶତପଥି ଓ ସଚିକାନ୍ତ ମିଶ୍ର କାର୍ଯ୍ୟନିର୍ବାହ କରିଥିଲେ । ତାଲିମଦାତା ଭାବେ ଦୁଇ ଅଂଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ଶତପଥି ପାଚିକା ଓ ସହାୟିକାମାନଙ୍କୁ ପ୍ରଶିକ୍ଷିତ କରାଇଥିଲେ । ପ୍ରାରମ୍ଭରେ ଦିବଙ୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂ ଉଦ୍ଦେଶ୍ୟରେ ଏକ ଶୋକସଭା କରାଯାଇ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ତାଲିମ ଶିବିରରେ ପାଚିକାମାନଙ୍କ ମଧ୍ୟରେ ଖାଦ୍ୟରନ୍ଧନ ପ୍ରତିଯୋଗିତା କରାଯାଇଥିଲା । ଏହି ଶିବିରରେ ପ୍ରଫୁଲ୍ଲ ବାରିକ, ପ୍ରତାପ କୁମାର ଶତପଥି, ରଘୁନାଥ ଶତପଥି, ଡମ୍ବରୁଧର ପ୍ରଧାନ, ଅଜୟ କୁମାର ଦାସ, ଅମୀୟ ପଣ୍ଡା, ପ୍ରଦୀପ୍ତ ଶତପଥି, ଜୟନ୍ତୀ ସାହୁ ଓ ପ୍ରଧାନ ଶିକ୍ଷକ ମନମୋହନ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

# ଦିଆଲୀ ପର୍ବ ପାଇଁ ଚଳଚଞ୍ଚଳ ଗ୍ରାମାଞ୍ଚଳ



ଝରିଗାଁ /(ଭାସ୍କର ନ୍ୟୁଜ୍): ଚାଷୀଙ୍କ କୃଷିଭିତ୍ତିକ ପର୍ବ ପର୍ବାଣୀମାନଙ୍କ ମଧ୍ୟରେ ଦିଆଲୀ ପର୍ବ ଏକ ପ୍ରମୁଖ ପର୍ବ। ଚାଷୀମାନେ ଧାନ ଅମଳ କରି ସାରିବା ପରେ ପରେ ଏହି ପର୍ବଟିକୁ ପାଳନ କରୁଥିବା ଦେଖିବାକୁ ମିଳେ। ବିଶେଷ କରି ପଶ୍ଚିମ ଓଡିଶାର କୋରାପୁଟ ଜିଲ୍ଲା ଓ ନବରଙ୍ଗପୁର ଜିଲ୍ଲାର ଚାଷୀମାନେ ଏହି ପର୍ବକୁ ଅଧିକ ମହତ୍ୱ ଦେବା ସହ ବେଶ୍ ଆଡମ୍ବର ସହିତ ପାଳନ କରିଥାନ୍ତି। ମାର୍ଗଶିର ଓ ପୌଷ ମାସର ମଧ୍ୟ ଭାଗରେ ଏହି ପର୍ବ ପଡିଥାଏ ।ନିଜ ଜମିରୁ ଉତ୍ପାଦିତ ନୂଆଁ ଶସ୍ୟ ଯଥା -ଧାନ, ମାଣ୍ଡିଆ, କୋଳଥ, ବିରି, ହରଡ଼ ସାଙ୍ଗକୁ ବିଭିନ୍ନ କନ୍ଦମୂଳରେ ଖେଚୁଡ଼ି ତିଆରି କରି ଏହି ଦିନ ଘରେ ପାଳିଥିବା ଗାଇଗୋରୁ ମାନଙ୍କୁ ଖାଇବାକୁ ଦିଅନ୍ତି । ଚାଷଜମିରୁ ଉପାର୍ଜିତ ପ୍ରଥମ ଶସ୍ୟରେ ଭୋଗ ତିଆରି କରି ଘରର ଦେବଦେବୀଙ୍କ ପାଖରେ ତର୍ପଣ କରାଯିବାର ବିଧି ରହିଛି । ନବରଙ୍ଗପୁର ଜିଲ୍ଲାର ଝରିଗାଁ ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ । ଏ ଅଞ୍ଚଳର ୯୦ ପ୍ରତିଶତ ଲୋକ ଚାଷକାର୍ଯ୍ୟ କରି ବଞ୍ଚନ୍ତି ।ଏହି ଅଞ୍ଚଳର ଚାଷୀମାନେ ଦିଆଲୀ ପର୍ବକୁ ହର୍ଷ ଉଲ୍ଲାସର ପାଳନ କରୁଥିବା ଦେଖିବାକୁ ମିଳିଥାଏ । ଦିଆଲୀ ପର୍ବ ପାଇଁ ଗ୍ରାମ ଗୁଡିକରେ ରହୁଥିବା ଗ୍ରାମବାସୀ ବୈଠକ କରି ଦିନ ଧାର୍ଯ୍ୟ କରିବା ପରେ ଗ୍ରାମରେ ଦିଆଲୀ ପର୍ବ ପାଳିତ ହୋଇଥାଏ । ଦିଆଲୀ ପର୍ବର କିଛିଦିନ ପୂର୍ବରୁ ଗ୍ରାମର ମହିଳା ଓ ଯୁବତୀମାନେ ବିଭିନ୍ନ ସ୍ଥାନରେ ଥିବା ମାଟି ଖାଦାନକୁ ଯାଇ ଲାଲ, ହଳଦୀ, ଧଳା ଆଦି ରଙ୍ଗର ମାଟି ସବୁ ସଂଗ୍ରହ କରି ଆଣି ଘରକୁ ଲିପାପୋଛା କରି ରଙ୍ଗମାଟିରେ ରଙ୍ଗେଇଥାନ୍ତି । ମାସସାରା ବିଭିନ୍ନ ଦିନରେ ବିଭିନ୍ନ ଗ୍ରାମରେ ଦିଆଲୀ ପର୍ବ ପାଳିତ ହେଉଥିବାରୁ ଗ୍ରାମାଞ୍ଚଳରେ ଗହଳ ଚହଳ ଲାଗି ରହିଥାଏ ।ଘରେ ଘରେ ପିଠାପଣା ସାଙ୍ଗକୁ ଭୋଜିଭାତର ଆସର ଜମେ । ଏହି ଦିନ ଲୋକେ ନିଜ ନିଜ ବନ୍ଧୁବାନ୍ଧବ ଓ ଚିହ୍ନା ପରିଚିତ ଲୋକମାନଙ୍କୁ ଦିଆଲୀ ପର୍ବ ପାଇଁ ଆମନ୍ତ୍ରିତ କରିଥାନ୍ତି ।ଏହି ପର୍ବ ଉପଲକ୍ଷେ ବିଭିନ୍ନ ଗ୍ରାମରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଦେଶିଆ ନାଟକ ସବୁ ମଞ୍ଚସ୍ଥ ହୋଇଥାଏ। ଦିଆଲୀ ପର୍ବ ଆଦିବାସୀମାନଙ୍କ ଏକ କୃଷିଭିତ୍ତିକ ପର୍ବ ହୋଇଥିଲେ ହେଁ ଅଂଚଳର ଜନସାଧାରଣମାନଙ୍କ ମଧ୍ୟରେ ଭାଇଚାରା ରକ୍ଷା କରିବା ସହ ଅଂଚଳବାସୀଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

## ଓଡ଼ିଶା ଡ୍ରାଇଭର ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ଥିତ କଲ୍ୟାଣମଣ୍ଡପ ଠାରେ ଓଡିଶା ଡ୍ରାଇଭର ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଓଡିଶା ରାଜ୍ୟ ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଚୈତନ୍ୟ ପ୍ରଧାନ, କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରା, ଉପ ସଭାପତି ବୁଧିଆ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ରାଜ୍ୟର ଡ୍ରାଇଭର ମାନଙ୍କୁ ଅନେକ କ୍ଷେତ୍ରରେ ଅବହେଳା କରାଯାଉଛି। ଏଥିସହ ବୀମା ରାଶି ଯଥେଷ୍ଟ ହେଉନାହିଁ ବୋଲି ବୈଠକରେ ମହାସଂଘର ସଭାପତି ଶ୍ରୀ ମେଣ୍ଡୁଲି କହିଥିଲେ। ଏହାସହ ଅମ ଦାବି ପୂରଣ ହେଉ ନଥିବା ବେଳେ ସରକାର ଏଥିପ୍ରତି ଅବହେଳା କରୁଥିବା ଜଣା ପଡ଼ୁଛି। ସରକାରଙ୍କ ନିକଟ ରେ କିପରି ଦାବିଗୁଡିକ ପୂରଣ ହେବ ସେ ନେଇ ବୈଠକରେ ଆଲୋଚନା କରଯାଇଥିଲା ।

# ବାତ୍ୟା 'ଦାନା'ରେ ବ୍ୟାପକ ଦୁର୍ନୀତି ଅଭିଯୋଗ

## ସରକାରୀ ବାବୁ, ନେତା ମାଲାମାଲ, ସାଧାରଣ ଜନତା ବଞ୍ଚିତ

ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ବ୍ଲକରେ ବାତ୍ୟା ଦାନାରେ ହେଇଛି ବଡ଼ ଦୁର୍ନୀତି, ବାତ୍ୟା ଲୋକଙ୍କର କ୍ଷତି କରି ଚାଲିଗଲା କିନ୍ତୁ ଲାଭ ପାଇଲେ ତଳୁ ଉପର ଯାଏ ସରକାରୀ ବାବୁ ଓ ସ୍ଥାନୀୟ ନେତା ଗଣ । କିଏ କେତେ ଖାଇବ ତାହାକୁ ନେଇ ବ୍ଲକ ପଞ୍ଚାୟତ ସମିତିରେ ପ୍ଲାନ ହେଲା, ଯେଉଁ ହିସାବରେ ପ୍ଲାନ ହୋଇଥିଲା ତାହା ବାତ୍ୟା ଗଲା ପରେ କାମରେ ଲାଗିଲା। ଏହା ବାତ୍ୟା ବିପନ୍ନ ଲୋକଙ୍କ ସଂଖ୍ୟା ବୃଦ୍ଧି ହେଉ କିମ୍ବା ରିଲିଫ ବଣ୍ଟନରେ ଦୁର୍ନୀତି, ସବୁଥିରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି। ଏମିତି ଲାଗୁଛି ବାତ୍ୟା ଆସିଲେ ସରକାରୀ ବାବୁ ଓ ସ୍ଥାନୀୟ ନେତାଙ୍କ ମନରେ ଖୁସି କହିଲେ ନ ସରେ,ବାତ୍ୟାରେ ଲୋକଙ୍କ ଜୀବନ ଯାଉ କି ଘର ଉଜୁଡୁ ଆମେ କିନ୍ତୁ ଟଙ୍କା ଗିଳିବୁ। ସୂଚନାଥାଉକି ରାଜନଗର ଅଞ୍ଚଳ ଏକ ଉପକୂଳ ସାମୁଦ୍ରିକ ଅଞ୍ଚଳ ହୋଇଥିବାରୁ ପ୍ରତିବର୍ଷ ଅକ୍ଟୋବର ମାସରେ ବାତ୍ୟା ଆସେ,ସରକାର ମଧ୍ୟ ବାତ୍ୟା ଆସିବା ମାତ୍ରେ ପ୍ରଥମେ ରାଜନଗର ଅଞ୍ଚଳକୁ ଦୃଷ୍ଟି ଦିଅନ୍ତି, କିଭଳି ଲୋକ ମାନଙ୍କୁ କଚାଘରୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ, କିଭଳି ଶୁଖିଲା ଓ ରନ୍ଧା ଖାଦ୍ୟ ବାତ୍ୟା ସମୟରେ ଲୋକଙ୍କୁ ଦିଆଯିବ, ସେନେଇ ଜିଲ୍ଲାପାଳଙ୍କ ସହ ସରକାର ବ୍ୟାପକ ଆଲୋଚନା କରନ୍ତି। ଏବଂ ଆଖି ବୁଜା ସରକାରୀ ଟଙ୍କା ଲୋକମାନଙ୍କ ପାଇଁ ଖର୍ଚ୍ଚ କରନ୍ତି। ଖାଲି ରାଜ୍ୟ ନୁହେଁ କେନ୍ଦ୍ର ମଧ୍ୟ ବାତ୍ୟା ସମୟରେ ରାଜ୍ୟକୁ ବ୍ୟାପକ ଅର୍ଥ ଅନୁଦାନ କରନ୍ତି। ସେହି ଉଭୟ ସରକାରଙ୍କ ଟଙ୍କା ଜିଲ୍ଲା ପ୍ରଶାସନ ପକ୍ଷରୁ ଆସି ବ୍ଲକ ପ୍ରଶାସନ ପାଖରେ ପହଞ୍ଚେ ବାସ ସେଉଠୁ ହୋଇଯାଏ ଦୁର୍ନୀତିର ପ୍ରାରମ୍ଭ ! ଚଳିତ ବର୍ଷ ରାଜନଗରରେ ହୋଇଥିବା ବାତ୍ୟା ଦାନାରେ ଯେତିକି ଲୋକଙ୍କୁ କଚା ଘରୁ ଆଣି ବ୍ଲକ ପ୍ରଶାସନ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ରଖିଲା ତାଠୁ ଅଧିକ ସଂଖ୍ୟା ସରକାରୀ ଖାତାରେ ପଡିଲା,ଖାଲି ଲୋକଙ୍କ ସଂଖ୍ୟା ନୁହେଁ ତାହା ସହ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ସହିତ ଯେଉଁ କିଟ ବକ୍ସ ଲୋକଙ୍କ ପାଇଁ ଆସିଥିଲା ସେଥିରେ ମଧ୍ୟ ଚଢ଼ା ହିସାବ କରାଯାଇ ଲକ୍ଷାଧିକ ଟଙ୍କା ହରିଲୁଟ ହେଲା ! ଏତିକିରେ ପଞ୍ଚାୟତ ସମିତି ଓ ସ୍ଥାନୀୟ ନେତା ଖୁସି ହେଲେନି, ବାତ୍ୟା ପରେ ଅର୍ଥାତ ଏବେ ମଧ୍ୟ ଅନେକ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଲୋକଙ୍କୁ ମିଳୁଥିବା ରିଲିଫ ବଣ୍ଟନରେ ଅନିୟମିତତା ହୋଇଥିବାର ଲୋକେ ଅଭିଯୋଗ କରିଛନ୍ତି। ଯାହାର ସିଧାସଳଖ ପ୍ରମାଣ ମିଳିଛି ପଟ୍ଟାମୁଣ୍ଡାଇର ସମସ୍ତ ପଞ୍ଚାୟତର ଥଇଥାନ ଓ ପଞ୍ଚାୟତ ଠାରେ। ଲୋକଙ୍କ ଅଭିଯୋଗ ଅନୁଯାୟୀ ବାତ୍ୟା ଦାନାରେ ଅଧିକ କ୍ଷୟକ୍ଷତି ହୋଇଥିବା ଏହି ଦୁଇଟି ପଞ୍ଚାୟତକୁ ସରକାର ଅଧିକ ପ୍ରାଧାନ୍ୟ ଦେଇ ଅଧିକ ପରିମାଣରେ ରିଲିଫ କିଟ ଯୋଗାଇଛନ୍ତି। ସମସ୍ତ ରିଲିଫ କିଟକୁ ଆଗପଛ କରି ସ୍ଥାନୀୟ ନେତା ଓ କୁଜିନେତା ଦଳୀୟ ହିସାବରେ ଲୋକଙ୍କୁ ଦେଉଛନ୍ତି। କିଏ ରିଲିଫ ପାଉଛି ତ ଆଉ କିଏ ସଂପୂର୍ଣ୍ଣ ବଞ୍ଚିତ ରହିଛି। ଯାହାକୁ ନେଇ ଗତକାଲି ବ୍ଲକ୍ ଠାରେ ଲୋକ ପାଟିତୁଣ୍ଡ କରିଛନ୍ତି। ସକାଳୁ ସନ୍ଧ୍ୟା ଯାଏ ଏହି ମଣ୍ଡପ ଠାରେ ଗ୍ରାମର ମୁରବି ମାନଙ୍କ ଦ୍ୱାରା ରିଲିଫ ବଣ୍ଟନ କାର୍ଯ୍ୟ ହୁଏ, କିନ୍ତୁ ରିଲିଫ ବଣ୍ଟନରେ ଅନିୟମିତତା ଯୋଗୁଁ ଗତକାଲି ରିଲିଫ ବାଣ୍ଟ ଛିଣ୍ଡିଲା ନାହିଁ। ଯାହା ପ୍ରମାଣ ମିଳିଛି ରିଲିଫ ବାଣ୍ଟ ନ ଛିଣ୍ଡିବା କାରଣ ଯେତିକି ରିଲିଫ ପଞ୍ଚାୟତକୁ ଆସିଥିଲା ତାହାକୁ ଆଗଧାଡ଼ିର ନେତା ଓ ମୁରବିମାନେ ମାରି ଖାଇଯାଇଛନ୍ତି। ଯେଉଁକାରଣ ଯୋଗୁଁ ରିଲିଫ ସର୍ଟ ପଡିଛି ! ତେବେ ଏହି ପଞ୍ଚାୟତ ଭଳି ଅନ୍ୟ ପଞ୍ଚାୟତରେ ମଧ୍ୟ ସମାନ ପରିସ୍ଥିତି ଦେଖା ଦେଇଛି । ଯାହା ବିଶେଷ ସୂତ୍ରରୁ ଖବର ମିଳିଛି ଏହି ଦୁର୍ନୀତିରେ ବ୍ଲକ ପ୍ରଶାସନର ବଡ଼ ହାତ ମଧ୍ୟ ରହିଛି, ତେଣୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟର ମୋହନ ସରକାର ଏହା ଉପରେ ସଠିକ ତଦନ୍ତ କରିବାର ଆବଶ୍ୟକ ରହିଥିବା ନେଇ ସମାଜ ସେବୀ ମତ ରଖିଛନ୍ତି। ଯଦି ଦାନା ବାତ୍ୟା ଖର୍ଚ୍ଚର ଉପଯୁକ୍ତ ଅଡିଟ ହୁଅନ୍ତା ତାହାହେଲେ ପଦାକୁ ଆସିପାରନ୍ତା ବ୍ୟାପକ ଦୁର୍ନୀତି ର ଗନ୍ଧ।




# ପାଣିକୋଇଲି ଯଯାତୀ ପାଠାଗାରକୁ ନେଇ ସନ୍ଦେହ ବଢୁଛି

## ତଦନ୍ତକାରୀ ଟିମ୍ ଗଠନ ଦାବି

କୋରେଇ(ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ ରେ ଅନେକ ପ୍ରକଳ୍ପ ହୋଇଛି କିନ୍ତୁ ଲୋକଙ୍କ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଅନ୍ଧାରେ ରେ ରଖାଯାଇଛି ।ଅନେକ ପ୍ରକଳ୍ପ କେବଳ ସରକାରୀ କାଗଜ କଲମରେ ସିମୀତ ରହିଥିବା ଅଭିଯୋଗ ହେଉଛି ।ସରକାରଙ୍କ କୌଣସି କର୍ଯ୍ୟ ବିଷୟରେ ଜାଣିବାକୁ ହେଲେ ସୂଚନା ଅଧିକାର ଆଇନ ବଳରେ ମାଗିବାର ବ୍ୟବସ୍ଥା ମଧ୍ୟ ରହିଛି କିନ୍ତୁ କୋରେଇ ବ୍ଲକରେ ଏହା ଯେମିତି ପ୍ରହସନ ପାଲଟିଛି। ଏହି ବ୍ଲକ ଅନ୍ତର୍ଗତ ପାଣିକୋଇଲି ଗ୍ରାମ ପଞ୍ଚାୟତ ରେ ଏକ ପାଠା ଗାର ରହିଛି ବୋଲି ଜାଣିବା ପରେ ଯୁବ ନେତା ରାକେଶ ସାହୁ ଜିଲ୍ଲା ପାଳଙ୍କ ଜନଶୁଣାଣି ରେ ଅଭିଯୋଗ କରିବା ପରେ ଜିଲ୍ଲା ପ୍ରଶାସନ ଓ ତତ୍କାଳୀନ କୋରେଇ ବିଡ଼ିଓ ଅଶୋକ ମାଝି ପତ୍ର ସଂଖ୍ୟା ୨୦୦୩, ତାରିଖ ୦୩/୦୪/୨୦୨୪ ରେ ଜନ ଶୁଣାଣି ଅଭିଯୋଗ ନଂ ଡି .ଏମ ୨୦୨୪୪୭୫୯୨୫ ରେ ଏକ ଉତ୍ତର ରଖିଥିଲେ ପାଣିକୋଇଲି ସ୍ଥିତ ଯଯାତୀ ଗୋଷ୍ଠୀ କେନ୍ଦ୍ରର ପ୍ରଥମ ମହଲା ଠାରେ ପାଠାଗାର ଗୃହ ବା ଯଯାତି ପାଠାଗାର ଆମ ଗାଁ ଆମ ବିକାଶ ଯୋଜନ ଅନ୍ତର୍ଗତ ପିଠା ଯୋଜନା ପୁରସ୍କାର ରାଶି ୫ ଲକ୍ଷ ଟଙ୍କା ରେ ନିର୍ମାଣ କରାଯାଇଛି ଓ ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇଥିଲେ । ପରେ ଏହି ପତ୍ର ପାଇବା ପରେ ଉକ୍ତ ପାଠାଗାରକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା ଏହା ଅନ୍ୟ ଏକ ଜନ ଶୁଣାଣି ରେ ଏହି ପାଠାଗାରର ସ୍ଥିତି କଣ ଅଭିଯୋଗ କରିବା ପରେ ବର୍ତ୍ତମାନ ର ବିଡ଼ିଓ ଅବନିକାନ୍ତ ସାହୁ ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି ତାହା ସମସ୍ତଙ୍କ ସନ୍ଦେହ ସୃଷ୍ଟି କରୁଛି। ବିଡ଼ିଓ ଙ୍କ ଦ୍ୱାରା ପ୍ରଦତ୍ତ ଚିଠି ସଙ୍ଖ୍ୟା ୭୭୪୭ / ତା ୨୧.୧୨.୨୪ ଜନ ଶୁଣାଣି ଅଭିଯୋଗ ନଂ ଡି ଏମ ୨୦୨୪୭୧୨୦୭୩ ରେ ଯେଉଁ ଅଭିଯୋଗ ହେଉଛି ତାର ତଦନ୍ତ ପରେ ଜଣା ଗଲାକି ପାଣିକୋଇଲି ଗ୍ରାମପଞ୍ଚାୟତ ରେ ଯଯାତୀ ପାଠାଗାର ନାମରେ କୌଣସି କାର୍ଯ୍ୟ ହୋଇନାହିଁ । ଯାହା ତତ୍କାଳୀନ କୋରେଇ ବିଡ଼ିଓ ଓ ବର୍ତ୍ତମାନ ର ବିଡ଼ିଓ ଙ୍କ ଚିଠିର ତାଳ ମେଳ ରହୁନାହିଁ , ଯାହାକୁ ନେଇ ଏକ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ କିଏ ସତ କହୁଛି କିଏ ମିଛ କହୁଛି ତାହା ତଦନ୍ତ ସାପେକ୍ଷ । ତେଣୁ ଏହି ଘଟଣା ଉପରେ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରି ଏକ ନିରପେକ୍ଷ ତଦନ୍ତ କଲେ ସତ ସାମ୍ନାକୁ ଆସିବ ଓ ଜନସାଧାରଣ ସତ ଜାଣିପାରିବେ।

# ମାଓବାଦୀ ଲୁଟି ନେଇଥିବା ବନ୍ଧୁକ ଜବତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲ୍ଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ବିପୁଳ ପରିମାଣ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏହି ଅସ୍ତ୍ରଶସ୍ତ୍ର ମଧ୍ୟରୁ ଗତ ୩୩ ବର୍ଷ ପୂର୍ବେ ଯବାନମାନଙ୍କ ଠାରୁ ମାଓବାଦୀ ମାନେ ଲୁଟି ନେଇଥିବା ବନ୍ଧୁକ ଥିବା ଦେଖିବାକୁ ମିଳିଛି। ତଥ୍ୟ ଅନୁଯାୟୀ, ୧୯୯୧ରେ ମହାରାଷ୍ଟ୍ର ଗଡଚିରେଲି ତୁମାରଗୁଣ୍ଡା ଜଙ୍ଗଲରେ ମାଓବାଦୀମାନେ ଯବାନଙ୍କ ଉପରେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ଯବାନମାନଙ୍କୁ ଆମ୍ବୁସରେ ଫସେଇ ଆହତ ହୋଇଥିଲେ। ଘଟଣା ମାଓବାଦୀ ମାନେ ଯବାନଙ୍କଠାରୁ ୧୮ଟି ୩୦୩ ରାଇଫଲ ଓ ବହୁ ଅସ୍ତ୍ର ଲୁଟି ନେଇଥିଲେ। ତେବେ ଗତ ଡିସେମ୍ବର୍ ୧୨ରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟ ଗୁଳି ବିନିମୟ ଘଟିଥିବା ବେଳେ ୭ ମାଓବାଦୀଙ୍କ ମୃତଦେହ ସହ ରାଇଫଲ ମଧ୍ୟ ଜବତ ହୋଇଛି। ଏ- ତଦନ୍ତ କରିବା ପରେ ଏହି ବନ୍ଧୁକ ୩୩ ବର୍ଷ ପୂର୍ବେ ମାଓବାଦୀମାନେ ଲୁଟି ନେଇଥିବା ଜଣାପଡ଼ିଥିଲା। ମୃତ୍ୟୁବରଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ଜଣେ ୨୫ ଲକ୍ଷ ଟଙ୍କା ଇନାମୀ ମାଓବାଦୀଙ୍କ ମୃତ ଦେହ ମଧ୍ୟ ଜବତ ହୋଇଥିବା ଜଣାପଡିଛି । ସେହି ସମୟରେ ୧୦ ଜଣ ଯବାନ ଶହୀଦ ହୋଇଥିବା ବେଳେ ୧୨ରୁ ଊର୍ଦ୍ଧ୍ୱ ଯବାନ ଆହତ ମଧ୍ୟ ହୋଇଥିଲେ ।

# ୧୯୭୯ ବ୍ୟାଚ୍‌ର ବନ୍ଧୁମିଳନ

ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ଶିକ୍ଷାମଣ୍ଡଳ ଅଧିନ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ୧୯୭୯ ମସିହା ବ୍ୟାଚ୍ର ବନ୍ଧୁମିଳନ ଉତ୍ସବ ଗୋପାଳଜୀଉ ମଠ ପରିସରରେ ବାବା ଶ୍ରୀ ସୁଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବନ୍ଧୁମାନଙ୍କ ମଧ୍ୟରେ ସ୍ୱାଗତ ଓ ଅଭିନନ୍ଦନ ପରେ ସମାଜର କଲ୍ୟାଣ ନିମନ୍ତେ ଗୋପାଳଜୀଉଙ୍କ ନିକଟରେ ଭଜନ କୀର୍ତ୍ତନ ଓ ପ୍ରାର୍ଥନା କରାଯାଇଥିଲା। ବନ୍ଧୁମାନଙ୍କ ନିଜନିଜର ପରିବାର ମଧ୍ୟରେ କିପରି ଶାନ୍ତି ମୈତ୍ରୀ ସ୍ଥାପନ କରାଯାଇପାରିବ ସେଥିପାଇଁ ଆମ୍ଭେମାନେ ସମସ୍ତେ ନିଜ ନିଜ କର୍ମମୟ ଜୀବନ ମଧ୍ୟରେ ପ୍ରଭୁଙ୍କ ନିକଟରେ ଶରଣାପନ୍ନ ହେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ମହାରାଜ ମତବ୍ୟକ୍ତ କରିଥିଲେ। ଏଥିରେ ବାବାଶ୍ରୀ ବଂଶୀଧର ମହାରାଜ ଯୋଗଦେଇ ବନ୍ଧୁମାନଙ୍କର ଶୁଭକାମନା କରିଥିଲେ। ଏଥିରେ ପ୍ରତାପଜେନା, ମହେନ୍ଦ୍ର ନାଥ ନାୟକ, ପରୀକ୍ଷିତ ବେହେରା, ଅନିଲ ମହାପାତ୍ର, ବିରଞ୍ଚି ନାରାୟଣ ମହାନ୍ତି, ଶରତ ସାହୁ, ନିମାଇଁ ଚରଣ ସାହୁ, ଇଂ ବାବାଜୀ ମିଶ୍ର ସୁବାଷ ଜେନା, ବୈଜୟନ୍ତି ମହାପାତ୍ର, ଟୁନୀ ବାଳା ରଥ, ଜ୍ୟୋସ୍ନା ମହାନ୍ତି, ପ୍ରମିଳା ରାଉତ, ପ୍ରମୋଦିନ ପଣ୍ଡା, ଉମା ସାହୁ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିବାବେଳେ ଏଥିରେ ଶତାଧିକ ବନ୍ଧୁ ଓ ବାନ୍ଧବୀମାନେ ଉପସ୍ଥିତ ରହିଥିଲେ।

## ସଂସ୍କୃତ ଭାରତୀର ପ୍ରାନ୍ତ ସଂସ୍କୃତ ସମ୍ମିଳନୀ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ସଂସ୍କୃତ ଭାରତୀ ଓଡ଼ିଶା ପ୍ରାନ୍ତ ପକ୍ଷରୁ ସ୍ଥାନୀୟ ଗୋସାଇଁ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଜ୍ୟ ସ୍ତରୀୟ ଦ୍ୱିଦିନାତ୍ମକ ସଂସ୍କୃତ ସମ୍ମିଳନୀ ଉଦଘାଟିତ ହୋଇଯାଇଅଛି। ରାଜ୍ୟ ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଆୟୁଷ୍ମନ୍ତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଗୋପବନ୍ଧୁ ମିଶ୍ର କହିଲେ ଆମେ ଭୁଲିଯିବା ଅନୁଚିତ ଯେ ସଂସ୍କୃତ ଭାଷା ସୂତ୍ରରୂପେ ଅଦୃଶ୍ୟ ଭାବେ ସମସ୍ତ ଭାରତୀୟ ଭାଷାମାନଙ୍କୁ ଗୁନ୍ଥି ରଖିଛି। ତଥାପି ତିନି ତୁଣ୍ଡରେ ଛେଳି କୁକୁର ହେବା ଭଳି ବୈଦେଶିକ ମାନେ ଏହି ପବିତ୍ର ଭାଷାକୁ ମୃତ ଭାଷା ଭାବେ ଅପପ୍ରଚାର କରି ଆସୁଛନ୍ତି। ବ୍ରହ୍ମପୁର ବିଧାୟକ କେ ଅନୀଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ସମ୍ମିଳନୀର ସଫଳତା କାମନା କରିଥିଲେ। ଚିକିଟି ବିଧାୟିକାଙ୍କ ପତ୍ନୀ ସମାଜସେବୀ ମୀନା ସାମନ୍ତରାୟ ସଂସ୍କୃତର ପ୍ରଚାର ପ୍ରସାର ପାଇଁ ସଂସ୍କୃତଭାରତୀର ଉଦ୍ୟମକୁ ପ୍ରଶଂସା କରିଥିଲେ। ଶିଶୁ ମନ୍ଦିରର ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର କହିଲେ ଯେ ସଂସ୍କୃତ ବିନା ଭାରତ ବିଶ୍ୱଗୁରୁ ହୋଇ ପାରିବ ନାହିଁ। ପୂର୍ବ ପ୍ରାନ୍ତ ପ୍ରମୁଖ ପଣ୍ଡିତ ନୃସିଂହ ଚରଣ ପଣ୍ଡା ବିଭିନ୍ନ ସତ୍ରରେ ସମାଗତ ପ୍ରଚାରକ ଓ ଶିବିର ଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ ଦେଉଥିବା ବେଳେ ସମ୍ପାଦକ ଅଜିତ କୁମାର ପଣ୍ଡା, ପ୍ରାଧ୍ୟାପକ ରମାକାନ୍ତ ସା, ଡଃ ମାନସ ସାହୁ, ଡଃ ନବୀନ ପ୍ରଧାନ, ଡଃ ସୁଶାନ୍ତ ରାୟ ପ୍ରମୁଖ ସହଯୋଗ କରୁଛନ୍ତି। ଗଞ୍ଜାମ ଶାଖା କାର୍ଯ୍ୟକର୍ତ୍ତା ସୁନୀଲ କୁମାର ପାଣିଗ୍ରାହୀ, ପ୍ରମୋଦ କୁମାର ବାଜୁବନ୍ଧ, ଆଦିତ୍ୟ କୁମାର ରଥ, ରମେଶ ଚରଣ ତ୍ରିପାଠୀ,ରବି ପାତ୍ର, ମନୋଜ କୁମାର ତ୍ରିପାଠୀ, ଗୋପାଳ କୃଷ୍ଣ ପାଢ଼ୀ, ସାଲବେଗ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରୁଛନ୍ତି।



# ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ ପାଳିତ







ରାଜନଗର(ଭାସ୍କର ନ୍ୟୁଜ୍): ଭାରତର ସାରା ରାଜ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିନ ଓ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ତିନୋଟି ଜୋନରେ ବାଜପେୟୀଙ୍କ ଜନ୍ମ ଦିନରେ ସୁଶାସନ ଦିବସ ପାଳନ ହୋଇଛି ।ରାଜନଗର ବ୍ଲକ ସଦରମହକୁମା ଘାଟ ରାସ୍ତାରେ ଥିବା ବିଜେପି କାର୍ଯ୍ୟାଳୟରେ ୩୦ ନମ୍ବର ଜୋନ ବିଜେପି ପକ୍ଷରୁ ବିଜେପି ନେତା ସହଦେବ ସାହୁଙ୍କ ତତ୍ତ୍ୱାବଧାନରେ ଦୁଇଶହରୁ ଊର୍ଦ୍ଧ୍ୱ କର୍ମୀଙ୍କ ଉପସ୍ଥିତିରେ ବାଜପେୟୀଙ୍କ ଜନ୍ମ ଦିବସ ପାଳନ ହୋଇଯାଇ ଅଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜନଗର ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଶ୍ରୀ ସୁନାକର ପ୍ରଧାନ ଯୋଗ ଦେଇ ବାଜପେୟୀଙ୍କ ଗୁଣଗାନ କରିବା ସହିତ ଓଡ଼ିଶାରେ ବିକାଶ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ମତପୋଷଣ କରିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପୂର୍ବତନ ସମ୍ପାଦକ ପ୍ରଦୀପ କୁମାର ଦାଶ କରିଥିଲେ ସ୍ୱର୍ଗତ ବାଜପେୟୀ ଏକାଧାରରେ ସାହିତ୍ୟିକ,ଗାଳ୍ପିକ, ସାମ୍ବାଦିକ,ସମାଜ ସଂସ୍କାରକ ତଥା ଜଣେ ଦକ୍ଷ ରାଜନେତା ଭାବେ ବେଶ ଜଣାଶୁଣା ଥିଲେ ଏବଂ ଦଳଗତ ନିର୍ବିଶେଷରେ ସେ ସମସ୍ତଙ୍କର ପ୍ରିୟ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ମହିଳା ନେତ୍ରୀ ସୁଲୋଚନା ରାଉତ, ବିଜେପି ନେତା ଅଲେଖ ପାତ୍ର, ସଂଗ୍ରାମ କୁମାର ବେହେରା, ଶ୍ରୀନିବାସ ରଣା (ଚଣ୍ଡିଆ)ସୁଲୋଚନ ଦାସ, ଶ୍ରୀବତ୍ସ ମଲିକ,ମଥୁରା ମଲିକ ବିଚିତ୍ର ରାଉତ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ରହି କାର୍ଯକ୍ରମକୁ ଶୃଙ୍ଖଳିତ କରିଥିଲେ। ସେହିପରି ୩୧ନମ୍ବର ଜୋନରେ ଜରିମୂଳ ପଞ୍ଚାୟତରେ ଆରାଧ୍ୟ ଦେବୀ ମା ମାଟିଆ ମଙ୍ଗଳାଙ୍କ ନିକଟରେ ବିଜେପିର ଆଗଧାଡିର ଯୁବନେତା ଶ୍ରୀ ରାଜୀବ ଲୋଚନ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାଜପେୟୀଙ୍କ ଜନ୍ମ ବାର୍ଷିକ ଓ ସୁଶାସନ ଦିବସ ଶତାଧୀକ କର୍ମୀଙ୍କ ଗ୍ରହଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜନଗର ନିର୍ବାଚନ ମଣ୍ଡଳୀର ବିଜେପି ନେତା ଲଳିତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଜପେୟୀଙ୍କ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରି ତାଙ୍କର ନୀତି ଆଦର୍ଶକୁ ପାଥେୟ କରିବାକୁ ଶ୍ରୀ ବେହେରା ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏହି ଜୋନର ସଭାପତି ତଥା ବରିଷ୍ଠ ବିଜେପି ନେତା ଦିଲ୍ଲିପ୍ କୁମାର ରାଉତ ଯୋଗଦେଇ ଦେଇ କହିଥିଲେ ସ୍ୱର୍ଗତ ବାଜପେୟୀ ଦଳଗତ ନିର୍ବିଶେଷରେ ସମସ୍ତଙ୍କର ପ୍ରିୟ ଏବଂ ଅଜାତଶତ୍ରୁ ଥିଲେ। ଯୁବନେତା ରାଜୀବ ଲୋଚନ ନାୟକ ତାଙ୍କ ଭାଷଣରେ କହିଥିଲେ ୧୯୯୯ମହା ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ଓଡ଼ିଶା ଯେତେବେଳେ ହତାଶ ମଧ୍ୟରେ ଗତି କରୁଥିଲା, ସେତେବେଳେ ବାଜପେୟୀ ଓଡିଶା ଆସି ରାଜ୍ୟ ବାସୀଙ୍କୁ ଆଶାର ଆଲୋକ ଦେଖାଇ ଜାତୀୟ ବିପର୍ଯ୍ୟୟ ଘୋଷଣା କରି ୩ଶହ କୋଟି ସହାୟତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟନା ନନ୍ଦ ବେହୁରା,ଅଜୟ ପାତ୍ର, ସର୍ବେଶ୍ୱର ସାହୁ, ଅନିରୁଦ୍ଧ ରାଉଳ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ରହି ବାଜପେୟୀଙ୍କ ଗୁଣ ବଖାଣିଥିଲେ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

ନୂଆପଡା (ଭାସ୍କର ନ୍ୟୁଜ୍): ସୃଷ୍ଟିର ସମସ୍ତ ଜୀବନ ମୂଲ୍ୟବାନ । ହେଲେ ଆମରି ସଚେତନତାର ଅଭାବ ଯୋଗୁଁ ବିଭିନ୍ନ ଦୁର୍ଘଟଣାରେ ଜୀବନସବୁ ଚାଲି ଯାଉଛି । ଏଥିପାଇଁ ଆମକୁ ସଚେତନତା ସହ ବ୍ୟବସ୍ଥାରେ ସୁଧାର ଆଣିବାକୁ ହେବ । ଏଥିପାଇଁ ନିଜର ହାତରେ ନିଜ ଜୀବନ । ରକ୍ଷା କରିବା ଆମରି ଦାୟିତ୍ୱ ଏବଂ କର୍ତ୍ତବ୍ୟ ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି । ସ୍ଥାନୀୟ ଜିଲ୍ଲାପାଳଙ୍କ ସଭାଗୃହରେ ଆୟୋଜିତ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟୀ ବୈଠକରେ ଯୋଗ ଦେଇ ଜିଲ୍ଲାପାଳ ଏହାକୁ ଟ୍ୟାଗ ଲାଇନ ଦେଇଛନ୍ତି । ବୈଠକରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଲା ପୂର୍ବ ବୈଠକର ବିବରଣୀ ସହ ଆଗାମୀ ଜାନୁୟାରୀ ମାସ ୧ତାରିଖଠାରୁ ୭ତାରିଖ ଯାଏଁ ପାଳନ ହେବାକୁ ଥିବା ସଡକ ସୁରକ୍ଷା ସପ୍ତାହକୁ କିପରି ପାଳନ କରାଯିବ ସେ ଉପରେ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ଦାଶ ଏବଂ ଏସପି ଜି.ଆର.ରାଘବେନ୍ଦ୍ର ଜିଲ୍ଲାରେ ଆଗକୁ କିପରି ଦୁର୍ଘଟଣାଶୂନ୍ୟ ଜିଲ୍ଲା କରାଯିବ ସେ ଉପରେ ସମସ୍ତେ ଆଗକୁ ଆସି କାମ କରିବାକୁ ହେବ ବୋଲି ଆହ୍ୱାନ ଦେଇଥିଲେ । ଆମକୁ ସଚେତନ ହେବା ସହ ଅବସ୍ଥାରେ ସୁଧାର ଆଣିବାକୁ ହେବ । ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ଜରୁରୀ ବୋଲି କହିଥିଲେ । ଆଗାମୀ ସପ୍ତାହରେ ହେଲମ୍ୟାଟ ଚେକିଂ ଉପରେ ଗୁରୁତ୍ୱ ଦେବା ସହ ସପ୍ତାହର ପ୍ରତି ବୁଧବାର ଦିନ ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ (ନୋ ହେଲମେଟ ନୋ ପେଟ୍ରୋଲ)କରାଯିବ । ନାବାଳକ ଗାଡି ଚାଳକମାନଙ୍କ ଉପରେ ୨୫ହଜାର ଟଙ୍କା ଜୋରିମାନା ସହ ରେଜିଷ୍ଟ୍ରେସନ ସାର୍ଟିଫିକେଟକୁ ବର୍ଷକ ପାଇଁ ରଦ୍ଦ କରାଯିବବୋଲି ଜିଲ୍ଲାପାଳ ନିର୍ଦ୍ଦେଶ କରିଛନ୍ତି। ଏହି ଉପଲକ୍ଷେ ସପ୍ତାହ ଆରମ୍ଭରେ ଏକ ମାରାଥନ ରେସ କରାଯିବା ସହ ସପ୍ତାହ ଶେଷ ଦିନ ନୂଆପଡାରୁ ଖରିଆରରୋଡ ଜୋଙ୍କପୁଲିସ ଷ୍ଟେସନ ପର୍ଯ୍ୟନ୍ତ ବାଇକ ଗ୍ୟାଲି କରାଯିବାକୁ ନିଷ୍ପତ୍ତି ହୋଇଛି । ଜାତୀୟ ରାଜପଥ ୩୫୩ ଅନ୍ତର୍ଗତ ଖରିଆରରୋଡ ଏବଂ ନୂଆପଡା ସହର ରାସ୍ତାକଡର ଉଠାଦୋକାନୀ ଉଚ୍ଛେଦ କରାଯିବା ସହ ନୂଆପଡା ସହରସ୍ଥିତ ଜଳ ସେଚନ ବିଭାଗ କାର୍ଯ୍ୟାଳୟଠାରୁ ଘାଟିପଡା ପର୍ଯ୍ୟନ୍ତ ଦୁଇଥାକିଆ ରାସ୍ତା କରାଯିବାକୁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିବା ଜାତୀୟ ରାଜପଥ ବିଭାଗ ତରଫରୁ କୁହାଯାଇଛି । ସଚେତନତା ପାଇଁ ଚେକିଂ ସହ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବବୋଲି ଜିଲ୍ଲା ପରିବହନ ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜରୁରୀକାଳୀନ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ପରିବହନ ଅଧିକାରୀ ମାନା ସିଂ, ଏମଭିଆଇ ଉପେନ୍ଦ୍ର କୁମାର ପୁସିକା, ଜାତୀୟ ରାଜପଥ ବିଭାଗ ଏସଡିଓ ସପନ କୁମାର ବେହେରା, ପିଡବ୍ଲ୍ୟୁଡି ବିଭାଗ ସହ-ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ଗର୍ଡିଆ, ଟିଏସଆଇ ପ୍ରଜନା ପରିମିତା ଧଳ, ନୂଆପଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦନ ସତପଥୀ, ଖରିଆରରୋଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ, ବିଜୟ କୁମାର ରାଉତରାୟ,ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ, ଖଡ଼ିଆଳ ବେସରକାରୀ ବସ ମାଲିକ ସଂଘରୁ ରବିନ୍ଦ୍ର ସିଂ ଖଣ୍ଡୁଜା, ଅକ୍ଷୟ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ ।



# ପାନ ଗଛରେ ପୋକ; ଚାଷୀ ହତାଶ

- କାଳ ସାଜିଲା ଲଗାଣ ବର୍ଷା
- ଅମଳ ହ୍ରାସ, କାଁ ଭାଁ ବିକ୍ରି
- ପାନକଡା ପିଛା ୩୦ରୁ ୪୦ଟଙ୍କା

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଅଦିନିଆ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। କେବଳ ଧାନ ଫସଲ ନୁହେଁ ପରିବା ଫସଲ ସହ ପାନ ଚାଷୀଙ୍କର ମଧ୍ୟ ବହୁ କ୍ଷତି ହୋଇଛି। ଶୀତଋତୁରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ପାନର ଉତ୍ପାଦନ ଯଥେଷ୍ଟ ହ୍ରାସ ପାଇଛି। କହିବାକୁ ଗଲେ ବଜାରରୁ ପାନ ଆଗ ଅପେକ୍ଷା କମି ଯାଇଛି। ସାଧାରଣତଃ ଶୀତଦିନେ ଚାହିଦା ଅନୁସାରେ ପାନ ଉତ୍ପାଦନ କମ୍ ହୋଇଥାଏ। ତେଣୁ ଏହି ସମୟରେ ପାନଚାଷୀ ଦି -ପଇସା ଅଧିକ ରୋଜଗାର କରିଥାଏ। ଲଘୁଚାପ ଜନିତ କ୍ରମାଗତ ବର୍ଷା କାରଣରୁ ପାନ ଉତ୍ପାଦନ ହ୍ରାସ ପାଇଛି। ଅସମୟ ବର୍ଷା ଯୋଗୁଁ ପାନ ଗଛରେ ପୋକ ହେବା କାରଣରୁ ଗଛ ଝାଉଁଳି ପଡୁଛି ବୋଲି ଚାଷୀ କହିଛନ୍ତି। ତେଣୁ ପାନ ଅମଳ ଆବଶ୍ୟକ ମୁତାବକ ହୋଇ ପାରୁନାହିଁ। ଗଛ ଝାଉଁଳି ଯିବା କାରଣରୁ ପାନ ଉଧେଇ ପାରୁନି। ମଉଳା ଗଛରେ ପାନ ପତ୍ର ନଷ୍ଟ ହୋଇଯାଇଛି। ତେଣୁ ଅସ୍ତରଙ୍ଗ ବଜାରରେ ସେତେ ମାତ୍ରାରେ ପାନ ମିଳୁନାହିଁ। ମଙ୍ଗଳବାର ଅସ୍ତରଙ୍ଗ ହାଟରେ ପାନ କଡା ୨୦ରୁ ୨୫ଟଙ୍କା ଥିବାବେଳେ ଶନିବାର ହାଟରେ ୪୦ରୁ ୫୦ଟଙ୍କା ହୋଇଥିବାରୁ ବହୁତ କମ୍ ବେପାରୀ ପାନ ଆଣି ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। କିଛି ସମୟ ମଧ୍ୟରେ ବଜାର ରେ ପାନ ଦେଖିବାକୁ ମିଳିନଥିଲା। ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ କେନ୍ଦ୍ରାପଟି, ସରିପୁର, ଶିଶୁଅ, କୋରଣା ଆଦି ଅଞ୍ଚଳରୁ କାଁ ଭାଁ ବେପାରୀ ପାନ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ବଜାର ରେ ପାନର ଅଭାବ ସମ୍ପର୍କରେ ପଚାରିବାରୁ କ୍ରମାଗତ ଅସମୟ ବର୍ଷା ଯୋଗୁଁ ବରଜରୁ ପାନ ଆବଶ୍ୟକ ମୁତାବକ ବାହାରୁନି ତେଣୁ ବେପାରୀ ସଂଖ୍ୟା ସେଥିପାଇଁ କମିଯାଇଛି ବୋଲି କହିଛନ୍ତି। ଏ ନେଇ ପାନ ବ୍ୟବସାୟୀ ଶଙ୍କର ଓଝା ଙ୍କୁ ପଚାରିବାରୁ ପାନ ସ୍ୱାଭାବିକ ଶୀତଦିନେ କମ୍ ଉତ୍ପାଦନ ହୋଇଥାଏ। ତେଣୁ ଦାମ୍ ମଧ୍ୟ ଅଧିକ ଥାଏ। ମାତ୍ରା ଲଗାତର ବର୍ଷା କାରଣରୁ ବରଜ ରେ ପାଣି ପଶିବା ସହ ପାନ ଗଛ କ୍ଷତିଗ୍ରସ୍ତ ହୋଇଛି। ଫଳରେ ପାନ ତୋଳା ହ୍ରାସ ପାଇଛି। ଏହା ସହିତ ଗଛରେ ପୋକ ଲାଗିଯିବା କାରଣରୁ ମଧ୍ୟ ପାନ ଉତ୍ପାଦନ କମିଛି। ତେଣୁ ବଜାରରେ ପାନ ଅଭାବ ସୃଷ୍ଟି ହୋଇଛି। ସେହିପରି ପାନ ବ୍ୟବସାୟୀ ମିଟୁ ବରାଳ କହିଛନ୍ତି ମଣିଷ ବଂଚିବା ପାଇଁ ଯେପରି ଖାଦ୍ୟ ଆବଶ୍ୟକ, ସେହିପରି ପାନ ଚାଷ ପାଇଁ ଉପଯୁକ୍ତ ପାଣିପାଗର ଏକାନ୍ତ ଆବଶ୍ୟକତା ରହିଛି। ଏପରିସ୍ଥିତିରେ ଶୀତ ଦିନେ ଲଗାଣ ବର୍ଷା ପାନ ଚାଷ ପାଇଁ ହାନିକାରକ ସାଜିଛି। ଏ ପଟେ ପାନ ଚାଷ ପାଇଁ ସରକାର ମଧ୍ୟ କୌଣସି ସହାୟତା ପ୍ରଦାନ କରୁନାହାନ୍ତି। ବାରମ୍ବାର କ୍ଷତି ଯୋଗୁଁ ଆଉ ପାନଚାଷ କରିବା ପାଇଁ 'ଯୁ 'ନାହିଁ।



## ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଭଦ୍ରକ(ଭାସ୍କର ନ୍ୟୁଜ୍): ୭୬ତମ ସାଧାରଣତନ୍ତ୍ର ଦିବସ-୨୦୨୫କୁ ଭଦ୍ରକ ଜିଲ୍ଲାସ୍ତରରେ ପାଳନ କରାଯିବା ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍.ପି.ଡ଼ି.ଆଇ.ବି. ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦ୍ୱାରା ଗତବର୍ଷ ପାଳନ ପ୍ରସ୍ତୁତି ବୈଠକର ବିବରଣୀ ଉପସ୍ଥାପନ ଆଧାରରେ ଆଲୋଚନା କରାଯାଇ ବୈଠକର ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଉକ୍ତ ଉତ୍ସବ ପାଳନ ଉପଲକ୍ଷେ ଉକ୍ତ ଦିନ ପ୍ରତ୍ୟୁଷରୁ ଡ଼ାକବାଜି ଯନ୍ତ୍ର ଦ୍ୱାରା ଭଦ୍ରକ ପୌରପାଳିକା ଅଞ୍ଚଳରେ ରାମଧୂନ ପରିକ୍ରମା କରାଯିବ । ସକାଳ ୬ଟା ୩୦ରେ ପ୍ରଭାତଫେରୀ ୭ଟାରେ ବିଭିନ୍ନ ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯାଇ ଭଦ୍ରକ କଲେଜ ପଡ଼ିଆରେ ଜିଲ୍ଲାସ୍ତରୀୟ ଉତ୍ସବରେ ସକାଳ ଘ୮.୩୦ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ବକ୍ତୃତା, ଦେଶାତ୍ମବୋଧକ ସଂଗୀତ, କ୍ୱିଜ୍, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତାମାନ ଆୟୋଜନ କରାଯିବା ପାଇଁ ଦିନ ଓ ସମୟ ଧାର୍ଯ୍ୟ କରାଗଲା । ପ୍ରଭାତଫେରୀ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପ୍ୟାରେଡ଼, ପ୍ୟାରେଡ଼୍ ପ୍ରତିଯୋଗିତା, ପ୍ୟାରେଡ଼ ପୂର୍ବାଭ୍ୟାସ, ପ୍ୟାରେଡ଼ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଟାଇକୋଣ୍ଡୋ କ୍ରୀଡ଼ା ପ୍ରଦର୍ଶନ ସମ୍ବନ୍ଧରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ରାଷ୍ଟ୍ରୀୟ ଉତ୍ସବ ପାଳନ କମିଟିର ସଦସ୍ୟ ଭାବେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଗଣମାଧ୍ୟମ ପ୍ରତିନିଧି, ମାନ୍ୟଗଣ୍ୟ ବିଶିଷ୍ଟ ବ୍ୟକ୍ତି ଏହି ବୈଠକରେ ଉପସ୍ଥିତ ଥିଲେ ।





କଟକ(ଭାସ୍କର ନ୍ୟୁଜ୍): ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଓଡିଶା ସରକାର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ସହଯୋଗିତାରେ ତ୍ରି-ଦିବସୀୟ ଆନ୍ତଃଜିଲ୍ଲାସ୍ତରୀୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କର ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଡକ୍ଟର ସତ୍ୟକାମ ମିଶ୍ର, ସମ୍ମାନିତ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ବ୍ରଜନାରାୟଣ ପାତ୍ର ଓ କଟକ ଜିଲ୍ଲା ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଡକ୍ଟର ଜୟନ୍ତୀବାଳା ପରିଡା, କଲେଜର ପରିଚାଳନା କମିଟିର ପୂର୍ବତନ ସଭାପତି ଡକ୍ଟର ଦିଲ୍ଲୀପ କୁମାର କର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ ଓ ପତାକା ଉତୋଳନ ପୂର୍ବକ ଉଦ୍‌ଘାଟିତ କରିଥିଲେ। ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଡକ୍ଟର ସରୋଜ କୁମାର ଦାଶ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ସୂଚନା ଦେଇଥିଲେ। ପୂର୍ବତନ ପ୍ରୋଗ୍ରାମ ଅଫିସର ନିହାର ରଞ୍ଜନ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ସ୍ୱେଚ୍ଛାସେବୀଙ୍କୁ ପ୍ରଶଂସା କରିଥିଲେ। ଶିବିରରେ ବିଭିନ୍ନ ଜିଲ୍ଲାରୁ ୧୨୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଛନ୍ତି। ପ୍ରଥମ ଦିବସର ପ୍ରଥମାର୍ଦ୍ଧରେ ପୂର୍ବତନ ଜାତୀୟ ସେବା ଯୋଜନାର ସଂଯୋଜକ ଡକ୍ଟର ମନୋରନ ମହାନ୍ତି ଜାତୀୟ ସେବା ଯୋଜନାର ମୁଖ୍ୟ ଲକ୍ଷ୍ୟ ଉପରେ ଆଲୋଚନା କରିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ, ସୂଚନା ଓ ଅଧିକାର ଆଇନ୍ ସମ୍ପର୍କରେ ଗବେଷଣା କରିଥିବା ଗବେଷକ ଡକ୍ଟର ଅକ୍ଷୟ କୁମାର ନାୟକ ସୂଚନା ଅଧିକାର ଆଇନ୍ ଉପରେ ଆଲୋକପାତ କରିଥିଲେ।

### ସରିଲା ଦ୍ୱିତୀୟ ଅନ୍ତର୍ଜାତୀୟ ଅର୍କ ନୃତ୍ୟ ଉତ୍ସବ

# ଦଳଗତ ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦ୍ୱିତୀୟ ଆନ୍ତର୍ଜାତୀୟ ଅର୍କ ନୃତ୍ୟ ଉତ୍ସବ ୨୦୨୪ ଭଞ୍ଜ କଳା ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସଂଧ୍ୟାରେ ଓଡ଼ିଶୀର ତିନିଗୋଟି ପର୍ଯ୍ୟାୟ ଯଥା ଏକକ, ଦ୍ୱୈତ୍ୟ ଓ ଦଳଗତ ନୃତ୍ୟର ମହାକୁମ୍ଭ ବିଭିନ୍ନ ବର୍ଗର ଶିଳ୍ପୀମାନଙ୍କ ଦ୍ୱାରା ଉପସ୍ଥାପନ ଦେଖିବାକୁ ମିଳିଥିଲା । ସକାଳ ଅଧିବେଶନରେ ଅଂଶଗ୍ରହଣ କରିଥିବା ନୃତ୍ୟଶିଳ୍ପୀ ଥିଲେ ହର୍ଷିକା ପଟ୍ଟନାୟକ, ସମ୍ପ୍ରିତା ସାହୁ, ବର୍ଷାନା ସେନ, ଅନ୍ୱେଷା ମିଶ୍ର, ଅଭିଲିପ୍ସା ମିଶ୍ର, ଶ୍ରୀୟା ସନୋମ୍ ଶତପଥୀ, ଆଦ୍ୟାଶା ଆପୋଟ, ଚୟାନୀ ଚମ୍ପତୀ, ଟାଟା ଭେଦୀକା, ସ୍ୱରୂପା ସତିଶ୍ ଦେକାଟେ, ଅଦ୍ୱେତା ଅନ୍ୱେଷା ମହାନ୍ତ, ଆର୍ଭିକା ଭୂୟାଂ, ଅର୍ଭିକା ରାୟ, ନୟନିକା, ସୂଚୀ, ଆରୋହୀ ଅଭିଳାଷା, ବାଣୀସିଖା ସାହା, ଦିବ୍ୟା ପ୍ରିୟାଂସି ପ୍ରଧାନ, ସର୍ମିଷ୍ଠା ଲେଙ୍କା, ସୁଭାଙ୍ଗୀ ସାମନ୍ତରାୟ, ଆରାଧ୍ୟ ପ୍ରୀୟଦର୍ଶିନୀ, ଅନୁଷ୍କା ରୟ, ସାଇ ସୃଷ୍ଟି ସାହୁ, ଅଂସିକା ସାହୁ, ଶୁଭ୍ରାଂସୀ ପଟ୍ଟନାୟକ, ଆରାଧ୍ୟ ଗୋଚିକା, ଆରାଧ୍ୟ ମିଶ୍ର, ଅମ୍ରିତା ପଣ୍ଡା ସହିତ ଅନ୍ୟାନ୍ୟ ଶିଳ୍ପୀଗଣ ନୃତ୍ୟ ପରିବେଷଣ କରିଥିଲେ । ସଂଧ୍ୟାର ଅଧିବେଶନରେ ଆମେରିକାର ଗୁରୁ ଜ୍ୟୋତି ରାଉତ, ଶ୍ରଦ୍ଧାଳୀ ରଥ, ଅଙ୍କିତା ପ୍ରିୟଦର୍ଶିନୀ, ମୋନିକା ସାମନ୍ତରାୟ, ଭାଗ୍ୟଶ୍ରୀ ଦାସ, ସୋନାଲୀ ସାବତଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଦଳଗତ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ଗୁରୁ ଜ୍ୟୋତି ରାଉତ ଓ ସୁରଭୀ ଅନୁଷ୍ଠାନର ଶିଳ୍ପୀଗଣ । ପରେ ଜସ୍ମିନ୍ ପ୍ରୀୟଦର୍ଶିନୀ, ଭିଦିତା ହୋତା, ପ୍ରତିଶୃତି, ତନୁଶ୍ରୀ କର, ରିସିକା ସାହୁ, ସମୃଦ୍ଧି ଶର୍ମା, ମନ୍ନତ ଜେଠାନୀ, ହିତାନ୍ସୀ ଜେଠାନୀ, ଓ୍ୱନେଷା ତ୍ରିପାଠୀ, ଅଂଶୀକା ତ୍ରୀପାଠୀ, ରଶ୍ମିତା ଦାସ, ଶୁଭପ୍ରୀୟା ଖଟୁଆ, ମନିଷା ନନ୍ଦ, ଭବ୍ୟତା ସାହୁ, ସୁଶ୍ରୀ ସ୍ୱାଗତିକା ଓ ବିପାଶ ବେହେରାଙ୍କ ଦ୍ୱାରା ଓଡ଼ିଶୀ ଏକକ ନୃତ୍ୟ ପରିବେଷିତ ହୋଇଥିଲା । ଉଦ୍‌ଯାପନୀ ସଂଧ୍ୟାର ଅତିଥିମାନେ ଥିଲେ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଜ୍ୟୋର୍ତିମୟୀ ସୁପକାର, ଶିବ ଶଙ୍କର ମେହେର, ଡ଼କ୍ଟର ସୋନାଲୀ ଶାବତ, ମୁକ୍ତିଲତା ପାଲ, ବିଶିଷ୍ଟ ଗାୟକ ଶ୍ରୀଯୁକ୍ତ ପାର୍ଥ ସାରଥୀ ପାଣିଗ୍ରାହୀ, ଓଡ଼ିଆ ସମାଜ ଲଣ୍ଡନର ନିର୍ଦ୍ଦେଶକ ପାର୍ଥ ସାରଥୀ ପଣ୍ଡା; କଳିଙ୍ଗ ଜାପାନ ଫୋରମ୍‌ର ପ୍ରତିଷ୍ଠାତା କାଳୀପଦ ତ୍ରିପାଠୀ, ଦୟାନିଧୀ ସ୍ମୃତିକଳା ପରିଷଦର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ଦାଶ, ଏମ୍.ସି.ଏଲ୍ ବୁର୍ଲାର ସୂର୍ଯ୍ୟକାନ୍ତ ପ୍ରଧାନ, ଦାସୀ ସାଂସ୍କୃତିକ ଗ୍ରାମର ସଭାପତି ନାରାୟଣ ମହାପାତ୍ର, ଦାସୀ ସାଂସ୍କୃତିକ ଗ୍ରାମର ସମ୍ପାଦକ ତଥା ଅଧ୍ୟକ୍ଷ ଗୁରୁ କୁମାର ଭୀମସେନ ଏବଂ ଦାସୀ ସାଂସ୍କୃତିକ ଗ୍ରାମର ଟ୍ରଷ୍ଟି ବୁଦ୍ଧଦେବ ଦାଶ ।

# ଫୁଲଟିଏ ବଦଳରେ ଗଛଟିଏ ଉପହାର ଦିଅନ୍ତୁ : ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଏହାର ନିରାକରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ନେଇ ସାରା ବିଶ୍ୱରେ ଭାରତକୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛନ୍ତି । ଏହି କ୍ରମରେ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ବୃକ୍ଷରୋପଣକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିବା ସହ ନୂଆବର୍ଷ ଅବସରରେ 'ଫୁଲଟିଏ ବଦଳରେ ଗଛଟିଏ' ଉପହାର ଦେବା ପାଇଁ ଓଡ଼ିଶାର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ପୂର୍ତ୍ତ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକରେ ପରିବେଶ ଅନୁକୂଳ ବାତାବରଣ ସୃଷ୍ଟି ପାଇଁ ମଧ୍ୟ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ । ବକୁଳ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ 'ଫୁଲ ବଦଳରେ ଗଛଟିଏ' କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ପରିବେଶ ପାଇଁ ଗଛଟିଏର ପ୍ରମୁଖ ଭୂମିକା ରହିଛି । ଆଜିକାଲି ରାସ୍ତା ପ୍ରଶସ୍ତିକରଣ ଏବଂ ବିଭିନ୍ନ ଉନ୍ନତିକରଣ ନାମରେ ଅନେକ ବଡ଼ ବଡ଼ ଗଛକୁ କଟା ଯାଉଛି । ତେଣୁ, ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରି ପୁରୁଣା ଗଛକୁ କିପରି ଅନ୍ୟତ୍ର ସ୍ଥାନାନ୍ତରିତ କରିହେବ ସେଥିପାଇଁ ସରକାର ଚିନ୍ତା କରୁଛନ୍ତି । ତେଣୁ ନୂଆବର୍ଷରେ ଫୁଲଟିଏ ବଦଳରେ ଗଛଟିଏ ଉପହାର ପ୍ରଦାନ କଲେ ଏହା ପରିବେଶର ସୁରକ୍ଷା ସହ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଅନୁରୂପ ଭାବେ ନୂଆବର୍ଷ ଅବସରରେ 'ଫୁଲଟିଏ ବଦଳରେ ଗଛଟିଏ' ଉପହାର ଦେବା ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ବକୁଳ ଫାଉଣ୍ଡେସନ୍‌ର କର୍ମକର୍ତ୍ତା, ବୁଦ୍ଧିଜୀବୀ ଏବଂ ପ୍ରକୃତିପ୍ରେମୀ ଉପସ୍ଥିତ ଥିଲେ ।

## ୩୦ରେ ଗଞ୍ଜାମ ଗସ୍ତରେ ଯିବେ ନବୀନ ପଟ୍ଟନାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୩୦ ରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଞ୍ଜାମ ଜିଲ୍ଲା ଗସ୍ତରେ ଯିବେ । ଗସ୍ତ ଅବସରରେ ଶ୍ରୀ ପଟ୍ଟନାୟକ ଅଦିନିଆ ବର୍ଷା କ୍ଷତିଗ୍ରସ୍ତ ଗଞ୍ଜାମର ହିଞ୍ଜିଳି, ଶେରଗଡ଼, କବିସୂର୍ଯ୍ୟନଗର ଆସିକା ଓ ଖଲିକୋଟ ଆଦି ସ୍ଥାନ ମାନଙ୍କରେ କ୍ଷତିଗ୍ରସ୍ତ ଚାଷ ଅଞ୍ଚଳ ବୁଲି ଦେଖିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିବେ । ଫସଲ କ୍ଷତି ସମ୍ପର୍କରେ ପଚାରି ବୁଝିବେ ଓ ସମ୍ପୃକ୍ତ ଅଧିକାରୀ ମାନଙ୍କ ସହ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବେ ।

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାରତୀୟ କପା ନିଗମ ସିଏମ୍‌ଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରିଛନ୍ତି ଭାରତୀୟ କପା ନିଗମ ଲିମିଟେଡ଼ର ସିଏମଡି ଲଳିତ ଗୁପ୍ତା । ସାକ୍ଷାତକାର ବେଳେ ରାଜ୍ୟରେ କପା ଉତ୍ପାଦନ, ବିକ୍ରୟ ବ୍ୟବସ୍ଥା ଓ ଏଥିରେ ଥିବା ସମସ୍ୟା ଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ସମ୍ପ୍ରତି ଓଡ଼ିଶାରେ ୨.୩୯ ଲକ୍ଷ ହେକ୍ଟର ଜମିରେ କପାଚାଷ କରାଯାଉଛି । ଚଳିତବର୍ଷ ୪୦ ଲକ୍ଷ କୁଇଣ୍ଟାଲ କପା ଉତ୍ପାଦନ ହେବା ଲକ୍ଷ୍ୟ ରହିଛି । ଓଡ଼ିଶାରେ ଉତ୍ପାଦିତ ହେଉଥିବା କପା ଗୁଣବତ୍ତା ଦୃଷ୍ଟିରୁ ସର୍ବୋତ୍ତମ ଅଟେ ଏବଂ ବଜାରରେ ଏହାର ଚାହିଦା ମଧ୍ୟ ରହିଛି । ସାକ୍ଷାତକାର ବେଳେ କପା ଚାଷ ଏବଂ ଏହାର ବିକ୍ରୟ ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକ ବିଷୟରେ ଆଲୋଚନା କରାଯାଇଥିଲା । ଏଥିସହିତ ଭବିଷ୍ୟତରେ ଭାରତୀୟ କପା ନିଗମ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ନିଆ ଯିବାକୁ ଥିବା ପଦକ୍ଷେପ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଆଲୋଚନାବେଳେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, ସିସିଆଇ ରିଜିଓନାଲ ମ୍ୟାନେଜର ଟି କେ ଦାସ, କୃଷି ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଜେ ସୂର୍ଯ୍ୟା ରାଓ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

# ପୂର୍ତ୍ତ ବିଭାଗରେ ବଦଳି ଆଦେଶରେ ମହିଳା ଯନ୍ତ୍ରୀଙ୍କୁ ହତାଦର

କଟକ(ଭାସ୍କର ନ୍ୟୁଜ୍): ପୂର୍ତ୍ତ ବିଭାଗ ଦ୍ୱାରା ଜାରି ହୋଇଥିବା ବଦଳି ଆଦେଶ ସ୍ୱଚ୍ଛତାରେ ଲିଙ୍ଗଗତ ଭେଦଭାବକୁ ପ୍ରଦର୍ଶନ କରାଯାଇଥିବା ଭଳି ଅଭିଯୋଗ ହୋଇଛି। ସରକାରୀ କର୍ମଚାରୀଙ୍କ ବଦଳି ଏବଂ ନିଯୁକ୍ତିରେ ଅନାବଶ୍ୟକ ପ୍ରଭାବକୁ ରୋକିବା ପାଇଁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶନାମା ସତ୍ତ୍ୱେ, ଫିଲ୍ଡ ଡିଭିଜନରେ ସଦ୍ୟ ନିଯୁକ୍ତ ହୋଇଥିବା ଏବଂ ନିଜ ପଦରେ ଭଲ ପ୍ରଦର୍ଶନ କରୁଥିବା ଅନେକ ଇଞ୍ଜିନିୟରଙ୍କୁ ହଠାତ୍ ବଦଳି ଆଦେଶ ଦିଆଯିବାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବଦଳି ଆଦେଶରେ ରାଜନୈତିକ ପ୍ରଭାବ, ପକ୍ଷପାତିତା ଏବଂ ଦୁର୍ନୀତି ସନ୍ଦେହ ଥିବା ଅନୁମାନ କରାଯାଉଛି। ବହୁ ପ୍ରତିକ୍ଷୀତ ବଦଳି ଆଦେଶ ରେ ଏକା ସଙ୍ଗେ ୧୦୨ ଜଣ ଯନ୍ତ୍ରୀଙ୍କ ବଦଳି କରାଯାଇ ଥିଲେ ମଧ୍ୟ ଏଥିରେ କୌଣସି ଗୁରୁତ୍ୱପୂର୍ଣ୍ଣ ପଦବୀରେ ମହିଳା ଯନ୍ତ୍ରୀଙ୍କୁ ସୁଯୋଗ ଦିଆଯାଇନଥିବା ଦେଖିବାକୁ ମିଳିଛି। ସୂଚନା ଯୋଗ୍ୟ ଯେ, ବର୍ତ୍ତମାନ ପୂର୍ତ୍ତ ବିଭାଗରେ ମୋଟ ୪ଟି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ୪୨ ଅଧିକ୍ଷଣ ଯନ୍ତ୍ରୀ ଓ ୩୨ଟି ନିର୍ବାହୀ ଯନ୍ତ୍ରୀ ପଦବୀରେ ମହିଳା ଯନ୍ତ୍ରୀମାନେ ଅଛନ୍ତି। ତଥାପି ରାଜ୍ୟରେ ଥିବା ୭୨ ଡିଭିଜନ ତଥା ୧୬ ସର୍କଲରେ କୌଣସି ମହିଳା ଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ମହିଳା ଯନ୍ତ୍ରୀ ମାନଙ୍କର ସକ୍ଷମତା, ନେତୃତ୍ୱ ସମ୍ଭାବନା ଏବଂ ଯୋଗ୍ୟତାକୁ ଅଣଦେଖା କରି କେବଳ ଅଣ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସୀମିତ ରଖିବାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ବିଭିନ୍ନ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମହିଳା ମାନଙ୍କୁ ସୁଯୋଗ ଦିଆଯାଇ ଥିଲା। ବର୍ତ୍ତମାନ ମଧ୍ୟ ଆରକ୍ଷୀ ବିଭାଗ ଭଳି ବିଭାଗରେ ବିଭିନ୍ନ ପଦବୀରେ ମହିଳା ମାନେ ସୁଚାରୁ ରୂପେ କାର୍ଯ୍ୟଭାର ତୁଲାଇ ନିଜ ଯୋଗ୍ୟତା ସାବ୍ୟସ୍ତ କରିଛନ୍ତି। ତେବେ ପୂର୍ତ୍ତ ବିଭାଗର ଏହିପରି କେଉଁ କାର୍ଯ୍ୟକୁ ମହିଳା ଯନ୍ତ୍ରୀ ତୁଲାଇବାକୁ ଅସମର୍ଥ ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି।

# ନୂତନ ବର୍ଷର ଅବ୍ୟବହିତ ପୂର୍ବରୁ ନିଆରା ଢଙ୍ଗରେ ନବବର୍ଷ-୨୦୨୫ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୂତନ ବର୍ଷର ଅବ୍ୟବହିତ ପୂର୍ବରୁ ନିଆରା ଢଙ୍ଗରେ ନବବର୍ଷ-୨୦୨୫ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡୁଡ୍‌ନୁ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି । ଶନିବାର ପାଣ୍ଡରାସ୍ଥିତ ଉତ୍କଳ ମଣି ଗୋପବନ୍ଧୁ ଜରାଶ୍ରମର ଅନ୍ତେବାସୀଙ୍କ ଗହଣରେ ଅନେକ ବୃଦ୍ଧ ପିତା-ମାତା ଓ କୁନି କୁନି ପିଲାମାନଙ୍କ ସହ ପ୍ରାକ୍ ନବ ବର୍ଷକୁ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ରାତ୍ର ଭୋଜନ ସହ ପିଲାଙ୍କୁ ଖାତା, ପେନ୍, ପେନସିଲ, ରବର, କଟର, ସ୍କେଲ ଦିଆଯିବା ସହ ନୂତନବର୍ଷ ପାଇଁ କେକ୍ କଟା ଯାଇଥିଲା । ଏହାବ୍ୟତିତ ସମସ୍ତଙ୍କ ସହିତ ସମୟ କାଟିବା ସହ ମିଳିମିଶି ରହିବାକୁ ଭାବପୂର୍ଣ୍ଣ ସୁବାର୍ତ୍ତା ଦେଇ ଆୟୋଜକ ମୁଖ୍ୟ ଡ. ବନ୍ଦନା ହରିଚନ୍ଦନ, ଅଧ୍ୟକ୍ଷା, ଡୁଡନୁ ଫାଉଣ୍ଡେସନ ଟ୍ରଷ୍ଟ ସମସ୍ତଙ୍କୁ ପ୍ରଣାମ ସହ ନିବିଡ଼ତାରେ ଭଲପାଇବା ବାଣ୍ଟି ଥିଲେ । କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ସଂଜୀବ କୁମାର ହରିଚନ୍ଦନ, ସଭାପତି ଏସ୍ ରାଜୀବ ଗୌରବ, ସମ୍ପାଦକ ରୋସନ୍ ଅଲି ବେଗ୍, ଲୋପାମୁଦ୍ରା ସାମନ୍ତରାୟ, ରସ୍ମିତା ମହାନ୍ତି, ଜୋସ୍ନା ଢକନ, ନମିତା ହରିଚନ୍ଦନ, ହରି କ୍ରିଷ୍ଣା, ସୁନିତା ସେନାପତି, ପ୍ରଜ୍ଞା ପରିମିତା ମହାପାତ୍ର ଓ ଡୁଡ୍‌ନୁର ମିଳିତ ସହୋଯୋଗରେ ପ୍ରାକ୍ ନବବର୍ଷ ୨୦୨୫ ପାଳନ କରାଯାଇଥିଲା । ଟ୍ରଷ୍ଟର ଏହି ମହତ୍ କାର୍ଯ୍ୟକୁ ବୃଦ୍ଧାଶ୍ରମର ପ୍ରତିଷ୍ଠାତା ନିଲୁ ଖୁଣ୍ଟିଆ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ଡୁଡନୁ ଫାଉଣ୍ଡେସନ୍ ଟ୍ରଷ୍ଟ ସହ ଯୋଡି ହୋଇ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

वित्त मंत्रालय
MINISTRY OF FINANCE
सत्यमेव जयते

ଜିଏସ୍‌ଟି କରଦାତା ଧ୍ୟାନ ଦିଅନ୍ତୁ !

ଦୟାକରି ଆର୍ଥିକ ବର୍ଷ ୨୦୨୩-୨୪ରେ ଆପଣଙ୍କ ବାର୍ଷିକ ରିଟର୍ଣ୍ଣ ଫର୍ମ ଜିଏସ୍‌ଟିଆର-୯ ଏବଂ ଫର୍ମ ଜିଏସ୍‌ଟିଆର-୯ସିରେ ଦାଖଲ କରନ୍ତୁ।

ଅନ୍ତିମ ତିଥି ପୂର୍ବରୁ
ଡିସେମ୍ବର ୨୦୨୪
31

CBC 15502/13/0004/2425

ଏହି କରଦାତାମାନଙ୍କ ଦ୍ୱାରା ଫର୍ମ ଜିଏସ୍‌ଟିଆର-୯ ଦାଖଲ କରାଯିବା ଅନିର୍ବାର୍ଯ୍ୟ ଅଟେ

ତେଣୁ ସମସ୍ତ ଜିଏସ୍‌ଟି କରଦାତା, ଯାହାର ମୋଟ ବାର୍ଷିକ ଟର୍ଣ୍ଣଓଭର ଟ.୨ କୋଟିରୁ ଅଧିକ ଅଟେ। (ଆର୍ଥିକ ବର୍ଷ ୨୦୨୩-୨୪ରେ) ନିମ୍ନକୁ ବାଦ୍ ଦେଇ
- ଇନପୁଟ୍ ସର୍ଭିସ ଡିଷ୍ଟ୍ରିବ୍ୟୁଟର
- ସାମୟିକ କର ଦେଉଥିବା ବ୍ୟକ୍ତି
- ଟିଡିଏସ୍ ଡିଡକ୍ଟର
- ଟିଡିଏସ୍ କଲେକ୍ଟର
- ବିଦେଶରେ ରହୁଥିବା ବ୍ୟକ୍ତି

ଏହି କାରଦାତାମାନଙ୍କ ଦ୍ୱାରା ଫର୍ମ ଜିଏସ୍‌ଟିଆର-୯ସି ଦାଖଲ କରାଯିବା ଅନିର୍ବାର୍ଯ୍ୟ ଅଟେ

ସେହି କରଦାତା, ଯାହାର ମୋଟ ବାର୍ଷିକ ଟର୍ଣ୍ଣଓଭର ଟ.୫ କୋଟିରୁ ଅଧିକ ଅଟେ (ଆର୍ଥିକ ବର୍ଷ ୨୦୨୩-୨୪ରେ) ତାଙ୍କ ଦ୍ୱାରା ଫର୍ମ ଜିଏସ୍‌ଟିଆର-୯ରେ ବାର୍ଷିକ ରିଟର୍ଣ୍ଣ ସହ ଫର୍ମ-ଜିଏସ୍‌ଟିଆର-୯ସିରେ ସ୍ୱପ୍ରମାଣିତ ବିବାଦମୁକ୍ତ ବକ୍ତବ୍ୟ ଦାଖଲ କରାଯିବା ଆବଶ୍ୟକ।

ଫର୍ମ ଜିଏସ୍‌ଟିଆର-୯ ଏବଂ ଫର୍ମ ଜିଏସ୍‌ଟିଆର-୯ସି ବିଳମ୍ବରେ ଦାଖଲ କଲେ ବିଳମ୍ବ କର ଲାଗୁ କରାଯିବ

ଜିଏସ୍‌ଟି ବାର୍ଷିକ ରିଟର୍ଣ୍ଣ ବିବରଣୀ ପାଇଁ ଦୟାକରି ସ୍କାନ କରନ୍ତୁ

Central Board of Indirect Taxes and Customs
@cbicindia @cbic_india @cbicindia @CBICINDIA @CBIC india www.cbic.gov.in



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର

# ୱାଲ୍ଟ ଡିଜନୀ, ଡୋନାଲ୍ଡ ଡକ୍ ଏବଂ କର



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ପରିବାର ହେଉ ବା ଦେଶ, ଚଳେଇବା ପାଇଁ ଅର୍ଥ ପ୍ରଥମ ଆବଶ୍ୟକତା। ପାରିବାରିକ, ସାମାଜିକ, ସାଂସ୍କୃତିକ ଅବା ଧାର୍ମିକ ହେଉ, ସବୁ କାମ ପାଇଁ ଦରକାର କେବଳ ଅର୍ଥ। ବ୍ୟକ୍ତିରୁ ସମାଜ ଦେଇ ବ୍ୟବସ୍ଥା ଯେତେବେଳେ ଦେଶ ପାଖରେ ପହଞ୍ଚେ ଅର୍ଥସଂଗ୍ରହର ପ୍ରଧାନଉତ୍ସ ହୋଇଥାଏ କର ବା ଶୁଳ୍କ।

ଯୁଗଜୟୀ କବି କାଳିଦାସ 'ରଘୁବଂଶମ୍' କାବ୍ୟରେ କହିଛନ୍ତି-

'ପ୍ରଜାନାମେବ ଭୂତ୍ୟର୍ଥଂ ସ ତାଭ୍ୟୋ ବଳିମଗ୍ରହୀତ/
ସହସ୍ରଗୁଣମୁତ୍ସ୍ରଷ୍ଟୁମାଦତ୍ତେ ହି ରସଂ ରବି।'

ଯେପରି ସୂର୍ଯ୍ୟ ପୃଥିବୀରୁ ଜଳ ଶୋଷି ନେଇ ପୃଥିବୀରେ ଜୀବନ ପାଇଁ ତାକୁ ବର୍ଷା ଆକାରରେ ପୁଣି ପୃଥିବୀକୁ ଫେରେଇ ଦିଏ, ଠିକ୍ ସେହିପରି ରାଜା (ଦିଲ୍ଲୀପ) ପ୍ରଜାମାନଙ୍କ ଠାରୁ ବଳି(କର) ଆଦାୟ କରି ପ୍ରଜାମାନଙ୍କର ସୁଖସୁବିଧା ପାଇଁ ବିଭିନ୍ନ ପ୍ରକାରର ସେବା ଯୋଗାଇ ଦିଅନ୍ତି। ମନୁସ୍ମୃତିରେ କରର ଔଚିତ୍ୟ ପ୍ରତିପାଦିତ କରାଯାଇଛି। ମନୁସ୍ମୃତିରେ ପ୍ରଜା ନିଜର ସୁନାର ଏକ-ପଞ୍ଚମାଂଶ ଏବଂ ବାର୍ଷିକଫସଲର ଏକ-ଷଷ୍ଠାଂଶ, ଏକ- ଅଷ୍ଟମାଂଶ ବା ଏକ- ଦ୍ୱାଦଶାଂଶ କର ରାଜାଙ୍କୁ ଦେବାର ଉପଦେଶ ରହିଛି।

ରାଜତନ୍ତ୍ର, ଗଣତନ୍ତ୍ର, ଏକଛତ୍ରବାଦ ବା ସାମନ୍ତବାଦ- ଯେ କୌଣସି ପ୍ରକାରର ଶାସନବ୍ୟବସ୍ଥା ହେଉ ଦେଶର ପରିଚାଳନା କରି ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ଆଲୋକ, ନିଯୁକ୍ତି ସୁଯୋଗ ପରି ଅତ୍ୟାବଶ୍ୟକ ସାର୍ବଜନିକ ସେବାଯୋଗାଣ ତଥା ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ପରି ଆପଦକାଳୀନ ସମୟର ସମ୍ମୁଖୀନ ହେବା ପାଇଁ ପ୍ରଚୁର ସମ୍ବଳର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ ଯାହାର ବୃହତଅଂଶ ଜନସାଧାରଣଙ୍କ ଠାରୁ କର ରୂପେ ସଂଗୃହୀତ ହୋଇଥାଏ। ପ୍ରତ୍ୟକ୍ଷ-ପରୋକ୍ଷ, ବ୍ୟକ୍ତିଗତ-ସାମୂହିକ, ରାଷ୍ଟ୍ରୀୟ-ପ୍ରାନ୍ତୀୟ, ଆୟ-ଧର୍ମ-ମନୋରଞ୍ଜନ-ସମ୍ପତ୍ତି ପର୍ଯ୍ୟବେସିତ କର। କେତେବେଳେ ଦେଶର ଜନସାଧାରଣଙ୍କୁ ଖାଦ୍ୟ ଯୋଗାଣ, କେତେବେଳେ ବିକାଶ, କେତେବେଳେ ଶାସକମାନଙ୍କର ବିଳାସମୟ ଜୀବନଯାପନ ପାଇଁ ଆଉ କେତେବେଳେ ଧାର୍ମିକ ଉତ୍ପୀଡ଼ନର ମାଧ୍ୟମ ହୋଇଛି କର।

ହାସ୍ୟ ଅଭିନେତା ଟେରୀ ଗ୍ରାଚେଟଙ୍କ ଭାଷାରେ ମୃତ୍ୟୁ ଓ କର ଭିତରେ ମୃତ୍ୟୁ ଶ୍ରେୟସ୍କର କାରଣ ମୃତ୍ୟୁ ଜୀବନରେ ଥରେ ଆସେ, ମାତ୍ର କର ବାରମ୍ବାର ଦେବାକୁ ପଡ଼େ। କର ଦେବା ବେଳକୁ କରଦାତାଙ୍କ ଅବସ୍ଥା ଛେଳିକୁ ପାଣି ପାଖକୁ ଟାଣିବା ପରି। ସବୁଦେଶରେ ସବୁ ସମୟରେ ଲୋକ କରକୁ ବିଶେଷ କରି ଆୟକରକୁ ଜୀବନର ସବୁଠୁ ବଡ଼ ବୋଝ ବୋଲି ଭାବନ୍ତି। ସବୁ ପ୍ରକାରର କର ଦେଇ ସାରିବା ପରେ ମୁଣ୍ଡରୁ ଓହ୍ଲେଇ ପାରୁନଥିବା ଆୟ କରକୁ ଲୋକମାନେ ନିଜର ପରିଶ୍ରମ, ସଚ୍ଚୋଟତା, ସହନଶୀଳତାର ଦଣ୍ଡ ବୋଲି ଭାବନ୍ତି। ସରକାରଙ୍କର 'ଉତ୍ତମ ନାଗରିକ'ର କର୍ତ୍ତବ୍ୟ ପାଳନର ଦାୟିତ୍ୱ ନେଇ ନିଃସହାୟ ହୋଇ ତାକୁ ସହିବା ଛଡ଼ା ତାଙ୍କର ଆଉ କିଛି ଉପାୟ ନଥାଏ। କର ଆଦାୟ ପାଇଁ ସରକାର ପ୍ରୋତ୍ସାହନ ଠାରୁ ଆରମ୍ଭ କରି ଦଣ୍ଡବିଧାନ ପର୍ଯ୍ୟନ୍ତ-ସମସ୍ତ ପ୍ରକାର ଉପାୟ ଗ୍ରହଣ କରନ୍ତି। ପୃଥିବୀର ଶ୍ରେଷ୍ଠ ବିକାଶଶୀଳ ଦେଶ ଆମେରିକାରେ କର ଆଦାୟର ଏକ ଅଭିନବ ପ୍ରୟାସର କାହାଣୀ ଆସନ୍ତୁ ଜାଣିବା।

**ମୁଦ୍ରା କାହାଣୀ**

ହେନେରୀ ମୋର୍ଗାନଥାଉ ଆମେରିକା ଶାସନରେ ଜଣେ ପ୍ରସିଦ୍ଧ ଉପଦେଷ୍ଟା ଥିଲେ। ତାଙ୍କର ପୁତ୍ର ହେନେରୀ ମୋର୍ଗାନଥାଉ ଜୁନିଅର ମଧ୍ୟ ନିଜ ପିତାଙ୍କର ଉପଯୁକ୍ତ ଦାୟାଦ ଥିଲେ। ଜଣେ କୃଷି ବିଶେଷଜ୍ଞ ଥିଲେ ମଧ୍ୟ ସେ ଜଣେ ବିଚକ୍ଷଣ ଅର୍ଥନୀତିଜ୍ଞ ଥିଲେ। ଜର୍ମାନୀର ଏକଛତ୍ରବାଦୀ ଶାସକ ଆଡଲଫ୍ ହିଟଲରଙ୍କର କ୍ରୂରଶାସନ ବିରୁଦ୍ଧରେ ସ୍ୱରଉତ୍ତୋଳନ କରି ସେ ଆମେରିକାର ରାଷ୍ଟ୍ରପତିମାନଙ୍କର ପ୍ରିୟଭାଜନ ହୋଇ ପାରିଥିଲେ। ରାଷ୍ଟ୍ରପତି ଉଡ୍ରୋ ଉଇଲସନଙ୍କ ସମୟରେ ସେ ଅଟ୍ଟୋମାନ୍ ସାମ୍ରାଜ୍ୟରେ ଆମେରିକାର ରାଷ୍ଟ୍ରଦୂତ ଥିଲେ। ନିଜର ବିଚକ୍ଷଣ ବୁଦ୍ଧି, କାର୍ଯ୍ୟଦକ୍ଷତା ଓ ଶାସନ ପ୍ରତି ପ୍ରତିବଦ୍ଧତା ଯୋଗୁ ପର-ପର ରାଷ୍ଟ୍ରପତିଙ୍କର ସେ ବିଶ୍ୱସ୍ତ ହୋଇ ପାରିଥିଲେ।

୧୯୩୦ ମସିହାରେ ଦ ଗ୍ରେଟ୍ ଡିପ୍ରେସନ୍ ଆସିଲା। ବିଶ୍ୱ ଅର୍ଥନୀତିରେ ଆଜି ପର୍ଯ୍ୟନ୍ତ ଦେଖା ଦେଇଥିବା ସବୁଠୁ ଗମ୍ଭୀର ମାନ୍ଦାବସ୍ଥାର ପ୍ରଭାବରେ ଆମେରିକା ଓ ୟୁରୋପ ପରି ଉନ୍ନତ ଓ ବିଶାଳ ଅର୍ଥନୀତି ସବୁ ଧରାଶାୟୀ ହେଲେ, ଛୋଟ ଦେଶମାନଙ୍କର ଅବସ୍ଥା ଶୋଚନୀୟ। ମୋର୍ଗାନଥାଉ ଏହି ଅବସ୍ଥାର ସମ୍ମୁଖୀନ ହେବା ପାଇଁ ଆମେରିକାକୁ ଅନେକ ମାତ୍ରାରେ ସାହାଯ୍ୟ କରୁଥିଲେ। ଦେଶ ପାଇଁ ଏହି ଅବଦାନ ଯୋଗୁ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜଭେଲ୍ଟ ତାଙ୍କୁ ଦେଶର ଅର୍ଥମନ୍ତ୍ରୀ କରିଥିଲେ। ମାନ୍ଦାବସ୍ଥାର ମୁକାବିଲା ପାଇଁ ସରକାର ଖର୍ଚ୍ଚବୃଦ୍ଧିର ଅନେକ ଉପାୟ ଗ୍ରହଣ କଲେ ଯାହା ସାମୂହିକ ଭାବରେ 'ନିଉ ଡିଲ୍' ନାମରେ ପରିଚିତ। ସ୍ଥିରୀକୃତ ବର୍ଦ୍ଧିତ ଖର୍ଚ୍ଚର ଭରଣା ପାଇଁ ନିର୍ଦ୍ଧାରିତ ପ୍ରସ୍ତାବଗୁଡ଼ିକ ମଧ୍ୟରେ ଥିଲା ଅଧିକରୁ ଅଧିକ ଲୋକଙ୍କୁ ଆୟକର ସୀମା ଭିତରକୁ ଆଣିବା ଏବଂ ପ୍ରଚଳିତ ଆୟକର ସୀମାକୁ ବୃଦ୍ଧି କରିବା ସମୟାତିକ୍ରାନ୍ତେ ଆମେରିକା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପକ୍ଷଭୁକ୍ତ ହେଲା। ପର୍ଲ୍ ହାର୍ବର ଉପରେ ଜାପାନର ଆକ୍ରମଣ ଏହାର କାରଣ ଥିଲା। ମାନ୍ଦାବସ୍ଥା ମାଡ଼କୁ ଯୁଦ୍ଧ, ଆମେରିକା ଅର୍ଥନୀତି ଉପରେ ଚଡ଼କ ପଡ଼ିଲା। ସରକାରଙ୍କୁ ଆବଶ୍ୟକ ଥିଲା ଅଧିକରୁ ଅଧିକ ଅର୍ଥ। ଦେଶପ୍ରେମରେ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରି ଅର୍ଥସଂଗ୍ରହ କରିବାର ସରକାରଙ୍କର ସମସ୍ତ ପ୍ରୟାସ ବିଫଳ ହେଲା, ମାନ୍ଦାବସ୍ଥାର ଶିକାର ଜନସାଧାରଣ କର ଦେବାକୁ ରାଜି ହେଲେନି। ବିତ୍ତୀୟ ପରିଚାଳନାରେ ଦକ୍ଷ ମୋର୍ଗାନଥାଉଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ହେଲା।

ଲୋକଙ୍କ ଠାରୁ ଅର୍ଥ ଟାଣିବା ପାଇଁ ପ୍ରଥମେ ମୋର୍ଗାନଥାଉ ୱାର୍ ବଣ୍ଡ୍ ପ୍ରଚଳନ କଲେ। ସେ ଜାଣିଥିଲେ ଯେ ଆମେରିକାର ଅଧିକାଂଶ କରଦାତା ଠିକ୍ ସମୟରେ କର ପୈଠ କରୁନାହାନ୍ତି। ଲୋକମାନଙ୍କୁ କର ଦେବାକୁ କିପରି ଉତ୍ସାହିତ କରାଯିବ ସେ ବାବଦରେ ମୋର୍ଗାନଥାଉ ବହୁତ ଭାବିଲେ। ଶେଷରେ ତାଙ୍କ ମୁଣ୍ଡକୁ ଗୋଟେ ବିଚିତ୍ର ଉପାୟ ପଶିଲା। ସିନେମା ମାଧ୍ୟମରେ ଲୋକଙ୍କୁ ପ୍ରଭାବିତ କରି କର ଆଦାୟ କରିବାକୁ ଠିକ୍ କଲେ।

୧୯୪୨ ମସିହା ଡିସେମ୍ବର ମାସରେ ଦୁନିଆର ସର୍ବକାଳୀନ ଶ୍ରେଷ୍ଠ କାର୍ଟୁନ ଚଳଚ୍ଚିତ୍ର ନିର୍ମାତା ୱାଲ୍ଟ ଡିଜନୀଙ୍କର ସହାୟତା ଲୋଡ଼ାଗଲା। କରଦାତାଙ୍କୁ ଦର୍ଶକ ଭୂମିକାରେ ରଖି ତାଙ୍କୁ ଚଳଚ୍ଚିତ୍ର ନିର୍ମାଣ କରିବାକୁ କୁହାଗଲା। ସିନେମାର ମୁଖ୍ୟ କାର୍ଟୁନ ଚରିତ୍ରର କାମ ଲୋକଙ୍କ ମନ ଭୁଲେଇ କରପୈଠ ପାଇଁ ଉତ୍ସାହିତ କରିବା ଥିଲା। ଆମେରିକାର କରପୈଠର ଶେଷ ତାରିଖ ମାର୍ଚ୍ଚ ମାସ ୧୫ ତାରିଖ ସୁଦ୍ଧା ସର୍ବାଧିକ କର ଅସୁଲ କରିବାରେ ସିନେମା ସଫଳ ହେବ ବୋଲି ମନେ କରି ସିନେମା ଆରମ୍ଭ ହେଲା। ଆମେରିକାର ଟ୍ରେଜେରୀ ବିଭାଗ ମଧ୍ୟ ଏହି କାମରେ ସହଯୋଗ କଲା।

ସେତେବେଳେ ଡୋନାଲ୍ଡ ଡକ୍ ସବୁଠାରୁ ପ୍ରସିଦ୍ଧ ଓ ଲୋକପ୍ରିୟ କାର୍ଟୁନ୍ ଚରିତ୍ର ଥିଲା। ମେଗାଷ୍ଟାର। ଡିଜନୀ ଡୋନାଲ୍ଡ ଡକକୁ ନେଇ ସିନେମା ତିଆରି କଲେ। ଚଳଚ୍ଚିତ୍ରଟି ସରକାରୀ କାମ ଓ ଦେଶସେବା ଉଦ୍ଦେଶ୍ୟରେ ହେଉଥିବାରୁ ସେ ଅନ୍ୟ ସବୁ ସିନେମାର କାମ ଛାଡ଼ି ଦେଶ ପାଇଁ ସିନେମା ନିର୍ମାଣ କଲେ। ସିନେମା 'ଦ ନ୍ୟୁ ସ୍ପିରିଟ୍' ବଜାରକୁ ଆସିଲା। ଜୋ ଗ୍ରାଣ୍ଟ ଏବଂ ଡ୍ୱିଲ୍ ହୁମର୍ ବତକକୁ ନାୟକ ସଜେଇ ଏକ ଦେଶଭକ୍ତ, ସଚ୍ଚୋଟ ନାଗରିକର ଭୂମିକାରେ ଅବତରଣ କରାଇଥିଲେ। କର ଦେବାକୁ ସେ କେବଳ ନିଜର ନୈତିକ କର୍ତ୍ତବ୍ୟ ବୋଲି ଭାବି ନ ଥିଲା ବରଂ ନିର୍ଦ୍ଧାରିତ ସମୟ ଭିତରେ କର ଦେବା ପାଇଁ ସେ ସୁଦୂର କାଲିଫର୍ଣ୍ଣିଆରୁ ୱାସିଙ୍ଗଟନ୍ ଛୁଟି ଆସିଥିଲା।

ମୋର୍ଗାନଥାଉ ଡୋନାଲ୍ଡ ଡକକୁ ଭଲ ପାଉ ନଥିଲେ। ସେ ଡିଜନୀଙ୍କ ଆଗରେ ନିଜର ବିରକ୍ତି ପ୍ରକାଶ କଲେ। ଏପଟେ ଏହି ସିନେମା ନିର୍ମାଣ ପାଇଁ ଡିଜନୀ ନିଜର ଅନ୍ୟ ସମସ୍ତ ସିନେମା ଛାଡ଼ି ଥିଲେ। ଦେଶସେବାରେ ଲାଗିବ ବୋଲି ମାଗଣାରେ ସିନେମା ପ୍ରଦର୍ଶନ କରାଗଲା। ଏସବୁ କାରଣରୁ ଡିଜନୀ ବହୁତ କ୍ଷତି ସହିଲେ ଯାହା ସେତେବେଳେ ଚାଳିଶ ହଜାର ଡଲାର ବୋଲି ଜଣାଯାଏ। ମୋର୍ଗାନଥାଉଙ୍କର କଥା ଡିଜନୀଙ୍କୁ ବ୍ୟଥିତ କରିଥିଲା। ହେଲେ ସେତେବେଳକୁ ଆଉ ସମୟ ନଥିଲା। ତେଣୁ ସିନେମା ପ୍ରଦର୍ଶିତ ହେଲା। 'କ୍ୱାକ୍ କ୍ୱାକ୍' ଶବ୍ଦ ଭିତରେ ବତକର ଦେଶଭକ୍ତି ଲୋକଙ୍କୁ ଖୁବ୍ ଟାଣିଲା ସିନେମାଘରମାନଙ୍କୁ। ସିନେମାର ପ୍ରସିଦ୍ଧ ସଂଳାପ ଥିଲା 'ଟ୍ୟାକ୍ସେସ୍ ଟୁ ବିଟ୍ ଦ ଆକ୍ସେସ୍'। ଯୁଦ୍ଧଖୋର, କ୍ରୂର ହିଟଲର ଓ ମୁସୋଲିନୀଙ୍କର କ୍ଷିପ୍ରବିସ୍ତାରିତ ଆଧିପତ୍ୟକୁ ପ୍ରତିହତ କରିବା ପାଇଁ ଦେଶରେ ସ୍ଥାପନ ହେବ ବନ୍ଧୁକ ତିଆରି କାରଖାନା। ସେଥିପାଇଁ ସମସ୍ତେ କର ଦେବା ଉଚିତ୍ ବୋଲି ଲୋକମାନଙ୍କ ମନରେ ଦେଶପ୍ରେମର ଭାବନା ସୃଷ୍ଟି କରାଗଲା। ସିନେମା 'ସୁପରଡୁପର ହିଟ୍' ହେଲା। ୨୬ ନିୟୁତରୁ ଅଧିକ ଲୋକ ସିନେମାଟିକୁ ଦେଖିଥିଲେ ଏବଂ ସିନେମା ସେମାନଙ୍କୁ କର ଦେବାକୁ ଉତ୍ସାହିତ କରିଛି ବୋଲି ଲୋକମାନେ ପ୍ରକାଶ କରିଥିଲେ। ସରକାରୀ ସୂତ୍ର ହିସାବରେ ୧୯୪୧ ମସିହାରେ ୧୩ ନିୟୁତ କରଦାତାଙ୍କ ସଂଖ୍ୟା ୧୯୪୨ ମସିହାରେ ବଢ଼ି ୫୦ ନିୟୁତ ହୋଇଥିଲା।

ଡିଜନୀ ନିବେଶ କରିଥିବା ଅର୍ଥର ଏକ କ୍ଷୁଦ୍ର ଅଂଶ ସରକାରଙ୍କୁ ମାଗିଲେ। ସରକାର ସେତକ ତ ଦେଲେନି ବରଂ ଦେଶର ଅସୁବିଧା ସମୟରେ ଡିଜନୀଙ୍କର ଅର୍ଥ ମାଗିବା ଦେଶର ସ୍ୱାର୍ଥବିରୋଧୀ ବୋଲି ପ୍ରଚାର କଲେ। ଯେଉଁ ଲୋକମାନେ ସେ ପର୍ଯ୍ୟନ୍ତ କର ଦେବାକୁ ଇଚ୍ଛା କରୁ ନଥିଲେ, ହଠାତ୍ ସେମାନେ ଦେଶଭକ୍ତ ହୋଇଗଲେ। କିଛି ନବୁଝି ଡିଜନୀଙ୍କର ଅନ୍ୟ ସିନେମା ସବୁକୁ ବହିଷ୍କାର କଲେ। ଡିଜନୀ ପ୍ରବଳ କ୍ଷତିର ସମ୍ମୁଖୀନ ହେଲେ ଯାହାର ମୂଲ୍ୟ ଅଶୀହଜାର ଡଲାର ଥିଲା। କିନ୍ତୁ କାର୍ଟୁନ୍ ସିନେମାର ସମ୍ରାଟ ଡିଜନୀ ଓ ଡୋନାଲ୍ଡ ଡକ୍ ଦେଶଭକ୍ତିର ଏକ ସୁନ୍ଦର ଉଦାହରଣ ହୋଇ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇଗଲେ।

# ନିରନ୍ତର ଆଇନଶିକ୍ଷା ଓ ଆଡଭୋକେଟ୍ ଏକାଡେମୀ

ବିଭୁପ୍ରସାଦ ତ୍ରିପାଠୀ
ସଭ୍ୟ, ରାଜ୍ୟ ଆଇନଜୀବୀ ପରିଷଦ
ମୋ: ୯୪୩୭୦୧୨୪୬୦

ରାଜ୍ୟର ଆଇନଜୀବୀ ମାନଙ୍କ ସର୍ବବୃହତ୍ ଓ ସର୍ବ-ପୁରାତନ ସଂଗଠନ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୩ତମ ବାର୍ଷିକ ଉତ୍ସବ ପାଳନ ଅବସରରରେ ନିରନ୍ତର ଆଇନ ଶିକ୍ଷା ପ୍ରସଙ୍ଗ ଓ ଆଡଭୋକେଟ୍ ଏକାଡେମୀର ଭୂମିକା ଗୋଟିଏ ଭିନ୍ନ ଧରଣର ଆହ୍ୱାନ ସଷ୍ଟି କରିଛି। ଆଇନଜୀବୀମାନେ ଜୀବନବ୍ୟାପୀ ଜଣେ ଛାତ୍ର, କାରଣ ଆଇନ ବିଷୟରେ ଅଧ୍ୟୟନ କେବଳ ଆଇନ କଲେଜ କିମ୍ବା ବିଶ୍ୱବିଦ୍ୟାଳୟରୁ ଅଧ୍ୟୟନ ପରେ ଶେଷ ହୁଏନାହିଁ। ଏଥିପାଇଁ ଜୀବନ ବ୍ୟାପୀ ସାଧନା କରିବାକୁ ହୁଏ। କାରଣ ଆଇନ ପେଷାରେ ପାଦଦେବା ପରେ ଜଣେ ଆଇନଜୀବୀ କେବଳ ଜଣେ ଆଇନର ଛାତ୍ର ନୁହେଁ, ନ୍ୟାୟାଳୟରେ ଆଇନର ବିକାଶ ଓ ପ୍ରଗତିଶୀଳ ବ୍ୟାଖ୍ୟାନ ପାଇଁ ଶିକ୍ଷକର ଭୂମିକାଟିଏ ମଧ୍ୟ ଗ୍ରହଣ କରିଥାଏ।

ଆଇନଶିକ୍ଷା ଓ ବୃତ୍ତିଗତ ତାଲିମ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ଭାରତୀୟ ଆଇନ କମିଶନ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ପଦକ୍ଷେପ ନେବାକୁ ପରାମର୍ଶ ଦେବା ସତ୍ତ୍ୱେ ଏ ସମ୍ପର୍କରେ ସରକାରୀ ସ୍ତରରେ କୌଣସି ଉଦ୍ୟମ ନାହିଁ। ଏହାର ଫଳସ୍ୱରୂପ ଆମ ଦେଶରେ ଓ ରାଜ୍ୟରେ ଆଡଭୋକେଟ୍ ଏକାଡେମୀ ପ୍ରସଙ୍ଗରେ ଆଇନଜୀବୀ ମାନଙ୍କ ମଧ୍ୟରେ ବିଶେଷ ପ୍ରଭାବ ପକାଇ ପାରିନାହିଁ। ବିଶ୍ୱର ଅନେକ ଦେଶରେ ଆଇନଜୀବୀ ମାନଙ୍କ ପ୍ରଶିକ୍ଷଣ, ଆଇନ ଶିକ୍ଷା ଓ ବାର୍ ପରୀକ୍ଷାଜାରି ରଖିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ଏପରିକି କେତେକ ଦେଶରେ ଏହି ଆଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁନଥିବା ଆଇନଜୀବୀଙ୍କ ଆଇନପେଷାର ଲାଇସେନ୍ସ ନବୀକରଣ ମଧ୍ୟ କରାଯାଉନାହିଁ।

ଆମେରିକା, କାନାଡା, ଅଷ୍ଟ୍ରେଲିଆ, ଜର୍ମାନୀ, ଫ୍ରାନ୍ସ ଓ ଇଟାଲି ଭଳି ଦେଶ ଗୁଡ଼ିକରେ ଆଇନଜୀବୀମାନେ ଆଇନ ପେଷାରେ ଯୋଗଦେବା ପରେ ସେମାନଙ୍କର ନିରନ୍ତର ଆଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ କରାଯାଇଛି। କେତେକ ଦେଶରେ ଏହି ଆଇନ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଏପରି ଢାଞ୍ଚାରେ କରାଯାଇଛି ଯେ ଜଣେ ଆଇନଜୀବୀ ପ୍ରତ୍ୟେକ ବର୍ଷ କିଛି ନିର୍ଦ୍ଦିଷ୍ଟ ଘଣ୍ଟା ପାଇଁ ନିଜସ୍ୱ ଅର୍ଥରେ ଏହି ପେଶାଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ବାଧ୍ୟ। ସତୁରୀ ଦଶକ ପରଠାରୁ ଏହି ଦେଶଗୁଡ଼ିକରେ ଏଭଳି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ଏହି ଦେଶଗୁଡ଼ିକରେ ପ୍ରଥମ ଅବସ୍ଥାରେ ଆଇନଜୀବୀମାନଙ୍କ ମଧ୍ୟରେ ଏଭଳି ବୃତ୍ତିଗତ ପ୍ରଶିକ୍ଷଣକୁ ନେଇ ବିଶେଷ ଆଗ୍ରହ ପରିଲକ୍ଷିତ ହୋଇନଥିଲା ଏପରିକି କେତେକ ସ୍ଥଳରେ ବିରୋଧାଭାଷ ଦେଖା ଦେଇଥିଲା। ପରିବର୍ତ୍ତନର ଏହି ଧାରା କେବଳ ବାଧ୍ୟତାମୂଳକ ଲାଇସେନ୍ସ ନବୀକରଣ ମାଧ୍ୟମରେ ସମ୍ଭବପର ହୋଇଥିଲା।

ପାଇଁ ସବୁସ୍ତରର ବିଚାର ବିଭାଗୀୟ ଅଫିସରମାନଙ୍କ ପାଇଁ ଗୋଟିଏ ପାଠ୍ୟକ୍ରମର ଖସଡ଼ା ମଧ୍ୟ ତିଆରି କରାଯାଇଛି। ଏହି ଅନୁଷ୍ଠାନ ଗଠନ ବେଳେ କେନ୍ଦ୍ର ସରକାର ଏକଥା ଉପଲବ୍ଧି କରିଥିଲେ ଯେ କେବଳ ଦେଶରେ ଅଧିକ ସଂଖ୍ୟାରେ କୋର୍ଟ ଖୋଲିଲେ କିମ୍ବା ବିଚାରପତି ନିଯୁକ୍ତ କଲେ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇ ପାରିବନାହିଁ, ଏଥିପାଇଁ ବିଚାରପତି ମାନଙ୍କ ନ୍ୟାୟିକ ଦକ୍ଷତା ଓ ଜ୍ଞାନରେ ଅଭିବୃଦ୍ଧିର ଆବଶ୍ୟକତା ରହିଛି। କିନ୍ତୁ ଏହି ଦକ୍ଷତା ଓ ଜ୍ଞାନର ରୂପ-ରେଖ, ଚିତ୍ର-ଚରିତ୍ର ମଧ୍ୟ ଏପରି ହେବାର ଆବଶ୍ୟକତା ରହିଛି, ଯାହାର ଫଳସ୍ୱରୂପ ବିଚାରପତିମାନେ ସେମାନଙ୍କର ନ୍ୟାୟିକ ସ୍ୱାଧୀନତାକୁ ନହରାଇ, କାର୍ଯ୍ୟପାଳିକାର ଆଇନ ବର୍ହିଭୂତ କାର୍ଯ୍ୟର ସଠିକ୍ ନ୍ୟାୟିକ ସମୀକ୍ଷା କରିପାରିବା ପ୍ରସଙ୍ଗରେ ମଧ୍ୟ ଏହି ଏକାଡେମୀର ପ୍ରତିଷ୍ଠାବେଳେ ବିଚାର ବିମର୍ଷ ହୋଇଥିଲା।

**ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୩ତମ ବାର୍ଷିକ ଅଧିବେଶନ ଅବସରରେ**

ବୃତ୍ତିଗତ ବିକାଶ ଗୋଟିଏ ଆଜୀବନ ପ୍ରକ୍ରିୟା। ଯାହା ବୃତ୍ତିର ପରିବର୍ତ୍ତିତ ଆବଶ୍ୟକତା ବିଷୟରେ ନିଜକୁ ଅବଗତ କରାଇଥାଏ। ଯେକୌଣସି ଗୋଟିଏ ବିକାଶଶୀଳ ଅର୍ଥନୀତି ପାଇଁ ମାନବ ସମ୍ବଳର ବିକାଶ ହେଉଛି ସର୍ବୋଚ୍ଚ ପ୍ରାଥମିକ। ଠିକ୍ ସେହିପରି ଦେଶରେ ଆଇନର ଶାସନ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ସେହି ଦେଶରେ ଆଇନପେଷାରେ ବ୍ୟକ୍ତିବିଶେଷଙ୍କୁ ବିଶ୍ୱସ୍ତରରେ ଆଇନ କାନୁନର ଯେଉଁ ଅଭିବୃଦ୍ଧି ଘଟିଛି ସେହି କ୍ଷେତ୍ର ଗୁଡ଼ିକରେ ନିରନ୍ତର ପ୍ରଶିକ୍ଷଣ ନଦେଲେ ନ୍ୟାୟିକ ଭିତ୍ତିଭୂମି ଗୁଡ଼ିକ ଦୁର୍ବଳ ହୋଇପଡ଼ିବ।

ଆମ ଦେଶରେ ୧୯୮୩ ମସିହାରେ ବିଚାରପତିମାନଙ୍କୁ ନିରନ୍ତର ଆଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ କରିବା ଲାଗି ନ୍ୟାସନାଲ୍ ଜୁଡିସିଆଏଲ୍ ଏକାଡେମୀ, ଭୋପାଳ ଠାରେ ପ୍ରତିଷ୍ଠା କରାଯାଇଥିଲା। ସେଥିପାଇଁ ଜାତୀୟସ୍ତରରେ ମଧ୍ୟ ନ୍ୟାୟିକ ଶିକ୍ଷା ଓ ନ୍ୟାୟିକ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା

ଚଳିତ ବର୍ଷର ଡିସେମ୍ବର ମାସର ପ୍ରଥମ ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଅର୍ଥନୈତିକ ପ୍ରଯୁକ୍ତି ବିଦ୍ୟା ଓ ଆଇନଗତ ବ୍ୟବସ୍ଥାକୁ ନେଇ ଭୁବନେଶ୍ୱର ଠାରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ସେହି କର୍ମଶାଳାରେ ଭାଗନେବା ଅବସରରରେ ଚିନ୍ତାମଗ୍ନ ହୋଇଥିଲି ଯେ ଆଜି ଦେଶର ଅର୍ଥନୈତିକ ବ୍ୟବସ୍ଥାରେ ଯେଉଁ ସଂସ୍କାର ଆସିଛି ଓ ନ୍ୟାୟିକ ବ୍ୟବସ୍ଥା ପାଇଁ ଯେଉଁ ଆହ୍ୱାନ ଆଣିଛି, ତାହାକୁ ସାମ୍ନା କରିବା ଲାଗି ଆଇନଜୀବୀ ମାନଙ୍କ ପାଇଁ ଏଭଳି ନୂଆ ବିଷୟବସ୍ତୁ ଗୁଡ଼ିକରେ ପ୍ରଶିକ୍ଷଣ ନେବାର ଆବଶ୍ୟକତା ଅଛି। କେବଳ ଅଧିକ ଅର୍ଥ ବ୍ୟୟ କରି ଜଣେ ଉଚ୍ଚ ବିଦ୍ୟାଳୟରୁ ଆଇନ ଡିଗ୍ରୀ ହାସଲ କଲେ ଆଇନପେଷା କ୍ଷେତ୍ରରେ ଆସୁଥିବା ଆହ୍ୱାନଗୁଡ଼ିକୁ ସାମ୍ନା କରିବାର ଦକ୍ଷତା ହାସଲ କରିପାରିବ ନାହିଁ। ଆଇନ କଲେଜ ଗୁଡ଼ିକରେ ଆଜି ପଢ଼ାଯାଉଥିବା ପାଠ୍ୟକ୍ରମ, ବିଗତ ତିରିଶ ବର୍ଷ ତଳର ଆଇନ ପାଠ୍ୟକ୍ରକ ଠାରୁ ଭିନ୍ନ ନୁହେଁ।

ଆମ ଦେଶର ଆଇନ ପାଠ୍ୟକ୍ରମ ଗୁଡ଼ିକ ମଧ୍ୟ ଏଭଳି ଢାଞ୍ଚାରେ ତିଆରି କରାଯାଇ ନାହିଁ, ଯାହାର ଫଳସ୍ୱରୂପ ଜଣେ ଆଇନଛାତ୍ର ପାଠ ପଢ଼ିବା ସମୟରେ ମଧ୍ୟ ଆଇନକୁ କିଭଳି ନିଜର ପେଶାଗତ ଜୀବନରେ ବ୍ୟବହାର କରିପାରିବ ସେଥିପାଇଁ ପ୍ରଥମ ବର୍ଷରୁ କୌଣସି ପ୍ରଶିକ୍ଷଣ ଦିଆଯାଉ ନାହିଁ। ଇଣ୍ଟରନସିପ୍ ଅର୍ଥାତ ପ୍ରଶିକ୍ଷଣ ପାଇଁ ପ୍ରତ୍ୟେକ ବର୍ଷ ଛାତ୍ରଛାତ୍ରୀ ମାନେ ଯୋଗଦେଉଥିବା ଅଧିକାଂଶ ଲ୍ ଫାର୍ମ ଗୁଡ଼ିକ ଓ ଆଇନଜୀବୀ ମାନଙ୍କ ଅଫିସରେ କିମ୍ବା ବିଚାରାଳୟ ଏହି ପ୍ରଶିକ୍ଷଣକୁ ଗୁରୁତ୍ୱର ସହ କେହି ଗ୍ରହଣ କରୁନାହାନ୍ତି। ଫଳସ୍ୱରୂପ ପ୍ରତ୍ୟେକ ବର୍ଷ ଦେଶରେ ଆଇନ ପାଠ୍ୟକ୍ରମର ଡିଗ୍ରୀ ହାସଲ କରୁଥିବା ଅନେକ ଆଇନ ଛାତ୍ରଛାତ୍ରୀ, ପରବର୍ତ୍ତୀ ଅବସ୍ଥାରେ ଆଇନ ଜ୍ଞାନର ବ୍ୟବହାରକୁ ଛାଡ଼ି ଅନ୍ୟାନ୍ୟ ବୃତ୍ତିରେ ଯୋଗ ଦେଉଛନ୍ତି।

ଆଇନଜୀବୀ ମାନଙ୍କ ମଧ୍ୟରେ ବୃତ୍ତିଗତ ଦକ୍ଷତା ବୃଦ୍ଧି ଲାଗି ଭାରତୀୟ ବାର୍ କାଉନସିଲର ପକ୍ଷରୁ ଯେଉଁ ଉଦ୍ୟମ କରାଯାଇଥିଲା, ତାହାକୁ ସରକାରୀ ସ୍ତରରରେ ଅଧିକ ପ୍ରୋତ୍ସାହନ ଦିଆଯାଇ ନଥିବାରୁ କୌଣସି ରାଜ୍ୟରେ ଆଡଭୋକେଟ୍ ଏକାଡେମୀ ଗଠନ କରାଯାଇ ନାହିଁ। କେରଳ ରାଜ୍ୟରେ ଦେଶର ପ୍ରଥମ ଏସ୍.କେ. ନାମ୍ବିୟାର ଆଡଭୋକେଟ୍ ଏକାଡେମୀଟି ଏବେ ଅଚଳାବସ୍ଥାରେ ପଡ଼ିରହିଛି। ଠିକ୍ ସେହିପରି ଝାଡ଼ଖଣ୍ଡ ରାଜ୍ୟର ଆଡଭୋକେଟ୍ ଏକାଡେମୀ କେବଳ କାଗଜ କଲମରେ ସୀମିତ ରହିଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଓ ନ୍ୟାୟିକ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ହେଲେ ରାଜ୍ୟ ଜୁଡିସିଆଲ୍ ଏକାଡେମି ଭଳି ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ରାଜ୍ୟ ବାର୍ କାଉନସିଲ ନେତୃତ୍ୱରେ ଆଡଭୋକେଟ୍ ଏକାଡେମୀ ପ୍ରତିଷ୍ଠା ହେବାର ଆବଶ୍ୟକତା ପରିଲକ୍ଷିତ ହେଉଛି। ତ୍ୱରିତ ନ୍ୟାୟ ଓ ଗୁଣାତ୍ମକ ନ୍ୟାୟ ପାଇଁ ଆଇନଜୀବୀମାନେ ନ୍ୟାୟିକ ପ୍ରଶାସନିକ ବ୍ୟବସ୍ଥାର ପ୍ରମୁଖ ଅଙ୍ଗ ବୋଲି ରାଜ୍ୟର ନୂତନ ସରକାର ଉପଲବ୍ଧି କଲେ, ଆମ ରାଜ୍ୟର ଶାସନ ବ୍ୟବସ୍ଥାରେ ଆଡଭୋକେଟ୍ ଏକାଡେମୀ ଏକ ନୂଆ ଫର୍ଦ୍ଦ ଭାବେ ଯୋଡ଼ି ହେବ।

# ତ୍ରିବେଣୀ ସଙ୍ଗମ ଓ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ




ଗିରିଧାରୀ ସାମଲ
ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର
କଟକ, ମୋ : ୯୪୩୭୪୫୦୧୧୪

କୁଳୁକୁଳୁ ନାଦରେ ବହିଯାଉଛି ଗଙ୍ଗାର ଧାରା। ସାଙ୍ଗରେ ମିଶିଛି ଯମୁନା ନୀର। ମାତ୍ର ଦେଖିବାକୁ ମିଳୁନି ସରସ୍ୱତୀର ସୁଅ। ଏହିତିନି ନଦୀର ମିଳନସ୍ଥଳ ତ୍ରିବେଣୀ ସଙ୍ଗମ ପାଲଟିଛି ଦେଶବାସୀଙ୍କ ବିଶ୍ୱାସର ସଙ୍ଗମ। କେବଳ ଭାରତ କାହିଁକି, ବିଦେଶରୁ ମଧ୍ୟ ଲକ୍ଷାଧିକ ଶ୍ରଦ୍ଧାଳୁ ତ୍ରିବେଣୀରେ ବୁଡ଼ ପକାଇବାକୁ ଧାଇଁ ଆସୁଛନ୍ତି। ଆଉ ଏଥର ୧୨ ବର୍ଷରେ ଥରେ ପଡୁଥିବା ମହାକୁମ୍ଭରେ ମହାସ୍ନାନ କରିବାକୁ ଗହଳି ଚହଳି ଦେଖିବାକୁ ମିଳିଲାଣି। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରୟାଗରାଜରେ ଡେରା ପକାଇଛନ୍ତି। ସମସ୍ତଙ୍କ ମନରେ ଭରି ରହିଛି ଭକ୍ତି ଓ ବିଶ୍ୱାସ।

ହିନ୍ଦୁଧର୍ମର ବିଶ୍ୱାସ ଅନୁଯାୟୀ ମହାକୁମ୍ଭ ସ୍ନାନ ଦ୍ୱାରା ପାପ କ୍ଷୟ ହୁଏ। ଏହା ମୋକ୍ଷ ପ୍ରାପ୍ତିର ମାର୍ଗ। ଜ୍ୟୋତିଷ ଶାସ୍ତ୍ର ମତରେ ମକର ସଂକ୍ରାନ୍ତି ଠାରୁ ମହାଶିବରାତ୍ରି ପର୍ଯ୍ୟନ୍ତ ମହାକୁମ୍ଭ ସ୍ନାନ ଆଧ୍ୟାତ୍ମିକ, ଶାରୀରିକ ଓ ମାନସିକ ଶକ୍ତିର ବିକାଶ କରିଥାଏ। ଶ୍ରଦ୍ଧାଳୁମାନେ ଗଙ୍ଗାଜଳରେ ସ୍ନାନ କରିବା ଦ୍ୱାରା ଜଳ, ବାୟୁମଣ୍ଡଳ ତଥା ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ଶକ୍ତିର ସତ୍ତା ଅନୁଭବ କରନ୍ତି। କୁମ୍ଭମେଳାରେ ଯୋଗଦେଲେ ସ୍ୱତଃ ମାନସିକ, ଶାରୀରିକ ଓ ବୌଦ୍ଧିକ ଅଭିବୃଦ୍ଧି ହୋଇଥାଏ। ଏହା ହିଁ ମୋକ୍ଷର ମାର୍ଗ। କୁମ୍ଭସ୍ନାନର ଶ୍ରେଷ୍ଠ ଦିବସ ଭାବେ ପରିଗଣିତ ହେଉଥିବା ମୌନୀ ଅମାବାସ୍ୟାରେ ସ୍ନାନ କଲେ ଅମାପ ଆଧ୍ୟାତ୍ମିକ ଶକ୍ତି ମିଳିଥାଏ। ଗଙ୍ଗାର ପବିତ୍ର ଜଳ ମକର ସଂକ୍ରାନ୍ତି ସମୟରେ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଶକ୍ତିଶାଳୀ ହୋଇଥାଏ। ଏହି ସମୟରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଲେ ଅମୃତର ସ୍ୱାଦ ଅର୍ଥାତ ଐଶ୍ୱରିକ ସତ୍ତାର ଉପଲବ୍ଧି ମିଳେ ବୋଲି ଲୋକଙ୍କର ବିଶ୍ୱାସ ରହିଛି। କୁମ୍ଭସ୍ନାନ ଦ୍ୱାରା ଧର୍ମ, ଅର୍ଥ, କାମ ଓ ମୋକ୍ଷ ମିଳିଥାଏ। କୁମ୍ଭ ପବର୍ପରେ ବିଧିବିଧାନ ପୂର୍ବକ ସ୍ନାନ ଓ ଦାନ ଆଦି କଲେ ଶତ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ହୁଏ। ତେଣୁ ପ୍ରତିବର୍ଷ ପ୍ରାୟ ୨୦ରୁ ୨୨ କୋଟି ଲୋକ ଏଠାକୁ ଆସିଥାନ୍ତି। ଏ ବର୍ଷ ମହାକୁମ୍ଭ ମେଳା ଅନୁଷ୍ଠିତ ହେଉଥିବାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୪୦ କୋଟି ଟପିଯିବାର ସମ୍ଭାବନା ରହିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ସଙ୍ଗମସ୍ଥଳରେ ରାଜକୀୟ ସ୍ନାନ ଓ ଦର୍ଶନ ନିମନ୍ତେ ଦେଶର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ସାଧୁ, ସନ୍ଥ, ବାବାଜୀ, ମହନ୍ତ, ଧର୍ମଗୁରୁ ଓ ନାଗା ସାଧୁଗଣ ଆସିବାକୁ ଥିବାରୁ ଗଙ୍ଗା ନଦୀ ଭିତରେ ଯଜ୍ଞ ପାଇଁ ସ୍ଥାନ ଚିହ୍ନଟ କରାଯାଉଛି। କିଏ କେଉଁଠୁ ଆସିଲେ କେଉଁ ସ୍ଥାନରେ ଯଜ୍ଞ କରିବେ, ତାହାର ବ୍ୟବସ୍ଥା ହୋଇଛି। ଏଥର ପ୍ରାୟ ୨ଲକ୍ଷ ସାଧୁସନ୍ଥ ସାମିଲ ହେବାକୁ ଥିବାରୁ ୬ ହଜାର ଯଜ୍ଞସ୍ଥଳ କରାଯିବ। ଉତ୍ତର ପ୍ରଦେଶ ସାଧୁସନ୍ଥଙ୍କ ପାଇଁ ଅଲଗା ଯଜ୍ଞସ୍ଥଳ ହେଉଛି। ମହାକୁମ୍ଭ ମେଳାରେ ଏଥର ପ୍ରାୟ ୪୦ କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆକଳନ କରାଯାଉଛି। ୨୦୨୩ରେ ପ୍ରାୟ ୨୩ କୋଟି ଶ୍ରଦ୍ଧାଳୁ ଆସିଥିବାରୁ ଏଥର ସଂଖ୍ୟା ବଢ଼ିବ ବୋଲି କୁହାଯାଉଛି। ବିଶେଷକରି ସଙ୍ଗମସ୍ଥଳରେ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ଼ ପକାଇବାକୁ ଥିବାରୁ ସେଠାରେ ୬ ହଜାର ନାବିକଙ୍କୁ ନିୟୋଜିତ କରାଯିବ। ୪୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହାଯଜ୍ଞକୁ ପ୍ରତିଦିନ ଲକ୍ଷ ଲକ୍ଷ ଲୋକଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତି ଚାଲିଛି। ଏକ ସମ୍ପୂର୍ଣ୍ଣ ନୂଆ ସହର ଛିଡ଼ା କରାଯାଉଛି। ସହରର ବିଭିନ୍ନ ପ୍ରକଳ୍ପ ପାଇଁ ୭ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଅଯୋଧ୍ୟା, ବାରାଣସୀ, ରାୟବରେଲୀ ଓ ଲକ୍ଷ୍ନୌ ଭଳି ସହରକୁ ପ୍ରୟାଗରାଜର ଯୋଗାଯୋଗରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରୟାଗରାଜରେ ଅକ୍ଷୟ ବଟ କରିଡ଼ର, ହନୁମାନ ମନ୍ଦିର କରିଡ଼ର ଓ ଭରଦ୍ୱାଜ ଋଷି ଆଶ୍ରମ କରିଡ଼ର ହେଉଛି, ଯାହାକି ଶ୍ରଦ୍ଧାଳୁଙ୍କୁ ଭିନ୍ନ ଅନୁଭୂତି ଦେବ। ଏଥିସହ ତୀର୍ଥଯାତ୍ରୀଙ୍କ ପାଇଁ ସରସ୍ୱତୀ କୂପ, ପାତାଳପୁରୀ, ନାଗବାସୁକି ଓ ଦ୍ୱାଦଶ ମାଧବ ମନ୍ଦିର ଭଳି ସ୍ଥାନର ଉନ୍ନତିକରଣ କରାଯାଇଛି। ହିନ୍ଦୁ ଆଧ୍ୟାତ୍ମିକ ଚେତନାରେ ତ୍ରିବେଣୀରେ ପୁଣ୍ୟର ଗୁରୁତ୍ୱ ରହିଛି। ବିଶେଷକରି ମହାକୁମ୍ଭରେ ମହାସ୍ନାନ କରିବା ପାଇଁ ହିନ୍ଦୁ ଧର୍ମ ବିଶ୍ୱାସୀଙ୍କ ଭକ୍ତି ଅତୁଟ। ତେଣୁ ବିଶ୍ୱାସର ସଙ୍ଗମ କୁହାଯାଉଥିବା ଏହି ତ୍ରିବେଣୀ ସଙ୍ଗମ ଆମ ଆଧ୍ୟାତ୍ମିକ ଜୀବନକୁ ରାସ୍ତା ଦେଖାଉ ଏହା ହିଁ କାମନା।

# ସୁପ୍ରିମକୋର୍ଟଙ୍କ ନିର୍ଣ୍ଣାୟକ ନିଷ୍ପତ୍ତିର ୨୦୨୪



ଯୁଧିଷ୍ଠିର ମହାରଣା
ଆଇନଜୀବୀ
ଓଡ଼ିଶା ହାଇକୋର୍ଟ, କଟକ

୨୦୨୪ଟି ସୁପ୍ରିମକୋର୍ଟର ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ରାୟକୁ ନେଇ ମଧ୍ୟ ସ୍ମରଣୀୟ ରହିବ। ସେଥି ମଧ୍ୟରୁ କିଛି ନିର୍ଣ୍ଣାୟକ ନିଷ୍ପତ୍ତି ସମ୍ପର୍କରେ ଆଲୋଚନା। ରାଜନୈତିକ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ସରକାର ପ୍ରଚଳନ କରିଥିବା ଇଲେକ୍ଟୋରାଲ ବଣ୍ଡ ତଥା ନିର୍ବାଚନୀ ବଣ୍ଡ ସ୍କିମକୁ ସୁପ୍ରିମକୋର୍ଟ ଚଳିତ ବର୍ଷ ଅସାମ୍ବିଧାନିକ ଘୋଷଣା କରିଛନ୍ତି। ଚାନ୍ଦା ହାସଲ ପାଇଁ ରହିଥିବା ଏହି ଯୋଜନା ନାଗରିକଙ୍କ ସୂଚନା ଅଧିକାରକୁ ଉଲ୍ଲଂଘନ କରୁଥିବାରୁ ସୁପ୍ରିମକୋର୍ଟ ଏହାକୁ ଅବୈଧ ଘୋଷଣା କରିଥିଲେ। ଶିଶୁ ପର୍ନୋଗ୍ରାଫି ଡାଉନଲୋଡ଼ କରିବା, ଷ୍ଟୋର କରିବା ଏବଂ ଦେଖିବା 'ପୋକ୍ସୋ' ଆଇନ ଅଧୀନରେ ଏକ ଅପରାଧ। ସୁପ୍ରିମକୋର୍ଟ ୨୦୨୪ ସେପ୍ଟେମ୍ବର ୨୩ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଏହା କହିଥିଲେ। ପ୍ରଧାନ ବିଚାରପତି ପଦରୁ ଅବସର ନେବା ପୂର୍ବରୁ ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ନେଇ ତାଙ୍କ ଚୂଡ଼ାନ୍ତ ରାୟରେ କହିଥିଲେ ଯେ ସମ୍ପତ୍ତି ନଷ୍ଟ ଧମକ ଦେଇ ନାଗରିକଙ୍କ ସ୍ୱରକୁ ଚୁପ୍ କରାଯିବା ଉଚିତ ନୁହଁ। ଆଇନର ଶାସନ ଦ୍ୱାରା ପରିଚାଳିତ ସମାଜରେ ବୁଲଡୋଜର ନ୍ୟାୟ କଦାପି ଗ୍ରହଣୀୟ ନୁହେଁ। ନାଗରିକଙ୍କ ଘରର ସୁରକ୍ଷା ଏକ ମୌଳିକ ଅଧିକାର ବୋଲି ସେ ଗୁରୁତ୍ୱାରୋପ କରିଥିଲେ।


ସେହିପରି ସମ୍ବିଧାନର ମୁଖବନ୍ଧରୁ ସମାଜବାଦ ଓ ଧର୍ମନିରପେକ୍ଷ ଶବ୍ଦ ହଟିବନାହିଁ। ସାଂସଦ ହୁଅନ୍ତୁ କିମ୍ବା ବିଧାୟକ ସେମାନଙ୍କୁ ଲାଞ୍ଚ ଗ୍ରହଣ ମାମଲାରେ ସୁରକ୍ଷା ମିଳିପାରିବ ନାହିଁ। ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ମକଦ୍ଦମା ଚାଲିପାରିବ। ଭୋଟ ପାଇଁ ଲାଞ୍ଚ ମାମଲାର ସୁପ୍ରିମକୋର୍ଟ ଚଳିତ ବର୍ଷ ମାର୍ଚ୍ଚ ୪ ତାରିଖରେ ଏଭଳି ଏକ ଐତିହାସିକ ରାୟ ଦେଇଥିଲେ। ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ଅନ୍ୟାନ୍ୟ ଅନିୟମିତତା ଅଭିଯୋଗରେ ନିଟ୍-ୟୁଜି ପରୀକ୍ଷା ବାତିଲ କରି ପୁଣି ପରୀକ୍ଷା କରିବା ଲାଗି ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। କୋର୍ଟ ପୁଣିଥରେ ନିଟ୍-ୟୁଜି ପରୀକ୍ଷା ପାଇଁ ମନା କରିଦେଇଥିଲେ। ଖଣି ରୟାଲଟିକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ମଧ୍ୟରେ ଟଣାଓଟରା ଚାଲିଥିବାବେଳେ ସୁପ୍ରିମକୋର୍ଟ ଏ ସମ୍ପର୍କରେ ଏକ ଐତିହାସିକ ରାୟ ଚଳିତ ବର୍ଷ ଦେଇଥିଲେ। ଜୁଲାଇ ୨୫ ତାରିଖରେ ରାୟ ଦେଇ ସର୍ବୋଚ୍ଚ ଅଦାଲତ କହିଥିଲେ ଯେ ଖଣିଜ ପଦାର୍ଥ ଉତ୍ପାଦନ ହେଉଥିବା ଜମି ଉପରେ ରାଜ୍ୟ ସରକାର ରୟାଲଟି ବସାଇ ପାରିବେ।

କୋଲକାତା ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବା ଏହି ମାମଲାର ଶୁଣାଣି କରି ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସୁରକ୍ଷା ପ୍ରୋଟୋକଲ ନିର୍ଦ୍ଧାରଣ ନିମନ୍ତେ ସୁପ୍ରିମକୋର୍ଟ ଏକ ଜାତୀୟ ଟାସ୍କ ଫୋର୍ସ ଗଠନ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତିଙ୍କ ମଧ୍ୟରେ ଅଧିକ ପଛୁଆବର୍ଗଙ୍କୁ କୋଟା ଭିତରେ କୋଟା ପ୍ରଦାନ ପାଇଁ ୬.୧ ଅନୁପାତରେ ବିଭାଜିତ ରାୟ ପ୍ରଦାନ କରିଥିଲେ ସୁପ୍ରିମକୋର୍ଟ।

୨୦୦୨ରେ ଗୁଜୁରାଟ ଦଙ୍ଗା ବେଳେ ବିଲକିସ ବାନୋଙ୍କୁ ଗଣଦୁଷ୍କର୍ମ ଓ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ୧୧ଜଣ ଦୋଷୀଙ୍କୁ ଗୁଜୁରାଟ ସରକାର ମୁକ୍ତ କରିଦେଇଥିଲେ। ଉତ୍ତମ ଆଚରଣ ଆଧାରରେ ଦୋଷୀମାନଙ୍କୁ ଜେଲରୁ ମୁକ୍ତ କରିବା ପାଇଁ ଗୁଜୁରାଟ ସରକାର ନିଷ୍ପତ୍ତି ନେଇଥିଲେ ଏବଂ ସେମାନଙ୍କୁ ମୁକ୍ତ କରାଯାଇଥିଲା। ତେବେ ଗୁଜୁରାଟ ସରକାରଙ୍କ ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ବାତିଲ କରିଦେଇଥିଲେ। ସମସ୍ତ ଦୋଷୀ ପୁଣିଥରେ ଜେଲ୍ ଫେରିବା ପାଇଁ ସୁପ୍ରିମକୋର୍ଟ ଜାନୁଆରୀ ୮ ତାରିଖରେ ନିର୍ଦ୍ଦେଶ ଦେଇଥିଲେ।

ଆଲିଗଡ଼ ମୁସଲିମ ୟୁନିଭରସିଟି ମାମଲାରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ପୂର୍ବ ୧୯୬୭ ମସିହାର ରାୟକୁ ବଦଳାଇବା ସହ ଏହି ଏଏମ୍‌ୟୁର ଷ୍ଟାଟସ ପୁଣିଥରେ ନୀତି ଆଧାରରେ ଆକଳନ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଭାରତର ନ୍ୟାୟପାଳିକା ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ନ୍ୟାୟପାଳିକା ଏବଂ ଏହା ନାଗରିକମାନଙ୍କ ବିଶ୍ୱାସ ଓ ଭରଷା ରଖିବାରେ ଅତୁଟ ରଖିବାରେ ସମର୍ଥ ହୋଇଛି।

# ଘୁଣ...ଘୁଣାକ୍ଷର ନ୍ୟାୟ



ପୁଷ୍ପମିତ୍ର ମହାପାତ୍ର
କଟକ, ମୋ: ୯୪୩୭୨୨୫୬୮୯

କବିବର ରାଧାନାଥ ରାୟ ମହାଯାତ୍ରାରେ ଲେଖିଛନ୍ତି, ସମାଜେ ଏ ହୀନ ଭାବ ଘୁଣ ରୂପେ ପଶି, ଅସ୍ଥି ମଜ୍ଜା ଶୋଷି ତାକୁ କରିବ ଜର୍ଜର। ଘୁଣ ଏକ ନଷ୍ଟକାରୀ ପୋକ। ଏହା ଲମ୍ବରେ ସର୍ବାଧିକ ଛଅ ମିଲିମିଟର ଯାଏ ବଢ଼ିଥାଏ। ଏତେ ଛୋଟିଆ ହୋଇଥିଲେ ହେଁ ଅଶେଷ କ୍ଷତି ଘଟାଇପାରେ। ପୃଥିବୀର ବିଭିନ୍ନ ଅଞ୍ଚଳରେ ଷାଠିଏ ହଜାର ପ୍ରଜାତିର ଘୁଣ ଦେଖାଯାଆନ୍ତି। ଆଉ ନଷ୍ଟ କରିବା ଏମାନଙ୍କ ମୁଖ୍ୟ ଦୁର୍ଗୁଣ। କାଠ, କାଠ ତିଆରି ବସ୍ତୁ, କାଗଜ, ବହି, ତାଳ-ପତ୍ର ପୋଥିକୁ କାଟି ନଷ୍ଟ କରନ୍ତି। ଚାଉଳ, ଗହମ, ମୁଗ, ବିରି ଆଦି ପୁରୁଣା ହେଲେ ଘୁଣ ଲାଗନ୍ତି।

ଏଗୁଡ଼ିକ ଶସ୍ୟକୁ ଫମ୍ପା କରିବା ସହ ସମସ୍ତ ସାର ନଷ୍ଟ କରନ୍ତି। ଘୁଣ ପୋକ ପୁସ୍ତକ, ତାଳପତ୍ର ପୋଥି ଆଦି କାଟିବା ଯୋଗୁଁ ସେଗୁଡ଼ିକ ଉପରେ ଛିଦ୍ର ସୃଷ୍ଟି ହୁଏ ଏବଂ ରେଖାମାନ ପଡ଼ିଯାଏ। ଛିଦ୍ର ଓ ରେଖା ବେଳେବେଳେ ମିଶି ଅକ୍ଷର ପରି ଦେଖାଯାଏ। ଏଭଳି ଅକ୍ଷରକୁ ଘୁଣାକ୍ଷର କୁହାଯାଏ। ଘୁଣ ପ୍ରକୃତରେ ଅକ୍ଷୟ ଲେଖେନାହିଁ। ଦୈବାତ୍ ଦାଗସବୁ ଅକ୍ଷର ପାଲଟିଯାଏ। ତେଣୁ କୌଣସି ଅପ୍ରତ୍ୟାଶିତ ବା ଅକଳ୍ପିତ ବା ଅନଭିପ୍ରେତ ଘଟଣା ହଠାତ୍ ଘଟିଲେ ଘୁଣାକ୍ଷର ନ୍ୟାୟ କୁହାଯାଏ।



ଖଇରପୁଟ (ଭାସ୍କର ନ୍ୟୁଜ): ଖଇରପୁଟ ବ୍ଲକ ଅନ୍ତର୍ଗତ ପୋଡ଼ଘାଟା ଗ୍ରାମ ପଞ୍ଚାୟତର ଆଶ୍ରମ ବିଦ୍ୟାଳୟ ନିକଟରେ ଅଖିଳ ଭାରତ ଗାୟତ୍ରୀ ପରିବାର, ଶାନ୍ତିକୁଞ୍ଜ ହରିଦ୍ୱାର ତରଫରୁ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ମହାଯଜ୍ଞ ୩୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୪ଦିନ ଧରି ଚାଲିବାକୁ ଥିବା ବେଳେ ପ୍ରଥମ ଦିନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମହାଯଜ୍ଞରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ବିଧାୟକ ଡମ୍ବରୁ ଶିଶା, ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀଙ୍କ ସହ ହରିଦ୍ୱାର ଶାନ୍ତିକୁଞ୍ଜ ଗାୟତ୍ରୀ ପରିବାର ତରଫରୁ ଶେଷଦେବ ବଡେଇ, ବସନ୍ତଲାଲ ସୋଲାଙ୍କୀ, ରମେଶ ତିୱାରୀ, ଗାଏକ ରୁଦ୍ର, ଗିରିଗୋସ୍ୱାମୀ ବଡକ, ସୋମେଶ୍ୱର ତାଣ୍ଡି, ସୈମିତ୍ରୀ ଥାନା ପତି, ରଜତ କୁମାର ଷଡଙ୍ଗୀ, କୋରାପୁଟ ସବଜୋନ୍ ର ସମ୍ପଯୋଜକ ବାଲ୍ମିକୀ ପ୍ରଧାନ, ମାଲକାନଗିରି ଜିଲ୍ଲା ସମ୍ପଯୋଜକ ସିତାରାମ ସ୍ୱାଇଁ, ଖଇରପୁଟ ଗାୟତ୍ରୀ ଶକ୍ତିପୀଠର ବ୍ୟବସ୍ଥାପକ ସତିଶ୍ ନାୟକ, ଖଇରପୁଟ ବିଡ଼ିଓ ଉମାଶଙ୍କର କୋୟା, ତହସିଲଦାର ପ୍ରମୋଦ କୁମାର ବେହେରା, ସମାଜସେବୀ ପ୍ରିତମ ଗୁରତେଲୀ, ହୃଷୀକେଶ ସେଠୀ, ବାଳକୃଷ୍ଣ ପ୍ରଧାନ ଓ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ଦିବ୍ୟ ଚେତନା ପ୍ରତିଷ୍ଠିତ କାର୍ଯ୍ୟକ୍ରମକୁ ନିରିକ୍ଷଣ କରିଥିଲେ ।

## ବନ୍ୟଜନ୍ତୁ ଶିକାର ରୋକିବା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍‌ର ସଚେତନତା କାର୍ଯ୍ୟକ୍ରମ




ବୁର୍ଲା(ଭାସ୍କର ନ୍ୟୁଜ): ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ପଶ୍ଚିମ ଓଡ଼ିଶାର ୪୭,୦୦୦ବର୍ଗ କିଲୋମିଟର ଭୌଗଳିକ ପ୍ରାନ୍ତରେ ବିଦ୍ୟୁତ ବିତରଣ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଏହି ବିଦ୍ୟୁତ ବିତରଣ ନିମନ୍ତେ ବ୍ୟବହାର ହେଉଥିବା ବିଦ୍ୟୁତ୍ ଯୋଗାଣ ଲାଇନ୍ ଅନେକ ସ୍ଥାନରେ ଜଙ୍ଗଲ ମଧ ଦେଇ ଗୋଟିଏ ପ୍ରାନ୍ତରୁ ଅନ୍ୟ ଏକ ପ୍ରାନ୍ତକୁ ଟଣାଯାଇଛି। ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟକ୍ତି ଅନୈତିକ ଉପାୟରେ ଉକ୍ତ ବିଦ୍ୟୁତ ଲାଇନରୁ ହୁକ ପକାଇ ଘଞ୍ଜଙ୍ଗଲ ମଧ୍ୟରେ ତାର ବିଛାଇ ବନ୍ୟଜନ୍ତୁ ଶିକାର କରୁଥିବା ପରିଲକ୍ଷିତ ହେଉଛି। ତେଣୁ ବିଦ୍ୟୁତ ତାର ମାଧ୍ୟମରେ ବନ୍ୟଜନ୍ତୁଙ୍କ ଅବୈଧ ଶିକାର ରୋକିବା ପାଇଁ ପଶ୍ଚିମ ଓଡ଼ିଶାର ବିଦ୍ୟୁତ ବିତରଣ କମ୍ପାନୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କମ୍ପାନୀ ପକ୍ଷରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପୋଷ୍ଟର ଏବଂ ବ୍ୟାନର ଲଗାଇବା, ଲିଫଲେ ବାଣ୍ଟିବା, ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ଅବଗତ କରାଇବା ଇତ୍ୟାଦି କାର୍ଯ୍ୟ ଧାରାବାହିକ ଭାବରେ କରାଯାଉଅଛି। ରାଜ୍ୟର ଜଙ୍ଗଲ ବିଭାଗର କର୍ମଚାରୀ ଏବଂ ଆମ କମ୍ପାନୀର କ୍ଷେତ୍ରୀୟ କର୍ମଚାରୀଙ୍କ ସମନ୍ୱୟରେ ହାତୀମାନଙ୍କର ଚଲାପଥକୁ ଅନୁଧ୍ୟାନ କରି ବିଭିନ୍ନ ସମୟରେ ବିଦ୍ୟୁତ ସରବରାହକୁ ବିଚ୍ଛିନ୍ନ କରାଯାଉଛି। ବିଶେଷକରି ପଶ୍ଚିମଓଡ଼ିଶାର ବିଦ୍ୟୁତ ତାର ମାଧ୍ୟମରେ ବନ୍ୟଜନ୍ତୁଙ୍କ ଅବୈଧ ଶିକାର ହେଉଥିବା ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ କମ୍ପାନୀ ପକ୍ଷରୁ ପ୍ରଥପ୍ରାନ୍ତ ନାଟକ ବା ନୁକ୍କଡ଼ ନାଟକ ଜରିଆରେ ଜନସଚେତନତା ସୃଷ୍ଟି କରାଯାଉଛି। ଚଳିତବର୍ଷ ପାଇଁ ଏଭଳି ୫୦୦ଟି ନୁକ୍କଡ ନାକଟର ଯୋଜନା ପ୍ରସ୍ତୁତ କରାଯାଇଛି। ଯାହା ମଧ୍ୟରୁ ଗତ ଦୁଇମାସ ମଧ୍ୟରେ କମ୍ପାନୀ ପକ୍ଷରୁ ୨୦୦ରୁ ଅଧିକ ସ୍ଥାନରେ ଏହି ନୁକ୍କଡ଼ ନାକଟର ଆୟୋଜନ ହୋଇସାରିଛି। ଏହାଦ୍ୱାରା ସମ୍ବଲପୁର, କଳାହାଣ୍ଡି, ନୂଆପଡ଼ା ଆଦି ଜିଲ୍ଲାର ପ୍ରାୟ ହାଜର ହାଜର ଲୋକଙ୍କ ମଧ୍ୟରେ ବିଦ୍ୟୁତ ତାର ମାଧ୍ୟମରେ ବନ୍ୟଜନ୍ତୁଙ୍କ ଅବୈଧ ଶିକାର ରୋକିବା ପାଇଁ ଜନସଚେତନତା ସୃଷ୍ଟି କରାଯାଇପାରିଛି । ସେହିପରି ଗତବର୍ଷ ମଧ ଅନେକ ଅଞ୍ଚଳରେ କମ୍ପାନୀ ପକ୍ଷରୁ ଏହି ନୁକ୍କଡ ନାକଟ ଆୟୋଜନ କରାଯାଇଥିଲା। ସମାଜର ବୃହତର ସ୍ୱାର୍ଥ ଦୃଷ୍ଟିରୁ ପଶ୍ଚିମ ଓଡ଼ିଶାର ସମ୍ବେଦନଶୀଳ ଅଞ୍ଚଳରେ ବିଦ୍ୟୁତ ତାର ମାଧ୍ୟମରେ ବନ୍ୟଜନ୍ତୁଙ୍କ ଅବୈଧ ଶିକାର ରୋକିବା ବିଷୟବସ୍ତୁ ଉପରେ ଏହି ପଥପ୍ରାନ୍ତ ନାକଟଗୁଡ଼ିକ ପର୍ଯ୍ୟବେସିତ। ଜନସାଧାରଣ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଏକ ବିଦ୍ୟୁତ ବିତରଣ କମ୍ପାନୀ ଭାବରେ ମଧ ଆମର ପ୍ରାଥମିକ ଲକ୍ଷ୍ୟ। ସମସ୍ତ ପ୍ରାଣୀ ତଥା ଧନଜୀବନର ସୁରକ୍ଷାକୁ ପ୍ରାଥମିକତା ଦେଇ କମ୍ପାନୀ ତରଫରୁ ପ୍ରତ୍ୟେକ କାର୍ଯ୍ୟ ହାତକୁ ନିଆଯାଇଥାଏ । ଏହି ପ୍ରଣାଳୀରେ ଆମେ ସମାଜରେ ଏକ ଦୃଢ ସୁରକ୍ଷା ସଂସ୍କୃତି ବିକାଶ କରିବା ଲାଗି ପ୍ରତିବଦ୍ଧ ରହିଛୁ ବୋଲି ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି।

## ଶ୍ମଶାନ ଓ ଘରୋଇ ଜାଗାକୁ ଖୋଳିଦେଲା ଠିକାଦାର



କଣ୍ଟାପଡ଼ା (ଭାସ୍କର ନ୍ୟୁଜ): କଣ୍ଟାପଡା ତହସିଲ ଅଧିନସ୍ତ ନାହାଳ ପୁର ପଞ୍ଚାୟତର ଗୋଗଳ ଗ୍ରାମର ୧୩ ନମ୍ବର ୱାର୍ଡରେ ଘରବାରୀ ପ୍ଲଟ ଓ ଶ୍ମଶାନ ଜାଗାକୁ ପାଣି ଟାଙ୍କି ନିର୍ମାଣ ପାଇଁ ଜୋରଜବରଦସ୍ତ ଠିକାଦାର ଗ୍ରାମର କିଛି କୁଜି ନେତାଙ୍କୁ ନେଇ ରାତାରାତି ଖୋଳି ମାଟି ବିକ୍ରି କରିଥିବା ଅଭିଯୋଗ ହୋଇଛି। ଜମି ମାଲିକ ବିରୋଧ କରିବାରୁ ଜୀବନରୁ ମାରିଦେବା ଧମକ ମଧ ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ଗୋବିନ୍ଦପୁର ଥାନାରେ ଜମି ମାଲିକ ଧର୍ମାନନ୍ଦ ରାଉଳ ଅଭିଯୋଗ କରିବା ପରେ ସରକାରୀ ଅମିନ ଆଣି ମାପିବା ପାଇଁ ଅଭିଯୋଗ କରାଯାଇଥିଲା। କିନ୍ତୁ କଣ୍ଟାପଡା ରାଜସ୍ୱ ବିଭାଗ ଏ ପର୍ଯ୍ୟନ୍ତ ଜମିଟିକୁ ମାପ ଚୁପ କରିନଥିବା ବେଳେ ସମ୍ପୃକ୍ତ ଠିକାଦାର ପୁନର୍ବାର ଟାଙ୍କି ନିର୍ମାଣ କରିବାକୁ ଜିଦ ଧରିବାରୁ ଜମି ମାଲିକ ଧର୍ମାନନ୍ଦ ରାଉଳ ଓ ହୃଦାନନ୍ଦ ରାଉଳ ଭୟରେ ଅଛନ୍ତି। କଣ୍ଟାପଡା ରାଜସ୍ୱ ବିଭାଗ ଜମିଟିକୁ ମାପି ଉକ୍ତ ପରିବାର ଜାଗାକୁ ରାସ୍ତା ଛାଡି ପାଣି ଟାଙ୍କି ନିର୍ମାଣ କରନ୍ତୁ ବୋଲି ପରିବାର ପକ୍ଷରୁ କୁହାଯାଇଛି। ନଚେତ ତହସିଲ କାର୍ଯ୍ୟାଳୟ ଆଗରେ ଉଭୟ ଧାରଣା ଦେବେ ବୋଲି କହିଛନ୍ତି।

## ଶ୍ରୀରାମଙ୍କ ପ୍ରତି ଅଶାଳୀନ ମନ୍ତବ୍ୟକୁ ନେଇ ଥାନାରେ ଅଭିଯୋଗ



ପାରାଦୀପ (ଭାସ୍କର ନ୍ୟୁଜ): ଶୁକ୍ରବାର ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୂଳନିବାସୀ ୟୁନାଇଟେଡ୍ ଫୋରମ୍‌ର ରାଜ୍ୟ ସଭାନେତ୍ରୀ ସୁପ୍ରଭା ମଲ୍ଲିକ ପ୍ରଭୁ ଶ୍ରୀରାମଙ୍କୁ ଅପମାନସୂଚକ ମନ୍ତବ୍ୟ ଦେଇ ସମଗ୍ର ହିନ୍ଦୁ ଜାତିକୁ ଅପମାନ କରିଥିବାର ଅଭିଯୋଗ ହୋଇଛି । ଏହା ବିରୁଦ୍ଧରେ ପାରାଦୀପ ନଗର ବଜରଙ୍ଗ ଦଳ ଓ ଦୁର୍ଗାବାହିନୀ ପକ୍ଷରୁ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବଜରଙ୍ଗ ସେନାର ସରୋଜ ବଳିୟାରସିଂହ, ଦୁର୍ଗା ବାହିନୀର ସ୍ମିତି ଛୋଟରାୟ ଏବଂ ସଂଗଠନର ବହୁ ସଦସ୍ୟ । ଘଟଣାରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଥିବା ବେଳେ ସାଧାରଣରେ ଉତ୍ତେଜନା ସୃଷ୍ଟି ହୋଇଛି ।

## ମାଷ୍ଟର ଫୋନେଟିକ୍ସ ସମସ୍ୟା ଓ ଆହ୍ୱାନ ସମ୍ପର୍କିତ ଆଲୋଚନାଚକ୍ର




ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ମହାବିଦ୍ୟାଳୟର ଇଂରାଜୀ ବିଭାଗ ପକ୍ଷରୁ ମାଷ୍ଟର ଫୋନେଟିକ୍ସ ସମସ୍ୟା ଓ ଆହ୍ୱାନ' ବିଷୟବସ୍ତୁ ଉପରେ ଏକ ଦିନିକିଆ ଆଲୋଚନାଚକ୍ର ଶୁକ୍ରବାର ଦିନ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ରାପଡା ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତ୍ରିଲୋଚନ ପ୍ରଧାନ ବକ୍ତା ଭାବରେ ଯୋଗଦେଇ ଉଦାହରଣ ମାଧ୍ୟମରେ ପ୍ରଭାବଶାଳୀ ଓ ପ୍ରେରଣାଦାୟକ ବକ୍ତୃତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ. ସସ୍ମିତା ଶତପଥି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଇଂରାଜୀ ବିଭାଗ ମୁଖ୍ୟ ଗଣେଶ୍ୱର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସେମିନାର ସଚିବ ଏସ.ପ୍ରଭାବାସୁ ବିଭାଗୀୟ ରିପୋର୍ଟ ଉପସ୍ଥାପନ କରିଥିବା ବେଳେ ଇଂରାଜୀ ଅଧ୍ୟାପକ ଜୀବନାନନ୍ଦ ଦାସ ପେପର ଅଧିବେଶନ ପାଠ କରିଥିଲେ ।

## କାହା ପାଇଁ ଅରିଷଣ୍ଡ ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ?

**ପାଲଟିଛି ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ**

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଅରିଷଣ୍ଡ ପଞ୍ଚାୟତ କଲ୍ୟାଣ ମଣ୍ଡପ ପାଲଟିଛି ନିଶାଖୋର ମାନଙ୍କର ଆଡ୍ଡାସ୍ଥଳୀ। ଅନେକ ରାତ୍ର ପର୍ଯ୍ୟନ୍ତ ଏହି ମଣ୍ଡପରେ ଭୋଜିଭାତ ଲାଗି ରହୁଥିବା ବେଳେ ନିଶାଖୋର ମାନଙ୍କର ଗର୍ଜନରେ ଶାନ୍ତି ଭଙ୍ଗ ହେଉଛି। ଯାହାକୁ ନେଇ ପ୍ରତିବାଦର ସ୍ୱର ଉଠୁଥିଲେ ମଧ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । କଲ୍ୟାଣ ମଣ୍ଡପରେ ଗୋଟିଏ ରୁମ୍ ଭଡ଼ା ଲାଗିଥିବା ଘଟଣାକୁ ନେଇ ଅସନ୍ତୋଷ ଦେଖା ଦେଇଛି । ଅନେକ ବ୍ୟକ୍ତି ଏହି ମଣ୍ଡପକୁ ଯାଇ ଦିନରାତି ଭୋଜିଭାତ କରିବା ସହ ସେଠାରେ ନିଶା ସେବନ କରୁଛନ୍ତି । କାହା ନିର୍ଦ୍ଦେଶରେ ମଣ୍ଡପର ଗୋଟିଏ ରୁମ୍ ଭଡ଼ା ଦିଆଯାଇଛି ଏ ଦିଗରେ ଜିଲ୍ଲାପାଳ କିମ୍ବା ପିଡ଼ି ଓ ବିଡ଼ିଓ ଅବଗତ ଅଛନ୍ତି କି ନାହିଁ ତାହା ବର୍ତ୍ତମାନ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅରିଷଣ୍ଡ ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ଗୋଟିଏ ଗୃହ ଭଡ଼ାରେ ଚାଲିଥିବା ବେଳେ ପ୍ରତ୍ୟେକ ଦିନ ଏହି ମଣ୍ଡପରେ ଭୋଜିଭାତର ଆସର ଲାଗି ରହୁଛି । ଭୋଜିଭାତ ସାଙ୍ଗକୁ ନିଶା କାରବାର ବୃଦ୍ଧି ପାଉଛି । ନିଶା ସେବନ କରି ଅନେକ ଯୁବଗୋଷ୍ଠୀ ବିପଥଗାମୀ ହେଉଥିବା ବେଳେ ଏହି ମଣ୍ଡପଟି ପାଲଟିଛି ନିଶାଖୋରଙ୍କ ନିରାପଦ ସ୍ଥାନ । ଏ ସଂପର୍କରେ ସରପଞ୍ଚ ଅବଗତ ଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି । ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଥିଲେ ଯାହା ନଥିଲେ ମଧ ତାହା । ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏଠାରେ ପଞ୍ଚାୟତର ଜନସାଧାରଣ ବିବାହ ମହୋତ୍ସବ ପାଇଁ ମଣ୍ଡପ ଭଡ଼ା ନେବାକୁ ଇଚ୍ଛୁକ ଥିଲେ ମଧ ଏପରି କାଣ୍ଡ କାରଖାନା ଦେଖି ଭଡ଼ା ନେବାକୁ ମଙ୍ଗୁ ନାହାନ୍ତି । ଯାହାଦ୍ୱାରା ୫କି.ମି. ଦୂରତାରେ ଘରୋଇ ମଣ୍ଡପରେ ବିବାହ ବ୍ରତ ପାଳନ କରୁଛନ୍ତି । ଅନେକ ବ୍ୟକ୍ତି ମଧ ଅଭିଯୋଗ କରିଛନ୍ତି ବିବାହ ଉତ୍ସବ ପାଇଁ ମଣ୍ଡପ ଭଡ଼ା ନେଉଥିଲେ ମଧ ସେମାନଙ୍କୁ ଅର୍ଥ ଜମାର ରସିଦ୍ ପାଇବା ବହୁ ବିଳମ୍ବ ଘଟୁଛି । ଅନେକ ବ୍ୟକ୍ତିଙ୍କୁ ମଧ ରସିଦ୍ ଦିଆଯାଉ ନାହିଁ । ଏପରି ଘଟଣାରେ ଭିତିରି କିଛି ରହସ୍ୟ ରହୁଛି ବୋଲି ଜନସାଧାରଣ ବ୍ଲକ୍ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ମଣ୍ଡପର ଚାବି କାହା ପାଖରେ ରହୁଛି, ଭୋଜିଭାତ ପାଇଁ ଚାବି ରଖିଥିବା ବ୍ୟକ୍ତି କିପରି ହସ୍ତାନ୍ତର କରୁଛନ୍ତି । ନିଜସ୍ୱ ସଂପତ୍ତି ପରି କଲ୍ୟାଣ ମଣ୍ଡପକୁ ବ୍ୟବହାର କରୁ ନାହାନ୍ତି ତ ? ଅନେକ ସମୟରେ ବାହାର ଲୋକ ବିଭିନ୍ନ ବୈଠକ କରୁଥିଲେ ମଧ କ'ଣ ପାଇଁ ସେମାନଙ୍କରୁ ସରକାରୀ ପାଉଣା ଆଦାୟ କରାଯାଉ ନାହିଁ । ଏପରି ଘଟଣାକୁ ନେଇ ପଞ୍ଚାୟତରେ ଦୁର୍ନୀତିର ମାତ୍ରା ବ୍ୟାପକ ପରିମାଣରେ ବୃଦ୍ଧି ପାଇଛି । ଘଟଣା ପ୍ରତି ଜିଲ୍ଲାପାଳ ତଥା ନିମାପଡ଼ା ବ୍ଲକ୍ ବିଡ଼ିଓ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ପ୍ରକାଶ ଥାଉକି, ଅନେକ ସମୟରେ ମଣ୍ଡପର ମୁଖ୍ୟ ଗେଟ୍ ମଧ ତାଲା ପଡୁନାହିଁ । ଯାହାଦ୍ୱାର ଅନେକ ବ୍ୟକ୍ତି ମଣ୍ଡପ ଭିତର ସମ୍ମୁଖ ରାସ୍ତାକୁ ଖଳା ବାଡିରେ ପରିଣତ କରି ଧାନ ଅମଳ କରିବା ସହ ଧାନ ଶୁଖାଉଛନ୍ତି ।

## ଜେଲ୍‌ରୋଡ୍‌ରେ ପାର୍କିଂ ହେବ ଭୁବନେଶ୍ୱରରୁ ପୁରୀ ଆସୁଥିବା ଗାଡି

ପୁରୀ (ଭାସ୍କର ନ୍ୟୁଜ): ଡିସେମ୍ବର ୩୧ରୁ ନୂଆବର୍ଷ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ପ୍ରବଳ ଭିଡ଼ ହେବ ବୋଲି ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ କଟକଣା ଜାରି କରାଯାଇଛି। ୬୦ ପ୍ଲାଟୁନ ଫୋର୍ସ ଏହିଦିନ ପୁରୀରେ ନିଯୁକ୍ତି ହେବେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଟ୍ରାଫିକ ସୁପରିଚାଳନା ନେଇ ଏପରି ପଦକ୍ଷେପ ନେଇଛି ଜିଲା ପୋଲିସ। ଭୁବନେଶ୍ୱରରୁ ପୁରୀ ଆସୁଥିବା ଚାରିଚକିଆ ଯାନ ଜେଲ୍ ରୋଡ୍ ପାର୍କିଂରେ, କୋଣାର୍କରୁ ଆସୁଥିବା ଚାରିଚକିଆ ତାଳବଣିଆ ପାର୍କିଂରେ ଓ ବ୍ରହ୍ମଗିରିରୁ ଆସୁଥିବା ଚାରିଚକିଆ ଯାନ ଷ୍ଟର୍ଲିନ କିମ୍ବା ଯାତ୍ରିକା ପାର୍କିଂରେ ରହିବ। ମେଡିକାଲ ଛକଠାରୁ ଶ୍ରୀମନ୍ଦିର ଓ ବେଳାଭୂମି ପର୍ଯ୍ୟନ୍ତ କୌଣସି ଚାରିଚକିଆ ଯାନ ଯାତାୟାତ କରିପାରିବ ନାହିଁ। ମାର୍କେଟ ଛକଠାରୁ ହେବ ନୋ ଭେଇକିଲ୍ ଜୋନ୍ ହେବ। ସେହିପରି ଶ୍ରୀମନ୍ଦିର ବାହାରେ ଓ ଭିତରେ ଭିଡ଼ ନିୟନ୍ତ୍ରଣ ସହ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା କରାଯିବ। ବେଳାଭୂମିରେ ପର୍ଯ୍ୟାପ୍ତ ଲାଇଫ୍ଗାର୍ଡ ମୁତୟନ ହେବା ସହ ଜିରୋ ନାଇଟ୍ ସେଲିବ୍ରେଶନ ବେଳେ ପାଟ୍ରୋଲିଂକୁ ମଧ କଡ଼ାକଡ଼ି କରାଯିବ। ମଦ୍ୟପାନ କରି ଗାଡି ଚଳାଉଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ ଉପରେ ତୀକ୍ଷଣ ନଜର ରଖାଯିବ ବୋଲି ଏସ୍ପି କହିଛନ୍ତି।

## ଚୋରି ଅଭିଯୋଗରେ ଫେରାର ଅଭିଯୁକ୍ତ ଗିରଫ

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ବାହାରଣା ପଞ୍ଚାୟତ ଆଟିକାଫୁଟି ଗ୍ରାମରୁ ଜଣେ ଫେରାର ଅଭିଯୁକ୍ତକୁ ଗତକାଲି ପୋଲିସ ଗିରଫ କରି କୋର୍ଟ ଚାଲଣ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗତ ଜୁନ୍ ମାସ ୭ ତାରିଖରେ ପଥରପଦା ଗ୍ରାମର ଆର୍ତ୍ତତ୍ରାଣ ଭୋଇ ଚାଷ ଜମିରେ ପାଣି ମଡ଼ାଇବା ପାଇଁ ବ୍ୟବହାର କରୁଥିବା ପାଣି ପମ୍ପଟି ଚୋରି ହୋଇଥିବା ନେଇ ଚାରିଛକ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ୨ଜଣ ଅଭିଯୁକ୍ତକୁ ଗିରଫ କରିବା ସହ ତାଙ୍କ ନିକଟରୁ ଉକ୍ତ ପାଣି ପମ୍ପ ଟିକୁ ଜବତ କରିଥିଲା । ସେହିଦିନ ଠାରୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଆଟିକାଫୁଟି ଗ୍ରାମର ମାନସ ମହାପାତ୍ର ( ୨୪) ଫେରାର ଥିଲା । ଚାରିଛକ ଥାନା ଏଏସ୍ଆଇ ବୁଦ୍ଧିରାମ ମୁର୍ମୁ ସଦଳବଳେ ମାନସଙ୍କ ଘରେ ଚଢ଼ଉ କରି ତାକୁ ଗିରଫ କରି କୋର୍ଟ ଚାଲଣ କରିଥିବା ଜଣାପଡ଼ିଛି । ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ଯାଇଥିବା ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି । ଚାରିଛକ ଅଞ୍ଚଳରେ ଗୋଟିକ ପରେ ଗୋଟିଏ ଚୋରି ହେଉଥିବା ବେଳେ ଚୋରଙ୍କର ଆତଙ୍କ ବଢ଼ି ଚାଲିଛି । ଏ ଦିଗରେ ପୋଲିସ ବିଭାଗ ଦୃଷ୍ଟି ଦେଇ ଚୋରଙ୍କୁ ଧରିବା ପାଇଁ ଦାବି ହୋଇଛି ।

## ନିଆଳିରେ ଚାଞ୍ଚଲ୍ୟ: ୱାରେଣ୍ଟ ଥାଇ ଗିରଫ କରୁନି ପୋଲିସ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଞ୍ଚଳର ଜଣେ ଯୁବକ ନିଜକୁ ଏକ ଦୈନିକ ଗଣମାଧ୍ୟମ ସହିତ ଏକ ୱେବ ଚ୍ୟାନେଲ ଖୋଲି ଅନ୍ୟଜଣେ ଘରୋଇ ସାମ୍ବାଦିକ ସାଙ୍ଗରେ କଣ୍ଟାପଡା, ନିଆଳି, ବାରଙ୍ଗ, ବାଲିଅନ୍ତା, ନିମାପଡା, କାକଟପୁର, ବାଲିପାଟଣା ଅଞ୍ଚଳରେ ବୁଲି ଗାଡ଼ିରେ ପ୍ରେସ ଲେଖି ଇଟା ଭାଟି, ବାଲିଘାଟ, ଗୋରୁ ବେପାରି, କାଠମିଲ ଓ ବିଭିନ୍ନ ବ୍ୟବସାୟୀଙ୍କୁ ମୋଟା ଅଙ୍କର ଚାନ୍ଦା ମାଗିବା ଅଭିଯୋଗ ହୋଇଛି। ଶିକ୍ଷକ,ଶିକ୍ଷୟିତ୍ରୀ ଓ ସରକାରୀ କର୍ମଚାରୀଙ୍କୁ ଧମକ ଦେଇ ବଦଳିର ନାଲିଆଖି ଦେଖାଇ ସାଙ୍ଗରେ ଥିବା ଘରୋଇ ଚ୍ୟାନେଲ ସାମ୍ବାଦିକଙ୍କ ପାଖରେ ଏକ ଘରୋଇ ଇନ୍ସୁରାନ୍ସରେ ପଲିସୀ କରିବାକୁ ବାଧ କରୁଛନ୍ତି। ପୂର୍ବରୁ ସମ୍ପୃକ୍ତ ନକଲି ସାମ୍ବାଦିକଙ୍କ ନାମରେ ନିଆଳି ଥାନାରେ ତିନି ତିନୋଟି ମାମଲା ଥିବାବେଳେ ଗିରଫ ହୋଇ ଚୌଦ୍ୱାର ଜେଲ ଯାଇଛନ୍ତି। ବହୁ ନାରୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖି ମୋଟାଅଙ୍କର ଅର୍ଥ ଲୁଟିବା ଭଳି ସଂଗୀନ ଦଫା ଥାନାରେ ରହିଛି। ଜେଲରୁ ଫେରିବା ପରେ ନକଲି ସାମ୍ବାଦିକ ଜଣକ ସୁଧୁରିବା ବଦଳରେ ପୁନଶ୍ଚ ସେହି କାମରେ ଲିପ୍ତ ରହିଛନ୍ତି। ସୂଚନାଥାଉ କି ଏହି ନକଲି ସାମ୍ବାଦିକ ଜଣକ ବିଭିନ୍ନ ସଂସ୍ଥାରୁ ତଡା ଖାଇଥିବା ବେଳେ ବନମାଳୀପୁର ଅଞ୍ଚଳରୁ ଜଣେ ସରକାରୀ କର୍ମଚାରୀ ଘରୁ ୫୦ ହଜାର ଟଙ୍କା ଆଣି ଭଦ୍ରଲୋକ ସାମ୍ନାରେ ଟଙ୍କା ଫେରାଇଥିଲେ। ଏମିତିକି ନକଲି ସାମ୍ବାଦିକ ପରିବାରର ଲୋକ ମଧ ଚୋରିକରି ଗଛରେ ବନ୍ଧାହୋଇ ଜୋରିମାନା ଦେଇଥିଲେ। ଏହି ନକଲି ସାମ୍ବାଦିକ ଜଣକର ନିଆଳି ଥାନାରେ ୱାରେଣ୍ଟି ରହିଥିବା ବେଳେ ପ୍ରେସ ଲେଖି ଖସି ପଳାଉଛନ୍ତି। ଏମିତିକି ପୋଲିସକୁ ନିଜ ବନ୍ଧୁ ବୋଲି କହି ଧମକାଇବା ସହ ଏହି ନକଲି ସାମ୍ବାଦିକ ଓ ଘରୋଇ ସାମ୍ବାଦିକ ଆମ ପାଖରେ ଈଶ୍ୱର ଶକ୍ତି ଅଛି ଆମେ କିଛି ଗୁଣି ଗାରେଡି ଜାଣିଛୁ, ବିଭିନ୍ନ ରୋଗ ଓ ପରିବାର ଭିତରେ ଅଶାନ୍ତି ଭଲ କରିବା କହି ଲୋକଙ୍କୁ ଲୁଟୁଛନ୍ତି। ୱାରେଣ୍ଟି ଥିବା ସତ୍ତ୍ୱେ ପୋଲିସ କାହିଁକି ଗିରଫ କରୁନାହିଁ, ଯାହା ଫଳରେ ଅସଲି ସାମ୍ବାଦିକମାନେ ନକଲି ସାମ୍ବାଦିକଙ୍କ ପ୍ରାଦୁର୍ଭାବରେ ତ୍ରାହି ତ୍ରାହି ଡାକିଲେଣି।

## ସୁନା ଚେନ୍ ଚୋରି କରି ଅଭିଯୁକ୍ତ ଗିରଫ

ଗୋପ (ଭାସ୍କର ନ୍ୟୁଜ): ବାଲିଘାଇ ସନ୍ନିକଟ କ୍ରିୟାଯୋଗ ଆଶ୍ରମ ସମ୍ମୁଖସ୍ଥ ପ୍ରାଙ୍ଗଣରେ ସଦଗୁରୁ ପରମହଂସ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରବର୍ତ୍ତିତ ସାର୍ବଭୌମ ଭକ୍ତ ସମ୍ମିଳନୀରେ ଜଣେ ଶ୍ରଦ୍ଧାଳୁଙ୍କ ବେକରୁ ସୁନା ଚେନ୍ ଚୋରି କରି ଜଣେ ଅଭିଯୁକ୍ତ ବାଲିଘାଇ ଫାଣ୍ଡି ଏଏସ ଆଇ ଶିଶିର କୁମାର ମହାନ୍ତିଙ୍କ ହାତରେ ଧରା ପଡିଛି । ଅଭିଯୁକ୍ତ ଜଣକ ହେଲା ପଶ୍ଚିମବଙ୍ଗ ହୁଗୁଳି ଥାନା ଅଧିନ ମୁକେଶ ମାଳି । ଗିରଫ ଅଭିଯୁକ୍ତ ନିକଟରୁ ଏକ ଚେନ୍ ସହ ୨ ହଜାର ଟଙ୍କା ଏବଂ ଏକ ମୋବାଇଲ ଜବତ ହୋଇଛି । ହେଲେ ଚେନ୍ ଟିକୁ ଅଭିଯୁକ୍ତ କେଉଁଆଡେ ଫୋପାଡି ଦେଇଥିବା ବେଳେ ଚେନ୍‌ଟି ଉଦ୍ଧାର ହୋଇନଥିବା ଜଣାପଡିଛି । ଏନେଇ ଲୁଟ୍ ର ଶିକାର ହୋଇଥିବା ଭଦ୍ରକ ଥାନା ଅଞ୍ଚଳର ସୌମ୍ୟରଂଜନ ସାସମଲଙ୍କ ଅଭିଯୋଗକ୍ରମେ ପୁରୀ ସଦର ଥାନାରେ ୫୭୧/୨୪ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ଏଏସ ଆଇ ଶ୍ରୀ ମହାନ୍ତି କହିଛନ୍ତି ।

## ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ ପାଳିତ



ଭୁବନ (ଭାସ୍କର ନ୍ୟୁଜ): ଭୁବନ ବ୍ଲକ ଅନ୍ତର୍ଗତ ଜମୁନାକୋଟ ବିବେକାନନ୍ଦ ଶିଶୁ ମନ୍ଦିର ର ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୨୩ ଓ ୨୪ ଦୁଇ ଦିନ ବାର୍ଷିକ କ୍ରୀଡା ଓ ୨୬ ତାରିଖରେ ୨୬ ତାରିଖରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇଟି କାର୍ଯ୍ୟ କ୍ରମକୁ ଶିଶୁ ମନ୍ଦିରର ସଭାପତି ନଟବର ସାହୁ,ସମ୍ପାଦକ ରମେଶ ଚନ୍ଦ୍ର ପାଣି, ପ୍ରଧାନ ଆଚାର୍ଯ୍ୟା ନିରୁପମା ମହାନ୍ତି, ସହଶିକ୍ଷୟିତ୍ରୀ ଅହଲ୍ୟା ବାରିକ, ପ୍ରତିମା ରାଉତ, ନିରୁପମା ନାୟକ, ମମତା ବାରିକ୍, ଇନିବାଳା ଭୂତିଆ, ରଶ୍ମିତା ବେହେରା, ରୋଜାଲିନ ସାହୁ, ସ୍ନେହାଞ୍ଜଳୀ ବେହେରା, ସ୍ୱାଗତିକା ଜେନାଙ୍କ ମିଳିତ ଉଦ୍ୟମରେ ମହାସମାରୋହରେ ପାଳିତ ହୋଇଯାଇଛି। ଦୁଇଟି ଉତ୍ସବର ମୁଖ୍ୟ ଅତିଥି ଥିଲେ ଯମୁନାକୋଟ ଆରୋଗ୍ୟ କେନ୍ଦ୍ରର ଅଧିକାରିଣୀ ସୁଭଦ୍ରା ବେହେରା। ସଭା ପରିଚାଳନା କରିଥିଲେ ନଟବର ସାହୁ। ବାର୍ଷିକ ଉତ୍ସବର ମୁଖ୍ୟ ବକ୍ତା ଭାବେ ବିଳାସ ମଲ୍ଲିକ, ସମ୍ମାନିତ ଅତିଥି ଖୁଲଣା ରାଉତ, ଅଚ୍ୟୁତାନନ୍ଦ ସାହୁ, ଜୟକୃଷ୍ଣ ସାହୁ, ଦୟାନିଧି ବେହେରା, ଅଦ୍ୱୈତ ସାହୁ ଓ ଭୀମସେନ ସାହୁଯୋଗ ଦେଇଥିଲେ।

## ଏମ୍‌ଭି-୭୯ ଗ୍ରାମରେ ଶୀତକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଏମଭି ୭୯ ଗ୍ରାମରେ ଶୀତକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆଇଟିସି ମିଶନ ସୁନହରାକାଲ ସହଯୋଗରେ ପରିଚାଳିତ ଆଇଜିଡି ଏନଜିଓ ସଂସ୍ଥା ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ସୃଷ୍ଟି କରାଯାଇଥିବା ଗୋଷ୍ଠୀ ମୁଖ୍ୟଙ୍କୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅଲ ଷ୍ଟାର ଓ ବ୍ଲାକ କୋବ୍ରା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ବ୍ଲାକ କୋବ୍ରା ୧୭୫ ରନ୍ କରିଥିବା ବେଳେ ଜବାବରେ ଅଲ ଷ୍ଟାର୍ ଗୋଟିଏ ଓଭର ବଳକା ରଖି ଏହି ଲକ୍ଷ୍ୟ ହାସଲ କରିଥିଲା। ଏହି ମ୍ୟାଚ ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା କ୍ରିକେଟ ସଂଘର ମାନସ ରଞ୍ଜନ ଜେନା, ଶଙ୍କର ବର୍ମନ ଓ ବରିଷ୍ଠ ଖେଳାଳୀ ରଞ୍ଜିତ କୁମାର ମହାରଣା ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଛନ୍ତି। ଏହି ମ୍ୟାଚରେ ସର୍ବଶ୍ରେଷ୍ଠ ଖେଳାଳୀ ଭାବେ ସଂଜୀବ ହାଲଦାରଙ୍କୁ ପ୍ରଦାନ କରାଯାଇଥିବା ବେଳେ ଇନ୍ଦ୍ରଜିତ ସରକାର ଓ ସୁଦୀପ ଦତ୍ତ ଅମ୍ପାୟାର ଭାବେ ଦାୟିତ୍ୱ ତୁଲାଇଥିଲେ। ଅନ୍ୟପଟେ ଦୀର୍ଘ ବର୍ଷ ଧରି ଆଇଟିସି ମିଶନ ସୁନହରାକାଲ ପକ୍ଷ୍ୟରୁ ସ୍ଥାନୀୟ ଅଞ୍ଛଳରେ କୌଶଳ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଜୀବନ ଶୈଳୀରେ ବିକାଶର ସାଥି ହୋଇପାରି ଥିବାରୁ ଉପସ୍ଥିତ ଅତିଥି ମାନେ କୃତଜ୍ଞତା ଜଣାଇଥିଲେ ।

## ପଟ୍ଟାମୁଣ୍ଡାଇ ମହିଳା କଲେଜରେ ନୂତନ ଅଧ୍ୟକ୍ଷ ନିଯୁକ୍ତି



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ନିଯୁକ୍ତି ବିବାଦର ଅନ୍ତ ଘଟିଛି। ବରିଷ୍ଠତା ଭିତ୍ତିରେ ମହାବିଦ୍ୟାଳୟର ଓଡିଆ ବିଭାଗ ଅଧ୍ୟାପକ ଶ୍ରୀଧର ବେହେରାଙ୍କୁ ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ବର୍ତ୍ତମାନ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଇତିହାସ ବିଭାଗର ଅଧ୍ୟାପକ ରମେଶ ଚନ୍ଦ୍ର ଦେଠୀଙ୍କୁ ନୂତନ ଅଧ୍ୟକ୍ଷ ଶ୍ରୀ ବେହେରାଙ୍କୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀ ଦେଠୀଙ୍କ ନିଯୁକ୍ତି ତାରିଖ ଓ ଯୋଗଦାନ ରିପୋର୍ଟକୁ ନେଇ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ତଦନ୍ତ କରାଯିବାରୁ ତାହା ଜାଲ ବୋଲି ଜଣାପଡିଥିଲା। ଶ୍ରୀ ଦେଠୀ ତାଙ୍କର ଯୋଗଦାନ ରିପୋର୍ଟକୁ ନେଇ ପୃଥକ ପୃଥକ ଦିବସ ଦର୍ଶାଇଥିବାରୁ ସନ୍ଦେହ ଉପୁଜିଥିଲା। ବରିଷ୍ଠତା ଦର୍ଶାଇବାକୁ ଯାଇ ସେ ପିଛିଲା ତାରିଖରେ ଯୋଗଦାନ ରିପୋର୍ଟ ଦାଖଲ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଏସଂକ୍ରାନ୍ତ ଅଭିଯୋଗ ଉପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଘଟଣାର ସତ୍ୟାସତ୍ୟ ଜଣାପଡିବା ପରେ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା-୩୫୩୯୫ ତା ୧୦. ୦୯. ୨୦୨୪ ରିଖ ଏବଂ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟର ପତ୍ର ସଂଖ୍ୟା- ୨୫୧ ତା ୨୩. ୧୨. ୨୦୨୪ ରିଖ ଅନୁଯାୟି ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ଓଡିଆ ବିଭାଗର ଅଧ୍ୟାପକ ଶ୍ରୀଧର ବେହେରାଙ୍କୁ ସଂପୃକ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବରେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହାକୁ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ନଂ-୧୩୭୫ ତା୨୭. ୧୨. ୨୦୨୪ ରିଖରେ ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲାପାଳଙ୍କ ଏହି ନିର୍ଦ୍ଦେଶନାମା ପାଇବା ପରେ ଅଧ୍ୟାପକ ଶ୍ରୀ ବେହେରା ଶୁକ୍ରବାର ନୂତନ ଅଧ୍ୟକ୍ଷ ଭାବେ ଯୋଗଦାନ କରିଛନ୍ତି।

## ଦୁର୍ଘଟଣାରେ ଯୁବକ ଆହତ

ଚାନ୍ଦବାଲି (ଭାସ୍କର ନ୍ୟୁଜ): ନବ ନିର୍ମିତ ହମ୍ପସ ହୋଇଛି କାଳ । ହମ୍ପସରେ ପଡି ଯୁବକ ଗୁରୁତର ଆହତ ହୋଇଛନ୍ତି । ଚାନ୍ଦବାଲି ବ୍ଲକ ଉତ୍‌କୁଡା ପଞ୍ଚାୟତ ଯୁଗେଶ ବଳଙ୍କ ପୁତ୍ର ରାକେଶ ବଳ ( ୨୫) ଏକ ବାଇକ ଯୋଗେ ମୋତ ବଜାରରୁ ଚାନ୍ଦବାଲି ଅଭି ମୁଖେ ଯାଉଥିଲେ। ମୋତ ହାଇ ସ୍କୁଲ ସମ୍ମାରେ ନବ ନିର୍ମିତ ହମ୍ପସରେ ବାଜି ଦୀର୍ଘ ୨୦ ଫୁଟ ପର୍ଯ୍ୟନ୍ତ ଗଡି ଗଡି ରାସ୍ତା ଉପରେ ପଡି ଯାଇଥିଲେ। ଏହି ଦୁର୍ଘଟଣା ରେ ତାଙ୍କର ବାମ ହାତ ସମ୍ପୁର୍ଣ୍ଣ ଭାବେ ଭାଙ୍ଗି ଓଲଟି ପଡିଥିଲା। ତାହା ସହ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହେବା ସଙ୍ଗେ ସଙ୍ଗେ କାନ ପଟେ ରକ୍ତ ସ୍ରାବ ହୋଇଥିଲା। ସ୍ଥାନୀୟ ଲୋକ ରମେଶ ଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ। ରାତ୍ରି ସମୟରେ ହମ୍ପସ ଗୁଡିକ ସାଧାରଣ ଆଖିକୁ ଜଣା ପଡୁନାହିଁ, ତେବେ ଆଗକୁ ଯଦି ଦୁର୍ଘଟଣା ଘଟେ ଦାୟୀ କିଏ ରହିବ ? ସିରିଏଲ ଦୁର୍ଘଟଣା ସମସ୍ତ ଚାନ୍ଦବାଲି ବାସୀଙ୍କୁ ସ୍ତବ୍ଧ କରିଦେଇଛି। ହମ୍ପସ ପୂର୍ବରୁ ରାସ୍ତା ଉପରେ ଧଳା ଗାର କିମ୍ବା ସତର୍କ ସୂଚନା ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ଅଗ୍ନିଶମ ବିଭାଗର କେ-୯ ଡଗ୍ ସ୍କ୍ୱାଡ୍ ତାଲିମ



ବାରଙ୍ଗ (ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳିସ୍ଥିତ ଏନଡିଆରଏଫ ପରିସରରେ ଓଡିଶା ଅଗ୍ନିଶ୍ରମ ବିଭାଗ ତରଫରୁ କେ -୯, ଡଗ ସ୍କ୍ୱାର୍ଡର ଏକ ତାଲିମ କାର୍ଯ୍ୟକ୍ରମ ଚାଲୁ ରହିଛି। ଦେଶରେ ପ୍ରଥମ କରି ଏହି ସ୍କ୍ୱାର୍ଡରେ ୧୦ ଗୋଟି ସଂଧାନୀ କୁକୁରକୁ ୫୬ସପ୍ତାହ ଧରି ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ। ବର୍ତମାନ ସୁଦ୍ଧା ୨୨ ସପ୍ତାହ ତାଲିମ ପାଇ ସାରିଲେଣି। ଏହି କୁକୁରକୁ ରାଜସ୍ଥାନର ଢୋରା ଅଞ୍ଚଳରୁ ଅଣାଯାଇଛି। ଏମାନେ ତାଲିମ ପଇସାରିଲା ପରେ ଓଡିଶାର ୧୦ ଗୋଟି ସ୍ଥାନ ଯଥା- କଟକ, ପୁରୀ, ବାଲେଶ୍ୱର, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ଅନୁଗୁଳ, କୋରାପୁଟ ଓ ଝାରସୁଗୁଡାରେ ଥିବା ଅଗ୍ନିଶ୍ରମ ବାହିନୀରେ ନିୟୋଜିତ ହେବେ। ବଡବଡ଼ ପ୍ରାକୃତିକ ବିପର୍ଯ୍ୟୟ, ଭୂକମ୍ପରେମାଟି ତଳେ ପୋତିହୋଇ ରହିଥିବା ଜୀବିତ କିମ୍ବା ମୃତ ମଣିଷ ମାନଙ୍କୁ ତୁରନ୍ତ ଠାବ କରିବାରେ ଏହି ତାଲିମପ୍ରାପ୍ତ କୁକୁର ମାନେ ସହାୟକ ହୋଇପାରିବେ। ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ଅଗ୍ନିଶମ ବିଭାଗର କର୍ମଚାରୀ ମାନଙ୍କୁ ଅଧିକ ପରିମାଣରେ ସହାୟତା ପ୍ରଦାନ କରିବେ। ଓଡିଶା ଅଗ୍ନିଶ୍ରମ ବିଭାଗର ନିର୍ଦ୍ଦେଶକ ଡ଼. ସୁଧାଂଶୁ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶରେ ଏହି ଡଗ ମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଉଛି। ନରାଜସ୍ଥିତ ଅଗ୍ନିଶ୍ରମ ବିପତ୍ତି ନିସ୍ତାର ଓ ତାଲିମ ଅନୁଷ୍ଠାନର ପ୍ରିନସିପାଲ ସତ୍ୟପୀର ବେହେରାଙ୍କ ପ୍ରତେକ୍ଷ ତତ୍ୱାବଧାନରେ ତାଲିମପ୍ରାପ୍ତ ପ୍ରଶିକ୍ଷକ ମାନେ ଏହି ଡଗମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ସହକାରୀ ଅଗ୍ନିଶ୍ରମ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର, ଡେପୁଟି ଫାୟାର ଅଫିସର ସୁଭାଶିଷ ମୁଦୁଲି ଏହି ପ୍ରଶିକ୍ଷଣରେ ସହାୟତା କରୁଛନ୍ତି।

**ବୋଲଗଡ଼ ମହୋତ୍ସବର ତୃତୀୟ ସନ୍ଧ୍ୟା**

## ଢେମ୍‌ସା ନୃତ୍ୟରେ ବିଭୋର ହେଲେ ଦର୍ଶକ



ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ସଦର ମୁଖ୍ୟାଳୟସ୍ଥିତ ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବୋଲଗଡ଼ ମହୋତ୍ସବ ଆଶା-୨୪ର ତୃତୀୟ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ତୃତୀୟ ସନ୍ଧ୍ୟାରେ ଖୋଲା ଆକାଶ ରଙ୍ଗ ମଞ୍ଚରେ କୋରାପୁଟର ଢେମସା ନୃତ୍ୟ ଦର୍ଶକ ମାନଙ୍କୁ ବିଭୋର କରିଛି। ଏହି ଖୋଲା ରଙ୍ଗମଞ୍ଚରେ ଦୀର୍ଘ ୫ଦିନ ବ୍ୟାପି ସ୍ଥାନୀୟ ଓ ରାଜ୍ୟ ସରକାର ତଥା ଆନ୍ତଃରାଜ୍ୟ ସରକାରଙ୍କ ସାଂସ୍କୃତିକ ବିଭାଗ ପକ୍ଷରୁ ବିଭିର୍ଣ୍ଣ କଳାକୃତି ସହ ଓଡିଶୀ, ଘୁମୁରା, ମାଲଖୁମ୍ବ, ରଣପା ନୃତ୍ୟ, ଆସାମବିହୁ, ପ୍ରସିଦ୍ଧ ଗଂଜାମ ପଶୁନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଗ୍ରାମ୍ୟ କଳାକୃତି, ପାଲା, ଧୁଡୁକି, ରାମତାଳି, ଓଡିଶୀ ସଂକୀର୍ତ୍ତନ ଇତ୍ୟାଦି ପରିବେଷଣ ଦର୍ଶକ ମାନଙ୍କୁ ରିମଝିମ ଶୀତୁଆ ସନ୍ଧ୍ୟାରେ ବାନ୍ଧି ରଖିଥିଲା। ଏହି ୩ୟ ସନ୍ଧ୍ୟାରେ ମହୋତ୍ସବର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁ ମହୋତ୍ସବର ଗୁଣ ଗରିମା ସହ ଅଞ୍ଚଳର ବିରତ୍ୱ ଗାଥା ସମ୍ପର୍କରେ କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବିଜେଡି ନେତା ମନ୍ମଥ ରାଉତରାୟ ଯୋଗଦେଇ ବୋଲଗଡ଼ ଅଞ୍ଚଳକୁ ରକ୍ତ ରଞ୍ଜିତ ବିରମାଟି ଓ ଏହି ମହୋତ୍ସବ ଭାଇଚାରର ନିଦର୍ଶନ ସ୍ୱରୂପ ଓଡିଶା ରାଜ୍ୟର ଭୌଗଳିକ ମାନଚିତ୍ରରେ ବୋଲଗଡ଼ର ଚିତ୍ରକୁ ସ୍ୱତନ୍ତ୍ର ଭାବେ ସୂଚିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବେଗୁନିଆ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଶିକ୍ଷାବିତ କାଳୀ ଚରଣ ଜୟସିଂହ, ସୁମନ୍ତ ଛୋଟରାୟ, ବିଜେଡି ନେତ୍ରୀ ପ୍ରଭାତୀ ରାଉତରାୟ, ତୋଫାନ ବେହେରା, ରଶ୍ମିତା ରାଉତରାୟ, ରଞ୍ଜନ ଲେଙ୍କା, ପ୍ରଦୀପ ମହାପାତ୍ର, ଶୁଭଲକ୍ଷ୍ମୀ ସୁନ୍ଦରାୟ, ଶରତ ହୋତା, ସନ୍ତୋଷ ବେହେରା ଓ ଶୁଶାନ୍ତ ପାଇକରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି ମାନେ ସାମ୍ବାଦିକତାରେ ସଂଜୀବ ସେଠୀ, ସତ୍ୟନାରାୟଣ ବାରିକ, ଦେବବ୍ରତ ହୋତା ପ୍ରମୁଖ ରହିଥିବା ବେଳେ ବିଜୟ ତ୍ରିପାଠୀ, ଭକ୍ତ ବଲ୍ଲଭ ପଟ୍ଟନାୟକ, ପ୍ରତିମା ପ୍ରଧାନ, ଅବନିକାନ୍ତ ପାଢ଼ୀ, ମିର୍ଜା ସିରାଜୁଦ୍ଦିନ, ଚିତ୍ତ ରଞ୍ଜନ ପ୍ରଧାନ ଓ ସ୍ୱରୂପ ନାୟକ ଓ ସ୍ୱାଧୀନ ସୌରଭ ସ୍ୱାଇଁ ପ୍ରମୁଖମାନଙ୍କୁ 'ପୂଜ୍ୟପୂଜା ସମ୍ବର୍ଦ୍ଧନା'ରେ ସମ୍ମାନିତ କରିଥିଲେ। ସନ୍ଧ୍ୟାର କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାଧାରଣ ସମ୍ପାଦକ ବୀର ଦାସ ଅତିଥିଙ୍କୁ ପାଛୋଟି ନେଇଥିଲେ। ପରେ ଅତିଥି ପ୍ରମୁଖ ମାନେ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରି ମଂଞ୍ଚାସୀନ ହୋଇଥିଲେ। ସ୍ଥାନୀୟ ବଂଶୀଧର ସଂଗୀତ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ପକ୍ଷରୁ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା ଓ ବରିଷ୍ଠ ଉପଦେଷ୍ଟା ଐତିହାସିକ ରବୀନ୍ଦ୍ର ପରିଡା ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଉମାକାନ୍ତ ବେବର୍ତ୍ତା ପଟ୍ଟନାୟକ ଓ ଗୁରୁକୃଷ୍ଣ ଦୁଃଖାନନ୍ଦ ସାମନ୍ତରାୟ ସଂଯୋଜନା କରିଥିବା ବେଳେ ମଞ୍ଚକୁ ମାଷ୍ଟର ସୋମେଶ ଉପସ୍ଥାପନା କରିଥିଲେ। ଶେଷରେ ସମ୍ପାଦକ କାବୁ ଚମ୍ପତିରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝରର ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ କେନ୍ଦୁଝର ନାଗରିକ ମଞ୍ଚ ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହଙ୍କ ନିଧନରେ ଗଭୀର ଶୋକ ପ୍ରକାଶ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କାଲି ରାତିରେ ଏକ ଶୋକ ପ୍ରସ୍ତାବ ଆଗତ କରି ବିଶିଷ୍ଟ ଅର୍ଥଶାସ୍ତ୍ରୀଙ୍କ ଦେଶ ପ୍ରତି ଅବଦାନ ଉପରେ ଆଲୋଚନା ହୋଇଥିଲା। ଏପରି ଯୋଗଜନ୍ମା କାଳକାଳକୁ ମନେ ରହିବେ ତାଙ୍କର ଅବଦାନ ଲାଗି ଜାତି ସବୁବେଳେ ତାଙ୍କ ଆତ୍ମା ପ୍ରତି କୃତଜ୍ଞ ବୋଲି ସମସ୍ତେ ଏକମତ ହୋଇଥିଲେ। ଆଗାମୀ ଦିନରେ ଡ. ସିଂହଙ୍କ ନମ୍ର ବିନୟୀ ସଚ୍ଚୋଟ ସରଳ ବ୍ୟବହାର ସମସ୍ତଙ୍କ ଲାଗି ଆଦର୍ଶ ସୃଷ୍ଟି କରିବ ଯୁବପିଢ଼ୀଙ୍କୁ ମାର୍ଗଦର୍ଶନ କରିବ। ଆଜିର ମନରେଗା, ସୂଚନା ଅଧିକାର, ୧୦୮ ଆମ୍ବୁଲାନ୍ସ ସେବା ଆଦି ତାଙ୍କର ଅମ୍ଳାନ କୃତୀ ବୋଲି ସମସ୍ତେ ମନେ ପକାଇଥିଲେ। ଡ. ସିଂହଙ୍କ ଅମର ଆତ୍ମାର ଶାନ୍ତି ଲାଗି ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରି ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ହିମାଂଶୁ ଶେଖର କୁଅଁର, ସତ୍ୟ ରଂଜନ ସାମଲ,ଦୟାନିଧି ମହାନ୍ତ, ଦିଲୀପ କୁମାର ସାହୁ,ପ୍ରଫୁଲ୍ଲ କୁମାର ସାହୁ, ସତ୍ୟଜିତ ସାମନ୍ତରାୟ, କୃଷ୍ଣ ଚନ୍ଦ୍ର ପ୍ରଧାନ, ଭକ୍ତ ବତ୍ସଳ ମହାନ୍ତି, ଧ୍ରୁବ ଚରଣ ପଲେଇ, ଅମୂଲ୍ୟ ସାମଲ ଆଦି ଉପସ୍ଥିତ ରହିଥିଲେ।

# ଗୁଣାତ୍ମକ ପରୀକ୍ଷାଫଳ ପାଇଁ 'ମାଟ୍ରିକ ମନ୍ତ୍ର -୨୦୨୫'



ଟିକିଟି, (ଭାସ୍କର ନ୍ୟୁଜ୍ ) : କଟକ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁ ଯାଉଥିବା ଦଶମ ବାର୍ଷିକ ପରୀକ୍ଷାରେ ଗୁଣାତ୍ମକ ପରୀକ୍ଷାଫଳ ବୃଦ୍ଧି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଆରମ୍ଭ ହୋଇଛି ଉଦ୍ୟମ। ଏହି ମର୍ମରେ ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ ବ୍ଲକସ୍ତରରେ 'ମାଟ୍ରିକ ମନ୍ତ୍ର - ୨୦୨୫' ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟତଃ ମେଧାବୀ ଛାତ୍ରଛାତ୍ରୀମାନେ ପରିଶ୍ରମ କଲେ ମଧ ଆଶାନୁରୂପକ ସଫଳତା ପାଇପାରୁନାହାନ୍ତି। ଏଣୁ ସେମାନେ କେଉଁ କୌଶଳ ଅବଲମ୍ବନ କଲେ ସହଜ ଓ ସରଳ ଭାବେ ବୁଝି ତାକୁ ପରୀକ୍ଷା ସମୟରେ ସୁବିନିଯୋଗ କରିପାରିବେ ଏହା ହିଁ କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ। ଆଜି ଏହି ଅବସରରେ ଟିକିଟି ବ୍ଲକ, ପାତ୍ରପୁର ବ୍ଲକ, ଦିଗପହଣ୍ଡି ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟରୁ ପ୍ରାୟ ୮୫ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ନେଇ ଟିକିଟିଗଡ଼ ରାଜକବି ରାଧାମୋହନ ବିଦ୍ୟାପୀଠରେ ମାଟ୍ରିକ ମନ୍ତ୍ର- ୨୦୨୫ କାର୍ଯକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ପଣ୍ଡା ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଳ ଶିକ୍ଷକ ଶିକ୍ଷୟିତ୍ରୀ ଭାବେ ବନିତା ବିଷୋୟୀ ପ୍ରଥମ ଭାଷା ଓଡ଼ିଆ, ଅଶୋକ ପଟ୍ଟନାୟକ ଦ୍ୱିତୀୟ ଭାଷା ଇଂରାଜୀ, ସୁପ୍ରିୟା ପଣ୍ଡା ଗଣିତ, ରାଧାଶ୍ୟାମ ପଣ୍ଡା ଜ୍ୟାମିତି, ଅନନ୍ତ ନାରାୟଣ ମହାନ୍ତି ଓ ମନୋଜ କୁମାର ବେହେରା ସାଧାରଣ ବିଜ୍ଞାନ, ସୁନିତା ଚୌଧୁରୀ ଇତିହାସ ଓ ପ୍ରକାଶ ପ୍ରଧାନ ଭୂଗୋଳ ବିଷୟ ପାଇଁ ଯୋଗଦେଇ ଗୁରୁତ୍ୱପୂର୍ଣ୍ଣ ଉପଦେଶ ସହ ଶତକଡା ୯୦ମାର୍କରୁ ଅଧିକ ରଖିବା ପାଇଁ ବିଭିନ୍ନ କୌଶଳ ଶିକ୍ଷା ଦେବା ସହିତ ବିଦ୍ୟାର୍ଥୀଙ୍କ ପାଇଁ କଠିନ ବିଷୟ ଚିହ୍ନଟ କରି ସନ୍ଦେହମୋଚନ କରିଥିଲେ। ଅପରାହ୍ନରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକ କେନ୍ଦ୍ର ପରିଦର୍ଶନରେ ଆସି ବିଦ୍ୟାର୍ଥୀ ମାନଙ୍କୁ ଗଣିତ ଓ ଜ୍ୟାମିତି ଉପରେ କିଛି ଟିପ୍ସ ଦେଇଥିଲେ। ବିଆର୍‌ସିସି ତଥା ଏବିଓ ନିଗମାନନ୍ଦ ପଣ୍ଡା, ପ୍ରଧାନଶିକ୍ଷକ ସୁଧୀର ପ୍ରଧାନ ଓ ଶିକ୍ଷକ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅପହରଣ ପରେ ନଦୀ ପଠାରୁ ମୃତଦେହ ଉଦ୍ଧାର



ବାରିପଦା: (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱରର ଖାରବେଳନଗର ଥାନା ଅଞ୍ଚଳରେ ହୋଇଥିବା ଅପହରଣ ମାମଲା ଏବେ ହତ୍ୟାର ରହସ୍ୟ ରୂପେ ପ୍ରକାଶିତ ହୋଇଛି। ଏହି ଘଟଣାରେ ମୃତକ ହେଲେ କେନ୍ଦ୍ରାପଡା ଜିଲ୍ଲାର ଚନ୍ଦନ କୁମାର ସ୍ୱାଇଁ। ଗତକାଲି ବାରିପଦାର ବୁଢ଼ାବଳଙ୍ଗ ନଦୀ ପଠାରୁ ତାଙ୍କର ମୃତଦେହ ବାହାରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତକଙ୍କ ପରିବାରର ଅଭିଯୋଗ ଅନୁସାରେ, ଚନ୍ଦନ ଏବଂ ତାଙ୍କର କିଛି ସାଙ୍ଗ ବାଙ୍ଗାଲୋରରେ କାମ କରୁଥିବା ବେଳେ ଏକାସଙ୍ଗେ ଭୁବନେଶ୍ୱରକୁ ଫେରିଥିଲେ। ଭୁବନେଶ୍ୱରରୁ ତାଙ୍କୁ ବାରିପଦାକୁ ବୁଲିବାକୁ ଅଣାଗଲା ଓ ତାଙ୍କ ପରିବାରକୁ ଫୋନ୍ କରି ୫୦ ଲକ୍ଷ ଟଙ୍କା ମଗାଗଲା। ମୃତକଙ୍କ ଘରଲୋକ, ଅପହରଣକାରୀଙ୍କ ଦାବୀ ପୂରଣ ନକରି ପାରିବାରୁ ଚନ୍ଦନକୁ ହତ୍ୟା କରି ମୃତଦେହକୁ ବୁଢାବଳଙ୍ଗ ନଦୀର ବାଲି ଶଯ୍ୟାରେ ଗୋପନ ଭାବେ ପୋତି ଦିଆଯାଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଲୋକେ ବୁଢ଼ାବଳଙ୍ଗ ନଦୀ ପଠାରେ ବାଲି ମଧ୍ୟରୁ ଏକ ଯୁବକଙ୍କ ହାତ ଦେଖି ପୋଲିସକୁ ଖବର ଦେଇଥିଲେ। ସାଇଣ୍ଟିଫିକ ଟିମ୍, ବାରିପଦା ଏସ୍‌ଡିପିଓଙ୍କ ସମେତ ପୋଲିସ ଟିମ୍, ଡ୍ରଗ୍ସ ସ୍କ୍ୱାଡ୍ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ମୃତଦେହ ଗଳିତ ଅବସ୍ଥାରେ ଥିବା ସହିତ ସାରା ଦୃଶ୍ୟ ଭୟଙ୍କର ଲାଗୁଥିଲା। ପରବର୍ତ୍ତୀ ତଦନ୍ତରେ ମୃତକଙ୍କ ଠିକଣା ଏବଂ ଘଟଣାର ପରିବେଶ ମଧ୍ୟରୁ ଏହାର ସମ୍ପୂର୍ଣ୍ଣ ଛବି ସ୍ପଷ୍ଟ ହେବାକୁ ଲାଗିଛି ଏବଂ ଏହା ହତ୍ୟା ବୋଲି ପୋଲିସ୍‌ର ସୂଚନା। ମୃତକଙ୍କ ପରିବାର ଲୋକେ ଖାରବେଳନଗର ଥାନାର ଅପହରଣ ମାମଲା ଦାୟର କରିବା ସମୟରେ ପୋଲିସ ମୃତଦେହ ଉଦ୍ଧାର ସହ ଦୁଇ ଯୁବକଙ୍କୁ ଅଟକ କରିଛି। ସେମାନେ ଚନ୍ଦନଙ୍କ ସାଙ୍ଗ ଥିବା ସୂଚନା ମିଳିଛି। ତଦନ୍ତ ଚାଲିଥିବା ସମୟରେ ସେମାନଙ୍କ ଉପରେ ହତ୍ୟାର ଜଘନ୍ୟ ମାମଲା ରୁଜୁ ହେବାର ସମ୍ଭାବନା ଜଣାପଡ଼ିଛି। ମୁଖ୍ୟ ହତ୍ୟାକାରୀ ବାରିପଦା ଶିରିଶିବୋଣି ଅଞ୍ଚଳର ହୋଇଥିବା ସୂଚନା। ମୃତକଙ୍କ ପରିବାର ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି କଡ଼ା ଦଣ୍ଡ ଦେବାକୁ ଦାବି କରିଛନ୍ତି। ସମଗ୍ର ଘଟଣାର ସତ୍ୟ ଜଣାପଡ଼ିବା ପରେ ରହସ୍ୟ ଉପରୁ ପରଦା ଉଠିବ ବୋଲି ଆଶା କରିଛନ୍ତି ବୁଦ୍ଧିଜୀବୀ। ଏହି ଘଟଣାରେ ଅପରାଧୀମାନଙ୍କୁ ଧରିବା ଓ ନିର୍ଦୋଷ ଚନ୍ଦନଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବାକୁ ପୋଲିସର ତଦନ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ଥାନୀୟ ଅଞ୍ଚଳରେ ଏହାର ଦୃତ ସମାଧାନ ଦିଗରେ ତୀକ୍ଷ୍ଣ ଦୃଷ୍ଟି ଖାରବେଳନଗର ଓ ବାରିପଦା ପୋଲିସର ତଦନ୍ତ ଉପରେ ନିର୍ଭର କରୁଛି ବୋଲି ଜନମତ।

# ବୁଲିଲା ପାଣି ପଞ୍ଚାୟତ ସଚେତନତା ରଥ



ଫୁଲନଖରା, (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲାରେ ପାଣି ପଞ୍ଚାୟତ ସେଚତନା ରଥ ଗତ ୨୨ ତାରିଖରୁ ପ୍ରେତ୍ୟକ ପାଣି ପଞ୍ଚାୟତରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲା। ଏହି ପରିପ୍ରେକ୍ଷୀରେ ୨୬ ତାରିଖ ଦିନ ସଚେତନତା ରଥ ପ୍ରତାପନଗରୀ ଜଳସେଚନ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ବିଭାଗୀୟ ଅଧିକାରୀମାନେ ସଚେତନା ରଥକୁ ସ୍ୱାଗତ କଲାପରେ ପ୍ରତାପନଗରୀ କେନାଲ ବନ୍ଧ ଦେଇ ସଇଁନ୍ଧା, ନାଗବାଲ, ଶାସୋଳ, ବିଶ୍ୱାଳପଡ଼ା, କାଶୀବାଜର ଛକ ପରେ ୩ ନମ୍ବର ପାଣି ପଞ୍ଚାୟତରେ ରଥ ପହଞ୍ଚିଲା ପରେ ସେଠାରେ ପାଣି ପଞ୍ଚାୟତ ପକ୍ଷରୁ ଲଳିତ କୁମାର ଦାଶ, ଧିରେନ୍ଦ୍ର ରାଉତରାୟ, ପ୍ରସନ୍ନଜିତ ମହାନ୍ତି ରଥକୁ ସ୍ୱାଗତ କରିଥିଲେ। ପରେ ଅରିଲୋ ଗ୍ରାମ ଦେଇ ଦକ୍ଷିଣ ଉଷୁମା ୪ ନମ୍ବର ପାଣି ପଞ୍ଚାୟତରେ ପହଞ୍ଚିଥିଲା। ସେଠାରେ ଅଶୋକ ଦାସ, ଗଗନ ଜେନା ଓ ସେକ ସମ୍ମିଉଲ୍ଲା ସ୍ୱାଗତ କରିଥିଲେ। ତାପରେ ୧ ନମ୍ବର, ୨ନମ୍ବର, ୫ ନମ୍ବର, ୬ ନମ୍ବର ପାଣି ପଞ୍ଚାୟତ ଗୁଡ଼ିକରେ ସଚେତନା ରଥ ପରିକ୍ରମା କରିଥିଲା।

# କେନ୍ଦୁଗୁଡାରେ ମାଲେରିଆ ଆତଙ୍କ

ଝରିଗାଁ (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ ବଢୁଛି ମାଲେରିଆ ରୋଗୀଙ୍କ ସଂଖ୍ୟା। ଝରିଗାଁ ବ୍ଲକର ଟୁଟିଗୁଡ଼ା ଏବଂ ମଙ୍ଗରାଚଚରା ଗ୍ରାମରେ ୧୭ ଜଣ ମାଲେରିଆ ଆକ୍ରାନ୍ତ ଥିବା ନେଇ ସୂଚନା ମିଳିଥିବା ବେଳେ କେନ୍ଦୁଗୁଡା ଗ୍ରାମରେ ୯ ଜଣ ମାଲେରିଆ ଆକ୍ରାନ୍ତ ଥିବା ସୂଚନା ମିଳିଛି। ସମସ୍ତ ଆକ୍ରାନ୍ତ ଦାଦନ ଶ୍ରମିକ ବୋଲି ଜଣାପଡ଼ିଛି। ଝରିଗାଁ ବ୍ଲକ କେନ୍ଦୁଗୁଡା ଗ୍ରାମର ପ୍ରାୟ ୧୧ ଜଣ ଶ୍ରମିକ ମାଲକାନଗିରି ଜିଲ୍ଲା ମାତିଲି ବ୍ଲକ ଦାଣ୍ଡିପଦର ଅଞ୍ଚଳକୁ ମାସେ ତଳେ ରାସ୍ତା କାମ କରିବା ପାଇଁ ଯାଇଥିଲେ। ତେବେ ସେଠାରେ କିଛି ଶ୍ରମିକ ଗତ ଶନିବାର ଦିନ ଅସୁସ୍ଥ ଅନୁଭବ କରିଥିଲେ। ପରେ ଶ୍ରମିକ ମାନେ ସେଠାରେ ରକ୍ତ ପରୀକ୍ଷା କରିଥିଲେ। ରକ୍ତ ପରୀକ୍ଷା ପରେ ମାଲେରିଆ ଥିବା ଜଣାପଡିଥିଲା। ଶେଷରେ ଗତ ସୋମବାର ଦିନ ସମସ୍ତେ ଘରକୁ ଫେରି ଆସିଥିଲେ। କୌଣସି ପ୍ରକାରେ ଝରିଗାଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶ୍ରମିକ ମାନେ ଫେରିବା ସୂଚନା ପାଇବା ପରେ ଡାକ୍ତର ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ କେନ୍ଦୁଗୁଡା ଗ୍ରାମ ଯାଇ ଜ୍ୱର ଲକ୍ଷଣ ଦେଖା ଦେଇଥିବା ୧୦ ଜଣ ଶ୍ରମିକମାନଙ୍କ ରକ୍ତ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୯ ଜଣ ସୁକଚାନ୍ଦ ଗୌଡ଼(୨୭), ଜଗତରାମ ଗଣ୍ଡ(୨୩), ଦୁଲ୍ଲଭ ଗଣ୍ଡ(୧୮), ଜୟଦେବ ଗଣ୍ଡ(୨୫), ଦୁଶା ଗୌଡ଼(୪୦), ଭୁଜବଳ ଗୌଡ଼(୫୦), ଚନ୍ଦନ ଗୌଡ଼(୧୮), ସନପଥ ଗଣ୍ଡ(୩୫), ତିଳକ ଗଣ୍ଡ(୨୧) ପ୍ରମୁଖ ମାଲେରିଆ ଆକ୍ରାନ୍ତ ଥିବା ଜଣାପଡିଥିଲା। ସମସ୍ତ ରୋଗୀ ମାନଙ୍କୁ ମାଲେରିଆ ଔଷଧ ଦେବା ସହ ସେବନ ସମ୍ପର୍କରେ ବୁଝାଇ ଥିଲେ ଡାକ୍ତର। ସେହିପରି ମଶାରୀ ବ୍ୟବହାର ଉପରେ ସଚେତନତା କରିଥିଲେ।

# ଡେରାବିଶ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ଡେରାବିଶ, (ଭାସ୍କର ନ୍ୟୁଜ୍ ) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକହାଟ ସ୍ଥିତ ମିନିଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେଉଥିବା ତ୍ରୟୋଦଶ ଡେରାବିଶ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ପରଲୋକ ଉଦ୍ଦେଶ୍ୟରେ ଦେଶବ୍ୟାପୀ ରାଷ୍ଟ୍ରୀୟ ଶୋକ ପାଳନ ହେଉଥିବାରୁ ସଭା କାର୍ଯ୍ୟକୁ ବାତିଲ କରାଯାଇଥିଲା। ଏଥିସହିତ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ସଂଯୋଜନାରେ ସାଂସ୍କୃତିକ ସଂଗଠନର ସଭାପତି ଡକ୍ଟର ଭକ୍ତ କବି ଦାସ, ଉପସଭାପତି ମହେନ୍ଦ୍ର ସିଂ, ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ, ଉପଦେଷ୍ଟା ସାହାଜାନ ଖାଁ, ଅତୁଲ୍ୟ କୁମାର ରଥ, ଅନୁପ କୁମାର ରାଉତଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ପରେ ଭଦ୍ରକରୁ ଆସିଥିବା ସଙ୍କେତ କଲଚରାଲ ଅର୍ଗାନାଇଜେସନ୍ ଓ ଡେରାବିଶର ଶ୍ରୀନୃତ୍ୟ କେନ୍ଦ୍ର କଳା ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା।

# ୬୦ ନମ୍ବର ରାଜ୍ୟ ରାଜପଥରେ ସିରିଜ ଦୁର୍ଘଟଣା



କଣ୍ଟାପଡା, (ଭାସ୍କର ନ୍ୟୁଜ୍) : କଣ୍ଟାପଡା ବ୍ଲକ ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ଓଲଟପୁର ଥାନା ଅନ୍ତର୍ଗତ ବାଗଲ ପୁର ତ୍ରିଛକିରେ ଦିନ ୧୨ ଘଟିକା ସମୟରେ କଟକରୁ ନିଆଳି ଅଭିମୁଖେ ଆସୁଥିବା ଲୁହା ପାଇପ ବୋଝେଇ ଟାଟା ପିକ୍‌ଅପ୍ ଓଡି-୦୫ଡିଜେ-୫୭୯୫ ଗାଡିଟି ବାଗଲ ପୁର ଛକରେ ଆଳୁ ବୋଝେଇ ଟ୍ରକ ଟିକୁ ଦେଖି ହଠାତ ଓଡି୦୨-କେଇ-୩୭୩୭ କାର ବ୍ରେକ ମାରିଥିଲା। ଉକ୍ତ କାର ପଛରେ ଅନ୍ୟ ଏକ କାର ଓଡି-୦୫ବିବି-୧୭୮୩ କାର ଅଟକି ଥିଲା କିନ୍ତୁ ପଛପଟେ ଥିବା ଲୁହା ବୋଝେଇ ପିକ୍‌ଅପ୍ ଗାଡି ଟି ଦ୍ରୁତ ଗତିରେ ଥିବାରୁ ଉଭୟ କାରକୁ ଧକ୍କା ଦେଇଥିଲା। ଯାହାଫଳରେ କାର ଟି ଆଳୁ ବୋଝେଇ ଟ୍ରକ ସହିତ ପଛପଟୁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ସମସ୍ତ ଡ୍ରାଇଭର ସୁରକ୍ଷିତ ଥିବା ବେଳେ ଗାଡି ଗୁଡିକ ଚୁରମାର ହୋଇଯାଇଛି। ଯାହା ଫଳରେ ଘଟଣା ସ୍ଥଳରେ ସିରିଜ ଦୁର୍ଘଟଣା ଯୋଗୁ ଗାଡି ମୋଟର ଯାତାୟାତରେ ବାଧା ଉପୁଜିଛି। ଏ ନେଇ ଖବର ପାଇ ଓଲଟପୁର ପୋଲିସ ଘଟଣା ସ୍ଥଳରେ ପହଁଚି ଯାତାୟାତ ନିମନ୍ତେ ରାସ୍ତା ସଫା କରୁଥିବା ବେଳେ ଗାଡି ଗୁଡିକୁ ଜବତ କରି ଓଲଟପୁର ଥାନାକୁ ଆଣିଛି। ଏଠାରେ ସୂଚନା ଥାଉକି ବାଗଲ ପୁର ତ୍ରିଛକି ଉପରେ ବାରମ୍ବାର ବାରିକେଟ ନିର୍ମାଣ ଦାବି ହେଉଥିଲେ ବି ଏ ପର୍ଯ୍ୟନ୍ତ ନିର୍ମାଣ କରାଯାଇ ନାହିଁ। ପୂର୍ବରୁ ସମାଜସେବୀ ତୃପ୍ତି ରଂଜନ ବେହେରା ଓ ବିଭିନ୍ନ ସଂଗଠନ ଦାବି କରି ଉକ୍ତ ଜଗାର ଦୁଇଦୁଇଟି ହୋମ ଗାର୍ଡ କାର୍ଯ୍ୟରତ ଥିଲେ। ବର୍ତ୍ତମାନ ସେଠାରେ ସେମାନଙ୍କୁ ନିଯୁକ୍ତି ଦିଆଯାଉ ନାହିଁ।ଏହି ଦୁର୍ଘଟଣାରେ ସମସ୍ତେ ସୁରକ୍ଷିତ ଥିବା ଜଣା ପଡିଛି।

# ଆଦିବାସୀ ପାଇକାରୀ ଖୁଚୁରା ବଜାର ବନ୍ଦ




କେନ୍ଦୁଝର,(ଭାସ୍କର ନ୍ୟୁଜ୍) : କେନ୍ଦୁଝର ସହରରେ ଥିବା କୃଷକବଜାର ପ୍ରାଙ୍ଗଣରେ ଆଦିବାସୀ ପାଇକାରୀ ଖୁଚୁରା ବଜାର ବନ୍ଦ ହେବା କାରଣରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଜଣେ କାରିଗରକୁ ନେଇ ଚାଲିଛି ଆଦିବାସୀ ବଜାର ଓ ଏଠାରେ କେବଳ ସେ ତାଙ୍କର ଉତ୍ପାଦିତ ସାମଗ୍ରୀ ବିକ୍ରୀ କରୁଛନ୍ତି । ଆବଶ୍ୟକୀୟ ପ୍ରୋତ୍ସାହନ ଓ ବଜାର ବ୍ୟବସ୍ଥା ଅନୁକୂଳ ନ ହେବାରୁ ଅନେକ ଜନଜାତି କାରିଗର ଏଠାରୁ ମୁହଁ ଫେରାଇ ନେବାକୁ ବାଧ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ୨୦୧୬ ମସିହା ଡିସେମ୍ବର ୫ତାରିଖରେ କେନ୍ଦୁଝର ଜିଲା ସଦର ମହକୁମାସ୍ଥ କୃଷକବଜାର ପ୍ରାଙ୍ଗଣରେ ଆଦିବାସୀ ପାଇକାରୀ ଖୁଚୁରା ବଜାର ଜିଲାପାଳ ଡ଼ଃ ଏନ୍ ତିରୁମାଲା ନାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଉକ୍ତ ଆଦିବାସୀ ପାଇକାରୀ ଖୁଚୁରା ବଜାର ସ୍ଥାପିତ ହୋଇଥିଲା । ଉକ୍ତ ପାଇକାରୀ ଖୁଚୁରା ବଜାରରେ ଅନୁସୂଚିତ ଜନଜାତି ଓ ଜାତି ଲୋକମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ସଂଗୃହୀତ ବିଭିନ୍ନ ପ୍ରକାରର ଲଘୁ ବନଜାତ ଦ୍ରବ୍ୟ, କୃଷିଜାତ ଦ୍ରବ୍ୟ, ହସ୍ତଶିଳ୍ପ ଓ ଅନ୍ୟାନ୍ୟ ଉତ୍ପାଦିତ ତଥା ପ୍ରକ୍ରିୟାକରଣ ଦ୍ରବ୍ୟ ସୁଲଭ ମୂଲ୍ୟରେ ବିକ୍ରୟ ନିମନ୍ତେ ଉପଲବ୍ଧ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏହି ଖୁଚୁରା ବଜାରରେ ବନଜ ଖଣିଜ ଦ୍ରବ୍ୟ, ପ୍ରକିୟାକରଣ ହୋଇଥିବା ଖାଦ୍ୟ, ଟେରାକୋଟା, କାନଭାସ୍ ପେଣ୍ଟିଂ, ଗ୍ଲାସ୍ କ୍ରାଫ୍ଟ, ଡିନର ପ୍ଲେଟ, କଫି ମଗ୍, ଝୋଟରୁ ପ୍ରସ୍ତୁତ ସାମଗ୍ରୀ, ଟରଟଲ କ୍ରାଫ୍ଟ, ବାଉଁଶ ଶିଳ୍ପ, କାନ୍ଥଘଣ୍ଟା, ଟସର ପେଣ୍ଟିଂ, ନିମନ୍ତ୍ରଣ କାର୍ଡ, ଡୋକ୍ରା ସାମଗ୍ରୀ, ଶିଙ୍ଘ କାରୁକାର୍ଯ୍ୟ, କାଠ ସାମଗ୍ରୀ, ଲାଖ ପ୍ରସ୍ତୁତ ସାମଗ୍ରୀ, ଆଦିବାସୀ ଅଳଙ୍କାର, ମେଟାଲ ଜାଲି, ଲେମନ୍ ଗ୍ରାସ୍ ଅଏଲ, ଜାମୁମଞ୍ଜି ଗୁଣ୍ଡ ଓ ସବାଇଘାସ ପ୍ରସ୍ତୁତ ସାମଗ୍ରୀ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ ବୋଲି କୁହାଯାଇଥିଲା। ଏହି ଖୁଚୁରା ବଜାର ସ୍ୱୟଂ ସହାୟକ ଗୋଷ୍ଠି ଦ୍ୱାରା ପରିଚାଳିତ ହେଉଥିଲା । ଉକ୍ତ ଆଦିବାସୀ ପାଇକାରୀ ଖୁଚୁରା ବଜାର ହେବା ଫଳରେ ଅନୁସୂଚିତ ଜନଜାତି ଓ ଜାତିର ଜନସାଧାରଣଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ପ୍ରଚାର ପ୍ରସାର ହେବା ସାଙ୍ଗକୁ ବିପଣନ ପାଇଁ ଉପଯୁକ୍ତ ଭିତ୍ତିଭୂମି ଓ ବଜାର ସୁବିଧା ହେବା ଲକ୍ଷ୍ୟ ରଖାଯାଇଥିଲା । କେନ୍ଦୁଝର ଜିଲାରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଆର୍ଥିକ ବିକାଶ ହେବା ସହ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟର ଚାହିଦା ବୃଦ୍ଧି ପାଇବ ଏବଂ ଆଦୃତ ହୋଇପାରିବ ବୋଲି ଆଶା କରାଯାଉଥିଲା ଏବଂ ପର୍ଯ୍ୟାୟକ୍ରମେ ଉକ୍ତ ଖୁଚୁରା ବଜାରରେ ଅନ୍ୟାନ୍ୟ ସାମଗ୍ରୀର ବିପଣନ ସହିତ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଯୁବକମାନଙ୍କର ପ୍ରତିଭା ବିକାଶ ପାଇଁ ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରହିଥିଲା ମାତ୍ର ଏବେ ସେ ସବୁ ବନ୍ଦ ହୋଇ ଲକ୍ଷାଧିକ ଟଙ୍କା ଗୃହ ଜଣେ ମାତ୍ର କାରିଗରଙ୍କ କାମରେ ଆସୁଥିବା ଜଣାପଡିଛି ।

# ମାଓଗଡରେ ଉପଜିଲ୍ଲାପାଳ



ବାଲିମେଳା, (ଭାସ୍କର ନ୍ୟୁଜ୍) : ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ମାଓଗଡ ଯଡାମ୍ବରେ ପହଞ୍ଚିଛନ୍ତି ମାଲକାନଗିରି ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ସରକାରୀ ଯୋଜନାରେ ଉନ୍ନୟନମୂଳକ ଚାଲିଥିବା କାର୍ଯ୍ୟର ସମୀକ୍ଷା କରିବା ସହିତ ନକ୍ସଲଙ୍କ କାର୍ଯ୍ୟାଳୟ ବୁଲି ଦେଖିଛନ୍ତି। ନକ୍ସଲ କାର୍ଯ୍ୟାଳୟରେ ଲାଗିଥିବା ବିଭିନ୍ନ ଫଟୋକୁ ଉପଜିଲ୍ଲାପାଳ ବୁଲି ଦେଖିବା ପରେ ମାଓବାଦୀ ଏହି ଅଞ୍ଚଳରେ କିପରି ରହୁଥିଲେ ସେ ନେଇ ସ୍ଥାନୀୟ ଲୋକଙ୍କୁ ପଚାରି ବୁଝିଥିଲେ। ଯଡାମ୍ବରେ ଥାନା ସହ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ପରେ ଅଞ୍ଚଳବାସୀ ବେଶ୍ ସୁରକ୍ଷିତ ଥିବା କହିଛନ୍ତି। ଉପଜିଲ୍ଲାପାଳଙ୍କ ଗସ୍ତକୁ ଆଖି ଆଗରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ସୁରକ୍ଷାକର୍ମୀ ପାଖରେ ଥିବାରୁ ନକ୍ସଲଙ୍କ କାର୍ଯ୍ୟାଳୟ ଓ ବିଭିନ୍ନ ଅଞ୍ଚଳ ପରିଦର୍ଶନ ସମୟରେ ଭୟ ଲାଗୁନଥିଲା। ଯଡାମ୍ବ ଗସ୍ତ ଚାକିରି ଜୀବନରେ ସ୍ମୃତି ହୋଇ ରହିବ ବୋଲି କହିଛନ୍ତି ଉପଜିଲ୍ଲାପାଳ ଶ୍ରୀ ଭୋଇ ଏକଦା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଂଚଳ ନକ୍ସଲଙ୍କର ଗଡ ଏବଂ କାର୍ଯ୍ୟାଳୟରେ ପରିଣତ ହୋଇଥିଲା । କେନ୍ଦ୍ରୀୟ କମିଟିର ସମସ୍ତ ସଦସ୍ୟ ଏଠାରେ ସୁରକ୍ଷିତ ଭାବେ ରହି ଯୋଜନା ପ୍ରସ୍ତୁତ କରୁଥିଲେ । ମାଓ ଦମନ ପରେ ଯଡ଼ାମ୍ବରେ ଥିବା ନକ୍ସଲଙ୍କ କାର୍ଯ୍ୟାଳୟକୁ ଯବାନଙ୍କ ପକ୍ଷରୁ ସୁରକ୍ଷିତ ରଖାଯାଇଛି। ଯେଉଁଥିରେ ନକ୍ସଲଙ୍କ କାର୍ଯ୍ୟକଳାପ ସମ୍ପର୍କିତ ବହୁ ଫଟୋ ରହିଛି। ପୂର୍ବରୁ ସରକାରୀ ଅଧିକାରୀ କେବଳ ଚିତ୍ରକୋଣ୍ଡାକୁ ହିଁ ଆସିପାରୁଥିଲେ । ଚିତ୍ରକୋଣ୍ଡାର ୧୮ଟି ପଞ୍ଚାୟତକୁ ଯିବାକୁ ଭୟ କରୁଥିଲେ । ପୁଲିସର କୌଣସି ସବୁଜ ସଙ୍କେତ ନମିଳିଲେ କୌଣସି ସରକାରୀ ଅଧିକାରୀ ସେ ଅଞ୍ଚଳ ଗସ୍ତ କରୁନଥିଲେ । ଏବେ କିନ୍ତୁ ସ୍ଥିତି ବଦଳିଛି। ଚିତ୍ରକୋଣ୍ଡାର ସମସ୍ତ ଅଭ୍ୟତରିଣ ଅଞ୍ଚଳକୁ ସରକାରୀ ଅଧିକାରୀ ଗସ୍ତ କରି ବିକାଶ କାର୍ଯ୍ୟକୁ ଅନୁଧ୍ୟାନ କରିପାରୁଛନ୍ତି ।

# ଅଙ୍ଗନବାଡି ଉପରେ ମହଙ୍ଗା ମାଡ଼

- ଅପପୁଷ୍ଟି ମୁକାବିଲା ଯୋଜନା ବାଟବଣା
- ଅଣ୍ଡା ଗୋଟାକୁ ୮ଟଙ୍କା, ମିଳୁଛି ୫ଟଙ୍କା
- ଡାଲି ଦର ଆକାଶ ଛୁଆଁ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଅଣ୍ଡା ଦର ହୁ ହୁ ହୋଇ ବଢ଼ି ଚାଲିବା ସହ ଡାଲି ଦର କ୍ରମାଗତ ଭାବେ ବଢ଼ିଛି। ଏହାର ସିଧାସଳଖ ପ୍ରଭାବ ପଡିଛି ସରକାରଙ୍କ ପକ୍ଷରୁ ଚାଲିଥିବା ସମନ୍ୱିତ ଶିଶୁବିକାଶ ଯୋଜନା ଉପରେ। ଶିଶୁ, ଗର୍ଭବତୀ ମହିଳା, ପ୍ରସୂତି ଓ କିଶୋରୀଙ୍କ ଲାଗି କାର୍ଯ୍ୟକାରୀ କରାଯାଉଥିବା ପୃଷ୍ଟିକର ଖାଦ୍ୟ ପ୍ରଦାନ କ୍ଷେତ୍ରରେ ଅଙ୍ଗନବାଡି କେନ୍ଦ୍ର ଉପରେ ମହଙ୍ଗା ମାଡ଼ ପଡିଛି। ଅଙ୍ଗନବାଡି କେନ୍ଦ୍ରରେ ପାଠ ପଢୁଥିବା ୩ରୁ ୬ବର୍ଷର ଶିଶୁଙ୍କ ସୁଷମ ଖାଦ୍ୟ ଯୋଗାଇ ଦେବା ଲକ୍ଷ୍ୟରେ ଅଙ୍ଗନବାଡି କର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତ୍ୟେକ ପିଲାଙ୍କ ପିଛା ୭ଟଙ୍କା ୭୦ପଇସା ଦର ଧାର୍ଯ୍ୟ ହୋଇଥିବା ବେଳେ ଅଣ୍ଡା ଦର ବୃଦ୍ଧି ଯୋଗୁଁ ଯୋଜନା ବାଟବଣା ହେଉଥିବା ଅଭିଯୋଗ ହେଉଛି। ଅସ୍ତରଙ୍ଗ ବ୍ଲକଅଞ୍ଚଳରେ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସରକାର ଅଣ୍ଡା ପ୍ରତି ୫ଟଙ୍କା ଦେଉଛନ୍ତି। କିନ୍ତୁ ପ୍ରକୃତ ପକ୍ଷେ ଅଣ୍ଡା ଦର ଏବେ ବଜାରରେ ୮ଟଙ୍କା ରହୁଛି। ଏହାର ଅର୍ଥ ରାଜ୍ୟ ସରକାର ଦେଉଥିବା ଟଙ୍କା ବଜାର ଦର ଭିତରେ ପାଖାପାଖି ୩ଟଙ୍କା ଫରକ ରହୁଛି। ସରକାରଙ୍କ ପକ୍ଷରୁ ପ୍ରତି କେନ୍ଦ୍ରକୁ ୩ରୁ ୬ବର୍ଷର ପିଲାଙ୍କ ଲାଗି ୭ଟଙ୍କା ୭୦ପଇସା ମିଳୁଛି। ସେଥିରୁ ସକାଳ ଜଳଖିଆ ଲାଗି ୧ଟଙ୍କା ୨୪ପଇସା ଓ ମିଲ୍ ଲାଗି ୬ଟଙ୍କା ୪୬ପଇସା ରହୁଛି। ଏଥି ସହିତ ମାସକୁ କିଶୋରୀ ବାଳିକାଙ୍କୁ ୧୬ଟି ଅଣ୍ଡା, ଗର୍ଭବତୀ ପ୍ରସୂତି, ୬ମାସରୁ ୩ବର୍ଷ ପିଲାଙ୍କ ଲାଗି ୧୨ଟି ଅଣ୍ଡା ଦେବାକୁ ସରକାର ନିୟମ କରିଛନ୍ତି। ଏପଟେ ଡାଲି ଦର କ୍ରମାଗତ ଭାବେ ବଢ଼ି ଚାଲିଛି, କମିବାର ନାଁ ନେଉନାହିଁ। ଏଥିଯୋଗୁଁ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ଗୁଣାତ୍ମକ ମାନ ହ୍ରାସ ପାଉଛି। ଅନେକ ଜାଗାରେ ଠିକ ସମୟରେ ଅଣ୍ଡା ନ ମିଳିବାରୁ ଗାଁ ଗାଁରେ ଅସନ୍ତୋଷ ଦେଖିବାକୁ ମିଳୁଛି। ବର୍ତ୍ତମାନ ଯେଉଁଭଳି ଡାଲି ଏବଂ ଅଣ୍ଡା ଦର ଆକାଶଛୁଆଁ ହେଲାଣି, ସେହି ଅନୁଯାୟୀ ଅଙ୍ଗନବାଡି କେନ୍ଦ୍ରକୁ ସରକାର ଅନୁଦାନ ବଢୁନାହିଁ। ଏଭଳି ସ୍ଥିତିରେ ଅଙ୍ଗନବାଡି କେନ୍ଦ୍ରରେ ଶିଶୁଙ୍କ ପୃଷ୍ଟିକର ଯୋଜନା ଉପରେ ଦରବୃଦ୍ଧିର ପ୍ରଭାବ ପଡିଛି। ଉଚିତ ପ୍ରାପ୍ୟ ନ ପାଇବାରୁ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ପୃଷ୍ଟିକର ଖାଦ୍ୟ ଭାବେ ଅଣ୍ଡା ଯୋଗାଇ ଦେବାରେ ଅଙ୍ଗନବାଡି କର୍ମୀମାନେ ଅସମର୍ଥ ହେଉଛନ୍ତି। ପ୍ରସୂତିଙ୍କୁ ମାସକୁ ୧୨ଟି ଅଣ୍ଡା ଦେବା ଲାଗି ନିୟମ ରହିଛି କିନ୍ତୁ ୮ଟି ଅଣ୍ଡା ଦିଆଯାଉଛି। ସେହିପରି ସପ୍ତାହରେ ସୋମବାର ବ୍ୟତୀତ ସପ୍ତାହକୁ ୫ଦିନ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦେବାକୁ ବ୍ୟବସ୍ଥା ଥିଲେ ବି ଏହା ସବୁବେଳେ ସମ୍ଭବ ହେଉନାହିଁ। ଅପର ପକ୍ଷେ, ସ୍ୱଳ୍ପ ବେତନରେ ଅଙ୍ଗନବାଡି କର୍ମୀ ନିଜ ହାତରୁ ପଇସା ଦେଇ ପିଲାଙ୍କ ପାଇଁ ଅଣ୍ଡା କିଣୁଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ପରିସ୍ଥିତି ରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିବାକୁ ଦାବୀ ହୋଇଛି।

# ବୀମାଭୁକ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ

ଭଦ୍ରକ, (ଭାସ୍କର ନ୍ୟୁଜ୍) : ସାମ୍ପ୍ରତିକ ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ହୋଇଥିଲେ କ୍ଷତିପୂରଣ ପାଇବା ପାଇଁ ୨୮.୧୨.୨୦୨୪ ମଧ୍ୟରେ କିଷାନରକ୍ଷକ ଆପ୍‌ରେ ଆବେଦନ କରିବାକୁ ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି। ଫସଲ ବୀମା ଯୋଜନରେ ପଞ୍ଜିକୃତ ଚାଷୀମାନେ ଏହି ସୁଯୋଗର ସୁବିଧା ପାଇବା ପାଇଁ ଯଥାଶୀଘ୍ର ଆପ୍ ଜରିଆରେ ଆବେଦନ କରିପାରିବେ। ଆବେଦନ କରିବାରେ ଅସୁବିଧାର ସମ୍ମୁଖିନ ହେଲେ ନିକଟସ୍ଥ କୃଷି ଅଧିକାରୀମାନଙ୍କ ସହ ଯୋଗଯୋଗ କରିପାରିବେ। ସୂଚନାଯୋଗ୍ୟ କି ଏହି ଆପ୍ ଜରିଆରେ ପ୍ରାପ୍ତ ଆବେଦନ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କ ସମ୍ବନ୍ଧରେ ବ୍ଲକ୍‌ସ୍ତରୀୟ ମନିଟରିଂ କମିଟି ଦ୍ୱାରା ସର୍ଭେ କରାଯାଇ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦିଗରେ ସରକାରଙ୍କ ଦ୍ୱାରା ପଦକ୍ଷେପ ଗ୍ରହଣ କରାଯିବ।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା

ରଘୁନାଥପୁର, (ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଧରାଧପୁର ପଞ୍ଚାୟତର କୋଟକଣା ଗ୍ରାମର ବୟୋଜ୍ୟେଷ୍ଠ ସମାଜସେବୀ ସ୍ୱର୍ଗତ ବାସୁଦେବ ପୁଷ୍ଟିଙ୍କ ଏକାଦଶାହ ଅବସରରେ ତାଙ୍କ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପୁଷ୍ଟି କୋଟକଣା ଗ୍ରାମରେ ନିଜ ଚେଷ୍ଟାରେ ହଂସୁଆ କୂଳରେ ତ୍ରିନାଥ ମନ୍ଦିର, ଗ୍ରାମରେ ଲକ୍ଷ୍ମୀମଣ୍ଡପ ଏବଂ ମଙ୍ଗଳା ମନ୍ଦିର ସ୍ଥାପନ କରିଥିଲେ। ସେ ଜଣେ ସରଳ ହୃଦୟର ଓ ଦରଦି ମଣିଷ ଥିଲେ।ଏହି ସ୍ମୃତିସଭା ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଓ ତାଙ୍କ ପୁତ୍ର ଶ୍ରୀକାନ୍ତ ପୁଷ୍ଟି, ପୁତୁରା ଅଭିରାମ ପୁଷ୍ଟି, ଅମର ପୁଷ୍ଟି, ଅମୀୟ ପୁଷ୍ଟି, ଝିଅ ସୁଜାତା, ପରିବାର ସଦସ୍ୟ ଏବଂ ବନ୍ଧୁବର୍ଗ ସଦସ୍ୟ ମାନେ ଉପସ୍ଥିତ ରହି ସ୍ୱର୍ଗତ ପୁଷ୍ଟିଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ଜ୍ୟୋତିରଂଜନ ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଶାବରୀ ବିଦ୍ୟାଭବନର ଗୋଲ୍‌ଡେନ୍ ଜୁବୁଲିର ପ୍ରାକ୍ ପ୍ରସ୍ତୁତି

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଏମ୍‌ଭି–୭୯ ସ୍ଥିତ ସାବରୀ ବିଦ୍ୟାଭବନର ସଭାଗୃହଠାରେ ୮୦ ରୁ ୯୦ ମସିହା ବ୍ୟାଚଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ୧୯୭୬ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ଅନୁଷ୍ଠାନ ୨୦୨୫ରେ ୫୦ବର୍ଷ ପୂର୍ତ୍ତି ପାଳନ ସହ ଗୋଲ୍‌ଡେନ୍ ଜୁବଲି ପାଳନ ନେଇ ବନ୍ଧୁମିଳନରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱପନ କୀର୍ତ୍ତନିଆ, ଦୀପକ ଦତ୍ତ, ମୁକୁଲ ମଣ୍ଡଳ, ଚିତ୍ତରଞ୍ଜନ ସିକଦାର, ନିମାଇଁ ପାଲ, ବିଦ୍ୟୁତ୍ ବିଶ୍ୱାସ ପ୍ରମୁଖ ମଞ୍ଚାସୀନ ଥିଲେ। ୨୪, ୨୫ ତାରିଖରେ କାର୍ଯ୍ୟକ୍ରମ ପାଳନ କରାଯିବା ସହ ୮୦–୯୦ ବ୍ୟାଚ୍‌ର ସମସ୍ତ ଛାତ୍ରୀଛାତ୍ର ଏକାଠିହେବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହିପରି ୮୦–୯୦ ବ୍ୟାଚ୍‌ରେ ଶିକ୍ଷକତା କରିଥିବା ଶିକ୍ଷକ ସୁଭାଷ ପଣ୍ଡା, ଯୁଧିଷ୍ଠିର ସାହୁ, ଦୀନବନ୍ଧୁ ସର୍ଦ୍ଦାର, ଏ.ବି. ମୁଖାର୍ଜୀ, ବି.କେ. ପାତ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯିବା ସହ ୬ ଜଣ ସ୍ୱର୍ଗତ ଶିକ୍ଷକଙ୍କ ପରିବାରବର୍ଗଙ୍କୁ ମଧ୍ୟ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଅନୁଷ୍ଠାନର ଛାତ୍ର ତଥା କୋରାପୁଟ ଜିଲାରେ ବନ ବିଭାଗରେ କାର୍ଯ୍ୟରତ ଥିବା ରେଞ୍ଜର ବିଦ୍ୟୁତ୍ ବିଶ୍ୱାସଙ୍କ ଦ୍ୱାରା ଲିଖିତ 'ବନ ମଲ୍ଲିକା' ଓ ଏହି ଅନୁଷ୍ଠାନର ଛାତ୍ର ତଥା ବିଦ୍ୟାଳୟର ସହକାରୀ ଶିକ୍ଷକ ହିମାଂଶୁ ମଣ୍ଡଳଙ୍କ ଲିଖିତ 'ମୋ ମାଲକାନଗିରି' ପୁସ୍ତକ ଉନ୍ମୋଚନ କରାଯାଇ ଥିଲା। ପ୍ରଶାନ୍ତ ସର୍ଦ୍ଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆର୍ଥିକ ଅଭାବରେ ଥିବା ଛାତ୍ରୀଛାତ୍ର କିଭଳି ଭଲ ପାଠ ପଢ଼ି ମେଧାବୀ ହୋଇପାରିବେ ସେ ନେଇ ଅନୁଷ୍ଠାନ ପକ୍ଷରୁ ଏକ ଛାତ୍ରବୃତ୍ତି ଆରମ୍ଭ କରିବା ନେଇ ଆଲୋଚନା କରାଯାଇ ଥିଲା।

ଓଡ଼ିଶା ଭାସ୍କର ODISHA BHASKAR
ରାଜ୍ୟ ଖବର
ପୃଷ୍ଠା-ଗ Page-C ଭୁବନେଶ୍ୱର Bhubaneswar ୨୯.୧୨.୨୦୨୪ 29.12.2024



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ଥାନା ଅଧୀନ ଏକ ଗ୍ରାମରେ ପିଇସୀ ଓ ନାବାଳିକା ଝିଆରିଙ୍କୁ ଦୁଷ୍କର୍ମ କରି ଦୁଇଭାଇ ଗିରଫ ହେବା ଭଳି ଲଜ୍ୟାଜନକ ଘଟଣା ଦେଖିବାକୁ ମିଳିଛି । ପୀଡ଼ିତା ପିଇସି ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ ଖମୋଳ ଗ୍ରାମର ଚନ୍ଦନ ସେଠୀଙ୍କ ପୁଅ ସୁଜିତ (୨୫) ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଦୀର୍ଘ ୮ ମାସ ହେଲା ଶାରିରୀକ ସମ୍ପର୍କ ରଖି ଆସୁଥିଲେ । ତାଙ୍କୁ ବିବାହ ପାଇଁ କହିବାରୁ ସେ ସମୟ ଗଡ଼ାଇ ଗଡ଼ାଇ ଏବେ ସିଧା ସିଧା ବିବାହ କରିବେ ନାହିଁ ବୋଲି ମନା କରିଦେଇଥିଲେ । ଗତ ୨୨ ତାରିଖ ସନ୍ଧ୍ୟା ସମୟରେ ମୋର ୧୩ ବର୍ଷିୟା ନାବାଳିକା ଝିଆରି ବାଡ଼ିରେ ପରିସ୍ରା କରୁଥିବା ସମୟରେ ସୁଜିତଙ୍କ ସାନଭାଇ ରାଜକିଶୋର ତାଙ୍କୁ ଜୋର ଜବରଦସ୍ତ ଟେକିନେଇ ଦୁଷ୍କର୍ମ କରିଥିଲା ଏବଂ ଏକଥା ପଦାରେ କହିଲେ ତାକୁ ଜୀବନରୁ ମାରିଦେବ ବୋଲି ଧମକ ଦେଇଥିଲା । ଏହି ଉଭୟ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଡେରାବିଶ ଥାନାର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ପାଇବା ପରେ ଡେରାବିଶ ଥାନା ଅଧିକାରୀ କିଶୋର ତରେଇ ୧୭୯/୨୪ରେ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ଦୁଇଭାଇଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଏଥିସହିତ ଉଭୟ ପିଡ଼ିତାଙ୍କ ଡାକ୍ତରୀମାଇନା କରାଇଥିବା ବେଳେ ଘଟଣାରେ ଅଧିକ ଅନୁସନ୍ଧାନ ଜାରି ରଖିଛନ୍ତି ।

### ଉପକୂଳ ସୁରକ୍ଷା ପାଇଁ ସରକାରୀସ୍ତରରେ ତତ୍ପରତା

# ହାୱାଖାନା-ଶିଆଳି ସ୍ଥିତି ବୁଲି ଦେଖିଲେ ଜିଲ୍ଲାପାଳ



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମାର ଶିଆଳି ବେଳାଭୂମି, ହାୱାଖାନା ଓ ଉପକୂଳ ସୁରକ୍ଷା ପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି । ଯେଉଁ ପ୍ରସଙ୍ଗ ଗତ ବିଧାନସଭା ଅଧିବେଶନରେ ମାନ୍ୟବର ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା ଉତ୍ଥାପନ କରିଥିଲେ । ତେବେ ପ୍ରଥମ ପର୍ଯ୍ୟାୟରେ ପଦକ୍ଷେପ ସ୍ୱରୂପ ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ ବାଲିକୁଦାର ବନ୍ଦରେଇ ଓ ଏରସମା ବ୍ଲକର ଗଡହରିଶପୁର ମୁହାଣସ୍ଥଳୀ ଏବଂ ହାୱାଖାନାର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଜିଲ୍ଲାପାଳ ଶିଆଳି ବେଳାଭୂମିରେ ପହଞ୍ଚି ସମୁଦ୍ର କିପରି ସ୍ଥଳଭାଗ ଲଘୁଥିବା ଅନୁଧ୍ୟାନ କରିଥିଲେ । ଏଥିସହିତ ଆମ୍ବିକିର କାଙ୍କଣ ପ୍ରଭୃତି ଅଞ୍ଚଳ ଗସ୍ତ କରିଛନ୍ତି । ବାଲିକୁଦା ଏରସମାର ୪୪କିମି ବ୍ୟାପିଥିବା ସାମୁଦ୍ରିକ ଉପକୂଳର ସ୍ଥାୟୀ ସୁରକ୍ଷା ଦିଗରେ ସ୍ଥାନୀୟ ଜନପ୍ରତିନିଧି ଓ ଲୋକମାନଙ୍କ ଠାରୁ ମତାମତ ଲୋଡିଥିଲେ । ବାଲିକୁଦା ଏରସମାର ବନ୍ଦରେଇ, ହାୱାଖାନା, ଶିଆଳି ଓ ଆମ୍ବିକିର ପଠାଣଡିଆ ମହାବୀର ସ୍ଥଳୀକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅର୍ଥ ବରାଦ କରାଯାଇ ଏହାର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ଗମନାଗମନର ଉନ୍ନତି କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ଜିଲ୍ଲାପାଳଙ୍କ ଗସ୍ତ ପରେ ରାଜ୍ୟ ପର୍ଯ୍ୟଟନ ବିଭାଗର ଉଚ୍ଚ ପଦାଧିକାରୀ ଉକ୍ତ ସ୍ଥାନଗୁଡିକୁ ଆସି ସ୍ଥିତି ଅନୁଧାନ କରିବେ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଜିଲ୍ଲାପାଳଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ବାଲିକୁଦା ଏରସମା ବିଜେପି ନେତା ସତ୍ୟ ସାରଥି ମହାନ୍ତି, ଏରସମା ବିଡ଼ିଓ ଦାଶରଥି ଜେନା, ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ, ଏରସମା ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ରାଣୀ ଟୁଡୁ, ଏରସମା ସହକାରୀ ଯନ୍ତ୍ରୀ ସରୋଜ କୁମାର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ସୁବାସ ପୁଷ୍ଟି ଓ ଅନ୍ୟ ଲାଇନ ଡିପାର୍ଟମେଣ୍ଟର ପଦାଧିକାରୀମାନେ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଜିଲ୍ଲାପାଳ ଶ୍ରୀ ସୋନାଲ ଏରସମା ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିବା ଜଣାପଡିଛି ।

### କମିଲା ବର୍ଷା, ବଢୁଛି ଦୁର୍ଦ୍ଦଶା

# ପାଣିରେ ବୁଡ଼ିରହି ଧାନ ଗଜା

ଡେରାବିଶ (ଭାସ୍କର ନ୍ୟୁଜ୍) : ଗତ ୫ଦିନ ଧରି ହୋଇଥିବା ଲଘୁଚାପ ଜନିତ ବର୍ଷା ଯୋଗୁ ଡେରାବିଶ ବ୍ଲକ ଅଞ୍ଚଳରେ ବ୍ୟାପକ ଭାବେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି । ବହୁ ଜମିରେ କଟାହୋଇ ପଡ଼ିରହିଥିବା ଧାନଗଛ ବର୍ଷା ପାଣିରେ ବୁଡ଼ି ରହିଥିଲା । ଏବେ ଦୁଇଦିନ ହେବ ବର୍ଷା ଛାଡ଼ି ଯାଇଥିଲା ବେଳେ ଏବେ ପାଣିରେ ବୁଡ଼ିରହିଥିବା ଧାନଗୁଡ଼ିକ ଧିରେ ଧିରେ ଗଜା ବାହାରୁଥିବା ଦେଖିବାକୁ ମିଳିଛି । ବିଶେଷ କରି ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ବିଭିନ୍ନ ଗହିର ଜମିମାନଙ୍କରେ ଚାଷୀମାନେ ବିଲରେ କାଟି ପକାଇଥିବା ଧାନଗୁଡ଼ିକ ଗଜା ହେଉଥିବା ଦେଖିବାକୁ ମିଳିଛି । ନରସିଂହପୁର ପଞ୍ଚାୟତର ସରପଞ୍ଚ ତଥା ଚାଷୀ ସୁଧିର ଖଟୁଆ କୁହନ୍ତି ଆମ ଅଞ୍ଚଳର ଚାଷୀମାନେ ଚଳିତ ବର୍ଷ ସେମାନଙ୍କ ଖଳାକୁ ଧାନ ନେଇପାରିବେ ନାହିଁ । ଗତ ଦୁଇଦିନ ହେବ ବର୍ଷା ଛାଡ଼ିଯାଇଥିଲେ ମଧ ଧାନ କ୍ଷେତରେ ଏବେ ମଧ ପାଣି ଜମି ରହିଛି । ଚାଷୀମାନେ କେତେକ ସ୍ଥାନରେ ପାଣିରୁ କଟା ହୋଇଥିବା ଧାନଗଛକୁ ଛାଣି ଉଚ୍ଚସ୍ଥାନରେ ଶୁଖାଇବାକୁ ରଖୁଥିଲେ ମଧ ଧାନରୁ ଗଜା ବାହାରୁଛି । ଯାହାକି ଏହି ଧାନ ଆଉ ଅମଳ ହୋଇପାରିବ ନାହିଁ । ତେଣୁ ସରକାରଙ୍କ ପକ୍ଷରୁ ତୁରନ୍ତ ଚାଷୀମାନଙ୍କ କ୍ଷୟକ୍ଷତି ଭରଣା ନିମନ୍ତେ ଉଦ୍ୟମ କରନ୍ତୁ । ଏଥିସହିତ ଯେଉଁ ଚାଷୀମାନେ ଋଣ କରି ଧାନ ଚାଷ କରିଥିଲେ ସେମାନଙ୍କର ଋଣ ଛାଡ଼ କରାଯାଉ । ସେହିପରି ଏଣ୍ଡର ପଂଚାୟତର ବିଭିନ୍ନ ଗହୀରରେ ମଧ ସମାନ ଅବସ୍ଥା ଉପୁଜିଥିବା ଚାଷୀ ଗଗନ ଧଳ ପ୍ରକାଶ କରିଛନ୍ତି । ତୁରନ୍ତ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଅରଣ ଛାଡଳର ଚାଷୀମାନେ ଦାବି କରିଛନ୍ତି ।





ଋଣ ଛାଡ ପାଇଁ ଦାବି

# ନିମିଢ଼ି ବିଗ୍ରେଡ୍ ସୈନିକ ସ୍କୁଲରେ ବିଜ୍ଞାନ ମେଳା

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପଗଡ ଗ୍ରାମ ପଞ୍ଚାୟତ, ନୀମୀଢି ସ୍ଥିତ ବିଗ୍ରେଡ୍ ସୈନିକ ସ୍କୁଲରେ ବିଜ୍ଞାନ ମେଳା ଓ ମୀନା ବଜାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଜ୍ଞାନ ମେଳା ଓ ମୀନା ବଜାରକୁ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ ଉଦ୍‌ଘାଟନ କରିବା ସହିତ ବିଜ୍ଞାନ ମେଳା ଓ ମୀନା ବଜାରକୁ ବୁଲି ଦେଖିଥିଲେ । ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ଗ୍ଲୋବାଲ ୱାର୍ମିଂ, ଔଷଧୀୟ ବୃକ୍ଷର ଉପକାରିତା, ରାସାୟନିକ ଗ୍ୟାସର ଉପକାରିତା ଓ ଅପକାରିତା, ବାୟୁ ପ୍ରଦୂଷଣ, ବିଜୁଳି ସଂରକ୍ଷଣ ଆଦି ଉପରେ ଆଧାରିତ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀ ମାନେ କିପରି କ୍ରୟ ବିକ୍ରୟ କରିପାରିବେ ତାହା ମୀନା ବଜାର ପ୍ରଦର୍ଶନ କରିଥିଲେ । ଏଥିରେ ୩୫ଜଣ ଛାତ୍ରଛାତ୍ରୀ ସେମାନେ ତିଆରି କରିଥିବା ଅତି ଉଚ୍ଚମାନର ପ୍ରକଳ୍ପକୁ ମେଳାରେ ପ୍ରଦର୍ଶନ କରିଥିଲେ । ଉକ୍ତ ବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଜ୍ଞାନ ମେଳା ଓ ମୀନା ବଜାରକୁ ଉପଭୋଗ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ସାହୁ, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ରଥ, ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା କର, ଶିକ୍ଷୟିତ୍ରୀ ବେବିନା ସ୍ୱାଇଁ, ସସ୍ମିତା ମହାପାତ୍ର, ଝିଲିପ୍ରଭା ମହାପାତ୍ର, ମନୋଜ ଦାସ ଓ ଭବାନୀ କାନ୍ତ ନନ୍ଦ ପ୍ରମୁଖ ଅଂଶଗ୍ରହଣ କରି ଉକ୍ତ ବିଜ୍ଞାନ ମେଳା ଓ ମୀନା ବଜାରକୁ ସଂଯୋଜନା କରିଥିଲେ ।



### ବୋଲଗଡ଼ ମହୋତ୍ସବ 'ଆଶା-୨୦୨୪'ର ୨ୟ ସନ୍ଧ୍ୟା

# ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର

ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ଼ ଅଞ୍ଚଳବାସୀଙ୍କ ସାଂସ୍କୃତିକ ମୂଲ୍ୟବୋଧ, ଭାବଗତ ଐକ୍ୟ ଓ କଳାତ୍ମକ ଅଭିବ୍ୟକ୍ତିର ପରିପ୍ରକାଶ ପାଇଁ ଗୁରୁତ୍ୱ ବହନ କରୁଥିବା ବୋଲଗଡ଼ ମହୋତ୍ସବ ଆଶା - ୨୦୨୪ର ଶୁକ୍ରବାର ଦ୍ୱିତୀୟ ସଧାରେ ଲୋକାରଣ୍ୟ ହୋଇଥିଲା ସ୍ଥାନୀୟ ମିନି ଷ୍ଟାଡିୟମ୍ ସମ୍ମୁଖ ପ୍ରାଙ୍ଗଣ । ପରିବାର ସହ ମହୋତ୍ସବ ବୁଲିବାକୁ ଆସି ପିଚୁକୁଳି ଗ୍ରାମର ମା' ମହିଷାମର୍ଦ୍ଦିନୀ ଭାଗବତ ମଣ୍ଡଳୀ ଦ୍ୱାରା ଭାଗବତ ମେଳା, କାଳୀଚରଣ ବେହେରା ଓ ସାଥିଙ୍କ ଦ୍ୱାରା ସଙ୍କୀର୍ତ୍ତନ, କୃଷ୍ଣଚନ୍ଦ୍ର ମହାପାତ୍ର ଓ ସାଥିଙ୍କ ଦ୍ୱାରା ମଙ୍ଗଳା ନୃତ୍ୟ, ସଞ୍ଜୀୟ କୁମାର ଓ ସାଥିଙ୍କ ଦ୍ୱାରା ରାମ ବନ୍ଦନା ଓ ପରମାନନ୍ଦ କଲେଜ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ଡ୍ୟାନ୍ସ ଡ୍ୟାନ୍ସ ସାଥିକୁ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ପ୍ରଦତ୍ତ ପୁରୀର ଶିଳ୍ପୀ ଏଣ୍ଟରଟେନମେଣ୍ଟ ଦ୍ୱାରା ସମ୍ବଲପୁରୀ, ବଲାଙ୍ଗୀରର ମହନି ଫୋକ ଏକାଡେମି ଦ୍ୱାରା ସମ୍ବଲପୁରୀ, ଦାସ୍ ନୃତ୍ୟାଳୟ ଦ୍ୱାରା ଗୀତିନାଟ୍ୟ, ଆସାମ ଗୌହାଟୀର ବିହୁ ଲୋକନୃତ୍ୟ ଓ ନିରକରପୁରର ଶ୍ରୀ ଏକାଡେମି ଦ୍ୱାରା ନୃତ୍ୟଗୀତ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ । ଏହା ମଧରେ ସଂସ୍କୃତି ଓ ପରମ୍ପରାକୁ ଯୁବପିଢି ମାନଙ୍କୁ ଅବଗତ କରାଇବା ସହ ଲୁକ୍କାୟିତ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଆଣିବା ନିମନ୍ତେ ଆୟୋଜିତ ସାଧାରଣ ସଭାରେ ଅଧକ୍ଷତା କରିଥିଲେ ମହୋତ୍ସବ କମିଟି ସଭାପତି ସ୍ଥାନୀୟ ବିଧାୟକ ପ୍ରଦୀପକୁମାର ସାହୁ । ସମ୍ମାନୀତ ଅତିଥି ଭାବେ କମିଟି ଉପଦେଷ୍ଟା ରବୀନ୍ଦ୍ର କୁମାର ପରିଡ଼ା ଓ ଲଲାଟେନ୍ଦୁ କେଶରୀ ସିଂ, ସାମାଜିକକର୍ମୀ ଧିରେସ ଚନ୍ଦ୍ର ମହାପାତ୍ର ଓ ରମେଶ ଚନ୍ଦ୍ର ପଟ୍ଟନାୟକ, ସରପଞ୍ଚ ଜଳଧର ମହାନ୍ତି ଓ ବିଜୟ କୁମାର ସେଠୀ, ସାମାଜିକକର୍ମୀ ତ୍ରିନାଥ ସ୍ୱାଇଁ ଓ ଶରତକୁମାର ଦଳାଇ ପ୍ରମୁଖ ଯୋଗ ଦେଇଥିଲେ । ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀମାନେ ଅବହାନି ସଙ୍ଗୀତ ପରିବେଷଣ କରିଥିଲେ । ସମ୍ପାଦକ ନାରାୟଣ ମାର୍ଥା ସ୍ୱାଗତ ଅଭିଭାଷଣ ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଗଦାଧର ଚଂପତି ମାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ ।

# ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୮୧ ବ୍ୟାଚ୍‌ର ପାରିବାରିକ ବନ୍ଧୁମିଳନ

ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୮୧ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ଡିସେମ୍ବର ୨୫ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବ୍ୟାଚର ବନ୍ଧୁ ବାନ୍ଧବୀମାନେ ପ୍ରତିବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ନିରନ୍ତର ଭାବେ ସଫଳତାର ସହ ଆୟୋଜନ କରି ଆସୁଛନ୍ତି । ଚଳିତ ବର୍ଷ ବନ୍ଧୁମାନେ ପ୍ରତିକୂଳ ପାଗ ସତ୍ତ୍ୱେ ପାରାଦୀପ ଠାରେ ସ୍କୁଲ ପରିସରରେ ଏକତ୍ରିତ ହୋଇ ସ୍କୁଲ ଜୀବନର ସ୍ମୃତିକୁ ରୋମନ୍ଥନ କରିଥିଲେ । ପ୍ରାୟତଃ ୬୦ଟି ବସନ୍ତକୁ ପାର କରିଥିବା ବନ୍ଧୁ ଓ ବାନ୍ଧବୀ ମାନେ ନିଜ ପରିବାର ସହିତ କେବଳ ପାରାଦୀପରେ ଆୟୋଜିତ ବନ୍ଧୁ ମିଳନକୁ ଉପଭୋଗ କରିବାକୁ ଆସିନଥିଲେ ବରଂ ସେମାନଙ୍କର ଏହି ମିଳନ ସେମାନଙ୍କ ପିଲାମାନଙ୍କୁ ଏକ ନିବିଡ ସମ୍ପର୍କର ଶିକ୍ଷା ଦେଇଥିଲା । ଏହା ଭିତରେ କିଛି ବନ୍ଧୁ ବାନ୍ଧବୀ ନାତି ନାତୁଣୀ ଦେଖି ସାରିଥିଲେ ମଧ ବନ୍ଧୁ ମିଳନରେ ସେମାନଙ୍କ ମଧରେ ଯୁବ ସୁଲଭତା ବାରି ହୋଇ ପଡୁଥିଲା । ଏହି ବନ୍ଧୁ ମିଳନରେ ଗୁରୁକୁଳର ପରମ୍ପରାକୁ ଭୁଲି ନଯାଇ ପୁରତନ ଗୁରୁ ରବି ସ୍ୱାଇଁ, ଗୌରାଙ୍ଗ ଦାସ, ବିପିନ ତ୍ରିପାଠୀ, ବର୍ତ୍ତମାନର ପ୍ରଧାନଶିକ୍ଷକ ପ୍ରଦୀପ୍ତ ଦାସ ଓ ଶଙ୍କର ଚରଣ ଖୁଣ୍ଟିଆଙ୍କୁ ଏହି ଅବସରରେ ନିଜ ମଧରେ ସାମିଲ କରିଥିଲେ ଓ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ଆଶୀର୍ବାଦ ଭିକ୍ଷା କରିଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ବନ୍ଧୁ ମିଳନରେ ରହି ସନ୍ଧ୍ୟା ବେଳକୁ ଫେରିବା ପୂର୍ବରୁ ବନ୍ଧୁ ବାନ୍ଧବୀମାନେ ପରସ୍ପରକୁ ଆଗାମୀ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଆସନ୍ତା ବର୍ଷ ସମ୍ଭାବନାର ବର୍ଷ ହେଉ ବୋଲି ଆଶା କରିଥିଲେ ଓ ଆସନ୍ତା ବର୍ଷ ପୁଣି ଥରେ ଏକାଠି ହେବାର ପ୍ରତିଶ୍ରୁତି ଦେଇ ଲୋତକ ଭରା ଆଖିରେ ପରସ୍ପରକୁ ବିଦାୟ ଦେଇଥିଲେ । ପାରାଦୀପଠାରେ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ନିରୋଜ ପଟ୍ଟନାୟକ, ରାମ ଚନ୍ଦ୍ର ସ୍ୱାଇଁ, ଲଳିତ ସ୍ୱାଇଁ, ବିଜୟ ମଲ୍ଲିକ, ପ୍ରଦୀପ ମିତ୍ର, ନିରାକାର ନାଥ, ବଦ୍ରି ମହାପାତ୍ର, ସନ୍ତୋଷ ମିଶ୍ର, ଜୟଦେବ ମିର୍ଦ୍ଧା ପ୍ରମୁଖ ବନ୍ଧୁମାନେ ଆୟୋଜନ କରିଥିଲେ ।



# ଏବେ ବଜାରରେ ଅଲୋଡ଼ା 'ଶୁଭେଚ୍ଛା କାର୍ଡ'

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଡିସେମ୍ବର ମାସ ବର୍ଷର ଶେଷ ମାସ । ଏହି ମାସ ଶେଷ ତାରିଖ ଡିସେମ୍ବର ୩୧ ତାରିଖ ପରେ ବଦଳି ଯାଇଥାଏ ପୁରୁଣା ବର୍ଷ, ପାଦ ଥାପିଥାଏ ନୂତନ ବର୍ଷ । ପୁରୁଣା ବର୍ଷ ଅପସରି ଯାଇଥିବା ବେଳେ, ନୂତନ ବର୍ଷକୁ ସ୍ୱାଗତ କରିଥାନ୍ତି ସମଗ୍ର ବିଶ୍ୱବାସୀ । ନୂଆବର୍ଷ ଆସିବା ସପ୍ତାହ ଅବା ଦୁଇ ସପ୍ତାହ ପୂର୍ବରୁ ନିଜର ବନ୍ଧୁ ପରିଜନ, ସହକର୍ମୀ ତଥା ସମ୍ପର୍କୀୟ ମାନଙ୍କୁ ଶୁଭେଚ୍ଛା କାର୍ଡ (ଗ୍ରୀଟିଙ୍ଗିସ)ମାଧମରେ ସକାରାତ୍ମକ ବାର୍ତ୍ତା ପଠାଯାଇଥାଏ । ନବେ ଦଶକରେ ଶୁଭେଚ୍ଛା କାର୍ଡ ନୂଆବର୍ଷ ଆଗମନରେ ପ୍ରାକ ସୂଚନା ପ୍ରଦାନ କରୁଥିଲା । ମାତ୍ର ଏବେ ସମୟ ବଦଳିଛି ସମୟ । ହାପି ନ୍ୟୁ ଇୟରର ଶୁଭେଚ୍ଛା କାର୍ଡ ବଜାରରେ ଦେଖିବାକୁ ପ୍ରାୟତଃ ମିଳୁନାହିଁ । ଶୁଭେଚ୍ଛା କାର୍ଡ ଅଲୋଡ଼ା ହୋଇ ପଡ଼ିଥିବା ବେଳେ, ସୋସିଆଲ ମିଡ଼ିଆ ମାଧମରେ ଛାଇଛି ଶୁଭେଚ୍ଛା ବାର୍ତ୍ତା । ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଶୁଭେଚ୍ଛା କାର୍ଡ (ଗ୍ରୀଟିଙ୍ଗିସ) କାଁଭାଁ କେଉଁଠି ମିଳୁଛି, ତାହା ପୁଣି ଚଢା ଦାମ୍‌ରେ । ପୂର୍ବରୁ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ସମେତ ଅସ୍ତରଙ୍ଗ ବଜାରରେ ଥିବା ପ୍ରମୁଖ ଛକ ଓ ବଜାରରେ ସ୍ୱତନ୍ତ୍ର ଭାବେ ଷ୍ଟଲ ପକାଇ ଶୁଭେଚ୍ଛା କାର୍ଡ ଦୋକାନ ପସରା ମେଲାଉ ଥିଲେ ଅନେକ ଦୋକାନୀ । ଜଟଣୀ, କୋଲକତା ଆଦିରୁ ବିଭିନ୍ନ କିସମର ନାମୀଦାମୀ କାର୍ଡ ବିକ୍ରି ଉଦ୍ଦେଶ୍ୟରେ ଆଣୁଥିଲେ । ୫୦ପଇସାରୁ ଆରମ୍ଭ କରି ୫୦୦ଟଙ୍କା ମୂଲ୍ୟର ଶୁଭେଚ୍ଛା କାର୍ଡକୁ ଆଦରି ନେଉଥିଲେ ଗ୍ରାହକ । ଯାହାକି ଆଜି ସାତ ସପନ ହୋଇଯାଇଛି । ଦୀର୍ଘ ବର୍ଷ ଧରି ଅସ୍ତରଙ୍ଗ ବଜାର ବିଭିନ୍ନ ପ୍ରାନ୍ତରେ ଶୋଭା ପାଉଥିଲା ନୂତନବର୍ଷର ଶୁଭେଚ୍ଛା କାର୍ଡର ମାଳମାଳ ଷ୍ଟଲ । ଶୁଭେଚ୍ଛା କାର୍ଡ ଷ୍ଟଲ ପକାଇ ବେପାର କରି ଆସୁଥିବା ଅସ୍ତରଙ୍ଗ ଅଞ୍ଚଳ ବ୍ୟବସାୟୀ ସାହାଜି ସାହୁ କହିବା ଅନୁଯାଇ ଆଜକୁ ୫ରୁ ୧୦ବର୍ଷ ତଳେ ଶୁଭେଚ୍ଛା କାର୍ଡର ଚାହିଦା ସର୍ବାଗ୍ରେ ରହୁଥିଲା । ବିଭିନ୍ନ କିସମର କାର୍ଡ ବିକି ବେଶ୍ ଦୁଇପଇସା ରୋଜଗାର କରି ହେଉଥିଲା, ମାତ୍ର ଏବେ ମୋବାଇଲ ଓ ଇଣ୍ଟର ନେଟ୍‌ର ଯୁଗ । ଶୁଭେଚ୍ଛା ବାର୍ତ୍ତାର ମାଧମ ସାଜିଛି ସାମାଜିକ ଗଣମାଧମ । ଏଣୁ ଆଉ ଶୁଭେଚ୍ଛା କାର୍ଡ ବଜାରରୁ କିଣିବାକୁ କେହି ପସନ୍ଦ କରୁନାହାନ୍ତି । ନୂଆବର୍ଷ କ୍ୟାଲେଣ୍ଡର ବିଭିନ୍ନ କମ୍ପାନୀର ଓଡ଼ିଆ ପଞ୍ଜିକା, ଡାୟରୀ ଆଦିବଜାରରେ ଚାହିଦା ରହୁଛି ବୋଲି ସେ ପ୍ରକାଶ କରିଥିଲେ । ସେହିପରି ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ଲଭଲି ମହାରଣା କହିବା ଅନୁଯାୟୀ ଡିଜିଟାଲ ସେବାର ବହୁଳ ପ୍ରଚାର ପ୍ରସାର ଫଳରେ ସାମାଜିକ ଗଣମାଧମ ହାତ ଧରି ଭିଡିଓ କ୍ଲିପ, ଇମେଜ, ହ୍ୱାଟ୍ସ ଅପ, ଫେସବୁକ ମେସେଜ ଦ୍ୱାରା ନୂଆବର୍ଷ ବାର୍ତ୍ତା ପ୍ରେରଣ କରାଯାଉଛି । ଯାହାଦ୍ୱାରା ଅଳ୍ପ ଖର୍ଚ୍ଚ ଓ କମ୍ ସମୟ ମଧରେ ବ୍ୟକ୍ତି ଜଣକ ନିଜର ପ୍ରିୟ ପରିଜନକୁ ଶୁଭେଚ୍ଛା ବାର୍ତ୍ତା ଅନାୟସରେ ପ୍ରେରଣ କରି ପାରୁଛି ବୋଲି କହିଛନ୍ତି । ଶୁଭେଚ୍ଛା କାର୍ଡ ଉପରେ ଓଡ଼ିଆ ଅବା ଇଂରାଜୀରେ ବିଭିନ୍ନ ପ୍ରକାର ସାଧୁ ଓ ମହତବାଣୀ ଉଲ୍ଲେଖ ରହୁଥିଲା, ଯାହାକି ପ୍ରତ୍ୟେକଙ୍କ ମନ ଓ ହୃଦୟକୁ ଛୁଇଁ ପାରୁଥିଲା । ମାତ୍ର ଏବେ ତାହା ଏକ ଦିବାସ୍ୱପ୍ନ ହୋଇ ରହିଯାଇଛି । ନୂଆବର୍ଷ ଆସିବାକୁ ଦିନ କେଇଟା ବାକି ରହିଥିବା ବେଳେ, ଶୁଭେଚ୍ଛା କାର୍ଡର ଚାହିଦା ଯଦିଓ କମିଛି, ହେଲେ ଏହାର ତରିକା ବଦଳି ଯାଇ ମୋବାଇଲ ଅବା ଇଣ୍ଟରନେଟ ମାଧମରେ ନିଜ ପ୍ରିୟଜନମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିବା ପ୍ରାୟତଃ ଆରମ୍ଭ କରି ଦେଲେଣି ।



# ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ପଦକ୍ଷେପ ନେଉଛି ବ୍ରହ୍ମପୁର

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ସବୁଜ ଶକ୍ତି ବ୍ୟବହାର କରି ପରିବେଶ ଅନୁକୂଳ ବାତାବରଣ ସୃଷ୍ଟି କ୍ଷେତ୍ରରେ ପଦକ୍ଷେପ ନେଇଛନ୍ତି ବ୍ରହ୍ମପୁର ସହର ବାସିନ୍ଦା ଚିନ୍ମୟୀ ପଣ୍ଡା । ପିଏମ୍-ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାରେ ସାମିଲ ହୋଇ ନିଜ ଘରେ ୩ କିଲୋୱାଟର ସୌର ପ୍ୟାନେଲ୍ ସ୍ଥାପନ କରିଛନ୍ତି । ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍)ର ସହଯୋଗରେ ସେ ଏହି ଯୋଜନା ସହ ଯୋଡ଼ି ହୋଇଛନ୍ତି । ସୌରଶକ୍ତି ବ୍ୟବହାର ନେଇ ଶ୍ରୀମତୀ ପଣ୍ଡାଙ୍କର ଉତ୍ସାହ ବଢ଼ିବା ହେତୁ, ସେ ଟିପିଏସ୍‌ଓଡିଏଲର ବ୍ରହ୍ମପୁରସ୍ଥିତ ଉପଭୋକ୍ତା ସମ୍ପର୍କ କେନ୍ଦ୍ରରେ ପହଞ୍ଚି ଏସମ୍ପର୍କରେ ବୁଝିଥିଲେ । ସବୁଜ ଶକ୍ତିକୁ ପ୍ରୋତ୍ସାହନ ଓ ବ୍ୟୟସାପେକ୍ଷ ବିଜୁଳି ସେବା ବ୍ୟବସ୍ଥା ଦ୍ୱାରା ଅନୁପ୍ରାଣିତ ହୋଇ ସେ ପିଏମ୍-ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିଲେ । ଶ୍ରୀମତୀ ପଣ୍ଡା କହିଛନ୍ତି ଯେ, " ବିକ୍ରେତା ସଂସ୍ଥା ଚୟନ ଠାରୁ ଆରମ୍ଭ କରି ସୌର ପ୍ଲାଣ୍ଟ ସ୍ଥାପନା ହେବା ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ସବୁପ୍ରକାର ସହଯୋଗ ଯୋଗାଇ ଦିଆଯାଇଛି । କମ୍ପାନୀର କର୍ମଚାରୀମାନେ ସଠିକ ମାର୍ଗଦର୍ଶନ କରିଥିବାରୁ ସେମାନଙ୍କୁ ଧନ୍ୟବାଦ । ସୌର ଶକ୍ତିର ବ୍ୟବହାରକୁ ଜୀବନରେ ସାମିଲ କରି ମୁଁ ନିଜର ବିଜୁଳି ବିଲ୍ ହ୍ରାସ କରିବା ସହ ସବୁଜ ପୃଥିବୀ ଗଠନ ଦିଗରେ ମଧ ଭାଗିଦାରୀ ହୋଇପାରିବି । ଏହା ମୋ ପାଇଁ ଗର୍ବର କଥା ।" ଅନ୍ୟପକ୍ଷରେ ଏହି ସୌର ପ୍ଲାଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ, କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଯୋଗ ଦେଇଥିଲେ । ଏହି ଅବସରରେ ପିଏମ୍- ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାର ଉପାଦେୟତା ଓ କାର୍ଯ୍ୟକାରିତା ସମ୍ପର୍କରେ ବର୍ଣ୍ଣନା କରି ସେ କହିଥିଲେ ଯେ, " ସହଜରେ ଓ ସୁଲଭରେ ଅକ୍ଷୟ ଶକ୍ତିର ବ୍ୟବହାର ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଦ୍ୱାରା ହିଁ ସମ୍ଭବପର । ସୌରଶକ୍ତିକୁ ବ୍ୟବହାର କରି ଆମେ ସମସ୍ତ ପାରମ୍ପରିକ ଶକ୍ତି ଉତ୍ସ ଉପରେ ଥିବା ନିର୍ଭରଶୀଳତାକୁ ହ୍ରାସ କରିପାରିବା । ସେହିପରି ଏହି ଯୋଜନା ଅଧିନରେ ସରକାରୀ ସବସିଡି ମିଳିବା ସହ ବିଜୁଳି ବିଲ୍ ହ୍ରାସ ହୋଇଥାଏ । ମୋର ଅନୁରୋଧ, ସମସ୍ତେ ଏହି ଯୋଜନାରେ ସାମିଲ ହୋଇ ଏକ ସ୍ୱଚ୍ଛ ଓ ସବୁଜ ଓଡ଼ିଶା ଗଠନରେ ଆମକୁ ସହଯୋଗ କରନ୍ତୁ । ଏଭଳି କରି ଉପଭୋକ୍ତା ସଂପ୍ରଦାୟଙ୍କୁ ସଶକ୍ତ କରିବା ଟିପିଏସ୍‌ଓଡିଏଲର ଲକ୍ଷ୍ୟ ଅଟେ ।" ସମଗ୍ର ଦକ୍ଷିଣ ଓଡ଼ିଶାରେ ସୌର ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଦିଗରେ ଶ୍ରୀମତୀ ପଣ୍ଡାଙ୍କର ଏହି ଉଦ୍ୟମ ଏକ ଛୋଟ ପଦକ୍ଷେପ ହୋଇପାରେ; ମାତ୍ର ଏହା ନିହାତି ପକ୍ଷେ ପ୍ରଭାବଶାଳୀ । ପିଏମ୍-ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାର ପ୍ରଚାର ପ୍ରସାର ଓ କାର୍ଯ୍ୟକାରିତା ଦିଗରେ ଏହି ଉଦ୍ୟମ ବିଶେଷ ଭାବେ ସହାୟକ ହୋଇପାରିଛି । ଏହିପରି ନିରନ୍ତର ପ୍ରୟାସ, ପ୍ରଚାର-ପ୍ରସାର ଓ ଗୋଷ୍ଠୀ ସହଭାଗିତା ମାଧମରେ ଟିପିଏସ୍‌ଓଡିଏଲ୍ ସୌରଶକ୍ତିକୁ ଦକ୍ଷିଣ ଓଡ଼ିଶାର ଅଧିକରୁ ଅଧିକ ଘରେ ପଞ୍ଚାଇବାକୁ ଲକ୍ଷ୍ୟ ରଖିଛି । ଶ୍ରୀମତୀ ପଣ୍ଡାଙ୍କର ଏହି କାହାଣୀ - ଏକ ନୂଆ ଆଶା ସଞ୍ଚାର କରିଛି ଓ ପରିବର୍ତ୍ତନର ଆଭାସ ଦେଉଛି । ଯାହା ଆମ ସମସ୍ତଙ୍କୁ କେବଳ ଜଣେ ବିଦ୍ୟୁତ ଉପଭୋକ୍ତା ଭୂମିକାରେ ସୀମିତ ନରହି ଏକ ଦାୟିତ୍ୱବାନ ନାଗରିକ ହେବାକୁ ପ୍ରେରଣା ଯୋଗାଉଛି ।




# ସରାଙ୍ଗ ନବୋଦୟ ବିଦ୍ୟାଳୟକୁ ଜିଲ୍ଲାପାଳଙ୍କ ପରିଦର୍ଶନ


ପରଜଙ୍ଗ (ଭାସ୍କର ନ୍ୟୁଜ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିଦର୍ଶନରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ଶୁକ୍ରବାର ବାର୍ଷିକ ପରିଦର୍ଶନ ହୋଇଥଲା । ବିଦ୍ୟାଳୟ କମିଟିର ଅଧକ୍ଷ ଜିଲ୍ଲାପାଳ ରହିଥିବା ବେଳେ, ଶ୍ରୀଯୁକ୍ତ ଉପାଧ୍ୟାୟଙ୍କ ଅଧକ୍ଷତାରେ ବିଦ୍ୟାଳୟ ସଭାଗୃହରେ ପରିଚାଳନା କମିଟି ଓ ଉପଦେଷ୍ଟା କମିଟି ମିଳିତ ମେମ୍ବରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ, ବିଦ୍ୟାଳୟ ପରିସର ସମ୍ପ୍ରସାରଣ ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା । ତତ୍ ସହିତ ବିଦ୍ୟାଳୟ ଶ୍ରେଣୀ କକ୍ଷ, ଲାଇବ୍ରେରୀ ପ୍ରକୋଷ୍ଠ, ଖେଳ ପଡିଆ ଓ ବିଜ୍ଞାନ ପ୍ରକୋଷ୍ଠ ଗୁଡ଼ିକ ବୁଲି ଅନୁଧ୍ୟାନ କରିଥିଲେ । ଜିଲ୍ଲାପାଳଙ୍କ ପରିଦର୍ଶନରେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ବିଡ଼ିଓ ସୌଭାଗ୍ୟ ବେହେରା, ଅନୁଷ୍ଠାନର ଅଧକ୍ଷା ପ୍ରତିମା ମିଶ୍ର, ସରାଙ୍ଗ ପଞ୍ଚାୟତ ସରପଞ୍ଚ କୃଷ୍ଣ ଚନ୍ଦ୍ର ମହାନ୍ତି, ପରଜଙ୍ଗ ଅତିରିକ୍ତ ଶିକ୍ଷାଧିକାରୀ ତରଣୀ କୁମାର ସିଂହଙ୍କ ସମେତ ଅନୁଷ୍ଠାନର କର୍ମଚାରୀ ଉପସ୍ଥିତ ଥିଲେ ।

# ରାଶିଫଳ

ରବିବାର, ୨୯ ଡିସେମ୍ବର ୨୦୨୪



**ମେଷ:** ଆଜି ଆପଣଙ୍କ ପାଇଁ ଏକ ଶୁଭ ଦିନ ହେବ । ପ୍ରିୟଜନ, ଆତ୍ମନିର୍ଭରଶୀଳତା ଏବଂ ସାଙ୍ଗମାନଙ୍କ ସହିତ ସାମାଜିକ କାର୍ଯ୍ୟ କରିବାରେ ପୁରା ଦିନ ଅତିବାହିତ ହେବ । ବନ୍ଧୁମାନେ ଉପକୃତ ହେବେ ଏବଂ ସେମାନଙ୍କ ପାଇଁ ଟଙ୍କା ମଧ ଖର୍ଚ୍ଚ କରିବାକୁ ପଡିବ ।




**ବୃଷ:** ଆଜି ଆପଣ ନୂତନ କାର୍ଯ୍ୟଗୁଡ଼ିକର ଆୟୋଜନ କରିବେ । ଅମଲାତନ୍ତ୍ର ଏବଂ ବ୍ୟବସାୟୀଙ୍କ ପାଇଁ ଆଜି ଏକ ଭଲ ଦିନ । ଉଚ୍ଚ ପଦାଧିକାରୀଙ୍କ ଉଚ୍ଚ ପ୍ରୋଫାଇଲ୍ ରହିବ । ପୁରୁଣା ଅସମ୍ପୂର୍ଣ୍ଣ କାର୍ଯ୍ୟ ସମାପ୍ତ ହେବ । ପଦୋନ୍ନତି ଅର୍ଥନୈତିକ ଲାଭ ଆଣିପାରେ ।



**ମିଥୁନ:** ଆଜି ଆପଣଙ୍କ ପାଇଁ ମାନସିକ ଦ୍ୱନ୍ଦ୍ୱ ଏବଂ ଜଟିଳତାର ଦିନ । ସମସ୍ତଙ୍କ ଶରୀର, ମନ ଏବଂ ଧନରେ ବାଧା ଆସିବ । ଆଜି କୌଣସି କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ଏବଂ ପ୍ରତିଯୋଗୀମାନଙ୍କ ସହିତ କୌଣସି ପ୍ରକାର ଆଲୋଚନାରୁ ଦୂରେଇ ରୁହନ୍ତୁ ।




**କର୍କଟ:** ଆଜି ଆପଣଙ୍କର ଦିନ ପ୍ରତିକୂଳ ପରିସ୍ଥିତିରେ ପରିପୂର୍ଣ୍ଣ । ପରାମର୍ଶ ଦିଆଯାଇଛି ଯେ ଆପଣ କୌଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ଏବଂ ଆଜି ଚିକିତ୍ସା ଏବଂ ଅସ୍ତ୍ରୋପଚାରରୁ ମଧ ଦୂରେଇ ରୁହନ୍ତୁ । କ୍ରୋଧରୁ ଦୂରରେ ରୁହନ୍ତୁ । ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେବ ।



**ସିଂହ:** ଆଜି ଆପଣଙ୍କ ଦିନ ମଧ୍ୟମ ଫଳପ୍ରଦ । ଘର ବ୍ୟବସାୟରେ ସାବଧାନ ରୁହନ୍ତୁ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ, କିନ୍ତୁ ଆପଣଙ୍କ ସାଥୀଙ୍କ ମନ ଚିନ୍ତିତ ହେବ । ବରିଷ୍ଠ ଏବଂ ପ୍ରିୟଜନଙ୍କ ପାରସ୍ପରିକ କ୍ରିୟା ବୃଦ୍ଧି ପାଇବ । ଏକ ସୁନ୍ଦର ସ୍ଥାନକୁ ଯାତ୍ରା ସମ୍ଭବ ।




**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ । ଘରେ ସୁଖ ଏବଂ ଶାନ୍ତିର ପରିବେଶ ରହିବ ଏବଂ ମନ ମଧ ଖୁସି ହେବ । ଏକ ସୁଖଦ ବ୍ୟାପାର ହେବ । ରୋଗରେ ପୀଡିତଙ୍କ ଅବସ୍ଥା ସୁଧୁରିବା ସହିତ ସନ୍ତୁଷ୍ଟ ହେବାର ଭାବନା ରହିବ ।



**ତୁଳା:** ଆଜି ଆପଣ ଦିନଟି ଖୁସିରେ ବିତାଇବେ । ବୌଦ୍ଧିକ ଧାରା ଏବଂ ଆଲୋଚନା ପାଇଁ ଦିନଟି ଭଲ । ଆଜି, ଆପଣ କଳ୍ପନାର ସର୍ବୋତ୍ତମ ଉପଯୋଗ କରିବେ । ପିଲାମାନଙ୍କଠାରୁ ଭଲ ଖବର ପାଇ ହୃଦୟ ଖୁସି ହେବ ।



**ବିଛା:** ଆଜି ଏକ ଶାନ୍ତିପୂର୍ଣ୍ଣ ଦିନ ହେବ । ମନ ଚିନ୍ତିତ ରହିବ ଏବଂ ବ୍ୟକ୍ତିଗତ ସମ୍ପର୍କ ମଧରେ ପାର୍ଥକ୍ୟ ଅଛି, ତଥାପି କୌଣସି କ୍ଷତି ହେବ ନାହିଁ । ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ, ଟଙ୍କା କ୍ଷତି ହୋଇପାରେ ।




**ଧନୁ:** ଯଦି ଆପଣ ଆଜି ନୂତନ କାର୍ଯ୍ୟ ଆରମ୍ଭ କରନ୍ତି, ତେବେ ଆପଣ ନିଶ୍ଚିତ ଭାବରେ ସଫଳତା ପାଇବେ । ଏହା ସାଙ୍ଗ ଏବଂ ପ୍ରିୟଜନଙ୍କ ମିଶ୍ରଣ । ଆପଣ କାର୍ଯ୍ୟରେ ସଫଳତା ପାଇବେ ଏବଂ ପ୍ରତିଯୋଗୀମାନଙ୍କ ଉପରେ ବିଜୟ ପାଇବେ । ଶୁଭଫଳ ମିଳିବ ଏବଂ ସାମାଜିକ ସମ୍ମାନ ମଧ ଉପଲବ୍ଧ ହେବ ।




**ମକର:** ଆଜି ଆପଣଙ୍କର କଣ୍ଟିଜେନ୍ସି ଟଙ୍କା ମିଳିପାରେ । ପରିବାର ସଦସ୍ୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି ଯାହା ଘରକୁ ବିଶୃଙ୍ଖଳିତ କରିପାରେ । ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ । ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ । ଦୁଃସାହସିକ ଧାରା ପାଇଁ ଦିନଟି ଉପଯୁକ୍ତ ଅଟେ ।



**କୁମ୍ଭ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ । ଦିନଟି ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଅଟେ । ଆଧ୍ୟାତ୍ମିକତା ଏବଂ ଚିନ୍ତାଧାରା ଭଲ ରହିବ । ସାଙ୍ଗ ଏବଂ ସମ୍ପର୍କୀୟଙ୍କଠାରୁ ଉପହାର ପାଇବାର ସମ୍ଭାବନା ଅଛି ।



**ମୀନ:** ଆଜି ଆପଣଙ୍କର ଏକାଗ୍ରତା ଅଭାବ ହେବ । ଧାର୍ମିକ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ ହେବ । ପୁଞ୍ଜି ବିନିଯୋଗ ନିର୍ଦ୍ଦିଷ୍ଟ ଧ୍ୟାନ ଆବଶ୍ୟକ କରେ । ସମ୍ପର୍କୀୟଙ୍କଠାରୁ ଦୂରରେ ରୁହନ୍ତୁ କାରଣ ସେମାନେ ଅଲଗା ହୋଇପାରନ୍ତି । କୋର୍ଟ କାର୍ଯ୍ୟରେ ସତର୍କତା ଅବଲମ୍ବନ କରନ୍ତୁ ।



ଜ୍ୟୋତିଷ ଚକ୍ର

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଖଡ଼ିଆଲ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଲ କଲ୍ୟାଣ ମଣ୍ଡପ ଦୁଇଠାରେ 'କାର୍ଯ୍ୟରତ ସାମ୍ବାଦିକ ପରିଷଦ ଖଡ଼ିଆଲ' ଗଠିତ ହୋଇଯାଇଛି। ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ତପନରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ରୁଦ୍ରରାଜ ବାଗ ସ୍ୱାଗତ କାର୍ଯ୍ୟକ୍ରମ କରିଥିଲେ। ଖଡ଼ିଆଲ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ମାନେ ବହୁସଂଖ୍ୟାରେ ଯୋଗଦେଇ ପରିଷଦର ରୂପରେଖ ପ୍ରସ୍ତୁତ କରିଛନ୍ତି। 'କାର୍ଯ୍ୟରତ ସାମ୍ବାଦିକ ପରିଷଦ ଖଡ଼ିଆଲ' କୁ ପରିଚାଳନା କରିବା ପାଇଁ ଛଅ ଜଣିଆ କୋର କମିଟି ଗଠନ କରାଯାଇଛି। କମିଟିର ମୁଖ୍ୟ ସଂଯୋଜକ ବରିଷ୍ଠ ସାମ୍ବାଦିକ ତପନରଞ୍ଜନ ଦାସ ରହିଥିବା ବେଳେ, ସହ ସଂଯୋଜକ ବରିଷ୍ଠ ସାମ୍ବାଦିକ ମୋତିଲାଲ ବାଗଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଛି। ସେହିଭଳି ପରିଷଦର କୋର କମିଟି ସଦସ୍ୟ ଭାବରେ ବରିଷ୍ଠ ସାମ୍ବାଦିକ ପରମେଶ୍ୱର ବାରିକ, ରୁଦ୍ରରାଜ ବାଗ, ଯୋଗେଶ୍ୱର ସଗରିଆ, ଦେବାନନ୍ଦ ଟାଣ୍ଡିଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଏନେଇ ଆୟୋଜିତ ସଭାରେ ଖଡ଼ିଆଲ ସାମ୍ବାଦିକ ଏକ ଏବଂ ଏକଡୋରିରେ ବନ୍ଧାହୋଇ କର୍ତ୍ତବ୍ୟ ପଥେ ଆଗେଇ ଯିବ ବୋଲି ବାର୍ତ୍ତା ଦେଇଛନ୍ତି। ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ବିଜୟ ସହିସ,ବରିଷ୍ଠ ସାମ୍ବାଦିକ ଆଦିତ୍ୟ ମହାଉତି, ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦଣ୍ଡସେନା, ବରିଷ୍ଠ ସାମ୍ବାଦିକ ସୁଜିତ ପ୍ରଧାନ, ବରିଷ୍ଠ ସାମ୍ବାଦିକ ହେମନ୍ତ ବେହେରା, କୁନାଲ ଚରଣ ବେହେରା, ଯୁଗଳ ମହାନନ୍ଦ,ବାପିନା ସାହୁ, ଶାମ ସରାଫ, ସତ୍ୟ ଷଡ଼ଙ୍ଗୀ, ଦୀନବନ୍ଧୁ ଛତ୍ରିଆ,ଶ୍ୟାମ ସଗରିଆ, ମହନଲାଲ ଦ୍ୱିପ ଚନ୍ଦ୍ରଶେଖର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାମ୍ବାଦିକ ଯୋଗେଶ୍ୱର ସଗରିଆ ଧନ୍ୟବାଦ ଦେଇଥିବାବେଳେ ସଭାପତି ତପନ ରଞ୍ଜନ ଦାସ ସଭା ସାଙ୍ଗ କରିଥିଲେ।



# ଆକାଂକ୍ଷା ବ୍ଲକ ମାନଦଣ୍ଡରେ ତେନ୍ତୁଳିଖୁଣ୍ଟି ଦେଶରେ ୨ୟ

## ■ ମିଳିଲା ୨ କୋଟି ଟଙ୍କା ପୁରସ୍କାର ସହ ମାନପତ୍ର

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ଓଡ଼ିଶାର ୨୯ଟି ବ୍ଲକ ମଧ୍ୟରୁ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ ଓ ଡାବୁଗାଁ ବ୍ଲକକୁ ଆକାଂକ୍ଷା ବ୍ଲକ ଭାବେ ସାମିଲ କରାଯାଇଛି । ତେନ୍ତୁଳିଖୁଣ୍ଟି ବ୍ଲକ ପ୍ରଶାସନ ଓ ବିଡ଼ିଓ ମନୋଜ କୁମାର ପାଣିଗ୍ରାହୀଙ୍କ ଆପ୍ରାଣ ଉଦ୍ୟମରେ ବର୍ତ୍ତମାନ ତେନ୍ତୁଳିଖୁଣ୍ଟି ବ୍ଲକ କୁ ଭାରତ ବର୍ଷ ର ଦ୍ୱିତୀୟ ଆକାଂକ୍ଷା ବ୍ଲକ ଭାବେ ପୁରସ୍କୃତ କରାଯାଇଛି ।ସମଗ୍ରଭାରତ ବର୍ଷରେ ଆକାଂକ୍ଷା ବ୍ଲକମାନଦଣ୍ଡରେ ଦ୍ୱିତୀୟ ସ୍ଥାନ ପାଇଛି ତେନ୍ତୁଳିଖୁଣ୍ଟି ବ୍ଲକ। ଏହି କ୍ରମରେ ନୀତି ଆୟୋଗ ପକ୍ଷରୁ ପୁରସ୍କାର ଭାବେ ତେନ୍ତୁଳିଖୁଣ୍ଟି ବ୍ଲକକୁ ୨ କୋଟି ଟଙ୍କାରଅନୁଦାନ ମିଳିଛି। ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଠାରୁ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଏହି ମାନପତ୍ର ଓ ୨ କୋଟି ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ଏହିସମୟରେ ନୀତି ଆୟୋଗ ଦ୍ୱାରା ନିଯୁକ୍ତି ପ୍ରାପ୍ତ ଅଧିକାରିଣୀ କିରଣ ପ୍ରଧାନ ମଧ ଉପସ୍ଥିତ ଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକକୁ ମିଳିଥିବା ଏହି ସଫଳତା ପ୍ରଶାସନର ଦକ୍ଷତା ଏବଂ କାର୍ଯ୍ୟଶୈଳୀ ତଥା ସମସ୍ତ କର୍ମଚାରିଙ୍କ ପରିଶ୍ରମ ଯୋଗୁଁ ସମ୍ଭବ ହୋଇପାରିଛି। ଏହି ସଫଳତାର ଶ୍ରେୟ ତେନ୍ତୁଳିଖୁଣ୍ଟି ବ୍ଲକପ୍ରଶାସନ ଓ ଏଥିପାଇଁ କାର୍ଯ୍ୟ କରୁଥିବା ସମସ୍ତ ସଂସ୍ଥା ଏବଂ ଅଧିକାରୀ ବୃନ୍ଦକୁ ଯାଉଛି ବୋଲି କହିଛନ୍ତି ବିଡିଓ ମନୋଜ ପାଣିଗ୍ରାହୀ। ଏହି ଅନୁଦାନ ରାଶି ଶିକ୍ଷା, ସ୍ୱାସ୍ଥ୍ୟ, ସମନ୍ୱିତ ଶିଶୁ ବିକାଶ, ଡ୍ରପ ଆଉଟ ଛାତ୍ରଛାତ୍ରୀଙ୍କ ଥଇଥାନ ଭଳି ବିଭିନ୍ନ ସାମଗ୍ରିକ ବିକାଶକ୍ଷେତ୍ରରେ ଉନ୍ନତି ପାଇଁ ଖର୍ଚ୍ଚ କରାଯିବ । ଏନେଇ ନୀତି ଆୟୋଗ ପକ୍ଷରୁ ତେନ୍ତୁଳିଖୁଣ୍ଟି ବ୍ଲକକୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ସମନ୍ୱିତ ଶିଶୁ ବିକାଶ, ଡ୍ରପ ଆଉଟ ଛାତ୍ରଛାତ୍ରୀଙ୍କ ଥଇଥାନ ଭଳି ବିଭିନ୍ନ ସାମଗ୍ରିକ ବିକାଶ କ୍ଷେତ୍ରରେ ତେନ୍ତୁଳିଖୁଣ୍ଟି ବ୍ଲକକୁ ଏହି ଉଲ୍ଲେଖନୀୟ ସଫଳତା ମିଳିଥିବା ସୂଚନା ମିଳିଛି। ତେନ୍ତୁଳି ଖୁଣ୍ଟି ବ୍ଲକର ଏହି ସଫଳତା ପାଇଁ ବିଭିନ୍ନ ରାଜନୈତିକ ଦଳ ଓ ବୁଦ୍ଧିଜିବୀ ତରଫରୁ ଶୁଭେଚ୍ଛା ମିଳିଛି ।



## ଜିଲ୍ଲା କ୍ଷତିପୂରଣ ପରାମର୍ଶଦାତା କମିଟି ବୈଠକ

# ଜଳ ପ୍ରକଳ୍ପ ଦ୍ୱାରା ଲାଭାନ୍ୱିତ ହେବେ ଚାରି ହଜାରରୁ ଉର୍ଦ୍ଧ୍ୱଲୋକ

ନୂଆପଡ଼ା(ଭାସ୍କର ନ୍ୟୁଜ୍): ଆଜି ପୂର୍ବାହ୍ନରେ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା କ୍ଷତିପୂରଣ ପରାମର୍ଶଦାତା କମିଟି ବୈଠକ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଭୁ ଅର୍ଜନ ଅଧିକାରୀ ସର୍ବପ୍ରଥମେ ସମସ୍ତଙ୍କୁ ସ୍ୱାଗତ ଅଭିନନ୍ଦନ କରି ଅଧିକ୍ଷଣ ଯନ୍ତ୍ରୀଙ୍କୁ ପ୍ରକଳ୍ପ ବିଷୟରେ ସବିଶେଷ ତଥ୍ୟ ବୈଠକରେ ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲେ । ସିନାପାଲି ତହସିଲ ଅନ୍ତର୍ଗତ ନଦୀଗାଁ ନିକଟ ରେ ନିର୍ମାଣଧିନ ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ବିଷୟରେ ତଥା ଏହା ପାଇଁ ଆବଶ୍ୟକ ଭୂମି ଅଧିଗ୍ରଣ ବିଷୟରେ ଅଧିକ୍ଷଣ ଯନ୍ତ୍ରୀ ସମ୍ୟକ ଧାରଣା ଦେଇଥିଲେ। ଉପରୋକ୍ତ ପ୍ରକଳ୍ପ ଦ୍ୱାରା ବରଗାଁ, କାପସି, ନଦୀଗାଁ ଓ ଶରଧାପୁର ଚାରିଟି ଗ୍ରାମର ଚାରି ହଜାରରୁ ଉର୍ଦ୍ଧ୍ୱ ଲୋକେ ଲାଭବାନ ହୋଇ ପାରିବେ। ମୁଖ୍ୟତଃ ପ୍ରକଳ୍ପ ଦ୍ୱାରା ପାନୀୟ ଜଳ ଓ ଭୂତଳ ଜଳ ବୃଦ୍ଧି ପାଇବାରେ ସହାୟକ ହେବ। ଉପରୋକ୍ତ ବୈଠକ ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ଅଧକ୍ଷତାରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ,ଉପ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଭୂ-ଅର୍ଜନ ଅଧିକାରୀ ଖଡ଼ିଆଳ,ଅଧିକ୍ଷଣ ଯନ୍ତ୍ରୀ ଜଳସେଚନ ବିଭାକ କଳାହାଣ୍ଡି, ସହ ନିର୍ବାହୀ ଯନ୍ତ୍ରୀ, ସାମାଜିକ ଉନ୍ନୟନ ବିଶାରଦ, ପି.ଏମ.ସି. ଠିକା କମ୍ପାନୀ ଅଧିକାରୀ, ରାଜସ୍ୱ ନୀରିକ୍ଷକ ଓ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଭୀମଭୋଇ ସାମର୍ଥ୍ୟ ଶିବିର

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): : କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ମଧ୍ୟରେ ଭୀମଭୋଇ ସାମର୍ଥ୍ୟ ଶିବିର ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମାଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗର ବିଜ୍ଞ ଚିକିତ୍ସକ ମାନେ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କୁ ପରୀକ୍ଷଣ କରି ଚିକିତ୍ସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଭିନ୍ନକ୍ଷମମାନଙ୍କ ପ୍ରତି ଥିବା ବୈଷମ୍ୟ ଭାବକୁ ଦୂର କରି ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ବର୍ତ୍ତମାନ ବଡ଼ ଆବଶ୍ୟକତା ଥିବାରୁ ସେମାନଙ୍କ ନିକଟରେ ଥିବା ଭିନ୍ନକ୍ଷମ ସାର୍ଟିଫିକେଟର ନବୀକରଣ ଓ ନୂତନ ଭାବେ ଭିନ୍ନକ୍ଷମ ସାର୍ଟିଫିକେଟ କରିବା ପାଇଁ ପ୍ରବଳ ଭିଡି ହୋଇ ଥିଲା। ଭିନ୍ନକ୍ଷମ ମାନଙ୍କ ସାର୍ଟିଫିକେଟ ନବୀକରଣ ନ କଲେ ସେମାନଙ୍କ ବିକଳାଙ୍ଗ ଭତ୍ତା ମଧ୍ୟ ବନ୍ଦ ହୋଇ ଯାଇପାରେ ବୋଲି ଭାବି କାଶୀନଗର ବ୍ଲକର ପ୍ରତ୍ୟେକ ପଂଚାୟତରୁ ଶହ ଶହ ଭିନ୍ନକ୍ଷମ ପୁରଷ ଓ ମହିଳାମାନେ ନବୀକରଣ କରିବା ପାଇଁ ପହଞ୍ଚିଥିଲେ। ଭିନ୍ନକ୍ଷମମାନଙ୍କୁ ଅସ୍ଥାୟୀ ଅଙ୍ଗ, ଟ୍ରାଇ ସାଇକେଲ, ବିକଳାଙ୍ଗ ଭତ୍ତା ସହ ସାର୍ଟିଫିକେଟ, ବସ ପାସ ଯୋଗେଇ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କାଶୀନାଗର ଥାନା ଅଧିକାରୀ ଉପସ୍ଥିତ ଥିଲେ।

# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ର ସଦର ମହକୁମା ସ୍ଥିତ ଶାସ୍ତ୍ରୀ ଭବନ ଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି ସଂସଦର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ରାଜ୍ୟ କଂଗ୍ରେସ ଉପସଭାପତି, ବରିଷ୍ଠ ନେତା ମୁନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଡାବୁଗାଁ ବିଧାୟକ ଶ୍ରୀ ମନୋହର ରନ୍ଧାରୀ , ନବରଙ୍ଗପୁର ବିଧାୟକ ଗୌରି ଶଙ୍କର ମାଝୀ, ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ , କବି ନାରାୟଣ ପଣ୍ଡା, ଶିକ୍ଷାବିତ୍ ଡଃ ବିଜୟ କୁମାର ମିଶ୍ର, ଆଦିବାସୀ ନେତା ଅର୍ଜୁନ ଭତରା, ଦଳିତ ନେତା ଲଳିତ ମୋହନ ନାୟକ, ରାଜ୍ୟ ଅମଲାସଂଘ ସଭାପତି ତ୍ରିପତି ବାଲାଜୀ ସାହୁ , ଶ୍ରୀଜଗନ୍ନାଥ ମନ୍ଦିର ନିର୍ମିତ



ସଂପାଦକ ଶ୍ରୀ ସତ୍ୟବାଦୀ ଷଡ଼ଙ୍ଗୀ ,ଶ୍ରମିକ ସଂଗଠନ ନେତା ସିରାଜ ଉଦ୍ଦିନ ଅହମ୍ମଦ, ନାଟ୍ୟକାର ଶ୍ରୀ ଦେବଦାସ ମହାକୁଡ଼, କବିୟତ୍ରି ପ୍ରଭାସିନୀ ମହାନ୍ତି,ରାଜ୍ୟ ସରକାର ଙ୍କ ହସ୍ତଶିଳ୍ପ ସଦସ୍ୟା ସୁଶ୍ରୀ ପ୍ରଭାତୀ ପାତ୍ର, ବିଜେଡି ନେତ୍ରୀ କୌଶଲ୍ୟା ପ୍ରଧାନୀ, ବରିଷ୍ଠ ସାମ୍ବାଦିକ ଶ୍ରୀ ବିଷୋୟୀ ,ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ଶିକ୍ଷାବିତ୍ ନିରଂଜନ ମିଶ୍ର, ସମାଜସେବୀ ସର୍ବେଶ୍ୱର ପାତ୍ର ,ବ୍ଲକ କଂଗ୍ରେସ ସଭାପତି ଅବଦୁଲ ଫିରୋଜ,ରାଜୀବ ଗାନ୍ଧୀ ପଂଚାୟତ ରାଜ୍ୟ ସଂଯୋଜକ ପ୍ରକାଶ ସାମନ୍ତରାୟ, ବିଜେଡି ଜିଲ୍ଲା ଉପସଭାପତି ସରୋଜ ପାତ୍ର, ନବରଙ୍ଗପୁର ସାଂସଦ ପ୍ରତିନିଧି ଜାନକୀ ବିଷୋୟୀ, କଂଗ୍ରେସ ସଂଖ୍ୟାଲଘୁ ରାଜ୍ୟ ସଂଯୋଜକ ସୁନାମ ପାତ୍ର ସୁନା, ବିଜେଡି କାଉନସିଲର ନଗେନ୍ଦ୍ର ପଟନାୟକ,ସାଇ କେୟାର ଏମ ଡି ଶ୍ରୀ ଦୁର୍ଗା ପାଢ଼ୀ, ଶିକ୍ଷାବିତ୍ ସ୍ୱର୍ଣ୍ଣଲତା ପଟ୍ଟନାୟକ, ଅଧିବକ୍ତା ପୂର୍ଣ୍ଣ ମହାପାତ୍ର, ମଣ୍ଡଳ କଂଗ୍ରେସ ସଭାପତି ନବଜୀବନ ମଂଦାର, ନଗର କଂଗ୍ରେସ ଉପସଭାପତି କାଳି ଚରଣ ପାତ୍ର, ପରିବର୍ତ୍ତନ ଫାଉଣ୍ଡେସନ ସଭାପତି ଶ୍ରୀ ନୀନିବାବୁ ତ୍ରିପାଠୀ,ଶ୍ରୀ ସୁମିତ ପାଳ , ସୁଶ୍ରୀ ଝରଣା ପଟନାୟକ ବହୁ ପ୍ରମୁଖ ସଦସ୍ୟ ଯୋଗଦାନ କରିଥିଲେ।

# କର୍ତ୍ତନପାଲ୍ଲୀରେ ଧାନମଣ୍ଡି ଉଦ୍‌ଘାଟିତ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କର୍ତ୍ତନପାଲ୍ଲୀ ପଂଚାୟତ ସଦର ମହକୁମାରେ ଆରଏମସି ପକ୍ଷରୁ ଖରିଫ ମଣ୍ଡି ଆରମ୍ଭ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତ୍ରିନାଥ ଭୂମିଆ, ସରପଞ୍ଚ ଗୁର ନାୟକ, ସମିତି ସଭ୍ୟ ନରେନ୍ଦ୍ର ହରିଜନ, ଫୁଲମତି ଜିରାମ, ଗୋପୀ ନାୟକ, କିଆଙ୍ଗ ଲ୍ୟାମ୍ପସ ପରିଚାଳକ ଅନନ୍ତ ରାମ ବିଷୋୟୀ, ମାର୍କେଟ ଗାର୍ଡ ଦୁସରୁ ଖରା ପ୍ରମୁଖଙ୍କ ଉପସ୍ଥିତିରେ ମଣ୍ଡି ଉଦ୍‌ଘାଟନ ହୋଇଥିଲା। ପ୍ରଥମଦିନ ରେ ୫୯ ଚାଷୀଙ୍କ ପାଖରୁ ୨ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ଲ୍ୟାମ୍ପ ପରିଚାଳକ ସୂଚନା ଦେଇଛନ୍ତି। ପୂର୍ବରୁ କର୍ତ୍ତନପାଲ୍ଲୀ ଅଞ୍ଚଳର ଚାଷୀମାନେ ଦୀର୍ଘ ୧୨ କିମି ଦୂର କିଆଙ୍ଗ ମଣ୍ଡିକୁ ଧାନ ବିକ୍ରି କରିବା ପାଇଁ ଯାଇ ନାହିଁ ନଥିବା ହଇରାଣ ହେଉଥିଲେ। ସେଥିପାଇଁ ଅନେକ ଚାଷୀ ନାମ ପଞ୍ଜୀକରଣ ମଧ୍ୟ କରୁନଥିଲେ। ଯଦ୍ୱାରା ଦଲାଲଙ୍କ କବ୍‌ଜାରେ ପଡ଼ି ଅଭାବି ବିକ୍ରିର ଶିକାର ହେଉଥିଲେ। ନୂତନ ଭାବେ ଏଠାରେ ମଣ୍ଡି ଖୋଲିବା ପରେ ଚାଷୀମାନେ ଖୁସି ପ୍ରକଟ କରିଛନ୍ତି।



# ପାନୀୟଜଳ ସମସ୍ୟାର ସମାଧାନ କଲେ ବିଧାୟକ




ତେନ୍ତୁଳି ଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ପାତ୍ରପୁଟ ଅନ୍ତର୍ଗତଟିମନ୍ ପୁର ଗ୍ରାମରେ ବହୁ ଦିନ ଧରି ପାନୀୟ ଜଳ ସଙ୍କଟ ଲାଗି ରହିଥିଲା । ଏହି ସମସ୍ୟା କୁ ନେଇ ଗାଁ ର ମହିଳା ମାନେ ନବରଙ୍ଗପୁର ବିଧାୟକ ଗୌରୀ ମାଝୀଙ୍କ ସହ ଦେଖା କରି ଦାବିପତ୍ର ପ୍ରଦାନ କରିଥିଲେ । ବିଧାୟକ ଗୌରୀ ଶଙ୍କର ମାଝୀ ଉକ୍ତ ଗ୍ରାମକୁ ଯାଇ ଗ୍ରାମର ସମସ୍ତ ଘରକୁ ଘର ବୁଲି ରହିଥିବା ସମସ୍ୟା ଗୁଡ଼ିକ ବିଷୟରେ ପଚାରି ବୁଝିଥିଲେ । ତେବେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବିଧାୟକ ତୁରନ୍ତ ବିଭାଗୀୟ ଯନ୍ତ୍ରୀ ଶ୍ରୀ ବାରିକ ଙ୍କ ସହ ଯୋଗାଯୋଗ କରି ନଳକୂପ ମରାମତି କରି ଗ୍ରାମର ପିଇବା ପାଣି ସମସ୍ୟାର ସମାଧାନ କରିଥିଲେ । ବିଧାୟକ ଙ୍କ ଏଭଳି କାର୍ଯ୍ୟକୁ ଗ୍ରାମର ମହିଳା ସମେତ ଗ୍ରାମର ସମସ୍ତ ଗ୍ରାମବାସୀ ପ୍ରଶଂସା କରିବା ସହ ବିଧାୟକଙ୍କୁ ପୁଷ୍ପମାଳ ଦେଇ ସମ୍ବର୍ଦ୍ଧନା ଦେଇଥିଲେ । ଏହି ସମୟରେ ତେନ୍ତୁଳୀଖୁଣ୍ଟି ଗୋଷ୍ଠି ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ, ଅଞ୍ଚଳଗୁମ୍ମା ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ,ଅଚ୍ୟୁତ ନନ୍ଦ ବିଷୋୟୀ, ନୀଳକଣ୍ଠ ବିଷୋୟୀ କ୍ଷମାଶିଳ ମହାପାତ୍ର, ରାମପତି ବିଷୋୟୀ,ସୂର୍ଯ୍ୟ ରନ୍ଧାରି,ତ୍ରିନାଥ ନାୟକ,ଗୋକୁଳ ବିଷୋୟୀ, ଧବୁଲୁ ଭତ୍ରା, ନନ୍ଦନ ବିଷୋୟୀ, ପର୍ଶୁରାମ ବିଷୋୟୀ, ବିକାଶ ଚୌଧୁରୀ,ବସନ୍ତ ସାଗରିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସିରିଜ୍ ଅପରାଧୀକ ଘଟଣାକୁ ନେଇ ଜନତା ଭୟଭୀତ, ପୋଲିସ ନିରବ

କନ୍ଧମାଳ(ଭାସ୍କର ନ୍ୟୁଜ୍): ଫୁଲବାଣୀ ଟାଉନରେ ଗୋଟିଏ ପରେ ଗୋଟିଏ ସିରିଜ୍ ଅପରାଧୀକ ଘଟଣା ଘଟିବାରେ ଲାଗିଛି। ଏହାକୁ ନେଇ ଜନସାଧାରଣ ଭୟଭୀତ ହେବା ସହିତ ପୋଲିସର ବିଶ୍ୱାସର ଆସ୍ଥା ହରାଇବାକୁ ବସିଲେଣି । ପୋଲିସ ପ୍ରଶାସନ ଦୁର୍ବୃତ୍ତ ମାନଙ୍କୁ ପ୍ରୋତ୍ସାହନ ଦେଉଥିବା ସହିତ ହେଉଥିବା ବିଭିନ୍ନ ଘଟଣାକୁ ଜାଣିଶୁଣି ନିରବ ରହୁଥିବା ସାମ୍ନାକୁ ଆସିଛି । କିଛି ଦିନ ତଳେ ମାଦିକୁନ୍ଦା ନିକଟରେ ଥିବା ଏକ ଗ୍ୟାରେଜ ଦୋକାନରେ ଦୁର୍ବୃତ୍ତ ମାନେ ଚୋରି କରିବା ନିମନ୍ତେ ଦୋକାନ ଭିତରେ ପଶିଥିଲେ ବହାଦୁରଙ୍କ ହୁଇସିଲ ବଳରେ ବାହାରେ ଚାପି ରହିଥିବା ଦୁଇରୁ ତିନିଜଣ ଦୁର୍ବୃତ୍ତ ଉକ୍ତ ସ୍ଥାନରୁ ଫେରାର ହୋଇଯାଇଥିବା ବେଳେ ଦୁଇଜଣ ଦୋକାନ ଭିତରେ ପଶି ରହିଥିଲେ । ଏହି ଦୁଇଜଣଙ୍କୁ ରାତ୍ର ପୋଲିସ କର୍ମଚାରୀ ପୋଲିସ କର୍ମଚାରୀ ଡାକି ଜୀମା ଦେଇଥିଲେ । ଏହାପରେ ଏହି ଦୁର୍ବୃତ୍ତ ଦୁଇଜଣଙ୍କୁ ପୋଲିସ କର୍ମଚାରୀମାନେ ପୋଲିସ ଗାଡ଼ିରେ ନେଇ ମାଦିକୁନ୍ଦା ଛକ ନିକଟରେ ଛାଡି ଦେଇଥିବା ସୂଚନା ମିଳିଛି । ବର୍ତ୍ତମାନ ସୁଦ୍ଧା ଉକ୍ତ କେସରେ କୌଣସି ଦୁର୍ବୃତ୍ତ କୁ ଗିରଫ କିମ୍ବା କୌଣସି କେସ ଡାଏରୀ କରାଯାଇ ନାହିଁ । ସେହିପରି ୧୫/୧୨/୨୪ ରିଖ ରେ ଏକ ଘଟଣା ମାଦିକୁନ୍ଦା ଛକ ନିକଟରେ ଥିବା ଆଉ ଏକ ଦୋକାନରେ ଦୁର୍ବୃତ୍ତ ମାନେ ପଶି ମାଲିକ ଓ କର୍ମଚାରୀଙ୍କୁ ନିର୍ଦ୍ଧୁମ ବାଡେଇ ସେଠାରୁ ଫେରାର ହୋଇଯାଇଥିଲେ। ଏହା ପରେ ଦୋକାନୀ ମାଲିକ ଏକ ଲିଖିତ ଅଭିଯୋଗ ଦୁର୍ବୃତ୍ତଙ୍କ ନାମରେ ଫୁଲବାଣୀ ଥାନାରେ କରି ମଧ ଆଜି ସୁଦ୍ଧା ପୋଲିସ ଜାଣି ମଧ କୌଣସି ଦୃଢ଼ ପଦକ୍ଷେପ ନେଇ ନାହିଁ । ତେଣୁ ଦିନକୁ ଦିନ ସଦର ମହକୁମା ରେ ଦୁର୍ବୃତ୍ତମାନଙ୍କ ଆଡ୍ଡା ସ୍ଥଳୀ ପାଲଟିବା ସହ କିଛି ପୋଲିସ କର୍ମଚାରୀମାନଙ୍କ ସହିତ ହାତ ଥିବା ଓ ସେମାନଙ୍କୁ ସୁରକ୍ଷା ଦେଉଥିବା ସନ୍ଦେହ ଘେରରେ ରହୁଥିବା ଆଙ୍ଗୁଳି ନିର୍ଦ୍ଦେଶ କରିଛି । ଏହା ସହିତ ଗତ ଗୁରୁବାର ରାତ୍ରରେ ସର୍କିଟ ହାଉସ ରେ ନିଆଁ ଲଗାଇଥିବା ଘଟଣା, ଶୁକ୍ରବାର ରାତ୍ର ଡି. ଇ. ଓ କାର୍ଯ୍ୟାଳୟ ପରିସରରେ ଥିବା ଏକ ମଟର ସାଇକେଲକୁ ପୋଡ଼ି ଘଟଣା ପୋଲିସ ର ନିଷ୍କ୍ରିୟତା କୁ ରହସ୍ୟ ଘେରକୁ ଟାଣି ଆଣିଛି । ଏହାକୁ ନେଇ ପୋଲିସ ଦୁର୍ବୃତ୍ତ ମାନଙ୍କ ସହିତ ହାତ ମିଶାଇ ଧରି ଛାଡି ଦେଉଥିବା ନଜର ଆସିଛି । କିଛି ଦିନ ହେବ ଫୁଲବାଣୀ ସଦର ମହକୁମାରେ ରାତ୍ରି ସମୟରେ ବିଭିନ୍ନ ଘଟଣା ଘଟିଚାଲିଛି । ଚୋରି ଠାରୁ ଆରମ୍ଭ କରି ଗଞ୍ଜେଇ ଚୋରା ଚାଲାଣ ହେଉଥିଲେ ମଧ ପୋଲିସ ଜାଣିଶୁଣି ନିଷ୍କ୍ରିୟ ରହି ନିଜର ଫାଇଦା ଉଠାଉଥିବା ଲୋକଲୋଚନକୁ ଆସିଛି । ଏହା ସହିତ ପୋଲିସ ଅଧିକାରୀ ଓ କର୍ମଚାରୀ ଜାଣିଶୁଣି କେସ ନ କରି ନିଜର ଚାକିରୀକୁ ସୁରକ୍ଷିତ ରଖିବା ଏବଂ କୌଣସି ଝିଂଝଟ ରେ ନ ପଡ଼ିବା ପାଇଁ କୌଣସି କେସ ନ କରି ସମସ୍ତ ତଥ୍ୟ ପ୍ରମାଣ ଥାଇ ମଧ ଦୁର୍ବୃତ୍ତଙ୍କୁ ଛାଡି ଦେଉଛନ୍ତି । ପୋଲିସ ର ଶାସନ ଢିଲା ଫଳରେ ଦିନକୁ ଦିନ ଫୁଲବାଣୀ ସଦର ସମେତ ବିଭିନ୍ନ ବ୍ଲକରେ ଦୁର୍ବୃତ୍ତ ମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । କିଛି ପୋଲିସ କର୍ମଚାରୀ ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ରହିବା ଫଳରେ ଥାନାର କୌଣସି କେସକୁ ହାତକୁ ନ ନେଇ ସୁବିଧାରେ ଆଡ୍ଡା ଚଉଡ଼ା ନିଜକୁ ଦେଖାଇ ଓ କନ୍ଧମାଳ ଏସପିଙ୍କ ନିକଟରେ ଭଲ କାର୍ଯ୍ୟ କରୁଥିବାର ଭଲେଇ ହେବା ପରୋକ୍ଷ ଭାବରେ ଦୁର୍ବୃର୍ତ୍ତମାନଙ୍କ ସହ ହାତ ମିଳାଇ ନିଜର ସୁଶାସନକୁ ଦୁର୍ବୃର୍ତ୍ତ ମାନଙ୍କ ହାତରେ ବନ୍ଧା ପକାଇ ରହିଥିବାର ସାଧାରଣରେ ଚର୍ଚ୍ଚା ଜୋର୍ ଧରିଥିବା ବେଳେ କନ୍ଧମାଳ ଏସପି ଏଥିପ୍ରତି ପୁଙ୍ଖାନୁପୁଙ୍ଖ ଭାବରେ ତର୍ଜମା କରି ପୋଲିସ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଜନସାଧାରଣ ପୋଲିସର କାର୍ଯ୍ୟ,ନିୟମ କାନୁନ ହରାଇଥିବା ଅସ୍ଥା ଓ ବିଶ୍ୱାସ ର ଭାଜନ ହୋଇପାରିବେ ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ଡଃ. ମନମୋହନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ରାଜାନହର ନିକଟରେ ପ୍ରିୟ ନେତା ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼ଃ. ମନମୋହନ ସିଂ ୯୨ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଏହି ଅବସରରେ କଂଗ୍ରେସ ଦଳରେ ଏକ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ସନ୍ଧ୍ୟା ସମୟ ୬.୦୦ଘଣ୍ଟା ସମୟରେ ରାଜାନହର ନିକଟରେ ସ୍ୱର୍ଗୀୟ ମନମୋହନ ସିଂଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଛି ଗଜପତି ଜିଲ୍ଲା କଂଗ୍ରେସ କମିଟି । ଆଜିର କାର୍ଯ୍ୟକ୍ରମଟି ବିଧାୟକ ମହୋଦୟ ଦାଶରଥି ଗମାଙ୍ଗଙ୍କର ଆଦେଶ କ୍ରମେ ପରିଚାଳିତ କରାଯାଇଛି। କାର୍ଯ୍ୟକ୍ରମରେ କଂଗ୍ରେସ କମିଟି ପକ୍ଷରୁ ବିଭୁତି ପାତ୍ର, ଅଭିମନ୍ୟୁ ପଣ୍ଡା, ବସନ୍ତ କୁମାର ପଣ୍ଡା, ଇଶ୍ୱର ମାଝୀ,ସଂଜୟ ଅଧିକାରୀ, ଆଶୋକ ଅଧିକାରୀ,ରାଜା ପାତ୍ର,ଚାନ୍ଦୁଆ, ଛାତ୍ର କଂଗ୍ରେସ,ଯୁବ କଂଗ୍ରେସ, ରଞ୍ଜିତା ପାଣିଗ୍ରାହୀ, ସେକ୍ ଜସ୍ମିନ ରାବି,ମହିଳା କଂଗ୍ରେସ ପ୍ରମୁଖ ଉପସ୍ଥିତଥିଲେ।

# ତୁରେକେଲା ଥାନା ଅଧିକାରୀ ସମ୍ମାନିତ

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଉଲ୍ଲେଖନୀୟ ସେବା ଏବଂ କର୍ତ୍ତବ୍ୟନିଷ୍ଠ ଭାବେ କାର୍ଯ୍ୟ ସମ୍ପାଦନ ନିମନ୍ତେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବତନ ଖପ୍ରାଖୋଲ ଥାନା ଅଧିକାରୀ ତଥା ବର୍ତ୍ତମାନର ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁଙ୍କୁ ଶ୍ରେଷ୍ଠ ଥାନା ଅଧିକାରୀ ଭାବେ ସମ୍ମାନିତ କରାଯାଇଛି । ବଲାଙ୍ଗିର ଭୀମଭୋଇ ଡାକ୍ତର ଖାନା ପରିସରରେ ଅନୁଷ୍ଠିତ ସୁଶାସନ ଦିବସ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରମାକାନ୍ତ ସାହୁଙ୍କୁ ବଲାଙ୍ଗିର ଜିଲ୍ଲାର ଶ୍ରେଷ୍ଠ ଥାନା ଅଧିକାରୀ ଭାବେ ସମ୍ମାନିତ କରିଥିଲେ। ଖବର ପ୍ରଚାରିତ ହେବା ପରେ ଶ୍ରୀ ସାହୁଙ୍କୁ ପ୍ରଶଂସାର ସୁଅ ଛୁଟିଛି ।



# ମନମୋହନ ସିଂହଙ୍କ ବିୟୋଗରେ ଶୋକସଭା



ଉମରକୋଟ (ଭାସ୍କର ନ୍ୟୁଜ୍): ସ୍ୱର୍ଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗ ରେ ଉମରକୋଟ କଂଗ୍ରେସ ପକ୍ଷରୁ ଆଜି ଶୋକସଭା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଶୋକ ସଭାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂଙ୍କ ଅମର ଆତ୍ମାର ସଦ ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।ଉମରକୋଟ କଂଗ୍ରେସ ଦଳ ର ଟାଉନ୍ ସଭାପତି ଶ୍ରୀଯୁକ୍ତ ମାର୍କଣ୍ଡ ସାହୁଙ୍କ ଅଧ୍ୟକ୍ଷତାରେ ଏହି ସଭାଟି ଅନୁଷ୍ଠିତ ହେଇ ଥିଲା। କଂଗ୍ରେସ କର୍ମୀ ଓ ନେତା ମାନେ ଡକ୍ଟର ମନ ମୋହନ ସିଂହଙ୍କ ଫଟୋଚିତ୍ର ଉପରେ ପୁଷ୍ପ ମାଲ୍ୟାର୍ପଣ କରି ଶୋକସଭା ପ୍ରାରମ୍ଭ କରିଥିଲେ। ସ୍ୱର୍ଗତ ମନମୋହନ ସିଂ ପ୍ରଧାନମନ୍ତ୍ରୀଙ୍କ ସମୟରେ -ଖାଦ୍ୟ ନିରାପତ୍ତା ଆଇନ୍ ,ମନରେଗାର କାର୍ଯ୍ୟକାରୀ କରିବା , ପ୍ରତ୍ୟେକ ଗରିବ ପରିବାର ସଦସ୍ୟଙ୍କୁ ୫ କେଜି ଚାଉଳ ଯୋଗାଇବା, ଦେଶରେ ଅର୍ଥ ନୈତିକ ଅବସ୍ଥାକୁ ସୁଦୃଢ଼ କରିବା , ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ସ୍ୱର୍ଗତ ମନମୋହନ ସିଂଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ନିଜ ନିଜ ମତ ବକ୍ତବ୍ୟ ରଖିଥିଲେ। ଆଜିର ଏହି ସଭାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉମରକୋଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନରାଜ ଗଣ୍ଡ, ବରିଷ୍ଠ କଂଗ୍ରେସ ନେତା ଶ୍ରୀ ବିଘ୍ନରାଜ ସାନ୍ତା , ବ୍ଲକ କଂଗ୍ରେସ କମିଟି ସଭାପତି କୃଷ୍ଣ ମାଝୀ, ନଗର କଂଗ୍ରେସ କମିଟି ସଂପାଦକ ପର୍ଶୁରାମ ନାୟକ, ଉପ ସଭାପତି ଏସ୍ ବିଜୟ, ବରିଷ୍ଠ କଂଗ୍ରେସ ନେତା ଶଙ୍କର ଦେ, ଇସା ଲାଠିଆ, ସୁରେନ୍ଦ୍ର ନାୟକ, ଜଗନ୍ନାଥ ହରିଜନ, ଯୁବନେତା ଅଦିତ୍ୟ ସାହୁ, କେ,ପେଣ୍ଡ୍ରା ରାଓ , କଂଗ୍ରେସ ନେତ୍ରୀ ସୁନ୍ତୁଳା ଧୁରିଆ, ପଙ୍କଜନୀ ପଟ୍ଟନାୟକ, ଗଣେଶ କୁର୍ମି, ଅମିର ସା।ହା, ରାଜୁ ଖରାଙ୍କ ସମେତ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ। ଶେଷ ରେ ବରିଷ୍ଠ କଂଗ୍ରେସ ନେତା ଶଙ୍କର ଦେ ଧନ୍ୟବାଦ ଅର୍ପଣ କରିଥିଲେ।

# ରାୟଗଡ ଗସ୍ତରେ ଉପ-ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ



ରାୟଗଡ(ଭାସ୍କର ନ୍ୟୁଜ୍): ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଦିନିକିଆ ରୟଗଡ଼ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ସମୀକ୍ଷା କାଟିଛନ୍ତି । ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଝରୀ ଉପସ୍ଥିତ ଥିବାବେଳେ ରୟଗଡ଼ ଜିଲ୍ଲାପାଳ ପାରୁଲ ପଟାୱରୀ ଅଧକ୍ଷତା କରଥିଲେ । ସମୀକ୍ଷା ବୈଠକ ପୂର୍ବରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼ଃ ମନମୋହନ ସିଂହଙ୍କ ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ଚାଲୁଥିବା ରେଲୱାଇ ପ୍ରକଳ୍ପ, ଜାତୀୟ ରାଜପଥ ଯୋଜନା ଦ୍ୱାରା ହେବାକୁ ଥିବା ପ୍ରକଳ୍ପ ଗୁଡିକର ଅଗ୍ରଗତି, ରାସ୍ତା ଓ ଗୃହ ବିଭାଗ, ଗ୍ରାମୀୟ ନିର୍ମାଣ ବିଭାଗରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ସେତୁବନ୍ଧ ଯୋଜନା, ବୃହତ୍ତ ସେତୁ ବନ୍ଧ ଯୋଜନା ଉପରେ ଆଲୋଚନା କରିଥିଲେ। ସେହିପରି ମହିଳା ଓ ଶିଶୁବିକାଶ ଯୋଜନା ଅନ୍ତର୍ଗତ ଅଙ୍ଗନବାଡି କେନ୍ଦ୍ରର ଓ ଏହାର କାର୍ଯ୍ୟକାରିତା, ସୁଭଦ୍ରା ଯୋଜନା ଉପରେ ସମୀକ୍ଷା କରିଥିଲେ। ସେହିପରି ଖାଦ୍ୟଯୋଗଣ ଓ ଖାଉଟି କଲ୍ୟାଣ ଉପରେ ଜିଲ୍ଲାର ଖାଉଟି ସଂଖ୍ୟା, ରେସନ କାର୍ଡ, ଓ ଖାଦ୍ୟ ଅକ୍ଷବଣ୍ଟନ, ଖରିଫ ଧାନ ସଂଗ୍ରହ ଉପରେ ପଚାରି ବୁଝିଥିଲେ । ଏହା ସହିତ ଓରମାସ ତରଫରୁ ସ୍ୱୟଂ ସହାୟକ ମାନଙ୍କ ଦ୍ୱାରା କଣସବୁ କାର୍ଯ୍ୟକ୍ରମ ନିଆଯାଉଛି ସେ ଉପରେ ପଚାରି ବୁଝିଥିଲେ । ଏହାପରେ ଜିଲ୍ଲା ମଙ୍ଗଳ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ବିଭିନ୍ନ ଯୋଜର କାର୍ଯ୍ୟ କାରିତା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଭିତିଭୂମି ଓ ସ୍ୱାସ୍ଥ୍ୟ ସେବା ଯୋଗାଇବା ସକ୍ଷମ, ଅନ୍ୟାନ୍ୟ ଯୋଜନା ଓ କାର୍ଯ୍ୟକାରୀତା ଉପରେ ଆଲୋଚନା କରିଥିଲେ। ମଧ୍ୟମ ଜଳସେଚନ ବିଭାଗର ବିଭିନ୍ନ ପ୍ରକଳ୍ପ, କାର୍ଯ୍ୟକାରିତାର ଅଗ୍ରଗତି, ଧାର୍ଯ୍ୟ ସମୟରେ କାର୍ଯ୍ୟ ସମ୍ପାଦନ ଆଦି ଉପରେ ଆଲୋଚନା କରିଥିଲେ । ଜଙ୍ଗଲ ବିଭାଗର ବନିକରଣ, ଜଙ୍ଗଲ ନିଆଁ ପରିଚାଳନା ଓ ମଣିଷ ହାତୀ ବିବାଦର ପରିଚାଳନା ସମୀକ୍ଷା କରିଥିଲେ। ସେହିପରି ଟାଟା ପାୱାର ଉପରେ ଆଲୋଚନା କରି ଗ୍ରାମୀଣ ବିଦ୍ୟୁତ କରଣର ଅଗ୍ରଗତି ଓ ସମସ୍ୟା ଉପରେ ପଚାରି ବୁଝିଥିଲେ । ଗ୍ରାମୀୟ ଜଳଯୋଗାଣ ସଂସ୍ଥା ଉପରେ ସମୀକ୍ଷା କରି ପିଇବା ପାଣି ଓ ନଳରୁ ଜଳ ଯୋଗାଣ ପ୍ରକଳ୍ପ ଉପରେ ବୁଝିଥିଲେ । ସେହିପରି ସାମାଜିକ ସୁରକ୍ଷା ଯୋଜନଲାର କାର୍ଯ୍ୟ କାରିତା ଜିଲ୍ଲା ଶିଳ୍ପ କେନ୍ଦ୍ର, ଜିଲ୍ଲା ଦକ୍ଷତା ବିକାଶ, ଜିଲ୍ଲା ଶ୍ରମ ବିଭାଗ, କୃଷି ବିଭାଗ ଓ ସମବାୟ ଉପରେ ସମୀକ୍ଷା କରି ଫସଲ ବୀମା ଯୋଜନାରେ ଚାଷୀମାନେ ଯେପରି ଉପକୃତ ହେବେ ସମନ୍ୱୟ ରକ୍ଷା କରି କାର୍ଯ୍ୟକାରିବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ , ଗ୍ରମୀଣ ଆୱାସ ଯୋଜନାରେ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ଯୋଜନାର ଅଗ୍ରଗତି,ଉଦ୍ୟାନ ବିଭାଗ, ମତ୍ସ୍ୟ ବିଭାଗ, ଜାଳଛାୟା ମିଶନ, ଜିଲ୍ଲା ପ୍ରାଣୀସମ୍ପଦ ଆଦି ଉପରେ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର, ଅତିରକ୍ତ ଜିଲ୍ଲାପାଳ ଭାସ୍କର ରଇତ, ସିଡିଓ ତଥା ଇଓ ଜିଲ୍ଲାପରିଷଦ, ଶ୍ରୀ ଅକ୍ଷୟ ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣ ଦୀପ କୌର ସାହାଟେ, ଉପଜିଲ୍ଲାପାଳ ରୟାଗଡ଼, ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା କାନୁନଗୋ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡ଼ିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ । ଶେଷରେ ଉପଜିଲ୍ଲାପାଳ ରାୟଗଡ଼ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଭାରତବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶିଷ୍ଟ ଅର୍ଥନୈତିଜ୍ଞ, ସୂଚନା ଅଧିକାର ଆଇନ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ଶିକ୍ଷା ଅଧିକାର ଆଇନ, ଜଳ ପରିମଳ ମିଶନ ଓ ଜନସାଧାରଣଙ୍କ ହିତରେ ଅନେକ ଆଇନ ଏବଂ ଯୋଜନା ପ୍ରଣୟନ କରି ଭାରତବର୍ଷର ଜନସାଧାରଣଙ୍କ ନିକଟତର ହୋଇଥିବା ଚିରସ୍ମରଣୀୟ ଡ. ମନମୋହନ ସିଂହଙ୍କ ପ୍ରତି କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟି ଅଶ୍ରୁଳ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି। କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବର୍ତ୍ତମାନର କେନ୍ଦ୍ର ସରକାର ଭାରତୀୟ ଜାତୀୟ କଂଗ୍ରେସର ଅନୁରୋଧକୁ ପ୍ରତ୍ୟାକ୍ଷାନ କରି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଡ. ସିଂହଙ୍କ ଶବସତ୍କାର ନିମିତ୍ତ ଯାଗା ଯୋଗାଇ ନଦେବାରୁ ନିନ୍ଦା ପ୍ରସ୍ତାବ କରାଯାଇଥିଲା। ଏହି ବୈଠକରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ବିଭ୍ରାଂଶୁ ଶେଖର ଲେଙ୍କା, ସଞ୍ଜୟ ରାଉତ, ପୂର୍ବତନ ପୌରାଧ୍ୟକ୍ଷ ମହମ୍ମଦ ଆକବର ଅଲ୍ଲୀ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ,ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ(ସଂଖ୍ୟାଲଘୁ ବିଭାଗ) ସୟଦ ଅବଦୁଲ ସତ୍ତାର, ଅନନ୍ତ ପାତ୍ର, ମଙ୍ଗୁଳି ଚରଣ ବେହେରା, ସମ୍ରାଟକେଶରୀ ଜେନା, ରମାକାନ୍ତ ଦାଶ, ବିଜୟ ପଣ୍ଡା, ସୁଖଦାନନ୍ଦ ପ୍ରଧାନ, ହିମାଂଶୁ ନନ୍ଦୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉମେଶ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ଭାବନର ପେଣ୍ଠସ୍ଥଳୀ ହେଉ ଆଇଆଇଟି ଭୁବନେଶ୍ୱର: ଧର୍ମେନ୍ଦ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଇଆଇଟି, ଭୁବନେଶ୍ୱରକୁ ଟିଚିଂ, ରିସର୍ଚ୍ଚ ଓ ଇନୋଭେସନର ପେଣ୍ଠସ୍ଥଳୀ କରିବାକୁ ହେବ । ତେବେ ଯାଇ ଭାରତର ଅର୍ଥନୀତି ୫ ରୁ ୭ ଟ୍ରିଲିୟନ ଆମେରିକୀୟ ଡଲାର ହେବାର ଲକ୍ଷ୍ୟ ପୂରଣ ହୋଇପାରିବ । ଏହା ଦ୍ୱାରା ଆଇଆଇଟି ଛାତ୍ରଛାତ୍ରୀମାନେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନରେ ନିଜର ଦାୟିତ୍ୱ ନିର୍ବାହ କରିପାରିବେ ବୋଲି ଶନିବାର ଆଇଆଇଟି, ଭୁବନେଶ୍ୱରର ଦ୍ୱାଦଶ ଓ ତ୍ରୟୋଦଶ ମିଳିତ ସମାବର୍ତ୍ତନ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଯେ ଏହି ସମୟ ଭାରତର ସମୟ । ଭାରତୀୟ ସଭ୍ୟତା ପାରମ୍ପରିକ ଭାବରେ ବିଶ୍ୱର ନେତୃତ୍ୱ ଏବଂ ଦାୟିତ୍ୱ ନେଇଛି । ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବରେ ପରିଣତ ହୋଇଛି । ଆମ ଦେଶ ଖୁବ ଶୀଘ୍ର ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି । ଅନେକ ବିଶେଷଜ୍ଞଙ୍କ ମତରେ ଆଗାମୀ ଦିନରେ ଭାରତର ଅର୍ଥନୀତି ୫ ରୁ ୭ ଟ୍ରିଲିୟନ ଆମେରିକୀୟ ଡଲାର ହେବ । ଏହି ସମୟରେ ଆମକୁ ନୂଆ ଜ୍ଞାନର ଅନ୍ୱେଷଣ କରିବା ପାଇଁ ହେବ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ଭାରତ ଏକ ଜ୍ଞାନ ଭିତ୍ତିକ ସମାଜ । ଏକବିଂଶ ଶତାବ୍ଦୀ ଜ୍ଞାନ ଆଧାରିତ ଅର୍ଥନୀତି ହେବ । ଆମେ ଏବେ ଶିଳ୍ପ ବିପ୍ଳବ ୪.୦ରେ ଅଛୁ । ଶିଳ୍ପ ବିପ୍ଳବ ଆରମ୍ଭ ପୂର୍ବରୁ ଓଡ଼ିଶାରେ ନିର୍ମିତ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର, ପ୍ରଭୁ ଲିଙ୍ଗରାଜ ମନ୍ଦିର ଓ କୋଣାର୍କ ମନ୍ଦିର ବୈଜ୍ଞାନିକ ପୃଷ୍ଠଭୂମିର ପ୍ରମାଣ ଦେଉଛି । ସୂର୍ଯ୍ୟର ପ୍ରଥମ କିରଣ କୋଣାର୍କର ସୂର୍ଯ୍ୟ ମନ୍ଦିରରେ ପଡୁଛି । ଏଥିରେ ସବୁ ଇଞ୍ଜିନିୟରିଂ କୌଶଳ ଅଛି । ଏହା ଆମର ଉପଲବ୍ଧି । ତେଣୁ ଯେତେବେଳେ ଭାରତ ଅର୍ଥନୀତିର ସୁପର ପାୱାର ହେବାକୁ ଯାଉଛି ସେତେବେଳେ ଆମକୁ ଚାକିରି ଉପରେ ନିର୍ଭର ନକରି ନିଯୁକ୍ତିଦାତା ହେବା ପାଇଁ ପଡିବ । ଚତୁର୍ଥ ଶିଳ୍ପ ବିପ୍ଳବରେ ମାଲିକ ହେବାକୁ ପଡିବ । ନିଯୁକ୍ତିଦାତା ଓ ଇନୋଭେଟର ହେବାକୁ ପଡିବ । ସମୃଦ୍ଧ ଜନସଂଖ୍ୟା ଓ ଜ୍ଞାନ ଭିତ୍ତିକ ସମାଜ ସହିତ ଓଡ଼ିଶା ମଧ୍ୟ ଏଥିରୁ ଉପକୃତ ହେବ । ଛାତ୍ରୀଛାତ୍ରମାନେ ହେଉଛନ୍ତି ସମାଜର ପୃଷ୍ଠପୋଷକ । ଶ୍ରୀ ପ୍ରଧାନ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ଚାକିରି କରିବା ଉପରେ ଧ୍ୟାନ ଦେବା ଅପେକ୍ଷା ନିଯୁକ୍ତିଦାତା ହୋଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ସହଯୋଗୀ ହେବା ପାଇଁ ଆହ୍ୱାନ କରିଥିଲେ । ଓଡ଼ିଶାରେ ବହୁତ ପ୍ରତିଭାବାନ ଲୋକ ଅଛନ୍ତି । ଏହି ପ୍ରତିଭାବାନ ଲୋକଙ୍କୁ ନେଇ ଜ୍ଞାନ ତିଆରି କରିବା । ବ୍ୟକ୍ତି ଚ୍ୟାଲେଞ୍ଜ ଓ ସମସ୍ୟାରେ ରହିଲେ ସେ ନବସୃଜନ କରେ । ଆମର ଜନସଂଖ୍ୟାଗତ ଲାଭ ବା ଡେମୋଗ୍ରାଫିକ ଡିଭିଡେଣ୍ଡ, ଏକ ଜ୍ଞାନ ଭିତ୍ତିକ ସମାଜ ଏବଂ ଏକ ଅଭିବୃଦ୍ଧିଶୀଳ ଅର୍ଥନୀତି ସହିତ ଭାରତ ନିଶ୍ଚିତ ଭାବରେ ଚତୁର୍ଥ ଶିଳ୍ପ ବିପ୍ଳବରେ ନେତୃତ୍ୱ ନେବ । ଏହି ଛାତ୍ରଛାତ୍ରୀମାନେ ମଧ୍ୟ ସେହି ବିପ୍ଳବର ନେତୃତ୍ୱ ନେବେ । ନୂଆପିଢ଼ିକୁ ବଡ ଲମ୍ଫ ପ୍ରଦାନ କରିବା ପାଇଁ ଭାରତ ସରକାର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗୀ ହେବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଭାରତ ଏବଂ ଓଡ଼ିଶା ଏକ ବୈଜ୍ଞାନିକ ସମୁଦାୟ । ଜ୍ଞାନ ଆଧାରିତ ଦୁନିଆ ଭାରତ ସର୍ଭିସ ସେକ୍ଟରରେ ନିଜର ପରାକାଷ୍ଠା ଦେଖାଇଛି । ଭାରତ ଭଳି ଦେଶରେ ସ୍ୱଦେଶୀ ଭାକସିନ ବିକଶିତ ହେବା ଏକ ବଡ ଉପଲବ୍ଧି । ଆମ ଦେଶରେ ଗବେଷଣାର ପରିଭାଷା ମାଗାଜିନରେ ପ୍ରକାଶନରେ ସୀମିତ । ଗବେଷଣାକୁ ଆଗକୁ ବଢାଇବା ପାଇଁ ପଡିବ । ସ୍ୱଭାବରେ ଭାରତ ହେଉଛି ଇନୋଭେଟର । ସେହିପରି ଦେଶରେ ଇଞ୍ଜିନିୟରରେ ଦକ୍ଷତା ଆସିଛି । ଆମର ଚାଲେଞ୍ଜ ହେଉଛି ଏହି ସମୟରେ ଆମେ କଣ ସର୍ବଦା ଅନ୍ୟ ଅର୍ଥନୀତିର ଦେଶକୁ ସମ୍ପନ୍ନ କରିବା । ବର୍ତ୍ତମାନ ସମୟରେ ସମାଜର ଆକାଂକ୍ଷା କଣ ? ଯୁବପିଢି ଓ ଶିକ୍ଷାବିତମାନେ ଯେଉଁଠି ହାତ ଲଗାଇଛନ୍ତି, ସେ କାମ କେତେବେଳେ ବି ପଛରେ ରହିନାହିଁ । ଆଜି ଭାରତ ଡିଜିଟାଲ ପେମେଣ୍ଟରେ ଦୁନିଆର ୧ ନମ୍ବର ଦେଶ ହୋଇଛି । ଭାରତର ଗାଁ ଗାଁରେ ଫୋନ ମାଧ୍ୟମରେ ଡିଜିଟାଲ ପେମେଣ୍ଟ ହେଉଛି । ଏହି ପରିପ୍ରେକ୍ଷୀରେ ରିସର୍ଚ୍ଚ ଏବଂ ଇନୋଭେସନକୁ ସୁଦୃଢ଼ କରିବା ପାଇଁ ଶ୍ରୀ ପ୍ରଧାନ ସମସ୍ତ ଷ୍ଟେକହୋଲ୍ଡରଙ୍କୁ ପ୍ରୋତ୍ସାହିତ କରିଥିଲେ । ସ୍ନାତକ ଛାତ୍ରଛାତ୍ରୀଙ୍କୁ ଜୀବନର ନୂଆ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇବା ସହ ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ଆଇଆଇଟି ରିସର୍ଚ୍ଚ ଏବଂ ଏଣ୍ଟରପ୍ରିନ୍ୟୁସିପ୍ ପାର୍କ ଏବଂ ସିଲିକନ କାରବାଇଡ୍ ରସର୍ଚ୍ଚ ଇନୋଭେସନ ସେଣ୍ଟର (ଏସଆଇସିଆରଆଇସି) ପରିଦର୍ଶନ କରିଥିଲେ । ସମାବର୍ତ୍ତନ ସମାରୋହରେ ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ପ୍ରଫେସର ଅଜୟ କେ ସୁଦ, ଆଟୋମିକ୍ ଏନର୍ଜିର ସଚିବ ଡ. ଅଜିତ୍ କୁମାର ମହାନ୍ତି ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସଚିବ ପ୍ରଫେସର ଅଭୟ କାରାନଡିକର, ଆଇଆଇଟି ବୋର୍ଡ ଅଫ୍ ଗଭର୍ଣ୍ଣସର ଚେୟାରମ୍ୟାନ ଡ. ରାଜେନ୍ଦ୍ର ପ୍ରସାଦ ସିଂହ. ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରକମଲକର ପ୍ରମୁଖ ଉପସ୍ଥିତ ଥିଲେ ।

# ୩ ହାର୍ଡକୋର୍ ମହିଳା ମାଓବାଦୀ ଗିରଫ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅଧୀନ ଗୁଣ୍ଡାବାଡ଼ା ଜଙ୍ଗଲରେ କମ୍ବିଂ ଅପରେସନ ଚାଲିଥିବାବେଳେ ଓଡ଼ିଶା ପୋଲିସ ଓ ଡିଭିଏଫ ୩ ମହିଳା ହାର୍ଡକୋର ମାଓବାଦୀଙ୍କୁ ଗିରଫ କରିବାରେ ସମର୍ଥ ହୋଇଛନ୍ତି। ଗିରଫ ମହିଳା କ୍ୟାଡର ମାଓବାଦୀଙ୍କ ମଧ୍ୟରୁ ଜଡାମ୍ବ ଥାନା ଧାକଡ଼ପଦର ଗ୍ରାମର ୪ ଲକ୍ଷ ଟଙ୍କାର ଇନାମ ଥିବା ସ୍ୱପ୍ନା ଓରଫ ଚନ୍ଦ୍ରମା ଖିଲ, ୨ ଲକ୍ଷ ଟଙ୍କା ଲେଖାଏଁ ଇନାମ ଥିବା ବବିତା ଓରଫ କମଳା ଖିଲ ଏବଂ ସୁନୀତା ଖିଲ ରହିଛନ୍ତି। ଏ ନେଇ ଦକ୍ଷିଣାଞ୍ଚଳ ଡିଆଇଜି ନୀତିଶେଖର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେମାନଙ୍କୁ ପଚରାଉଚୁରା ପରେ ସଂପୂର୍ଣ୍ଣ ତଥ୍ୟ ପୋଲିସ ପାଇଥିବା ସୂଚନା ଦିଆଯାଇଛି। ସ୍ୱପ୍ନା ୨୦୧୮ରେ ଆନ୍ଧ୍ର-ଓଡ଼ିଶା ବର୍ଡର ସ୍ପେଶାଲ ଜୋନାଲ କମିଟିର ପାର୍ଟି ସଦସ୍ୟା ଭାବେ ଯୋଗ ଦେଇଥିଲା। ସେ ଜଡାମ୍ବ ଥାନା ଅଧୀନ ଅଣ୍ଡାପାଲି, ମୁଦୁଲିପଡ଼ା ଥାନା ଅନ୍ତର୍ଗତ ଗୋଇଗୁଡ଼ା, କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଅଧୀନ ଘୋଡ଼ାବେଡ଼ା, ମାଲକାନଗିରିର ମାଥିଲି ଥାନା ଅଧୀନ ଜାଜଭଟା ଓ ଟେମୁରୁପାଲି ଥାନା ଅନ୍ତର୍ଗତ ଦଲଦଲି ନିକଟରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ସାମିଲ ରହିଥିଲା। ସେହିପରି ସୁନୀତା ଖିଲ ମଧ୍ୟ ବିଭିନ୍ନ ହିଂସାରେ ସଂପୃକ୍ତ ଥିବା ପୋଲିସ ସୂଚନା ଦେଇଛି। ୩ ଗିରଫ ମହିଳା ମାଓବାଦୀଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ଡିଆଇଜି ସୂଚନା ଦେଇଛନ୍ତି। ଏବେ ବି ସଂପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ଭଞ୍ଜନଗର (ଭାସ୍କର ନ୍ୟୁଜ): ଡିଏଭି ପିଟି ଏସ ଆର ପବ୍ଲିକ ସ୍କୁଲ ଭଞ୍ଜନଗର ପରିସରରେ ଶନିବାରଦିନ ପ୍ରାକ୍ତନ ଛାତ୍ରଛାତ୍ରୀ ମାନଙ୍କର ବନ୍ଧୁମିଳନ ସମାରୋହ ପାଳନ କରାଯାଇଛି । ପ୍ରଧାନ ଶିକ୍ଷକ ବାସୁଦେବ ପାଣିଗ୍ରାହୀ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ସମ୍ପାଦକ ପ୍ରବୀଣ କୁମାର ପାତ୍ର ପରିଚାଳନା କରିଥିଲେ। ଚଳିତ ବୈଠକରେ ପ୍ରାକ୍ତନ ଛାତ୍ରଛାତ୍ରୀ କାର୍ଯ୍ୟକାରିଣୀ ବୈଠକର ପରିଚାଳନା ପାଇଁ କମିଟି ଗଠନ କରାଯାଇଥିଲା। ଛାତ୍ରଛାତ୍ରୀ ବିଦ୍ୟାଳୟର ସମ୍ପର୍କରେ ସେମାନଙ୍କ ଅନୁଭୂତି ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ସେମାନଙ୍କ ମତାମତକୁ ଗ୍ରହଣ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ଯନୁଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।


**Office of the Executive Engineer**
**Road Construction Department,**
**Road Division,Chaibasa**
eercdchaibasa-jhr@nic.in

**Very Short E-Procurement Notice**

**E-tender Reference No. : RCD/CHAIBASA/2024-25/17 (2nd Call) Date : 28.12.2024**

| | | |
|---|---|---|
| 1. | Name of Work | Selection of Bidder for collection of user fee through fee collecting agency on the basis of the competitive bidding through on E -Tender Basis only at Km. 13+400 at Sanagajata Toll Plaza for the section from Km. 0.00 to Km. 47.86 (Chaibasa-Kandra Sect ion) of Sta te Highways No. 5 in the state of Jharkhand. |
| 2. | Estimated Cost (Rs.) | Rs 12,43,50,000.00 (Twelve Crore Forty Three Lacs Fifty Thousand) Only. Per annum |
| 3. | Time of Completion | 02 (Two) Years |
| 4. | Date of Publication of Tender On Website | 30.12.2024 at 11.30 AM |
| 5. | Last date/Time for receipt of bids. | 06.01.2025 Up to 3.00 P.M. |
| 6. | Date of Opening of Bid | 07.01.2025 at 03:30 P.M. |
| 7. | Name & address of office Inviting tender | Office of the Executive Engineer, RCD, Road Division, Chaibasa |
| 8. | Contact no. of Procurement Officer | 7781899686 |
| 9. | Helpline number of e-Procurement cell | 0651-3510880 |

* Further details can be seen on website http://jharkhandtender.gov.in

**Executive Engineer**
**RCD, Road Division, Chaibasa.**

PR 343089 West Singhbhum(24-25)D


# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଓକିଲ ସଂଘ

ଭଞ୍ଜନଗର (ଭାସ୍କର ନ୍ୟୁଜ): ଆଡଭୋକେଟ୍ ଓ୍ୱେଲଫର ଫଣ୍ଡ ଟ୍ରଷ୍ଟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪-୨୫ ବର୍ଷ ପାଇଁ ମ୍ୟାଚିଙ୍ଗ୍ ଫଣ୍ଡ ବାବଦରେ ୧୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏ ସଂକ୍ରାନ୍ତରେ ଭଂଜନଗର ଓକିଲ ସଂଘ ସଭାପତି ଶୈଳେନ୍ଦ୍ର ନାରାୟଣ ସାହୁ ଏବଂ ସମ୍ପାଦକ ରାଜେନ୍ଦ୍ର କୁମାର ପ୍ରଧାନ, ଏକ ପ୍ରେସ୍ ନୋଟ୍ ଜରିଆରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହାଦ୍ୱାରା ରାଜ୍ୟର ଓକିଲ ମାନେ ବିଶେଷ ଭାବେ ଉପକୃତ ହେବେ । ଏନେଇ ମୁଖ୍ୟମନ୍ତ୍ରୀ ଏବଂ ଆଇନ ମନ୍ତ୍ରୀଙ୍କୁ ଭଞ୍ଜନଗର ଓକିଲ ସଂଘ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି ।

# ଦୁଇଦିନିଆ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନବରଙ୍ଗପୁର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଚଚରା ଗୁଡା ଗ୍ରାମ ପଞ୍ଚାୟତ ବାଇଗାଁ ବିଦ୍ୟାଳୟ ପଡିଆରେ ମା' କସ୍ତୁାୟାନୀ ଆନ୍ତଃ ବ୍ଲକ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଏହି ଅବସରରେ ଉଦଯାପନୀ ଉତ୍ସବରେ ନବରଙ୍ଗପୁର ପ୍ରିୟ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୀଣା ମାଝୀ ଓ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଗୁପ୍ତ ବିଶୋଇ, ସାଂସଦ ପ୍ରତିନିଧି ଏମ୍ ଆପା ରାଓ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଚଚରାଗୁଡା ଗ୍ରାମ ପଞ୍ଚାୟତ ସରପଞ୍ଚ ରଞ୍ଜୁ ଭତ୍ରା, ନାଏବ ସରପଞ୍ଚ ଯୁଧିଷ୍ଠିର ତନ୍ତୀ ଯୋଗ ଦେଇ ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଉଦଯାପନ କରିଥିଲେ । ଡାବୁଗାଁ ବ୍ଲକ ବାଇଗାଁ ଓ କୋଷାଗୁମୁଡ଼ା ବ୍ଲକର କୋଡିଙ୍ଗା ପାଖ ବନ୍ଦିଗୁଡା ଦଳ ସହ ପ୍ରତିଯୋଗିତା ହୋଇ ଥିଲା । ଏଥିରେ ବନ୍ଦିଗୁଡା ୫-୩ ରେ ଜୟଯୁକ୍ତ ହୋଇ ବାଇଗାଁକୁ ପରାଜୟ କରିଥିଲ । ବନ୍ଦିଗୁଡା ବିଜେତା ଦଳକୁ ୧୧,୧୧୧ ଟଙ୍କାର ଚେକ ଓ ବାଇଗାଁ ଉପ ବିଜେତା ଦଳକୁ ୮୮୮୮ ଟଙ୍କାର ଚେକ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଉଦଯାପନୀ ମ୍ୟାଚରେ ରେଫରୀ ଭାବେ ଗାଗାରିନ ହରିଜନ, ରାଜୁ ହରିଜନ ଓ ଗିରିଧର ପୂଜାରୀ ବେଶ୍ ସୁନ୍ଦର ଭାବେ ପରିଚାଳନା କରିଥିଲେ । ଉକ୍ତ ଟୁର୍ଣ୍ଣାମେଣ୍ଟରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକର ଆଠ ଗୋଟି ଦଳ ଅଂଶଗ୍ରହଣ କରି ନିଜ ନିଜର କ୍ରୀଡା ପ୍ରଦର୍ଶନ କରାଇଥିଲେ । ଭଲିବଲ ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟିର ଲକି ପୂଜାରୀ, ପିଣ୍ଟୁ ପୂଜାରୀ, ମୋହନ ସିଂ ଗଣ୍ଡ, ତ୍ରିନାଥ ପାଣ୍ଡେ, ନରସିଂହ ମାଝୀ, କର୍ଣ୍ଣ ଭତ୍ରା, ବିଷ୍ଣୁ ଦାସ, ଜଗତ ଭତ୍ରା, ମଧୁ ମାଝୀ ଓ ଭୁବନ ହରିଜନ ପ୍ରମୁଖଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳା ସହକାରେ ଉଦଘାଟନୀ ମ୍ୟାଚ ସମାପନ ହୋଇଥିଲା ।

# ଏଫ୍‌ଏଫ୍‌ସି ପକ୍ଷରୁ 'ମେରୀ ଖ୍ରୀଷ୍ଟମାସ୍ ଡ଼େ'



ଭୁବନେଶ୍ୱର (ଭାସ୍କର ନ୍ୟୁଜ):ସ୍ୱାସ୍ଥ୍ୟ ପାଇଁ ଚାଲିବା ଓ ସୁସ୍ଥ ରହିବାର ଯୁଗାନ୍ତକାରୀ ବାର୍ତ୍ତାକୁ ଲୋକାଭିମୁଖୀ କରି ଆସୁଥିବା ଫନ୍ ଆଣ୍ଡ ଫିଟ୍‌ନେଓ ୱାକର୍ସ କ୍ଲବ୍, ଭୁବନେଶ୍ୱର ପକ୍ଷରୁ ଚଳିତବର୍ଷର ଶେଷ କାର୍ଯ୍ୟକ୍ରମ 'ମେରୀ ଖ୍ରୀଷ୍ଟମାସ୍ ଡ଼େ' ବା ବଡ଼ଦିନ ଆଜି ଏନ୍ – ୩ ପାର୍କରେ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି । ଭାଇଚାରା, ଆନନ୍ଦ ଓ ଉଲ୍ଲାସର ପର୍ବ ହେଉଛି ଖ୍ରୀଷ୍ଟମାସ ପର୍ବ ଯାହାକି ସାରା ବିଶ୍ୱରେ ପାଳନ କରାଯାଇ ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରିପାରିଛି । ଏଫଏଫ୍‌ସି, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ପଥଚାରୀ ଓ ପ୍ରାତଃ ଭ୍ରମଣକାରୀଙ୍କ ସଂଗଠିତ କରି ବଡ଼ଦିନ ପର୍ବ ପାଳନ କରି ବିଶ୍ୱ ଭାତୃପ୍ରେମର ନିର୍ଦ୍ଦେଶନ ଦେଇପାରିଛି ବୋଲି ଏହାର କାର୍ଯ୍ୟକାରୀ ସଭାପତି ରିୟା ଖାନ୍, ମୁଖ୍ୟ ଉପଦେଷ୍ଟା ଲାୟନ୍ସ କ୍ଲବ୍‌ର ପୂର୍ବତନ ଗଭର୍ଣ୍ଣର ନିକୁଞ୍ଜ ଛୋଟରାୟ, ପୂର୍ବତନ ସଭାପତି କେଦାର ପଟ୍ଟନାୟକ, କର୍ମକର୍ତ୍ତା ପ୍ରଦୀପ ରାଉତ, ଭାବନୀ ପଟ୍ଟନାୟକ, ସଲମାନ୍ ଖାନ୍, ସିର୍ଦ୍ଧାଥ ଚୌଧୁରୀ, ପ୍ରଦୀପ ପଣ୍ଡା, ରାଜେଶ୍ୱର ପାତ୍ର, କୃଷ୍ଣ ଚନ୍ଦ୍ର ନାୟକ, ସୁମିତ୍ରା ପରିଡ଼ା, ବୈଷ୍ଣବ ଓଝା, ସୁରେନ୍ଦ୍ରନାଥ ସେଠୀ, ପ୍ରେମାନନ୍ଦ ପୃଷ୍ଟି, ଅମିତା ଜେନା, ମଧୁସ୍ମିତା ପ୍ରିୟଦର୍ଶିନୀ, ବାବୁରାମ ସେଠୀ, ସସ୍ମିତା ସାହୁ, ଅସୀମ ପଟ୍ଟନାୟକ, ଅରବିନ୍ଦ ମହାପାତ୍ର, କପିଳାସ ସ୍ୱାଇଁ ଏବଂ ସମସ୍ତ ଉପସ୍ଥିତ ସଭ୍ୟ ମତ ପ୍ରକାଶ କରିଛନ୍ତି ବୋଲି ସମ୍ପାଦକ ସୁଧାକର ଷଡ଼ଙ୍ଗୀ ଜଣାଇଛନ୍ତି ।

# ଆଳି ତୋରଣ ନିର୍ମାଣ ବିବାଦ:୧୬୩ ଦଫା ଲାଗୁ

ଆଳି (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲାରେ ସବୁଠୁ ଅଧିକ ଚର୍ଚ୍ଚିତ ସମ୍ବେଦନଶୀଳ ଭାବରେ ବେଶ କିଛି ଦିନ ନୀରବତା ପରେ ଏବେ ପୁଣି ଚର୍ଚ୍ଚା ର ବିଷୟ ପାଲଟିଛି ଆଳି । ଆସନ୍ତା ନୂଆବର୍ଷକୁ ସ୍ୱାଗତ ଜଣେଇବା ନିମନ୍ତେ ରାଜନୈତିକ ଦଳ ମଧ୍ୟରେ ପ୍ରତିଯୋଗିତା ହେବା ଘଟଣା ସାଧାରଣରେ ଆଚମ୍ବିତ କରିଛି । ଘଟଣାରୁ ପ୍ରକାଶ ଯେ, ଆଳି ଅଞ୍ଚଳର କେନ୍ଦ୍ରସ୍ଥଳୀ ଆଳି ନୂଆବଜ଼ାର ମଧ୍ୟ ଭାଗରେ ଥିବା ଦୁର୍ଗା ମଣ୍ଡପ ଠାରେ ଏକ ତୋରଣ ନିର୍ମାଣକୁ ନେଇ ଦୁଇ ରାଜନୈତିକ ଦଳ ବିଜେଡି ଓ ବିଜେପି ମଧ୍ୟରେ ଉତ୍ତେଜନା ଦେଖା ଦେଇଛି । ପୂର୍ବରୁ ବିଜେଡି ଦଳର କର୍ମୀ ମାନେ ସେହି ସ୍ଥାନରେ ତୋରଣ ନିର୍ମାଣ କରି ଆସୁଥିବା ବେଳେ ଚଳିତ ବର୍ଷ ସେହି ସ୍ଥାନରେ ତୋରଣ ନିର୍ମାଣ କରିବା ଲକ୍ଷ ନେଇ ଭାଜପା ପକ୍ଷରୁ କାର୍ଯ୍ୟ ଆରମ୍ଭ ହେଲା ବେଳେ ବିଜେଡିର କିଛି ଆଗୁଆ କର୍ମୀ ସେଠାରେ ନ କରିବାକୁ ଚେତାବନୀ ଦେବା ସହିତ ହେଉଥିବା କାର୍ଯ୍ୟକୁ ବନ୍ଦ ରଖିଥିଲେ । ଏ କଥା ଦେଖି ବିଜେପି କର୍ମୀ ମାନେ ଏହାର ଦୃଢ଼ ପ୍ରତିବାଦ କରିବାରୁ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ଦେଖା ଦେଇଥିଲା । ଖବର ପାଇ ଆଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷକୁ ବୁଝା ସୁଝା କରିବାରୁ ଆସନ୍ନ ଗଣ୍ଡଗୋଳ ଟଳି ଯାଇଥିଲା । ତେବେ ଘଟଣା ପରିସମାପ୍ତି ଘଟିବା ପରିବର୍ତ୍ତେ ଆହୁରି ଜଟିଳ ଆଡକୁ ଅଗ୍ରଗତି କରିଥିଲା । ଏ ସବୁ ଘଟଣା ସମ୍ପର୍କରେ ଖବର ପାଇ ଆଳି ତହସିଲଦାର ଶାନ୍ତି ସୁରୂପ ମିଶ୍ର, ପଟ୍ଟାମୁଣ୍ଡାଇ ପୋଲିସ ଏସପି ପିଓ କ୍ଷମା ସାଗର ପଣ୍ଡା, ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ ପ୍ରମୁଖ ଉଭୟ ଦଳର କର୍ମୀ ମାନଙ୍କୁ ବୁଝା ସୁଝା କରିଥିଲେ ମଧ୍ୟ ସେମାନେ ତାଙ୍କ ଜିଦ ରେ ଅଟଳ ରହିଥିଲେ । ତେବେ ପୋଲିସ ଓ ପ୍ରଶାସନ ଉଭୟ ଦଳର ଲୋକଙ୍କୁ ଶାନ୍ତି ବଜାୟ ରଖିବାକୁ ଯାଇ ଘଟଣାସ୍ଥଳରେ ଧାରା ୧୬୩ଲାଗୁ କରି ଆସନ୍ନ ଗଣ୍ଡଗୋଳକୁ ଟଳିବାକୁ ଚେଷ୍ଟା କରିଛି । ଏବେ ଘଟଣାସ୍ଥଳ ପୋଲିସ ଛାଉଣୀ ହୋଇଯାଇଛି ।


OFFICE OF THE NOTIFIED AREA COUNCIL,
KHARIAR ROAD

**C-1354**

Mail - nacknrd@rediffimail.com
Phone No- 06678-221239

**INVITATION FOR BIDS**

Bid Reference No- **2024_ORULB_108788-I**

Tender Call Notice No. **3100 / 26.12.2024**

**Bid documents consisting of specification the schedule of quantities and the set of terms and contidion of contract and other necessary document can be seen in the Govt. Website i.e. www.tendersorissa.gov.in**

| | | | |
|---|---|---|---|
| 1 | Nature of work | : | Electrical construction works as mentioned in website |
| 2 | Estimated Cost | : | Rs.9.73 lakhs |
| 3 | Period of Completion | : | As per DTCN |
| 4 | Date and time of availability of the documents in the portal | : | 10.00 AM 27.12.2024 to 5:00 PM 05.01.2025 |
| 5 | Last date/time for receipt of Bids in the portal | : | 05.01.2025 by 5.30 PM. |
| 6 | Offline Submission of Bid | : | 10.00 AM.of 06.01.2025 to 5.30 PM of 06.01.2025 |
| 7 | Name and address of the Officer inviting Bid | : | Executive Officer, Khariar Road NAC, Dist - Nuapada |

**Further the details can be seen from the "procurement Portal- www.tendersprossa.gov.in.**

**OIPR 13136/11/0026/2425**

**Sd/- Executive Officer,**
**NAC, Khariar Road**


# ଇଣ୍ଡିଆନ ଚାମ୍ବର ଅଫ୍ କର୍ମସ ଓଡ଼ିଶା ରାଜ୍ୟ ପରିଷଦର ବାର୍ଷିକ ଉତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ) : ଇଣ୍ଡିଆନ ଚାମ୍ବର ଅଫ୍ କର୍ମସ(ଆଇସିସି) ଓଡ଼ିଶା ରାଜ୍ୟ ପରିଷଦର ବାର୍ଷିକ ସାଧାରଣ ସଭା ମେ ଫେୟାର ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପୁରାତନ ଏବଂ ସବୁଠାରୁ ସକ୍ରିୟ ଜାତୀୟ ଭାବରେ, ଆଇସିସି ଦେଶର ଶିଳ୍ପ ଦୃଶ୍ୟପଟ୍ଟରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯୋଗଦେଇ ଆଇସିସିର ନୂତନ ଭାବେ ଦାୟିତ୍ୱ ନେଇଥିବା ଅଧିକାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିବାସହ କହିଥିଲେ ଯେ ଅସମ୍ଭବ ବୋଲି କିଛି ନାହିଁ । ଚେଷ୍ଟାକଲେ ସବୁ ସମ୍ଭବ ହୋଇପାରିବ । ଏହି ଅବସରରେ ରାଜୀବ ସାହୁଙ୍କୁ ଆଇସିସିର ନୂତନ ଅଧ୍ୟକ୍ଷ ଭାବେ ବିଦାୟୀ ଅଧ୍ୟକ୍ଷ ଜେ ବି ପାଣିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ୨୦୦୮ରୁ ୨୦୧୦ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟରେ ଟ୍ରଷ୍ଟି, ଜୁଲାଇ, ୨୦୦୮ରୁ ଜୁଲାଇ, ୨୦୧୧ ପର୍ଯ୍ୟନ୍ତ ଆନ୍ଧ୍ର ବ୍ୟାଙ୍କର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବା ସହ ବହୁ ଖ୍ୟାତନାମା କମ୍ପାନୀରେ କାର୍ଯ୍ୟଭାର ତୁଲାଇଛନ୍ତି । ବର୍ତ୍ତମାନ ସେ ଇନ୍ଦ୍ରପ୍ରସ୍ତ ଗ୍ୟାସ୍ ଲିମିଟେଡ୍, କଳିଙ୍ଗ ହସ୍ପିଟାଲ୍ ପରି ବହୁ ପ୍ରତିଷ୍ଠାନରେ କାର୍ଯ୍ୟରତ । ଧର୍ମାଦିତ୍ୟ ପଟ୍ଟନାୟକଙ୍କୁ ବରିଷ୍ଠ ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି । ସେ ବର୍ତ୍ତମାନ ପରିଚାଳନା ନିର୍ଦ୍ଦେଶକ, ଏସିଇ କମର୍ସିଆଲ୍ କମ୍ପାନୀ ପ୍ରା ଲିଃ ଭାବେ କାର୍ଯ୍ୟରତ । ଧର୍ମାଦିତ୍ୟ ପଟ୍ଟନାୟକ ଓଡ଼ିଶାର ଜଣେ ପ୍ରତିଷ୍ଠିତ ଉଦ୍ୟୋଗୀ । ଏସିଇର ପରିଚାଳନା ନିର୍ଦ୍ଦେଶକ ଭାବରେ ସେ ଓଡ଼ିଶାର ଏକ ଦୃଢ଼ ସଂଗଠନ ପ୍ରତିଷ୍ଠା ସ୍ଥାପନ କରିଛନ୍ତି । ବ୍ୟବସାୟ ଦୃଶ୍ୟପଟରେ ତାଙ୍କର ନେତୃତ୍ୱ ଅନେକ ସଫଳ ଉଦ୍ୟମରେ ବିସ୍ତାରିତ ଏବଂ ସେ ଓରିଜନ୍ ରିସୋର୍ସ ସମେତ ଏକାଧିକ ପ୍ରତିଷ୍ଠିତ କମ୍ପାନୀରେ ନିର୍ଦ୍ଦେଶକ ପଦବୀରେ ରହିଛନ୍ତି । ନୀଳାଞ୍ଜନା ମୁଖାର୍ଜୀଙ୍କୁ ଆଇସିସିର ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି । ସେ କଳିଙ୍ଗ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ । ସେବା କ୍ଷେତ୍ରରେ ତାଙ୍କର ଏକ ବଡ଼ ଅଭିଜ୍ଞତା ଅଛି । ତାଜ୍ ଗ୍ରୁପ୍ ସହିତ ତାଙ୍କ କ୍ୟାରିଅର୍ ଆରମ୍ଭ କରିଥିଲେ । ବିଶ୍ୱ ଅର୍ଥନୀତିର ଆର୍ଥିକ ସ୍ଥିତିକୁ ଅଗ୍ରଗତି କରିବା ଇଣ୍ଡିଆ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ବହୁ ପଦକ୍ଷେପ ଗ୍ରହଣ କରିଛି । ଏହାର ଶତବାର୍ଷିକୀ ବର୍ଷରେ, ଭାରତର ଅର୍ଥନୈତିକ ଅବଦାନ ପାଇଁ ଆଇସିସି ନିଜ ମିଶନ ସ୍ଥିର କରିଛି । ଏହାର ବିଶ୍ୱସ୍ତରୀୟ ପ୍ରତିଯୋଗିତା ବୃଦ୍ଧି କରି ବିଗତ ୯୯ ବର୍ଷ ମ୍ଭରେ ଶ୍ରେଷ୍ଠ ହୋଇପାରିଛି । ଭାରତୀୟ ବ୍ୟବସାୟକୁ ସମର୍ଥନ କରିବା, ନବସୃଜନ ବୃଦ୍ଧି ଏବଂ ଓକିଲାତି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅନ୍ତର୍ଭୁକ୍ତ । ଆଇସିସି ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହି କାର୍ଯ୍ୟକ୍ରମରେ ଆଇସିସିର ସଭାପତି ଅଭ୍ୟୁଦୟ ଜିନ୍ଦଲ ଯୋଗଦେଇଥିବାବେଳେ ସଭା ଶେଷରେ ଆଇସିସିର ଡାଇରେକ୍ଟର ଜେନେରାଲ୍ ଡଃ ରାଜୀବ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆଇସିସିର ଆଞ୍ଚଳିକ ମୁଖ୍ୟ ଜେପି ପାଲ୍ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।


**Government of Odisha**
**Office of the Superintending Engineer**
**Rural Works Division-I, Nabarangpur.**
e-mail-eerwngp@rediffmail.com

**O-1038**

**Letter No: 4959** **Date: 23.12.2024**

**e-Procurement Notice**

| | | |
|---|---|---|
| Name of the work | :- | Road Works |
| Total No. of works | :- | 02 (Two) No's. |
| Approx. Estimated Cost | :- | Rs. 59.32 lakhs to Rs. 62.71 lakhs |
| Class of Contractor | :- | "B" Class Contractor |
| Period of completion | :- | 01 (One) Calender Month |

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Bid | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | | 4 | 6 | |
| Rural Works Division-I, Nabarangpur | EERWNGP – Online -08/2024-25 | 02 (Two) No's. | 01.01.2025 at 10.00 AM | 08.01.2025 up to 03.00 PM | 09.01.2025 at 11.00 AM | To be intimated separately |

For Details can be seen from the Government website www.tendersorissa.gov.in

**OIPR 25092/11/0008/2425**

**Sd/-**Superintending Engineer
Rural Works Division-I, Nabarangpur


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୩୦ ସୁଦ୍ଧା...

ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାରସିଂ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନସଚିବ ଡକ୍ଟର ଅରବିନ୍ଦ ପାଢୀ, ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ।

### ଦୈନିକ ହାରାହାରି...

୯୯୬ଟଙ୍କା ଥିବାବେଳେ ଓଡ଼ିଶାରେ ୧ହଜାର ୧୭୧ ଟଙ୍କା କମ୍। ଅର୍ଥନୀତି ବିଶେଷଜ୍ଞ କହୁଛନ୍ତି ଯେ ୨୦ବର୍ଷ ତଳେ ରାଜ୍ୟରେ ଯେଉଁ ସ୍ଥିତି ଥିଲା, ଏବେ ବି ସେହି ସ୍ଥିତି ରହିଛି। ଏଠି ରାଜ୍ୟ ପ୍ରଗତି କରୁଛି, କିନ୍ତୁ ଜନତାଙ୍କ ପାଇଁ ପ୍ରଣୟନ ଯୋଜନା କେବଳ ବାଣ୍ଟିବା ଉଦ୍ଦେଶ୍ୟରେ ଚାଲିଥିବାରୁ ଦାରିଦ୍ର୍ୟ ସ୍ଥିତି ପୂର୍ବପରି ରହିଛି। ହାଉସହୋଲ୍ଡ କଞ୍ଜପସନ ଏକ୍ସପେଣ୍ଡିଚର ସର୍ଭେ କହୁଛି, ଦେଶର ଗ୍ରାମୀଣ ପରିବାର ଖାଦ୍ୟପାଇଁ ମାସକୁ ହାରାହାରି ୧ହଜାର ୯୩୯ଟଙ୍କା ଖର୍ଚ୍ଚ କରୁଥିବାବେଳେ ସହରାଞ୍ଚଳରେ ଏହା ୨ହଜାର ୭୭୬ଟଙ୍କା ରହିଛି। ଏଭଳି ପରିବାର କେବଳ ଡାଲି ବାବଦରେ ମାସକୁ ୧୦୦ଟଙ୍କାରୁ କମ୍ ଖର୍ଚ୍ଚ କରୁଥିବାବେଳେ ଆମିଷ ବାବଦରେ ୨ଶହରୁ ଅଢେଇ ଶହ ଟଙ୍କାରୁ ଅଧିକ ଖର୍ଚ୍ଚ କରିବାକୁ ଅସମର୍ଥ। ପିଲାଙ୍କ ପାଠପଢା, ମେଡ଼ିକାଲ ଖର୍ଚ୍ଚ, ଯାତାୟତ, ଘରଭଡ଼ା ଓ କପଡ଼ା ସମେତ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ବାବଦରେ ଗ୍ରାମୀଣ ପରିବାର ୨ହଜାର ୧୮୩ଟଙ୍କା ଖର୍ଚ୍ଚ କରୁଥିବାବେଳେ ସହରାଞ୍ଚଳରେ ଏହା ୪ହଜାର ୨୨୦ ଟଙ୍କା ରହିଛି। ତେଣୁ ଲୋକଙ୍କ ମୁଣ୍ଡପିଛା ଆୟବୃଦ୍ଧି ଜରୁରି। ଦକ୍ଷତା ବିକାଶ ସହ ସେମାନଙ୍କୁ ରୋଜଗାର ଯୋଗାଇବା ଆବଶ୍ୟକ। ତେବେ ରାଜ୍ୟର ନୂଆ ସରକାର ଏ ନେଇ କ'ଣ ପଦକ୍ଷେପ ନେଉଛନ୍ତି ତା ଉପରେ ସମସ୍ତଙ୍କ ନଜର।


कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल दुमका

अल्पकालीन ई–निविदा आमंत्रण सूचना

निविदा संख्या– 13/2024-25/RWD/EE/DUMKA दिनांक– 28.12.2024

1. कार्यपालक अभियंता ग्रामीण कार्य विभाग, कार्य प्रमंडल, दुमका द्वारा निम्न विवरणी के अनुसार E-procurement पद्धति से निविदा आमंत्रित की जाती है।

| क्र. सं. | आईडेंटिफिकेशन संख्या/पैकेज संख्या | कार्य का नाम | लंबाई (कि0मी0) | प्राक्कलित राशि (लाख में) | | कार्य समाप्ति की अवधि |
|---|---|---|---|---|---|---|
| | | | | अंक में | अक्षर में | |
| 1 | RWD/DUMKA/34/2024-25 | केरबाँक मोड़ से गादी तक पथ निर्माण कार्य। | 1.060 | 174.594 | एक सौ चौहत्तर लाख दशमलव पाँच नौ चार | 12 महीने |
| 2 | RWD/DUMKA/35/2024-25 | कपड़जोड़ा से खुर्द डुमरिया तक पथ निर्माण कार्य। | 1.500 | 182.552 | एक सौ बेरासी लाख दशमलव पाँच पाँच दो | 12 महीने |

1. वेबसाईट में निविदा प्रकाशन की तिथि 04.01.2025
2. ई–निविदा प्राप्ति की अंतिम तिथि एवं समय 18.01.2025 अपराह्न 5:00 बजे तक।
3. निविदा शुल्क एवं अग्रधन की राशि Online के माध्यम से जमा किया जाएगा।
4. निविदा खोलने की तिथि 20.01.2025 एवं समय पूर्वाह्न 11:30 बजे।
5. निविदा आमंत्रित करने वाले पदाधिकारी का नाम एवं पता– कार्यपालक अभियंता, ग्रामीण कार्य विभाग, कार्य प्रमण्डल, दुमका।
6. ई–निविदा प्रकोष्ठ का सम्पर्क संख्या– 06434 291033
7. विस्तृत जानकारी के लिए jharkhandtenders.gov.in/ नोटिस बोर्ड में देखा जा सकता है।

कार्यपालक अभियंता,
ग्रामीण कार्य विभाग,कार्य प्रमंडल दुमका

PR 343081 (Rural Work Department)24-25*D



ନୂଆଦିଲ୍ଲୀ : ଅଭିନେତ୍ରୀଙ୍କ କାର ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି ମୁମ୍ବାଇର କାଣ୍ଡିଭଲିରେ। ଲୋକପ୍ରିୟ ମରାଠି ଅଭିନେତ୍ରୀ ଉର୍ମିଳା କୋଠାରେ ଏକ ଶୁଟିଂ ସାରି ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। କାର ଧକ୍କାରେ ଅନ୍ୟଜଣେ ଶ୍ରମିକ ଗୁରୁତର ଭାବେ ଆହତ ହୋଇଥିବାବେଳେ ଅଭିନେତ୍ରୀ ଓ ତାଙ୍କ ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ ଅଭିନେତ୍ରୀ ଉର୍ମିଳା ଏକ ଶୁଟିଂ ସାରି ଶୁକ୍ରବାର ରାତିରେ ଫେରୁଥିଲେ। ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ତାଙ୍କ କାର ଡ୍ରାଇଭର ହଠାତ ନିୟନ୍ତ୍ରଣ ହରାଇ ପୋଇଜର ମେଟ୍ରୋ ଷ୍ଟେସନ ନିକଟରେ କାର୍ଯ୍ୟରତ ଦୁଇ ଶ୍ରମିକଙ୍କୁ ଧକ୍କା ଦେଇଥିଲା। ଦୁଇ ଶ୍ରମିକଙ୍କ ଉପରେ ଗାଡ଼ି ଚଢ଼ି ଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣକର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣକୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି।



## ମହାକୁମ୍ଭରେ ପ୍ରଥମ ଥର ହେବ ଲେଜର ଶୋ’



ନୂଆଦିଲ୍ଲୀ: ପ୍ରୟାଗରାଜରେ ଆୟୋଜିତ ହେବାକୁ ଯାଉଛି ବିଶ୍ୱର ସବୁଠୁ ବଡ଼ ସାଂସ୍କୃତିକ କାର୍ଯ୍ୟକ୍ରମ ମହାକୁମ୍ଭ ୨୦୨୫। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ପ୍ରୟାଗରାଜରେ ମନ୍ଦିର, ଗଙ୍ଗା ଘାଟ, ପାର୍କ ଠାରୁ ଆରମ୍ଭ କରି ରାସ୍ତାଘାଟ, ଫ୍ଲାଏ ଓଭର ନିର୍ମାଣ ଏବଂ ସୌନ୍ଦର୍ଯ୍ୟୀକରଣ କରାଯାଉଛି। ଏହାରି ମଧ୍ୟରେ ମହାକୁମ୍ଭରେ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କୁ ନୂଆ ଏବଂ ଅଭିନବ ଅନୁଭବ ଦେବାକୁ ରାଜ୍ୟ ପର୍ଯ୍ୟଟନ ବିଭାଗ କରିଛି ନୂଆ ଘୋଷଣା। ରାଜ୍ୟ ପର୍ଯ୍ୟଟନ ବିଭାଗ ପ୍ରଥମ ଥର ମହାକୁମ୍ଭ ମେଳାରେ ଡ୍ରୋନ ଶୋ’ର ଆୟୋଜନ କରିବାକୁ ଯାଉଛି। ଏହି ଶୋ’ ମହାକୁମ୍ଭ ମେଳା କ୍ଷେତ୍ର, ସଙ୍ଗମ ସ୍ଥଳରେ ସନ୍ଧ୍ୟା ସମୟରେ ଦେଖିବାକୁ ମିଳିବ। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କହିଛନ୍ତି ମହାକୁମ୍ଭର ଆରମ୍ଭ ଏବଂ ସମାପନ ସମୟରେ ସଙ୍ଗମସ୍ଥଳରେ ଡ୍ରୋନ ଶୋ’ର ଆୟୋଜନ କରାଯିବ । ପ୍ରାୟ ୨୦୦୦ ଲାଇଟିଂ ଡ୍ରୋନ ପ୍ରୟାଗ ମହୋତ୍ସବ ଏବଂ ମହାକୁମ୍ଭର ପୌରାଣିକ କଥାର ପ୍ରଦର୍ଶନ କରିବେ। ଏଥିରେ ସମୁଦ୍ର ମନ୍ଥନ ଏବଂ ଏଥିରୁ ଅମୃତ କଳସ ବାହାରିବା ଦୃଶ୍ୟ ଦେଖିବାକୁ ମିଳିବ। ଏହା ସହ ପ୍ରୟାଗର ଧାର୍ମିକ ଏବଂ ଆଧ୍ୟାତ୍ମିକ ମହତ୍ତ୍ୱକୁ ମଧ୍ୟ ଦର୍ଶାଯିବ। ସୂଚନାଥାଉକି, ମହାକୁମ୍ଭର ଆୟୋଜନ ଜାନୁଆରୀ ୧୨ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ଉତ୍ତର ପ୍ରଦେଶ ପର୍ଯ୍ୟଟନ ବିଭାଗ ମହାକୁମ୍ଭରେ ଆସିବାକୁ ଥିବା ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କୁ ନୂଆ ଅନୁଭବ ଦେବାକୁ ଚେଷ୍ଟା କରୁଛି। ମହାକୁମ୍ଭରେ ଉତ୍ତର ପ୍ରଦେଶ ପର୍ଯ୍ୟଟନ ବିଭାଗ ଫ୍ଲୋଟିଙ୍ଗ ରେଷ୍ଟୁରାଣ୍ଟ, ୱାଟର ଆକ୍ଟିଭିଟି, ହଟ ଏୟାର ବେଲୁନ, ଲେଜର ଲାଇଟ ଶୋ ଭଳି ଆକ୍ଟିଭିଟି କରିବାକୁ ଯାଉଛି। ସେହିଭଳି ଅନ୍ୟପଟେ ପ୍ରଥମ ଥର ଡ୍ରୋନ ଶୋର ମଧ୍ୟ ଆୟୋଜନ କରାଯିବ। ଏହା ସହ ଜାନୁଆରୀ ପ୍ରଥମ ସପ୍ତାହରେ କାଳୀ ଘାଟ, ଯମୁନାରେ ମ୍ୟୁଜିକାଲ ଫାଉଣ୍ଟେନ ଲେଜର ଶୋ ମଧ୍ୟ ଆରମ୍ଭ ହେବାକୁ ଯାଉଛି।

## ସହିଦଙ୍କ ପରିବାର ପାଇଁ ଅନୁକମ୍ପାମୂଳକ ରାଶି ବଢ଼ାଇଲେ ହରିୟାଣା ସରକାର

ଚଣ୍ଡିଗଡ଼: ହରିୟାଣା ମୁଖ୍ୟମନ୍ତ୍ରୀ ସେନା ଏବଂ ସିଆରପିଏଫର ସହିଦ ଯବାନଙ୍କ ପରିବାର ପାଇଁ ଏକ ବଡ ଘୋଷଣା କରିଛନ୍ତି । ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସାଇନି ଏକ ବଡ ଘୋଷଣା କରିଛନ୍ତି। ସେନା ଏବଂ ସିଆରପିଏଫ ସହିଦଙ୍କ ପରିବାର ପାଇଁ ଅନୁକମ୍ପାମୂଳକ ରାଶି ୫୦ ଲକ୍ଷରୁ ୧ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଯେ ସହିଦ ଯବାନମାନଙ୍କ ପରିବାର ପାଇଁ ଅନୁକମ୍ପାମୂଳକ ରାଶି ବୃଦ୍ଧି କରିବାର ଦାବି ଦୀର୍ଘଦିନ ଧରି ହୋଇଆସୁଥିଲା । ଅନେକ ସାମାଜିକ କର୍ମୀ ଏନେଇ ସରକାରଙ୍କ ପାଖରେ ଅନେକ ଥର ଦାବି କରିଆସୁଥିଲେ । ତେବେ ନୂଆବର୍ଷ ପୂର୍ବରୁ ସରକାର ଏହା ଉପରେ ଗୁରୁତ୍ୱ ଦେଇ ଅନୁକମ୍ପାମୂଳକ ରାଶି ବୃଦ୍ଧି ନେଇ ଘୋଷଣା କରିଛନ୍ତି ।



ଏଭଳି ପରିସ୍ଥିତିରେ ସରକାରଙ୍କ ଅନୁକମ୍ପାମୂଳକ ରାଶି ବୃଦ୍ଧି ଘୋଷଣା ଏକ ବଡ଼ ନିଷ୍ପତ୍ତି, ଯାହା ସହିଦମାନଙ୍କ ପରିବାରକୁ ଅନେକ ଆର୍ଥିକ ସହାୟତା ଯୋଗାଇବ । ସୂଚନାଥାଉ କି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି କିମ୍ବା ତାଙ୍କ ପରିବାର ପାଇଁ ହୋଇଥିବା କ୍ଷତି କିମ୍ବା କ୍ଷତିପୂରଣ ପାଇଁ ସରକାର ପ୍ରଦାନ କରୁଥିବା ଅର୍ଥ ହେଉଛି ଅନୁକମ୍ପାମୂଳକ ରାଶି ।

## କୁଶାଭାଇ ଠାକରେ, ସୁନ୍ଦରଲାଲ୍ ପଟୱା ଓ ଅରୁଣ ଜେଟ୍‌ଲୀଙ୍କ ପୁଣ୍ୟତିଥିରେ ବିଷ୍ଣୁଦେବଙ୍କ ଶ୍ରଦ୍ଧାଞ୍ଜଳି



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ସ୍ୱର୍ଗୀୟ କୁଶାଭାଇ ଠାକ୍‌ରେ, ସୁନ୍ଦରଲାଲ ପଟୱା ଏବଂ ଅରୁଣ ଜେଟ୍‌ଲୀଙ୍କ ପୁଣ୍ୟତିଥିରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏହି ଅବସରରେ ଶ୍ରୀ ସାଏ କହିଥିଲେ କୁଶାଭାଇ ଠାକରେଙ୍କ ଦେଶପ୍ରତି ଥିବା ଯୋଗଦାନକୁ ଆଜି ବି ଦେଶବାସୀ ମନେ ପକାଉଛନ୍ତି । ତାଙ୍କର ଆଦର୍ଶ ଏବଂ ସିଦ୍ଧାନ୍ତ ଆଜିର ସମାଜ ପାଇଁ ଜରୁରି । କୁଶାଭାଇ ଠାକରେଙ୍କୁ ସମାଜର ପ୍ରତ୍ୟେକ ବର୍ଗର ଲୋକେ ବେଶ୍ ଭଲ ପାଉଥିଲେ । ସେ ଜଣେ ନିଷ୍କାମ କର୍ମଯୋଗୀ ଥିଲେ । ସେହିପରି ପଦ୍ମବିଭୂଷଣ ସ୍ୱର୍ଗୀୟ ଅରୁଣ ଜେଟ୍‌ଲୀଙ୍କ ଜୟନ୍ତୀରେ ଶ୍ରୀ ସାଏ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କହିଛନ୍ତି ଯେ, ସେ ଭାରତ ସରକାରଙ୍କ ଅର୍ଥ, ପ୍ରତିରକ୍ଷା, କର୍ପୋରେଟ ମାମଲା, ସୂଚନା ଏବଂ ପ୍ରସାରଣ ବିଭାଗର ମନ୍ତ୍ରୀ ଭାବେ ବେଶ୍ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ଦେଶର ଆର୍ଥିକ ବିକାଶରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା । ସେ ଭାରତର ଆର୍ଥିକ ସ୍ଥିତିକୁ ସୁଧାରିବାରେ ସମର୍ଥ ହୋଇପାରିଥିଲେ । ସେହିପରି ଅବିଭକ୍ତ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ପଦ୍ମବିଭୂଷଣ ସୁନ୍ଦରଲାଲ ପଟୱାଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, ସେ ଜଣେ ସୌମ୍ୟ ବ୍ୟକ୍ତିତ୍ୱ, କୁଶଳ ସଂଗଠକ, ଓଜସ୍ୱିନୀ ବକ୍ତା ଭାବେ ଜନମାନସରେ ପରିଚିତ ଥିଲେ । ତାଙ୍କ ଆଦର୍ଶ ଓ ବ୍ୟକ୍ତିତ୍ୱକୁ ଏବେ ବି ମଧ୍ୟପ୍ରଦେଶବାସୀ ଭୁଲି ପାରିନାହାନ୍ତି । କୃଷକର ଉନ୍ନତି ପାଇଁ ସେ ସବୁବେଳେ ଚେଷ୍ଟା କରିଆସୁଥିଲେ ।

## ଦିଲ୍ଲୀ ବିଧାନସଭା ନିର୍ବାଚନ : ଏନ୍‌ସିପିର ୧୧ ପ୍ରାର୍ଥୀ ଘୋଷଣା

ନୂଆଦିଲ୍ଲୀ: ଅଜିତ ପାୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଏନସିପି ୧୧ ଜଣ ପ୍ରାର୍ଥୀଙ୍କୁ ଟିକେଟ୍ ଦେଇଛି । ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଦଳ ବିଜେପି ସହ ମିଳିତ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା, କିନ୍ତୁ ଦିଲ୍ଲୀରେ ଦଳ ୧୧ଟି ଆସନରେ ନିଜର ପ୍ରାର୍ଥୀ ଦେଇଛି। ଏନସିପି ସଂସଦୀୟ ବୋର୍ଡର ଅନୁମୋଦନ ପରେ ପ୍ରଥମ ପର୍ଯ୍ୟାୟରେ ୧୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଏନସିପି ବୁରାରୀ, ବାଦଲି, ମଙ୍ଗୋଲପୁରୀ, ଚାନ୍ଦନୀ ଚୌକ, ବାଲି ମାରାନ, ଛତରପୁର, ସଙ୍ଗମ ବିହାର, ଓଖଲା, ଲକ୍ଷ୍ମୀ ନଗର, ସୀମା ପୁରୀ ଏବଂ ଗୋକୁଲ ପୁରୀରୁ ପ୍ରାର୍ଥୀ ଘୋଷଣା କରିଛି। ନିକଟରେ ଏନସିପି ନେତା



ପ୍ରଫୁଲ୍ଲ ପଟେଲ କହିଥିଲେ ଯେ ତାଙ୍କ ଦଳ ପୂର୍ବରୁ ବି ଦିଲ୍ଲୀରେ ନିର୍ବାଚନ ଲଢ଼ିଆସୁଛି ଏବଂ ଏଥର ମଧ୍ୟ ନିର୍ବାଚନ ଲଢ଼ିବ । ମିଳିତ ମଞ୍ଚ ପାଇଁ ଏନଡିଏ ସହ ଆଲୋଚନା ମଧ୍ୟ କରାଯିବ ବୋଲି ସେ କହିଥିଲେ । ତେବେ ଏନସିପି ଯେଉଁଭଳି ଭାବରେ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି, ଏହା ସ୍ପଷ୍ଟ ହୋଇଛି ଯେ ଏହା ବିଜେପି ସହ ମିଳିତ ଭାବେ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁନାହିଁ। ସୂଚନା ଥାଉ କି ଯେ ଦିଲ୍ଲୀରେ ମୋଟ ୭୦ଟି ବିଧାନସଭା ଆସନ ଅଛି, ଯେଉଁଥିରେ ଆମ୍ ଆଦମୀ ପାର୍ଟି ସମସ୍ତ ୭୦ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। କଂଗ୍ରେସ ଏପର୍ଯ୍ୟନ୍ତ ଏହାର ଦୁଇଟି ପ୍ରାର୍ଥୀ ତାଲିକାରେ ୪୭ ଜଣ ପ୍ରାର୍ଥୀ ଘୋଷଣା କରିଥିବାବେଳେ ଅବଶିଷ୍ଟ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ। ଅନ୍ୟପଟେ ଏଆଇଏମଆଇଏମ ଦିଲ୍ଲୀ ଦଙ୍ଗା ଅଭିଯୁକ୍ତ ତାହିର ହୁସେନଙ୍କୁ ମୁସ୍ତାଫାବାଦରୁ ଫିଲ୍ଡିଂ କରିଥିବାବେଳେ ଦିଲ୍ଲୀ ଦଙ୍ଗା ଅଭିଯୁକ୍ତ ଶାହାରୁଖ ପଠାନଙ୍କୁ ମଧ୍ୟ ସେଲାମପୁରରୁ ପ୍ରାର୍ଥୀ କରାଯାଇପାରେ ।

## ମହିଳା ସମ୍ମାନ ଯୋଜନାର ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଅଡୁଆରେ ଆମ୍ ଆଦମୀ ପାର୍ଟି ସରକାର। ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଘୋଷଣା କରିଥିବା ‘ମହିଳା ସମ୍ମାନ ଯୋଜନା’ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଉପରାଜ୍ୟପାଳ ବିନୟ କୁମାର ସକ୍ସେନା। କଂଗ୍ରେସ ନେତା ସନ୍ଦୀପ ଦୀକ୍ଷିତ କରିଥିବା



ଅଭିଯୋଗ ଆଧାରରେ ଦିଲ୍ଲୀର ମୁଖ୍ୟ ସଚିବ ଓ ପୁଲିସ କମିଶନରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଉପରାଜ୍ୟପାଳ। ଆସନ୍ତା ୨୦୨୫ ଫେବୃଆରୀରେ ସମ୍ଭବତଃ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଆପ୍ ସରକାର ଆରମ୍ଭ କରିଥିବା ଏହି ‘ମହିଳା ସମ୍ମାନ ଯୋଜନା’ରେ ଏପର୍ଯ୍ୟନ୍ତ ୨୨ ଲକ୍ଷରୁ ଅଧିକ ମହିଳା ପଞ୍ଜୀକୃତ ହୋଇସାରିଲେଣି। ନିର୍ବାଚନରେ ମହିଳା ଭୋଟବ୍ୟାଙ୍କ ରାଜନୀତି ପାଇଁ ଆପ୍ ଏହି ଯୋଜନା ଆଣିଥିବା ବିରୋଧୀ ବିଜେପି ଓ କଂଗ୍ରେସ ଅଭିଯୋଗ କରୁଛନ୍ତି। ଅନ୍ୟପଟେ ଟଙ୍କା ବାଣ୍ଟି ଭୋଟରଙ୍କୁ ପ୍ରଭାବିତ କରିବାକୁ ପଞ୍ଜାବ ସରକାର ଦିଲ୍ଲୀ ସରକାରଙ୍କୁ ଟଙ୍କା ପଠାଉଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ନେତା ତଥା ନୂଆଦିଲ୍ଲୀ ଆସନରୁ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତିଦ୍ୱନ୍ଦ୍ୱୀ ସନ୍ଦୀପ ଦୀକ୍ଷିତ। ଯାହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଉପରାଜ୍ୟପାଳ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏହା ଏକ ବଡ ପ୍ରସଙ୍ଗ ହୋଇପାରେ।





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଗାମୀ ମହାକୁମ୍ଭ ମେଳା ୨୦୨୫ରେ ଯାତ୍ରା କରିବାକୁ ଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଶେଷ ଟ୍ରେନ ସୁବିଧା ଆୟୋଜନ କରାଯାଇଛି । ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡିକ ଏହି ଅଞ୍ଚଳର ବିଭିନ୍ନ ପ୍ରମୁଖ ସହରରୁ ପବିତ୍ର ସହର ପ୍ରୟାଗରାଜକୁ ସହଜ ଗମନାଗମନ ସଂଯୋଗ ଯୋଗାଇବ । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୧, ୮, ୨୨ ତାରିଖ ଓ ଫେବୃୟାରୀ ମାସ ୫, ୧୯, ୨୬ ଦିନ ବୁଧବାର ଦିନରେ ଭୁବନେଶ୍ୱରରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି କେନ୍ଦୁଝରଗଡ-ବୋକାରୋ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ୬, ୨୦ ଓ ଫେବୃୟାରୀ ୧୭ ସୋମବାର ଦିନରେ ପୁରୀରୁ ଅପରାହ୍ନ ୧୨.୩୦ମରେ ଛାଡି ଭୁବନେଶ୍ୱର-ଭଦ୍ରକ-ଗୟା-ପ୍ରୟାଗରାଜ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଟ୍ରେନ୍ ପ୍ରୟାଗରାଜ ଷ୍ଟେସନରେ ରହଣି କରି ତୀର୍ଥଯାତ୍ରୀଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ୯, ୧୬, ୨୩ ଓ ଫେବୃୟାରୀ୬, ୨୦, ୨୭ ଗୁରୁବାର ଦିନରେ ଟିଟିଲାଗଡରୁ ଅପରାହ୍ନ ୧୨.୩୦ରେ ଛାଡି ସମ୍ବଲପୁର-ଝାରସୁଗୁଡା-ଡ଼ିଡ଼ିୟୁ-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନରେ ରହଣି କରି ତୀର୍ଥଯାତ୍ରୀଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ ।

## ଆର୍‌ଏସ୍‌ପିରେ ପେଭର୍ ବ୍ଲକ୍ ‘ଇକୋ ବ୍ରିକ୍’ ତିଆରି ସୁବିଧା ଉଦ୍‌ଘାଟିତ

ରାଉରକେଲା(ଭାସ୍କର ନ୍ୟୁଜ): ସେଲ ରାଉରକେଲା ଇସ୍ପାତ କାରଖାନାର ମେଟେରିଆଲ ରିକଭରୀ ବିଭାଗରେ ଏଲ୍ ଡି ସ୍ଲାଗରୁ ପ୍ରସ୍ତୁତ ହେଉଥିବା ଏକ ପରିବେଶ ଅନୁକୂଳ ପେଭର୍ ବ୍ଲକ୍ ‘ଇକୋ ବ୍ରିକ୍’ ଉତ୍ପାଦନ ସୁବିଧାକୁ ଡିସେମ୍ବର ୨୮ ତାରିଖରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଉଦଘାଟନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ଅପରେସନ୍ସ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀଙ୍କ



ସମେତ ବହୁ ସିଜିଏମ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଇସ୍ପାତ ତିଆରିର ଏକ ଉପ-ଉତ୍ପାଦ ଏଲ ଡି ସ୍ଲାଗ୍ର ଉପଯୋଗ ମାଧ୍ୟମରେ ପେଭର ବ୍ଲକ ପ୍ରସ୍ତୁତ ହେଉଛି ଯାହା ଦ୍ୱାରା ବର୍ଜ୍ୟବସ୍ତୁର ନିପୁଣ ଉପଯୋଗ ତଥା ଏକ ବୃତ୍ତାକାର ଅର୍ଥନୀତି ସୁନିଶ୍ଚିତ ସହିତ ପରିବେଶ ଆହ୍ୱାନର ସମାଧାନ ମଧ୍ୟ ହୋଇପାରୁଛି। ଏହି ନୂତନ ପେଭର୍ ବ୍ଲକ୍ ଉତ୍ପାଦନ ସୁବିଧା ଏମ ୨୦୦ କଂକ୍ରିଟ୍ ଗ୍ରେଡ୍ (୧ : ୧.୫ : ୩) ଏବଂ ୮୦ ମିଲିମିଟର ମୋଟେଇର ଉଚ୍ଚ-ଗୁଣାତ୍ମକ ମାନର ପେଭର ବ୍ଲକ୍ ଉତ୍ପାଦନ ପାଇଁ ବ୍ୟବସ୍ଥିତ ହୋଇଛି। ଏହି ସୁବିଧାର ଦୈନିକ ଉତ୍ପାଦନ କ୍ଷମତା ୧୦୦୦ ୟୁନିଟ୍ ରହିଛି, ଏହିଭଳି ବାର୍ଷିକ ୩ ଲକ୍ଷ ୟୁନିଟ୍ ଉତ୍ପାଦନର ଏହା କ୍ଷମତା ବହନ କରୁଛି। ଏସ୍‌ଏମ୍‌ଏସ ବିଭାଗରୁ ବାର୍ଷିକ ୧୦ ଲକ୍ଷ ଟନ୍ ଏଲଡି ସ୍ଲାଗ୍ ନିର୍ଗତ ହୋଇଥାଏ, ଏହି ସୁବିଧା ଅଭିନବ ପ୍ରୟୋଗଗୁଡ଼ିକ ପାଇଁ ସ୍ଲାଗ୍ ବ୍ୟବହାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ସମ୍ପ୍ରତି ଆର୍‌ଏମ୍‌ଏଚ୍‌ପି, ଏସଏମଏସ-୨, ଟି ଏଣ୍ଡ ଆର୍‌ଏମ୍ ଏବଂ ଅନ୍ୟାନ୍ୟ ବିଭାଗରେ ଆଭ୍ୟନ୍ତରୀଣ ସ୍ଲାଗ ବ୍ୟବହାର ବାର୍ଷିକ ୨ ଲକ୍ଷ ଟନ୍ ମଧ୍ୟରେ ସୀମିତ ରହିଛି। ପଦକ୍ଷେପ ଦ୍ୱାରା ସ୍ଲାଗର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶର ଅର୍ଥପୂର୍ଣ୍ଣ ଉପଯୋଗ ସୁନିଶ୍ଚିତ ହୋଇଛି ଯାହା ନିଷ୍କାସନ ଭାରକୁ ହ୍ରାସ କରିବା ସହ ସ୍ଥାୟୀ ଇସ୍ପାତ ଉତ୍ପାଦନ ସୁନିଶ୍ଚିତ କରିବ।

## ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ୫ ହଜାର ଅଣ୍ଡର ଗ୍ରାଜୁଏଟ୍ ଛାତ୍ରବୃତ୍ତି ତାଲିକା ପ୍ରକାଶ




ମୁମ୍ବାଇ: ରିଲାଏନ୍ସ ଫାଉଣ୍ଡେସନ୍ ପକ୍ଷରୁ ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ଛାତ୍ରବୃତ୍ତି ପାଇଁ ସମଗ୍ର ଭାରତରୁ ୫,୦୦୦ ଅଣ୍ଡର ଗ୍ରାଜୁଏଟ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି। ଧୀରୁଭାଇ ଅମ୍ବାନୀଙ୍କ ୯୨ତମ ଜୟନ୍ତୀ ଅବସରରେ ମନୋନୀତ ଛାତ୍ରଛାତ୍ରୀଙ୍କ ତାଲିକା ପ୍ରକାଶ ପାଇଛି। ୨୦୨୪-୨୫ ଅଣ୍ଡର ଗ୍ରାଜୁଏଟ ବୃତ୍ତି ଅଧୀନରେ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ମିଳିବ। ଏହି ଛାତ୍ରବୃତ୍ତି ପାଇଁ ୧ ଲକ୍ଷରୁ ଅଧିକ ସ୍ନାତକ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତଙ୍କ ପାରିବାରିକ ବାର୍ଷିକ ଆୟ ୨.୫ ଲକ୍ଷ ଟଙ୍କାରୁ କମ୍। ଛାତ୍ରବୃତ୍ତିର ପରିସର ବହୁତ ବ୍ୟାପକ ହୋଇଥିବା ବେଳେ ୨୯ଟି ରାଜ୍ୟର ୫୪୦ଟି ଜିଲ୍ଲାରୁ ବୃତ୍ତି ପାଇଥିବା ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି। ଏହି ୫ ହଜାର ଛାତ୍ରଛାତ୍ରୀ ପ୍ରାୟ ୧୩୦୦ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ଅଛନ୍ତି। ଓଡ଼ିଶାର ୧୨୦ ଜଣ ଛାତ୍ରଛାତ୍ରୀ ୨୦୨୪-୨୫ ରିଲାଏନ୍ସ ଫାଉଣ୍ଡେସନ ଛାତ୍ରବୃତ୍ତି ପାଇବାରେ ସଫଳ ହୋଇଛନ୍ତି। ଏକ ଲକ୍ଷ ଆବେଦନକୁ ନେଇ ଖୁସି ବ୍ୟକ୍ତ କରି ରିଲାଏନ୍ସ ଫାଉଣ୍ଡେସନର ମୁଖପାତ୍ର କହିଛନ୍ତି ଯେ, ମନୋନୀତ ଛାତ୍ରଛାତ୍ରୀମାନେ ଦେଶର ସବୁଠାରୁ ମେଧାବୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅନ୍ୟତମ। ଶିକ୍ଷା ହେଉଛି ଭବିଷ୍ୟତର ଚାବିକାଠି ଏବଂ ଆମେ ଏହି ଛାତ୍ରଛାତ୍ରୀଙ୍କ ଶିକ୍ଷା ଯାତ୍ରାର ଏକ ଅଂଶ ହୋଇ ଗର୍ବ ଅନୁଭବ କରୁଛୁ । ସମ୍ମାନଜନକ ରିଲାଏନ୍ସ ଫାଉଣ୍ଡେସନ ଅଣ୍ଡର ଗ୍ରାଜୁଏଟ ବୃତ୍ତି ମାଧ୍ୟମରେ ଆମର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପୂର୍ଣ୍ଣ କ୍ଷମତା ପର୍ଯ୍ୟନ୍ତ ପହଞ୍ଚିବାରେ ସାହାଯ୍ୟ କରିବା, ଯାହା ଫଳରେ ଭାରତର ବିକାଶରେ ସେମାନେ ନିଜର ଯୋଗଦାନ ଦେଇପାରିବେ। ଛାତ୍ରବୃତ୍ତିର ସମ୍ପୂର୍ଣ୍ଣ ତାଲିକା www.reliancefoundation.orgରେ ଦେଖିବାକୁ ମିଳିବ। ୧୭ ଅଙ୍କ ବିଶିଷ୍ଟ ଆବେଦନ ସଂଖ୍ୟା କିମ୍ବା ପଞ୍ଜୀକୃତ ଇମେଲ୍ ଆଇଡି ଦେଇ ଫଳାଫଳ ଜାଣିପାରିବେ। ୨୦୨୨ ଡିସେମ୍ବରରେ ରିଲାଏନ୍ସ ପ୍ରତିଷ୍ଠାତା ଅଧ୍ୟକ୍ଷ ଧୀରୁଭାଇ ଅମ୍ବାନୀଙ୍କ ୯୦ତମ ଜୟନ୍ତୀ ଅବସରରେ ରିଲାଏନ୍ସ ଫାଉଣ୍ଡେସନ୍ ଅଧ୍ୟକ୍ଷା ନୀତା ଅମ୍ବାନୀ ଆସନ୍ତା ୧୦ ବର୍ଷ ମଧ୍ୟରେ ୫୦,୦୦୦ ଛାତ୍ରବୃତ୍ତି ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ୫୧୦୦ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଦିଆଯାଉଛି। ରିଲାଏନ୍ସ ଫାଉଣ୍ଡେସନର ଛାତ୍ରବୃତ୍ତିର ଭାରତର ସର୍ବବୃହତ ଘରୋଇ ଛାତ୍ରବୃତ୍ତି ଭାବରେ ରେକର୍ଡ ମଧ୍ୟ ରହିଛି।

## ୩ କିଲୋୱାଟର ସୌର ପ୍ୟାନେଲ୍ ସ୍ଥାପନ



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ସବୁଜ ଶକ୍ତି ବ୍ୟବହାର କରି ପରିବେଶ ଅନୁକୂଳ ବାତାବରଣ ସୃଷ୍ଟି କ୍ଷେତ୍ରରେ ପଦକ୍ଷେପ ନେଇଛନ୍ତି ବ୍ରହ୍ମପୁର ସହର ବାସିନ୍ଦା ଚିନ୍ମୟୀ ପଣ୍ଡା । ପିଏମ୍- ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାରେ ସାମିଲ ହୋଇ ନିଜ ଘରେ ୩ କିଲୋୱାଟର ସୌର ପ୍ୟାନେଲ୍ ସ୍ଥାପନ କରିଛନ୍ତି । ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍)ର ସହଯୋଗରେ ସେ ଏହି ଯୋଜନା ସହ ଜୋଡ଼ି ହୋଇଛନ୍ତି । ସୌରଶକ୍ତି ବ୍ୟବହାର ନେଇ ଶ୍ରୀମତୀ ପଣ୍ଡାଙ୍କର ଉତ୍ସାହ ବଢ଼ିବା ହେତୁ, ସେ ଟିପିଏସ୍‌ଓଡିଏଲର ବ୍ରହ୍ମପୁରସ୍ଥିତ ଉପଭୋକ୍ତା ସମ୍ପର୍କ କେନ୍ଦ୍ରରେ ପହଞ୍ଚି ଏସମ୍ପର୍କରେ ବୁଝିଥିଲେ । ସବୁଜ ଶକ୍ତିକୁ ପ୍ରୋତ୍ସାହନ ଓ ବ୍ୟୟସାପେକ୍ଷ ବିଜୁଳି ସେବା ବ୍ୟବସ୍ଥା ଦ୍ୱାରା ଅନୁପ୍ରାଣିତ ହୋଇ ସେ ପିଏମ୍-ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିଲେ । ଶ୍ରୀମତୀ ପଣ୍ଡା କହିଛନ୍ତି ଯେ, ବିକ୍ରେତା ସଂସ୍ଥା ଚୟନଠାରୁ ଆରମ୍ଭ କରି ସୌର ପ୍ଲାଣ୍ଟ ସ୍ଥାପନା ହେବା ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଛି । କମ୍ପାନୀର କର୍ମଚାରୀ ମାନେ ସଠିକ ମାର୍ଗଦର୍ଶନ କରିଥିବାରୁ ସେମାନଙ୍କୁ ଧନ୍ୟବାଦ। ସୌର ଶକ୍ତିର ବ୍ୟବହାରକୁ ଜୀବନରେ ସାମିଲ କରି ମୁଁ ନିଜର ବିଜୁଳି ବିଲ୍ ହ୍ରାସ କରିବା ସହ ସବୁଜ ପୃଥିବୀ ଗଠନ ଦିଗରେ ମଧ୍ୟ ଭାଗିଦାରୀ ହୋଇପାରିବି । ଏହା ମୋ ପାଇଁ ଗର୍ବର କଥା । ସୌର ପ୍ଲାଣ୍ଟର ଉଦଘାଟନୀ କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ, କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଯୋଗ ଦେଇଥିଲେ । ଏହି ଅବସରରେ ପିଏମ୍- ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାର ଉପାଦେୟତା ଓ କାର୍ଯ୍ୟକାରିତା ସମ୍ପର୍କରେ ବର୍ଣ୍ଣନା କରି ସେ କହିଥିଲେ ଯେ, ସହଜରେ ଓ ସୁଲଭରେ ଅକ୍ଷୟ ଶକ୍ତିର ବ୍ୟବହାର ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଦ୍ୱାରା ହିଁ ସମ୍ଭବପର । ସୌରଶକ୍ତିକୁ ବ୍ୟବହାର କରି ଆମେ ସମସ୍ତ ପାରମ୍ପରିକ ଶକ୍ତି ଉତ୍ସ ଉପରେ ଥିବା ନିର୍ଭରଶୀଳତାକୁ ହ୍ରାସ କରିପାରିବା ।

## ମହିଳାଙ୍କ ପାଇଁ ଆଇସିଆଇସିଆଇ ପ୍ରୁ ୱିଶ୍‌ର ଶୁଭାରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ପକ୍ଷରୁ ଆଇସିଆଇସିଆଇ ପ୍ରୁ ୱିଶ୍‌ର ଶୁଭାରମ୍ଭ କରାଯାଇଛି ଯାହାକି ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ଜୀବନବୀମା ଶିଳ୍ପର ପ୍ରଥମ ସ୍ୱାସ୍ଥ୍ୟ ଉତ୍ପାଦ। ଆଇସିଆଇସିଆଇ ପ୍ରୁ ୱିଶ୍ ବ୍ରେଷ୍ଟ, ସର୍ଭାଇକାଲ, ୟୁଟେରାଇନ କ୍ୟାନ୍ସର ଏବଂ ହୃଦ୍‌ରୋଗ ଭଳି ଗମ୍ଭୀର ରୋଗଗୁଡିକର ନିଦାନ କ୍ଷେତ୍ରରେ ସ୍ୱାସ୍ଥ୍ୟ ବୀମା କଭରର ୧୦୦% ପର୍ଯ୍ୟନ୍ତ ରାଶି ତତ୍କାଳ ପଇଠ କରିଥାଏ। ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରିମିୟମ ରାଶି ୩୦ ବର୍ଷ ଅବଧି ପାଇଁ ସ୍ଥିର ରହିଥାଏ, ଯାହା ଉପଭୋକ୍ତାଙ୍କୁ ନିଜ ଫଣ୍ଡର ଆଉଟ୍‌ଫ୍ଲୋକୁ ଏକ ଉତ୍ତମ ଶୈଳୀରେ ଯୋଜନା କରିବା ପାଇଁ ସକ୍ଷମ କରିଥାଏ। ଏହି ଉତ୍ପାଦର ଅନ୍ୟ ଏକ ଉଲ୍ଲେଖନୀୟ ଫିଚର ହେଉଛି ପ୍ରିମିୟମ ହଲିଡେ, ଉଦାହରଣ ସ୍ୱରୂପ ଗ୍ରାହକଙ୍କ ନିକଟରେ ପ୍ରିମିୟମ ପଇଠ ଅବଧି ସମୟରେ ଯେକୌଣସି ୧୨ ମାସ ଅବଧି ପାଇଁ ପ୍ରିମିୟମ ପଇଠ ନ କରିବାର ବିକଳ୍ପ ରହିଛି। ଉଲ୍ଲେଖନୀୟ ଭାବେ ଏହି ଉତ୍ପାଦ ଗ୍ରାହକଙ୍କୁ ମାତୃତ୍ୱ ସମ୍ବନ୍ଧିତ ଅସୁସ୍ଥତା ଓ ନବଜାତ ଶିଶୁର ଅସୁସ୍ଥତା ସହ ଜଡିତ କଭର୍ ପାଇବା ପାଇଁ ବିକଳ୍ପ ପ୍ରଦାନ କରୁଛି। ଏହି ନୂତନ ଉତ୍ପାଦ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ମୁଖ୍ୟ ଉତ୍ପାଦ ଓ ବିତରଣ ଅଧିକାରୀ ଅମିତ ପାଲ୍‌ଟା କହିଛନ୍ତି, ଆଇସିଆଇସିଆଇ ପ୍ରୁ ୱିଶ୍ ହେଉଛି ଜୀବନ ବୀମା ଶିଳ୍ପର ପ୍ରଥମ ସ୍ୱାସ୍ଥ୍ୟ ଉତ୍ପାଦ ଯାହାକୁ ସ୍ୱତନ୍ତ୍ର ଭାବେ ମହିଳାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଗମ୍ଭୀର ଅସୁସ୍ଥତା ଚିହ୍ନଟ ହେଲେ ପଇଠ କରାଯିବାକୁ ଥିବା ମୋଟ ରାଶି ସେମାନଙ୍କୁ ଏଭଳି ଜଟିଳ ସ୍ଥିତିର ମୁକାବିଲା କରିବା ପାଇଁ ଆର୍ଥିକ ଶକ୍ତି ପ୍ରଦାନ କରିଥାଏ। ୩୦ ବର୍ଷ ପାଇଁ ଏକ ପ୍ରିମିୟମ ଗ୍ୟାରେଣ୍ଟି ପ୍ରଦାନ କରିବା ବ୍ୟତୀତ ଏହି ଉତ୍ପାଦକୁ ଏଭଳି ଏକ ଶୈଳୀରେ ଡିଜାଇନ କରାଯାଇଛି ଯାହା ଗ୍ରାହକଙ୍କୁ ନିର୍ଦ୍ଦିଷ୍ଟ ଚିକିତ୍ସକୀୟ ପରିସ୍ଥିତି ପାଇଁ ଏକାଧିକ ଦାବି କରିବା ପାଇଁ ଅନୁମତି ଦେଇଥାଏ।

## ୨୧ ଦିନରେ ୧୩୭୦ କୋଟି ଡଲାର କମିଲା

ନୂଆଦିଲ୍ଲୀ: ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ଦୁର୍ବଳ ସ୍ଥିତି ଭାରତୀୟ ରିଜର୍ଭ ବ୍ୟାଙ୍କ ଲାଗି ବଡ଼ ଆହ୍ୱାନ ସୃଷ୍ଟି ?କରିଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୫ ଟଙ୍କା ୫୦ ପଇସାରୁ ଅଧିକ ହୋଇଯାଇଛି। ଟଙ୍କାକୁ ଆହୁରି ଦୁର୍ବଳ ହେବାରୁ



ରୋକିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରେ ଥିବା ମୁଦ୍ରା ବାହାର କରି ବଜାରରେ ଉପଲବ୍ଧ କରାଯାଉଛନ୍ତି। ଏହି ପ୍ରକ୍ରିୟାରେ ଗତ ୨୧ ଦିନ ଭିତରେ ଭଣ୍ଡାରରୁ ୧୩୭୦ କୋଟି ଡଲାର ବାହାର କରିବାକୁ ପଡ଼ିଛି। କେବଳ ଡିସେମ୍ବର ୨୦ ସୁଦ୍ଧା ଶେଷ ହୋଇଥିବା ସପ୍ତାହରେ ୮୫୦ କୋଟି ଡଲାର ବାହାର କରିବାକୁ ପଡ଼ିଥିଲା। ନିୟମିତ ଭାବେ ବିଦେଶୀ ମୁଦ୍ରା ବାହାର କରିବାକୁ ପଡୁଥିବାରୁ ଦେଶର ଗଚ୍ଛିତ ବୈ?ଦେଶିକ ମୁଦ୍ରା ଭଣ୍ଡାର ପରିମାଣ ୬୪,୪୩୯ କୋଟି ଡଲାରକୁ ହ୍ରାସ ପାଇଛି। ସାତ ମାସ ଭିତରେ ଭଣ୍ଡାରରେ ଥିବା ମୁଦ୍ରା ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଚଳିତ ବର୍ଷ ଅକ୍ଟୋବର ମଧ୍ୟ ଭାଗ ବେଳକୁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୪ ଟଙ୍କା ସ୍ତର ଟପି ୮୫ ଟଙ୍କା ହୋଇଯାଇଥିଲା। ଡଲାର ତୁଳନାରେ ଟଙ୍କା ମୂଲ୍ୟ କମିବାରେ ଲାଗିଛି। ଗୁରୁବାର ଏହା ୩୩ ପଇସା ହ୍ରାସ ଘଟିଛି। ଆଜିର କାରବାର ଶେଷ ବେଳକୁ ୧ ଡଲାର ମୂଲ୍ୟ ୮୫ ଟଙ୍କା ୫୯ ପଇସାରେ ରହିଛି। ବୁଧବାର ୧ ଡଲାର ମୂଲ୍ୟ ୮୫ ଟଙ୍କା ୨୬ ପଇସାରେ ରହିଥିଲା। ଚଳିତବର୍ଷର ଆଜି ସୁଦ୍ଧା ଡଲାର ତୁଳନାରେ ଟଙ୍କା ମୂଲ୍ୟ ୨ ଟଙ୍କା ୩୯ ପଇସା ଦୁର୍ବଳ ହୋଇଛି। ୨୦୨୪ ଜାନୁଆରି ପହିଲାରେ ଏହା ୮୩ ଟଙ୍କା ୨୦ ପଇସାରେ ରହିଥିଲା। ବିଶେଷଜ୍ଞଙ୍କ କହିବାନୁଯାୟୀ ଡଲାରର ଚାହିଦା ବଢ଼ିବା ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବୃଦ୍ଧି ପାଇବା କାରଣରୁ ଟଙ୍କା ଦୁର୍ବଳ ହୋଇଛି। ଟଙ୍କା ଦୁର୍ବଳ ହେଉଥିବାରୁ ଭାରତକୁ ଆମଦାନି ବାବଦରେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ।



ବଡ଼ୋଦରା: ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଦିନିକିଆ ଶୃଙ୍ଖଳାକୁ ଭାରତୀୟ ମହିଳା ୩-୦ରେ ପୋଛିନେଇଛି। ଶେଷ ତଥା ତୃତୀୟ ମ୍ୟାଚ୍‌ରେ ଦୀପ୍ତି ଶର୍ମା (୩୯ ରନ୍, ୬ ୱିକେଟ୍)ଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଘରୋଇ ଦଳ ୫ ୱିକେଟ୍‌ରେ ଭ୍ରମଣକାରୀ ଦଳକୁ ମାତ୍ ଦେଇଛି। ଦୀପ୍ତି (୧୦-୩-୩୧-୬) ଓ ରେଣୁକା ସିଂହ (୯.୫-୦-୨୯-୪)ଙ୍କ ଘାତକ ବୋଲିଂ ସାମ୍ନା କରି ନପାରି ଇଣ୍ଡିଜ୍ ୩୮.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୨ ରନ୍ କରିଥିଲା। ଚିନେଲି ହେନ୍‌ରି (୬୧), ଅଧିନାୟିକା ଶେମାନି କ୍ୟାମ୍ପବେଲ୍ (୪୬) ଓ ଆଲିୟା ଆଲେନି (୨୧)ଙ୍କ ଛଡ଼ା ଅନ୍ୟ କୌଣସି ଇଣ୍ଡିଜ୍ ବ୍ୟାଟର ଦୁଇ ଅଙ୍କ ଛୁଇଁପାରି ନଥିଲେ। ଜବାବରେ ଭାରତ ୨୩ ରନ୍‌ରେ ଦୁଇ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଦୁଇ ତାରକା ବ୍ୟାଟର ସ୍ମୃତି ମନ୍ଧାନା (୪) ଓ ହର୍ଲିନ ଦେଓଲ (୧) ବିଫଳ ହୋଇଥିଲେ। ତେବେ ପ୍ରତୀକା ରାଓ୍ୱଲ (୧୮), ଅଧିନାୟିକା ହର୍ମନପ୍ରୀତ କୌର (୩୨), ଜେମିମା ରଡ୍ରିଗୁଏଜ (୨୯), ଦୀପ୍ତି ଶର୍ମା (୩୯) ଓ ରିଚା ଘୋଷ (୨୩) ଛୋଟଛୋଟ ଭାଗୀଦାରି ଗଢ଼ି ଦଳକୁ ସହଜ ବିଜୟ ଦେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ଲାଗି ଦୀପ୍ତି ମ୍ୟାଚ୍‌ର ଶ୍ରେଷ୍ଠ ଏବଂ ୧୦ ୱିକେଟ୍ ନେଇଥିବା ରେଣୁକା ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମ୍ୟାଚ୍ ବିଜୟୀ ପ୍ରଦର୍ଶନ ଦେଇଥିବା ଅଫ୍‌ସ୍ପିନର ଦୀପ୍ତି ଶର୍ମା ପ୍ରଥମ ଭାରତୀୟ ବୋଲର ଭାବେ ମହିଳା ଦିନିକିଆ ଅନ୍ତର୍ଜାତୀୟରେ ୨ ଥର ୬ ୱିକେଟ୍ ସଫଳତା ପାଇବାର ଗୌରବ ପାଇଛନ୍ତି। ଏଥିସହ ସେ ଦକ୍ଷିଣ ଆଫ୍ରିକାର ସୁନ୍ ଲୁସ୍‌ଙ୍କ ପରେ ବିଶ୍ୱର ଦ୍ୱିତୀୟ ମହିଳା ବୋଲର ହୋଇଛନ୍ତି। ଏହି ମ୍ୟାଚ୍‌ରେ ସେ ୬/୩୧ ସଫଳତା ପାଇଁ ରେକର୍ଡ ବହିରେ ନିଜ ନାଁ ଯୋଡ଼ିଥିଲେ। ସେ ୨୦୧୬ରେ ଶ୍ରୀଲଙ୍କା ବିପକ୍ଷ ରାଞ୍ଚି ଦିନିକିଆରେ ୬/୨୦ ବୋଲିଂ ସଫଳତା ପାଇଥିଲେ। ପୂର୍ବରୁ ଭାରତର ଦୁଇ ଜଣ ମମତା ମାବେନ (୬/୧୦, ଶ୍ରୀଲଙ୍କା, ୨୦୦୪) ଏବଂ ଝୁଲଣ ଗୋସ୍ୱାମୀ (୬/୩୧, ନ୍ୟୁଜିଲାଣ୍ଡ, ୨୦୧୧) ୬ ୱିକେଟ୍ ସଫଳତା ପାଇଥିଲେ।

# ବକ୍ସିଂ ଡେ ଟେଷ୍ଟ : ଦମ୍ ଦେଖାଇଲେ ରେଡ୍ଡୀ



ମେଲବୋର୍ଣ୍ଣ: ଯୁବ ଭାରତୀୟ ବ୍ୟାଟ୍ସମ୍ୟାନ୍ ନୀତୀଶ କୁମାର ରେଡ୍ଡୀ ଅଷ୍ଟ୍ରେଲିୟା ମାଟିରେ ସମସ୍ତଙ୍କ ହୃଦୟ ଜିତିଛନ୍ତି। ୨୧ ବର୍ଷ ବୟସରେ, କଙ୍ଗାରୁ ଦଳର ଭେଟେରାନ ବୋଲର ଏହି ବ୍ୟାଟ୍ସମ୍ୟାନ୍‌ଙ୍କ ସାମ୍ନାରେ ଅସହାୟ ହୋଇପଡ଼ିଛନ୍ତି। ମେଲବୋର୍ଣ୍ଣରେ ଟିମ୍ ଇଣ୍ଡିଆର ସମ୍ମାନ ରକ୍ଷା କରିଥିବା ନୀତୀଶ ରେଡ୍ଡୀଙ୍କୁ ନେଇ ଏବେ ଚାରିଆଡେ ଚର୍ଚ୍ଚା ହେଉଛି। ପ୍ରତ୍ୟେକ ଥର ପରି, ପୁନର୍ବାର କଠିନ ପରିସ୍ଥିତିରେ ନୀତୀଶ ଭାରତୀୟ ଦଳ ପାଇଁ ଦେବଦୂତ ବୋଲି ନିଜକୁ ପ୍ରମାଣ କରୁଛନ୍ତି। ଅଷ୍ଟ୍ରେଲିଆର ଶକ୍ତିଶାଳୀ ବୋଲିଂ ଆକ୍ରମଣକୁ ଭୟ ନ କରି ନୀତୀଶ କ୍ରିଜରେ ଠିଆ ହୋଇଛନ୍ତି। ତାଙ୍କ କ୍ୟାରିୟରର ପ୍ରଥମ ବକ୍ସିଂ ଡେ ଟେଷ୍ଟ ମ୍ୟାଚ୍ ଖେଳୁଥିବା ନୀତୀଶଙ୍କ ପାଇଁ ଏହି ମ୍ୟାଚ୍ ସ୍ୱତନ୍ତ୍ର ହୋଇପାରିଛି। ଅଷ୍ଟ୍ରେଲିଆର ଶକ୍ତିଶାଳୀ ବୋଲିଂ ଆକ୍ରମଣକୁ ବିଫଳ କରି ଯୁବ ବ୍ୟାଟ୍ସମ୍ୟାନ୍ ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ସ୍କୋର କରିଛନ୍ତି। ନୀତୀଶଙ୍କ ବ୍ୟାଟରୁ ଏହି ଶତକ ଇନିଂସ ସ୍ମରଣୀୟ। କାରଣ ଏହି ଇନିଂସ ଏଭଳି ଏକ ସମୟରେ ଆସିଛି ଯେତେବେଳେ ଟିମ୍ ଇଣ୍ଡିଆ ପାଇଁ ରନ୍‌ର ବହୁତ ଆବଶ୍ୟକତା ରହିଛି। ଋଷଭ ପନ୍ତ ପାଭିଲିୟନକୁ ଫେରିବା ପରେ ନୀତୀଶ ରେଡ୍ଡୀ କ୍ରିଜକୁ ଆସିଥିଲେ। ଟିମ୍ ଇଣ୍ଡିଆ ଅସୁବିଧାରେ ପଡ଼ିଥିଲା ଏବଂ ସେତେବେଳେ ୧୯୧ ରନ୍‌ରେ ୱିକେଟ୍ ଖସି ଯାଇଥିଲା। ଦଳ ଏକ ସହଭାଗୀତା ଆବଶ୍ୟକ କରୁଥିଲା। ନୀତୀଶ ପ୍ରଥମେ ରବିନ୍ଦ୍ର ଜାଡେଜାଙ୍କ ସହ ସହଭାଗିତା ସ୍ଥାପନ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଜାଡେଜା ୧୭ ରନ୍ ସ୍କୋର କରିବା ପରେ ଆଉଟ୍ ହୋଇଥିଲେ। ଏହା ପରେ ନୀତୀଶ ୱାଶିଂଟନ୍ ସୁନ୍ଦରଙ୍କ ସହିତ ମିଶି ଦମଦାର୍ ବ୍ୟାଟିଂ କରିଥିଲେ। ଦୁହେଁ ଇନିଂସକୁ ଧୀରେ ଧୀରେ ଆଗକୁ ନେବା ଆରମ୍ଭ କରିଥିଲେ। ନୀତୀଶ କଙ୍ଗାରୁ ଦଳର ଦ୍ରୁତ ବୋଲରଙ୍କ ବିପକ୍ଷରେ ମୁକ୍ତ ଭାବେ ଖେଳିଥିଲେ। ଟେଷ୍ଟ କ୍ରିକେଟରେ ନୀତୀଶ ତାଙ୍କର ପ୍ରଥମ ଅର୍ଦ୍ଧଶତକ ପୂରଣ କରିଥିଲେ। ପଚାଶ ସ୍କୋର କରିବା ପରେ ମଧ୍ୟ ନୀତୀଶ ବୁଝିବିଚାରି ବ୍ୟାଟିଂ ଜାରି ରଖିଥିଲେ। ଏହା ସହିତ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ସ୍କୋର କରିଥିଲେ। ନୀତୀଶଙ୍କ ବ୍ୟାଟରୁ ଏହି ଇନିଂସ ଅନେକ ଉପାୟରେ ବିଶେଷ, କାରଣ ନୀତୀଶ ଚାପରେ ଭଲ ବ୍ୟାଟିଂ କରିଥିବା ନେଇ ସବୁଆଡେ ପ୍ରଶଂସା କରାଯାଉଛି। ନୀତୀଶଙ୍କ ଅନ୍ୟ ପ୍ରାନ୍ତରୁ ୱାଶିଂଟନ ସୁନ୍ଦରଙ୍କଠାରୁ ଭଲ ସମର୍ଥନ ପାଇଥିଲେ ଏବଂ ଅଷ୍ଟମ ୱିକେଟ୍ ପାଇଁ ସେମାନେ ୧୨୭ ରନ୍ ଭାଗିଦାରୀ କରିଥିଲେ। ୱାଶିଂଟନ ସୁନ୍ଦର ଚମତ୍କାର ବ୍ୟାଟିଂ କରି ୫୦ ରନ୍‌ର ଏକ ଶକ୍ତିଶାଳୀ ଇନିଂସ ଖେଳିଥିଲେ।

ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଭାରତ ୯ ୱିକେଟରେ ୩୫୮ ରନ୍ କରିଛି। ତେବେ ଟିମ୍ ଇଣ୍ଡିଆ କଙ୍ଗାରୁ ଦଳଠାରୁ ୧୧୬ ରନ୍ ପଛୁଆ ରହିଛି। ନୀତୀଶ ଅପରାଜିତ ଭାବେ କ୍ରିଜରେ ୧୦୫ ରନ୍ କରି ଚତୁର୍ଥ ଦିନର ବ୍ୟାଟିଂକୁ ଅପେକ୍ଷା କରିଛନ୍ତି।

# ପୁଅର ଶତକରେ ଭୋଭୋ ହୋଇ କାନ୍ଦିଲେ ବାପା



ମେଲବର୍ଣ୍ଣ: ମେଲବର୍ଣ୍ଣରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟରେ ନୀତୀଶ କୁମାର ରେଡ୍ଡୀ ଚମତ୍କାର ଶତକ ହାସଲ କରିଥିଲେ। ଅଷ୍ଟ୍ରେଲିଆର ଶକ୍ତିଶାଳୀ ତଥା ଅଭିଜ୍ଞ ବୋଲର ନୀତୀଶଙ୍କ ଆଗରେ ଫେଲ୍ ମାରିଥିବା ଦେଖାଯାଇଛି। ଶତକ ପୂରଣ କରିବା ପରେ ନୀତୀଶଙ୍କ ପିତା ମୁତିଆଲା ରେଡ୍ଡୀଙ୍କ ପ୍ରତିକ୍ରିୟା ଭାଇରାଲ ହୋଇଛି। ପୁଅ ମେଲବୋର୍ନରେ ଏକ ଶତକ ସ୍କୋର କରିବା ପରେ ବାପା ନିଜକୁ ନିୟନ୍ତ୍ରଣ କରିପାରି ନ ଥିଲେ। ପ୍ରଥମେ ପିତା ନିଜ ପୁଅର ଶତକ ସେଲିବ୍ରେସନ କରି କାନ୍ଦି ପକାଇଥିଲେ। ରେଡ୍ଡୀ ୧୭୧ ବଲରେ ୧୦ ଚୌକା ଏବଂ ଗୋଟିଏ ଛକା ସହାୟତାରେ ନିଜର ଶତକ ପୂରଣ କରିଥିଲେ। ନୀତୀଶ ଅଷ୍ଟମ ନମ୍ବରରେ ବ୍ୟାଟିଂ କରିବାକୁ ପଡ଼ିଆକୁ ଆସିଥିଲେ। ସେ କଠିନ ପରିସ୍ଥିତିରୁ ଦଳକୁ ବାହାର କରିଥିଲେ। ତାଙ୍କ ଶତକୀୟ ଇନିଂସ ଟିମ ଇଣ୍ଡିଆକୁ ଏକ ଶକ୍ତିଶାଳୀ ସ୍ଥାନରେ ପହଞ୍ଚାଇଛି। ନୀତୀଶଙ୍କ ସହ ୱାଶିଂଟନ ସୁନ୍ଦର ଅର୍ଦ୍ଧଶତକ ହାସଲ କରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଅଷ୍ଟମ ଉଇକେଟ ପାଇଁ ରେଡ୍ଡୀ ଏବଂ ସୁନ୍ଦର ୧୨୭ (୨୮୫ ବଲ)ର ସହଭାଗୀତା କରିଥିଲେ। ତୃତୀୟ ଦିନ ଶେଷ ସୁଦ୍ଧା ଭାରତୀୟ ଦଳ ୫ ଉଇକେଟ ହରାଇ ୧୬୪ ରନ କରିଛି। ଭାରତୀୟ ଦଳ ପ୍ରଥମ ଇନିଂସରେ ବଡ଼ ସ୍କୋରରେ ପହଞ୍ଚି ପାରିବ ନାହିଁ। ଚତୁର୍ଥ ଦିନରେ ଟିମ ଇଣ୍ଡିଆ ୧୯୧ ରନ ସ୍କୋରରେ ଷଷ୍ଠ ଉଇକେଟ ଏବଂ ୨୨୧ ରନ ସ୍କୋରରେ ସପ୍ତମ ଉଇକେଟ ହରାଇଛି। ଏହା ପରେ ପ୍ରାୟ ସମସ୍ତ ଆଶା ନଷ୍ଟ ହୋଇଗଲା। ଏଠାରୁ ନୀତୀଶ ରେଡ୍ଡୀ ଏବଂ ସୁନ୍ଦର ଦାୟିତ୍ୱ ଗ୍ରହଣ କରି ଅଷ୍ଟମ ଉଇକେଟ ଖସିଯିବା ବେଳକୁ ଦଳକୁ ୩୪୮ ସ୍କୋରକୁ ନେଇଥିଲେ।

# ଭାରତ ଡବ୍ଲ୍ୟୁଟିସି ଫାଇନାଲରେ ପହଞ୍ଚିବା ନେଇ ସମୀକରଣ



ନୂଆଦିଲ୍ଲୀ: ଭାରତୀୟ ଦଳକୁ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ୍‌ର ଫାଇନାଲ୍‌ରେ ପହଞ୍ଚିବା ପାଇଁ ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫ ବହୁତ ଗୁରୁତ୍ୱପୂର୍ଣ୍ଣ ରହିଛି। ମେଲବର୍ଣ୍ଣରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଚତୁର୍ଥ ଟେଷ୍ଟ ଖେଳାଯାଉଛି। ଯଦି ଭାରତ ଏହି ମ୍ୟାଚ୍‌ରେ ବିଜୟୀ ହୁଏ ତେବେ ଦଳର ଡବ୍ଲ୍ୟୁଟିସି ଫାଇନାଲ୍‌ରେ ପ୍ରବେଶ କରିବା ସହଜ ହୋଇପାରେ। ଯଦି ଦଳ ମ୍ୟାଚ୍ ହାରେ ତଥାପି ଡବ୍ଲ୍ୟୁଟିସ ଫାଇନାଲ୍ ଆଶା ଉଜ୍ଜୀବିତ ରହିବ। ଭାରତୀୟ ଦଳର ଡବ୍ଲ୍ୟୁଟିସି ଫାଇନାଲ୍‌ରେ ପହଞ୍ଚିବା ସମୀକରଣ ଆରମ୍ଭ ହୋଇଛି। **ବର୍ଡର-ଗାଭାସ୍କର ଟ୍ରଫି ୩-୧ରେ ଜିତିଲେ :** ଯଦି ଭାରତୀୟ ଦଳ ବର୍ଡର-ଗାଭାସ୍କର ଟ୍ରଫି ୩-୧ର ଜିତେ ତେବେ ଦଳ ସିଧାସଳଖ କାହା ଉପରେ ନିର୍ଭର ନ କରି ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ଏହି ହିସାବରେ ଭାରତକୁ ମେଲବର୍ଣ୍ଣ ଓ ସିଡନୀ ମ୍ୟାଚ୍ ଜିତିବାକୁ ପଡ଼ିବ। **ବର୍ଡର-ଗାଭାସ୍କର ଟ୍ରଫି ୨-୧ରେ ଜିତିଲେ:** ଯଦି ଭାରତୀୟ ଦଳ ବର୍ଡର-ଗାଭାସ୍କର ଟ୍ରଫି ୨-୧ରେ ଜିତେ ତେବେ ଏମିତି ସ୍ଥିତିରେ ଶ୍ରୀଲଙ୍କାକୁ ଅଷ୍ଟ୍ରେଲିଆ ବିପକ୍ଷରେ ଗୋଟିଏ ଟେଷ୍ଟ ଡ୍ର ରଖିବାକୁ ପଡ଼ିବ ଓ ପାକିସ୍ତାନକୁ ଦକ୍ଷିଣ ଆଫ୍ରିକାକୁ ହରାଇବାକୁ ପଡିବ। **ବର୍ଡର-ଗାଭାସ୍କର ଟ୍ରଫି ୨ -୨ରେ ରହିଲେ:** ଯଦି ବର୍ଡର-ଗାଭାସ୍କର ଟ୍ରଫି ୨-୨ରେ ବରାବର ରହେ ତେବେ ଶ୍ରୀଲଙ୍କାକୁ ଅଷ୍ଟ୍ରେଲିଆ ବିପକ୍ଷରେ ଗୋଟିଏ ମ୍ୟାଚ୍ ଜିତିବାକୁ ପଡ଼ିବ ଓ ପାକିସ୍ତାନ ଦକ୍ଷିଣ ଆଫ୍ରିକାକୁ ୨-୦ରେ ହରାଇବାକୁ ପଡ଼ିବ। **ବର୍ଡର-ଗାଭାସ୍କର ଟ୍ରଫି ୧-୧ରେ ରହିଲେ:** ଯଦି ବର୍ଡର-ଗାଭାସ୍କର ଟ୍ରଫି ୧-୧ରେ ଡ୍ର ରହେ ତେବେ ଏମିତି ସ୍ଥିତିରେ ଶ୍ରୀଲଙ୍କାକୁ ଅଷ୍ଟ୍ରେଲିଆ ବିପକ୍ଷରେ ୧-୦ରେ ସିରିଜ୍ ଜିତିବାକୁ ପଡ଼ିବ। ଏହା ବ୍ୟତୀତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପାକିସ୍ତାନକୁ ସିରିଜ୍ ୨-୦ରେ ଜିତିବାକୁ ପଡ଼ିବ। **ବର୍ଡର-ଗାଭାସ୍କର ଟ୍ରଫି ହାରିଲେ:** ଯଦି ଭାରତୀୟ ଦଳ ବର୍ଡର-ଗାଭାସ୍କର ଟ୍ରଫି ହାରେ ତେବେ ଦଳର ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ୍‌ରେ ପହଞ୍ଚିବାର ସ୍ୱପ୍ନ ଭାଙ୍ଗିଯିବ। ଏବେ ଦେଖିବା ବାକି ରହିଲା ଯେ, ଭାରତୀୟ ଦଳ ବର୍ଡର-ଗାଭାସ୍କର ଟ୍ରଫି କେମିତି ସମାପ୍ତ କରୁଛି।

# ବିରାଟଙ୍କୁ କ୍ଷମା ମାଗିଲେ ଅଷ୍ଟ୍ରେଲିଆ ଖେଳାଳି



ନୂଆଦିଲ୍ଲୀ: ଭାରତର ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ବର୍ଡର-ଗାଭାସ୍କର ଟ୍ରଫିରେ ବେଶ ଚର୍ଚ୍ଚା ଏବଂ ବିବାଦରେ ରହିଛନ୍ତି। ମେଲବର୍ଣ୍ଣ ଟେଷ୍ଟର ପ୍ରଥମ ଦିନରେ ଅଷ୍ଟ୍ରେଲିଆର ଯୁବ ବ୍ୟାଟର ସାମ କୋନଷ୍ଟାସଙ୍କୁ ଧକ୍କା ଦେଇଥିଲେ, ଯେଉଁଥି ପାଇଁ ଆଇସିସି ତାଙ୍କ ଉପରେ ଜରିମାନା ଲଗାଇଥିଲା। ଏହାସହ ଏକ ଡିମେରିଟ୍ ଅଙ୍କ ମଧ୍ୟ ଦେଇଥିଲା। ତେବେ କୋହଲିଙ୍କୁ ମିଳିଥିବା ଦଣ୍ଡରେ ଅଷ୍ଟ୍ରେଲିଆ ଖୁସି ନଥିଲା ଏବଂ ତାଙ୍କୁ ସମାଲୋଚନା କରିବା ସହ ଅପଶବ୍ଦ ମଧ୍ୟ ବ୍ୟବହାର କରିଥିଲେ। ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର କେରି ଓ କିଫ୍ କୋହଲିଙ୍କୁ ଅଂହକାରୀ କହିଥିଲେ। ତେବେ ଏହି ଅପଶବ୍ଦ ପାଇଁ ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର କ୍ଷମା ମାଗିଛନ୍ତି। ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର କେରି ଓ କିଫ୍ ଏବେ ନିଜର ଏହି ବୟାନ ପାଇଁ କ୍ଷମା ମାଗିଛନ୍ତି। କେରି କହିଛନ୍ତି, 'ମୁଁ ବିରାଟ କୋହଲିଙ୍କ ବ୍ୟବହାରକୁ ଅଂହକାରରେ ଭର୍ତ୍ତି ବୋଲି କହିଥିଲି। ମୁଁ ଏଥିପାଇଁ କ୍ଷମା ମାଗୁଛି। ମୁଁ ଏଭଳି କହିବାର ନଥିଲା। ତାଙ୍କ ପାଖରେ ସ୍ୱାଗ୍ ଅଛି ଏବଂ ସେହିଭଳି କ୍ରିକେଟ୍ ଖେଳନ୍ତି। ଯେତେବେଳେ ଅନ୍ୟ ଖେଳାଳିଙ୍କୁ ଏପରି କରିବା ଦେଖନ୍ତି, ସେ ସାମାନ୍ୟ ରାଗି ଯାଆନ୍ତି ଏବଂ ପ୍ରତିକ୍ରିୟାଶୀଳ ହୋଇଯାଆନ୍ତି ବୋଲି ମୁଁ ଅନୁଭବ କରୁଛି। କୋହଲି ଜଣେ କ୍ରେଜି କ୍ରିକେଟର ଏବଂ ତାଙ୍କ ଆକ୍ରାମକ ଖେଳ ହିଁ ତାଙ୍କୁ ପ୍ରତିଦ୍ୱନ୍ଦ୍ୱି କ୍ରିକେଟର କରେ।' ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲି ଶୁକ୍ରବାର ଅଷ୍ଟ୍ରେଲିଆ ବିରୋଧରେ ବକ୍ସିଂ ଡେ ଟେଷ୍ଟରେ ଆଉଟ୍ ହୋଇ ଡ୍ରେସିଂ ରୁମକୁ ଫେରିବା ବେଳେ ହୁଟିଂର ସାମନା କରିଥିଲେ। ଅଷ୍ଟ୍ରେଲିଆ ଦର୍ଶକ ତାଙ୍କୁ ପରିହାସ ମଧ୍ୟ କରିଥିଲେ।

## ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କ୍ରିକେଟ କପ୍

# ଇଉସିସି ରାଞ୍ଚି ଫାଇନାଲ୍‌ରେ



କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ବ୍ଲକ ଅନ୍ତର୍ଗତ ଚଢ଼େଇଭଳ ଦି ଆଜାଦ ସ୍ପୋର୍ଟସ ଏଣ୍ଡ କୋଲଚୁରାଲ କ୍ଲବ ଆନୁକୁଲ୍ୟରେ ଆୟୋଜିତ ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କ୍ରିକେଟ କପର ପ୍ରଥମ ସେମିଫାଇନାଲ ମ୍ୟାଚରେ ରାଇଜୀଙ୍ଗ ଷ୍ଟୁଡେଣ୍ଟ୍ କଟକକୁ ହରାଇ ଇଉସିସି ରାଞ୍ଚି ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳ ରାଇଜୀଙ୍ଗ ଷ୍ଟୁଡେଣ୍ଟ୍ କଟକ ବନାମ ଇଉସିସି ରାଞ୍ଚି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜିର ଖେଳରେ ଇଉସିସି ରାଞ୍ଚି ଟସ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇ ବିପକ୍ଷ ଦଳ କଟକକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। କଟକ ନିର୍ଦ୍ଧାରିତ ୨୨ ଓଭର ଖେଳରେ ପୁରା ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୩୨ ରନ କରିଥିଲା। ୧୩୩ ରନର ଟାର୍ଗେଟକୁ ରାଞ୍ଚି ୨ ଉଇକେଟ୍ ହରାଇ ୮ ଉଇକେଟରେ ବିଜୟ ହାସଲ କରିଥିଲା। ଆଜିର ଖେଳକୁ ଆମ୍ପେୟାର ଭାବେ ଖଗେଶ୍ୱର ମଲ୍ଲିକ ଓ ପ୍ରାଣନାଥ ଜେନା କାର୍ଯ୍ୟ ତୁଲାଇଥିଲେ। ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ ଅସଗୋର ଅଲ୍ଲୀ ଓ ଅବୁଦୁଲ ମଲ୍ଲିକ, ସ୍କୋରର ଭାବେ ଏମଡି ପର୍ଭେଜ୍, ଏମଡି ଅବେଦ ଅଲ୍ଲୀ ଓ ଦୀପକ ସାହୁ କାର୍ଯ୍ୟ ତୁଲାଇଥିଲେ। ଖେଳରେ ସହଯୋଗ କରିଥିଲେ ସମ୍ପାଦକ ଏମଡି ସବୀର ଅଲ୍ଲୀ, ସରଫୋତ, ନୁରୁଲ ଇସଲାମ, ଫୋରିମ, ଏମଡ଼ି କାଏମ, ଏମଡି ତାଜ, ଏମଡି ରିୟାଯୁଦ୍ଦିନ ଓ କ୍ଲବର ଅନ୍ୟ ସାଥୀମାନେ। ଆଜିର ଖେଳରେ ଅତିଥିଭାବେ ବରିଷ୍ଠ କ୍ରୀଡାବିତ ଗୌରିଶଙ୍କର ସିନା ଓ ନଳୀନ ଚନ୍ଦ୍ର ଘଣା ଯୋଗ ଦେଇ ମେନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ବ୍ୟାଡମିଣ୍ଟନ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ



ବାଲିମେଳା। (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ବାଲିମେଳା ଏନ ଏ ସି ଇଣ୍ଡୋର ଷ୍ଟାଡିୟମରେ ବାଲିମେଳା ସ୍ତରୀୟ ବାଲିମେଳାରେ ବ୍ୟାଡମିଣ୍ଟନ ଚମ୍ପିୟାନସିପ ଉଦ୍‌ଘଟନ ହୋଇଯାଇଛି। ଏହି ଅବସରରେ ବାଲିମେଳା ଅଞ୍ଚଳ ଓରକେଲ ପୋଲିଶ ଥାନା ଭାରପ୍ରାପ୍ତ ଅଧିକାରୀ ଧୀରେନ କୁମାର ପଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସର୍ବପ୍ରଥମେ ଶ୍ରୀ ହନୁମାନଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ କରି ଖେଳର ଶୁଭ ଉଦ୍‌ଘଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବାଲିମେଳା ବ୍ୟାଡମିଣ୍ଟନ କମିଟିର ସଭାପତି ଆଡ଼ଭାଲା କ୍ରିଷ୍ଣା ରାଓ, ସମ୍ପାଦକ ବି ସଂଜୀବ କୁମାର, ଏ ଏସ ଆଇ ବିଜୟ କୁମାର ବେନିଆ ଯୋଗ ଦେଇଥିଲେ। ଏହି ଖେଳ ଦୁଇଦିନ ଧରି ହେବାକୁ ଥିବାବେଳେ ତିନୋଟି ବର୍ଗରେ କରାଯିବ ବୋଲି ସଭାପତି ରାଓ କହିଛନ୍ତି। ବାଲିମେଳାରେ ଆଗରୁ ଇଣ୍ଡୋର ଷ୍ଟାଡିୟମ ନଥିବାରୁ ଖେଳାଳିଙ୍କ ଉତ୍ସାହ କମିକମି ଯିବାର ଦେଖିବାକୁ ମିଳିଥିଲା। କିନ୍ତୁ ଷ୍ଟାଡିୟମ ହେବାପରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଖେଳାଳି ଏଠାରେ ପ୍ରତିଦିନ ଅଭ୍ୟାସ ପାଇଁ ଆସୁଛନ୍ତି। ଏହି ଖେଳାଳି ମନେ ଆଗକୁ ଜିଲାସ୍ତରୀୟ ଓ ରାଜ୍ୟସ୍ତରରେ ମଧ୍ୟ ଅଂଶଗ୍ରହଣ କରିପାରିବେ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ଖେଳକୁ ପରିଚାଳନା କରିଥିଲେ କୋଚ ଲକ୍ଷ୍ମୀକାନ୍ତ ପୂଜାରୀ ଏବଂ ଅନ୍ୟ ସମସ୍ତ ସଦସ୍ୟ ବୃନ୍ଦ।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଆସିକା (ଭାସ୍କର ନ୍ୟୁଜ୍) : ମୁଣ୍ଡମରେଇ ଗ୍ୟାଲେକ୍ସି ୧୧, ୫ମ ସନ୍ତୋଷୀ ଏବଂ ପ୍ରଥମ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଷ୍ଟାର ଶେରଗଡ଼ ଏଫ ସି ସି ନୂଆଗଡକୁ କୋଡିଏ ଓଭରରେ ସମସ୍ତ ଖେଳାଳିଙ୍କୁ ହରାଇ ୪୭ ରନରେ ବିଜୟୀ ହୋଇଛନ୍ତି। ବିଜୟୀ ଦଳକୁ ସମ୍ମାନିତ କରିବା ପାଇଁ ବଳରାମ ପ୍ରଧାନଙ୍କ ସଂଯୋଜନାରେ ଏକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥିଭାବେ ସମାଜସେବୀ ସୁରେନ୍ଦ୍ର ଗୌଡ଼ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ସମ୍ମାନିତ ଅତିଥିଭାବେ ଧରାକୋଟ ସମିତି ସଭ୍ୟା ମାନିନୀ ପାତ୍ର,ଯୋଗେନ୍ଦ୍ର ସସମଲ, ସିମାଞ୍ଚଳ ବେହେରା, ବାସୁଦେବ ପାତ୍ର, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏହି ସଭାରେ ପ୍ରଶାନ୍ତ ଡାକୁଆ ମଞ୍ଚ ପରିଚାଳନା କରିଥିଲେ।ଏହି ଅବସରରେ ବେଷ୍ଟ ବ୍ୟାଟ୍ସମ୍ୟାନ ସନ୍ତୋଷ କୁମାର ପାତ୍ର,ବେଷ୍ଟ ବୋଲର,ବେଷ୍ଟ ଫିଲଡର ଭଜରାମ ବେହେରା,ମେନ ଅଫ ସିରିଜ ନୃସିଂହ ମହାକୁଡ,ମୋଷ୍ଟ ଭେଲିବୁଲ ପ୍ଲେୟାର ନୃସିଂହ ମହାକୁଡ,ବେଷ୍ଟ ଅମ୍ପାୟର ଦେବାଶିଷ ନାୟକ ,ଚକ୍ରଧର ପ୍ରଧାନ,ବେଷ୍ଟ ସ୍କୋରର ବିନାୟକ ମୁନୀ, ମିଟୁ ସେଠୀ, ନିଳମାଧବ ସ୍ୱାଇଁ ଙ୍କ ସମେତ ବଳରାମ ପ୍ରଧାନ, ହରିଶଙ୍କର ପୋଲାଇଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।


## ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଛତିଶଗଡ



ଟାଙ୍ଗୀ (ଭାସ୍କର ନ୍ୟୁଜ୍) : କୁହୁଡ଼ି ଗ୍ରାମର ଟୁର୍ଣ୍ଣାମେଣ୍ଟ ଜନତା ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେଉଥିବା ସର୍ବ ଭାରତୀୟ ମହାବୀର କପ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ମଣିପୁର ସହିତ ଛତିଶଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମଣିପୁରକୁ ୨ - ୧ ହରାଇ ଛତିଶଗଡ ଫାଇନାଲରେ ଏଣ୍ଟ୍ରି କରିଛି। ଅତିଥି ଭାବେ ସମାଜସେବୀ ବାଦଲ ଚମ୍ପତି, ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ଆୟୋଜକ କମିଟିର ସମ୍ପାଦକ ମନୋଜ କୁମାର ମାନସିଂହ, ସଭାପତି ରଘୁନାଥ ସ୍ୱାଇଁ, ପୂର୍ବତନ ସମ୍ପାଦକ ଶ୍ରୀଧର ମହାପାତ୍ର, ଶିକ୍ଷାବିତ୍ ଶଙ୍କର୍ଷଣ ଜେନା, ରାଜକିଶୋର ବୈରିଗଞ୍ଜନ, ରାମଚନ୍ଦ୍ର ନାୟକ, କେଦାର ଦାସ, ଲୁଲୁ ମହାପାତ୍ର, ବିପିନ ଉଦୟସିଂହ, ସାମ୍ବାଦିକ ରମେଶ ନାଇଡୁ, ହରିବନ୍ଧୁ ସାମନ୍ତରାୟ, ଗଦାଧର ପ୍ରଧାନ, କେଦାର ପତାଳସିଂହ, ରତ୍ନାକର ସାମନ୍ତରାୟ, ଅର୍ପଣ୍ଡି ବେହେରା, କମଳ ସାମନ୍ତରାୟ, ଆନନ୍ଦ ରାଓ, ଶିଲୁ ପ୍ରଧାନ, ନରେନ୍ଦ୍ର ନାୟକ ଓ ଲକ୍ଷ୍ମୀକାନ୍ତ ଦଳାଇ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୋପାଳ ସାମନ୍ତରାୟ, ବିଦେଶୀ କୁମାର ନାୟକ, ପ୍ରଫୁଲ୍ଲ ବେହେରା, ଅଭିନାଶ ପଟ୍ଟନାୟକ, ବିଜୟ କୁମାର ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ୨୦୨୪ରେ କ୍ରିକେଟକୁ ଅଲ୍‌ବିଦା କହିଛନ୍ତି ଷ୍ଟାର କ୍ରିକେଟର




ନୂଆଦିଲ୍ଲୀ : କ୍ରୀଡାପ୍ରେମୀଙ୍କ ହୃଦୟ ଭାଙ୍ଗି କ୍ୟାରିୟରକୁ ଅଲ୍‌ବିଦା କହିଛନ୍ତି କିଛି ଷ୍ଟାର କ୍ରିକେଟର। ଦୀର୍ଘ ଦିନର ଯାତ୍ରାରେ ପକାଇଲେ ପୂର୍ଣ୍ଣଚ୍ଛେଦ। ୨୦୨୪ ଥିଲା ବିଶ୍ୱ କ୍ରିକେଟରଙ୍କ କ୍ୟାରିୟରର ଶେଷ ବର୍ଷ। ଦୀର୍ଘ ବର୍ଷ ଧରି ଫ୍ୟାନ୍ସଙ୍କ ହୃଦୟରେ ରାଜ କରୁଥିବା ପ୍ଲେୟର ପଡିଆରେ ଆଉ ଦେଖିବାକୁ ମିଳିବେନି। ଏମାନଙ୍କ ମଧ୍ୟରୁ ଏପରି କିଛି ପ୍ଲେୟର ଅଛନ୍ତି ଯାହାଙ୍କ ସନ୍ୟାସ ରହିଥିଲା ବେଶ ବିବାଦୀୟ। ଲିଷ୍ଟର ପ୍ରଥମରେ ଅଛନ୍ତି ଟିମ୍ ଇଣ୍ଡିଆର ୩ ଷ୍ଟାର ପ୍ଲେୟର। ୨୦୨୪ ଟି-ଟ୍ୱେଣ୍ଟି ୱାର୍ଲ୍ଡକପ୍ ଜିତିବା ପରେ ଟି-୨୦ରୁ ନେଇଛନ୍ତି ସନ୍ୟାସ। ଏହି ପ୍ଲେୟର ହେଉଛନ୍ତି ବିରାଟ କୋହଲି, ରୋହିତ ଶର୍ମା ଓ ରବିନ୍ଦ୍ର ଜାଡେଜା। ଭାରତ ଦ୍ୱିତୀୟ ଥର ପାଇଁ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଜିତିବା ମାତ୍ରେ ବିରାଟ ଗ୍ରାଉଣ୍ଡ୍ ଭିତରେ ଅବସର ଘୋଷଣା କରି ଚକିତ କରିଦେଇଥିଲେ। ପରେ ପରେ ରୋହିତ ଓ ଜାଡେଜା ଅବସର ନେଇଥିଲେ। ଏମାନଙ୍କ ବ୍ୟାକ୍-ଟୁ-ବ୍ୟାକ୍ ଅବସର ନେବା ପାଲଟିଥିଲା ଚର୍ଚ୍ଚାର ବିଷୟ। ଏହାପଛକୁ ରହିଛନ୍ତି ଟିମ୍ ଇଣ୍ଡିଆର ଲୋକପ୍ରିୟ ପ୍ଲେୟର ଶିଖର ଧାୱନ। ତାଙ୍କ ଅବସର ସମସ୍ତଙ୍କୁ ବ୍ୟଥିତ କରିଥିଲା। ଯୁବ ତାରକାଙ୍କ ଆବିର୍ଭାବ ପରେ ଧାୱନଙ୍କୁ ଅଣଦେଖା କରାଯାଇଥିଲା। ବେଶ୍ କିଛି ଦିନ ଅପେକ୍ଷା କରିବା ପରେ ଅଗଷ୍ଟ ୨୪ରେ ସେ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ଘୋଷଣା କରିଥିଲେ। ଧାୱନ ଶେଷ ଥର ପାଇଁ ୨୦୨୨ ଡିସେମ୍ବରରେ ବାଂଲାଦେଶ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ଭାରତ ପାଇଁ ଖେଳିଥିଲେ ଏବଂ ଶୁଭମନ ଗିଲଙ୍କ ଆବିର୍ଭାବ ପରେ ତାଙ୍କୁ ଆଉ ଟିମ୍‌ରେ ସ୍ଥାନ ମିଳି ନଥିଲା। ସେହିପରି ଟିମ୍ ଇଣ୍ଡିଆର ପୂର୍ବତନ ୱିକେଟ୍ କିପର ଦିନେଶ କାର୍ତ୍ତିକ ଆଇପିଏଲ୍ ସହ ସବୁ ଫର୍ମାଟରୁ ଅବସର ନେଇଥିଲେ। ନିଜର ୩୯ତମ ଜନ୍ମଦିନରେ ସେ ସୋସିଆଲ ମିଡିଆରେ ଏନେଇ ଘୋଷଣା କରିଥିଲେ। ତେବେ ଏମାନଙ୍କ ବ୍ୟତୀତ ନିକଟରେ ଅବସର ଘୋଷଣା କରିଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ସେ ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ଶେଷରେ ହିଁ ବିଶ୍ୱ ପ୍ରସିଦ୍ଧ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେଇଛନ୍ତି। ଅଶ୍ୱିନଙ୍କ ବିଦାୟ ସହ ଏକ ପାରମ୍ପରିକ ଅଫ ସ୍ପିନ୍? ବୋଲିଂର ଯୁଗ ଶେଷ ହୋଇଯାଇଛି। ଏମାନଙ୍କ ବ୍ୟତୀତ ୨୦୨୪ରେ ନ୍ୟୁଜିଲାଣ୍ଡର ଦ୍ରୁତ ବୋଲର ଟିମ୍ ସାଉଦି ଟେଷ୍ଟରୁ ଅବସର ଘୋଷଣା କରିଛନ୍ତି। ସାଉଦି ଟେଷ୍ଟ କ୍ରିକେଟ୍‌ରେ ୩୯୧ଟି ୱିକେଟ୍ ନେଇଛନ୍ତି। ସେହିପରି ନ୍ୟୁଜିଲାଣ୍ଡର ଅନ୍ୟତମ ପେସ୍ ବୋଲର ନିଲ ୱାଗନର ମଧ୍ୟ ଚଳିତ ବର୍ଷ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘାଷଣା କରିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଭାରତକୁ ହରାଇ ଟାଇଟଲ ଜିତିବା ପଛରେ ୱାଗନରଙ୍କ ରହିଥିଲା ପ୍ରମୁଖ ଭୂମିକା। ତେବେ ଏମାନଙ୍କ ବ୍ୟତୀତ ପ୍ରସିଦ୍ଧ ଇଂଲଣ୍ଡ ପେସ୍ ବୋଲର ଜେମ୍ସ ଆଣ୍ଡରସନଙ୍କ ବିଦାୟ ସାମାନ୍ୟ ବିବାଦୀୟ ରହିଥିଲା। ତାଙ୍କୁ ଅବସର ନେବା ପାଇଁ ଏକ ପ୍ରକାର ବାଧ୍ୟ କରାଯାଇଥିଲା। ତାଙ୍କ ଯୋଗୁଁ ଯୁବ ତାରକାଙ୍କୁ ସୁଯୋଗ ମିଳିପାରୁନଥିବା ଟିମ ମ୍ୟାନେଜମେଣ୍ଟ ଜଣାଇଥିଲା। ଶେଷରେ ଜୁଲାଇ ୧୨ରେ ଅନୁଷ୍ଠିତ ୱେଷ୍ଟ ଇଣ୍ଡିଜ ବିପକ୍ଷ ଲର୍ଡସ ଟେଷ୍ଟ ଖେଳି ଆଣ୍ଡରସନ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ବିଦାୟ ନେଇଥିଲେ।




# ବିଦାୟ-୨୦୨୪





## କୋଣାର୍କ ଉତ୍ସବ

କଳା, ସଂସ୍କୃତି ଓ ଐତିହ୍ୟରେ ଭରପୁର ତଥା ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ କୋଣାର୍କରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା କୋଣାର୍କ ଉତ୍ସବ। ଏହି ଉତ୍ସବର ମୁଖ୍ୟ ଆକର୍ଷଣ ହେଲା ନୃତ୍ୟ, ସଂଗୀତ ଓ ବାଲୁକା କଳା। ଦେଶ ବିଦେଶରେ ବହୁ ବିଶିଷ୍ଟ ନୃତ୍ୟ ଶିଳ୍ପୀ, ସଂଗୀତଜ୍ଞ ଏହି ଉତ୍ସବରେ ଯୋଗ ଦେଇ ନିଜ ପ୍ରତିଭାର ପରିଚୟ ଦେଇଥିଲେ।





## ଦିଲ୍ଲୀରେ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ

ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ ତମ ଜୟନ୍ତୀ ଗତ ନଭେମ୍ବର ୨୧ ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କଟକ ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଯୋଗ ଦେଇଥିଲେ।





## ସରୋଜିନୀ ସାହୁଙ୍କ ଶାରଳା ପୁରସ୍କାର

ଓଡ଼ିଶା ସାହିତ୍ୟର ସ୍ୱନାମଧନ୍ୟ ଲେଖିକା ସରୋଜିନୀ ସାହୁଙ୍କ ଚଳିତବର୍ଷର ସମ୍ମାନଜନକ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀମତୀ ସାହୁଙ୍କ ଦ୍ୱାରା ଲିଖିତ 'ଅସ୍ଥିର ପାଦ' ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ପୁରସ୍କାର ବାବଦରେ ନଗଦ ୫ ଲକ୍ଷ ଟଙ୍କା, ମାନପତ୍ର, ଉପଢ଼ୌକନ ପ୍ରଦାନ କରାଯାଇ ତାଙ୍କୁ ସମ୍ମାନିତ କରାଯାଇଥିଲା।

## ମନ ଜିଣିଲା ଓଡ଼ିଶା ପ୍ରଜ୍ଞାପନ ମେଢ଼

ସାଧାରଣତନ୍ତ୍ର ଦିବସ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପ୍ରଥମ ସ୍ଥାନ ଅଧିକାର କରିବା ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି କୁହାଯାଇପାରେ। ଦିଲ୍ଲୀ କର୍ତ୍ତବ୍ୟ ପଥରେ ପ୍ରଦର୍ଶିତ ଏହି ପ୍ରଜ୍ଞାପନ ମେଢ଼ ସମସ୍ତ ପ୍ରଜ୍ଞାପନ ମେଢ଼କୁ ପଛରେ ପକାଇଦେଇଥିଲା।




## ସାହିତ୍ୟ-ସଂସ୍କୃତି

ଆଉ ଦିନ କେଇଟା ଭିତରେ ୨୦୨୪ ଆମ କ୍ୟାଲେଣ୍ଡରରେ ସ୍ମୃତି ପାଲଟିଯିବ। ଇତିହାସ ହୋଇଯିବ। ନୂଆବର୍ଷ ୨୦୨୫କୁ ସ୍ୱାଗତ କରିବୁ। ଏହି ଯିବା ଆସିବା ଭିତରେ ଆମର ସାହିତ୍ୟ ଓ ସଂସ୍କୃତି ୨୦୨୪ରେ କେତେ ଛାପ ଛାଡ଼ିଗଲା ତାକୁ ନେଇ ଏବେ ତର୍ଜମା ଆରମ୍ଭ କରିଛୁ। ଓଡ଼ିଶା ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଯେ ସମସ୍ତଙ୍କ ଠାରୁ ଢେର ଆଗରେ ତାହା ବୁଝାଇ କହିବାକୁ ପଡ଼ିବ ନାହିଁ। ସେହି ଅତୀତର ସ୍ମୃତିର କିଛି ଝଲକ...

## ପଦ୍ମଶ୍ରୀ କମଳା ପୂଜାରୀଙ୍କ ଦେହାନ୍ତ

ଜୈବିକ କୃଷିକୁ ନେଇ ଭବିଷ୍ୟତ ପିଢ଼ିକୁ ଅଜସ୍ର ପ୍ରେରଣା ଯୋଗାଉଥିବା ପଦ୍ମଶ୍ରୀ କମଳା ପୂଜାରୀଙ୍କର ଜୁଲାଇ ୨୦ ତାରିଖରେ ୭୬ ବର୍ଷ ବୟସରେ ପରଲୋକ ଘଟିଛି। ନାରୀ ସଶକ୍ତିକରଣ ସହ ଜଙ୍ଗଲ ସୁରକ୍ଷା ନିମନ୍ତେ ୨୧ ଜଣ କର୍ମଠ ମହିଳାଙ୍କୁ ନେଇ ତ୍ରିନାଥ ଠାକୁର ବନ ସୁରକ୍ଷା ସମିତି ନାମକ ଏକ ସଂଘ ଗଠନ କରି ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ କାମ କରିଥିଲେ। ବୟସାଧିକ ଓ କିଡ୍‌ନୀ ଜନିତ ସମସ୍ୟା ନେଇ ସେ କଟକ ଏସ୍‌ସିବିରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।





## ବଦଳିଲେ ବରଗଡ଼ କଂସ

ଆସନ୍ତା ଜାନୁଆରୀ ୩ ରୁ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ନୂତନ କଂସ ଭାବେ ଦାୟିତ୍ୱ ତୁଲାଇବେ ଭୁବନେଶ୍ୱର ପ୍ରଧାନ। ଦୀର୍ଘଦିନ ଧରି କଂସ ଭୂମିକାରେ ଅଭିନୟ କରିଆସୁଥିବା ହୃଷିକେଶ ଭୋଇ ଲାଞ୍ଚ ନେବା କାରଣରୁ ନିଲମ୍ବିତ ହେବା ପରେ ତାଙ୍କୁ ଏହି ଭୂମିକାରୁ ବାଦ୍ ଦିଆଯାଇଛି।




## ବୈଷ୍ଣବ ସାମଲ, ମହେଶ୍ୱର ସୋରେନଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଡିସେମ୍ବର ୧୮ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଆରେ ପ୍ରବନ୍ଧ ପୁସ୍ତକ 'ଭୂତି ଭକ୍ତି ବିଭୂତି' ପାଇଁ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ ନେଇ ଘୋଷଣା କରାଯାଇଥିବାବେଳେ ସାନ୍ତାଳୀ ଭାଷା ସାହିତ୍ୟ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହେଶ୍ୱର ସୋରେନଙ୍କୁ ଏହି ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି।







୨୦୨୪ ବର୍ଷରେ ଓଡ଼ିଶାର ୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନେ ହେଲେ ଗୋପୀନାଥ ସ୍ୱାଇଁ, ବିନୋଦ ମହାରଣା, ଭଗବତ ପ୍ରଧାନ ଏବଂ ବିନୋଦ କୁମାର ପଶାୟତ। ଏମାନଙ୍କୁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଇଛି।

## ଓଡ଼ିଶାରୁ ୪ ଜଣଙ୍କୁ ପଦ୍ମ ସମ୍ମାନ



## ଦିଲ୍ଲୀରେ ଓଡ଼ିଶା ପର୍ବର ମାହୋଲ

ନଭେମ୍ବର ୨୩ ରୁ ଜାତୀୟ ରାଜଧାନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା ଓଡ଼ିଶା ପର୍ବ-୨୦୨୪। ଜବାହର ଲାଲ ନେହେରୁ ଷ୍ଟାଡିୟମର ଗେଟ୍ ନଂ- ୧୪ରେ ଆୟୋଜିତ ଏହି ଉତ୍ସବରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଯୋଗ ଦେଇ ଏହି ପର୍ବକୁ ସାଫଲ୍ୟ ମଣ୍ଡିତ କରିଥିଲେ।



## ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ

ଡିସେମ୍ବର ୬ରୁ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଆରମ୍ଭ ହୋଇଥିଲା ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ। ଏହି ମହୋତ୍ସବରେ ଶତାଧିକ ଷ୍ଟଲ ପଡିଥିବାବେଳେ ବହୁ ବିଶିଷ୍ଟ କବି ଓ ଲେଖକ ସେମାନଙ୍କ ମାନସ ସନ୍ତାନ ସଦୃଶ ପୁସ୍ତକ ଉନ୍ମୋଚନ କରି ଆତ୍ମତୃପ୍ତି ଲାଭ କରିଥିଲେ। ମହୋତ୍ସବରେ ପ୍ରତିଦିନ ପ୍ରବଳ ଗହଳି ହୋଇଥିଲା।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଟିକାତାଲ ସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମ ଓ ରାମକୃଷ୍ଣ ମିଶନ ଆଶ୍ରମ ପୁରୀର ସମ୍ପାଦକ ସ୍ୱାମୀ ଆପ୍ତେଶ୍ୱରାନନ୍ଦ ମହାରାଜଙ୍କ ସହାୟତାରେ ଗୋପାଳପୁର ପଞ୍ଚାୟତର ତୁଳସୀବେରେଣାଠାରେ ଆଖପାଖ ଗ୍ରାମର ଏକଶହ ଅଭାବୀ, ବୟସ୍କ ଓ ବିଧବା ମା'ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପୁନଶ୍ଚ ଶ୍ରୀରାମକୃଷ୍ଣ ସେବାଶ୍ରମ, ଟିକାତାଲ ଓ ମୋହିନୀ ସେବା ଫାଉଣ୍ଡେସନ, କୋଲକାତା ମିଳିତ ଆନୁକୂଲ୍ୟରେ ବୋଲଗଡଠାରେ ଆଶ୍ରମର ଉପସଭାପତି ରାଜକିଶୋର ଛୁଆଁଳସିଂହ, ବରିଷ୍ଠ ସଦସ୍ୟ ଭକ୍ତବତ୍ସଳ ପଟ୍ଟନାୟକ, ଗୋପୀନାଥ ଖାଡ଼ଙ୍ଗା ଓ ରାଧାଶ୍ୟାମ ରାଜଗୁରୁ ମହାପାତ୍ରଙ୍କ ଦ୍ୱାରା ବଣ୍ଟନ କରାଯାଇଛି। ଏହି ରିଲିଫ କାର୍ଯ୍ୟକ୍ରମରେ ସେବାଶ୍ରମର ସଭାପତି ବିଜୟ କୁମାର ମହାପାତ୍ର, ସମ୍ପାଦକ ଲୋକେଶ ଚନ୍ଦ୍ର ସାହୁ, ସହସମ୍ପାଦକ ସର୍ବେଶ୍ୱର ସାହୁ, କୋଷାଧ୍ୟକ୍ଷ ଅଶୋକ କୁମାର ସାହୁ, ସଦସ୍ୟ ସୁବଳ ଛୁଆଁଳସିଂହ, ନଟବର ବେହେରା, ରବୀନ୍ଦ୍ର କୁମାର ଜେନା, ବାବାଜୀ ବେହେରା, ଶ୍ୟାମାକାନ୍ତ ପଟ୍ଟନାୟକ, ଶୁଭାଂଶୁ ଶେଖର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଛୁଟିଦିନରେ ଉଠଦୋକାନ ଉଚ୍ଛେଦକୁ ନେଇ ତୀବ୍ର ବିରୋଧ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱରରେ ହେବାକୁ ଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ଯେତିକି ପାଖେଇ ଆସୁଛି, ବିଏମ୍ସି ଓ ବିଡ଼ିଏର କର୍ମଚାରୀମାନଙ୍କ ଉଠାଦୋକାନୀଙ୍କ ଉପରେ ଅତ୍ୟାଚାର ସେତିକି ବଢ଼ିଚାଲିଛି। ଗତ କିଛିଦିନ ହେବ କ୍ରମାଗତ ଭାବରେ ବିଏମ୍ସି ଓ ବିଡ଼ିଏର ମିଳିତ ଉଚ୍ଛେଦକାରୀ ଦଳ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଥିବା ଉଠାଦୋକାନଗୁଡ଼ିକୁ ଉଚ୍ଛେଦ କରି ଚାଲିଥିଲେ। ଯାହାକୁ ନେଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ତରଫରୁ ତୀବ୍ର ବିରୋଧ କରୁଥିଲେ ମଧ୍ୟ ବିଏମ୍ସି ଓ ବିଡ଼ିଏ ଏଥିପ୍ରତି କର୍ଣ୍ଣପାତ ନକରି ବିନା ଚରିତ ଭାବେ ଉଠାଦୋକାନଗୁଡ଼ିକୁ ଉଚ୍ଛେଦ କରି ଚାଲୁଥିଲେ। ଫଳରେ ବାଧ ହୋଇ ମହାସଂଘ ତରଫରୁ ଗତ ୨୬ ତାରିଖ ଦିନ ୫ ହଜାର ଉଠାଦୋକାନୀ ଭାଇ ଓ ଭଉଣୀମାନେ ଭୁବନେଶ୍ୱର ଉତର ବିଏମ୍ସି ଅଫିସ୍ ଘେରାଉ କରିବା ସହିତ ଦୁଇଜଣ ଡେପୁଟି କମିଶନର ଓ ମେୟରଙ୍କୁ ୯ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଦୁଇ ଡେପୁଟି କମିଶନର ଓ ମେୟର ଦାବିଗୁଡ଼ିକୁ ଯଥାର୍ଥ ବୋଲି କହିବା ସହ ବିଏମ୍ସି ଉଠାଦୋକାନ ଉଚ୍ଛେଦ ନକରି ଥଇଥାନ କରିବାକୁ କହିଥିଲେ। ହେଲେ ମେୟରଙ୍କ କଥାକୁ ବିଏମ୍ସି କର୍ମଚାରୀମାନେ ଖାତିର କରିନଥିଲେ। ଶନିବାର ଛୁଟିଦିନରେ ବିଏମ୍ସି ଓ ବିଡ଼ିଏର ମିଳିତ ଉଚ୍ଛେଦକାରୀ ଦଳ କଳ୍ପନା ଛକରେ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବାକୁ ଆସିଥିବା ବେଳେ ସେଠାରେ ଉଠାଦୋକାନୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଠାଦୋକାନୀମାନେ ବିଏମ୍ସି ଗୋ ବ୍ୟାକ୍, ପ୍ରବାସୀ ଭାରତୀୟ ସମ୍ମିଳନୀ ନୁହେଁ, ଭାତ ଚାହୁଁ, ଉଚ୍ଛେଦ ନୁହେଁ, ଥଇଥାନ ଚାହୁଁ ଆଦି ସ୍ଲୋଗାନ ଦେଇ ବିଏମସି ଗାଡ଼ି ଆଗରେ ଧାରଣାରେ ବସିଥିଲେ। ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ, ସୂର୍ଯ୍ୟମଣି ସାହୁ, ନିରଞ୍ଜନ ପାଣ୍ଡେ ଘଟଣାସ୍ଥଳରେ ପହଂଚି ଦୋକାନୀମାନଙ୍କୁ ବୁଝାସୁଝା କରିବା ସହ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦେଲା ପରେ ଦୋକାନୀମାନେ ଆନ୍ଦୋଳନରୁ ଓହରିଥିଲେ। ଅନ୍ୟପଟେ ଦୁଇନମ୍ବର ଅଞ୍ଚଳରେ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଉଚ୍ଛେଦ କରିବା ପାଇଁ ପ୍ରସ୍ତୁତ କରୁଥିବା ବେଳେ ସେଠାରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ସେହିପରି ଖଣ୍ଡଗିରି ଛକରେ ବିଏମ୍ସି ତରଫରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଉଚ୍ଛେଦ ପାଇଁ ପ୍ରସ୍ତୁତ କରିଥିଲେ। ଯାହାଫଳରେ ଦୋକାନୀମାନେ ଏକତ୍ରିତ ହୋଇ ପ୍ରଶାସନଙ୍କୁ ଘେରିଥିଲେ। ମହାସଂଘର ସଭାପତି ପ୍ରତାପ କୁମାର ସାହୁ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ଯଦି ବିଏମ୍ସି ତାର ଉଚ୍ଛେଦ ନୀତିରୁ ନ ଓହରେ, ତେବେ ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ସ୍ଥିର କରାଯାଇଥିବା ୫୫ଟି ରାସ୍ତାରେ ଉଠାଦୋକାନୀମାନେ ଜାନୁଆରି ୮, ୯, ୧୦ ତାରିଖରେ ପ୍ରବାସୀ ଭାରତୀୟମାନେ ଯାଉଥିବା ଗାଡ଼ି ସମ୍ମୁଖରେ ହାତ ହଲାଇ ଉଠାଦୋକାନୀ ଗୋଟେଟି କରିବେ ବୋଲି କହିଛନ୍ତି। ଏଥିଯୋଗୁଁ ଯଦି ବିଏମ୍ସି ସାରା ବିଶ୍ୱରେ ବଦନାମ ହୁଏ, ତେବେ ବିଏମ୍ସି ଅଧିକାରୀ ଓ କମିଶନର ଦାୟୀ ରହିବେ ବୋଲି ଶ୍ରୀଯୁକ୍ତ ସାହୁ ଚେତାବନୀ ଦେଇଥିଲେ।

# ମାଟିର ବାସ୍ନା ସାହିତ୍ୟ ସଂସଦର ବାର୍ଷିକ ସମାରୋହ

କଟକ(ଭାସ୍କର ନ୍ୟୁଜ): ରେଭେନ୍ସା ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏନ୍ଏସ୍ଏସ୍ ବିଭାଗର ସଭାଗୃହରେ ମାଟିର ବାସ୍ନା ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ତୃତୀୟ ବାର୍ଷିକ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଖାଲ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନ କାର୍ଯ୍ୟକ୍ରମରେ ପ୍ରଫେସର ଡ଼.ଶିବଶଙ୍କର ସାହୁ ନଗର ଉନ୍ନୟନ ବିଭାଗ ପୂର୍ବତନ ନିର୍ଦ୍ଦେଶକ ମାନକେତନ ଦାସ, ପ୍ରଫେସର ନଟବର ଶତପଥି ଇଂ ପଦ୍ମଲୋଚନ ମାଝୀ, ଶରତ ଚନ୍ଦ୍ର ନାୟକ, ଡ଼. ପ୍ରଦୀପ କୁମାର ନାୟକ, ସୁରେନ୍ଦ୍ର ପ୍ରସାଦ ବାରିକ ଯୋଗ ଦେଇଥିଲେ। ସହସମ୍ପାଦକ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଗୋଛାୟତ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦିକା ସରସ୍ୱତୀ ବାରିକ ବିବରଣୀ ପାଠ କରିଥିଲେ। ୧୧ ଜଣ କବିଙ୍କୁ ମାଟିର କବି ଓ ଶତାଧିକ କବିଙ୍କୁ କବିତା ଆକରରେ ମାଟିର ବାସ୍ନା ମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନ କବିତା କାର୍ଯ୍ୟକ୍ରମ ପରିଚାଳନା ହୃଷିକେଶ ପ୍ରଧାନ ପରିଚାଳନା କରିଥିଲେ। ସଂଯୋଜନା କରିଥିଲେ ନଳିନୀ ପ୍ରଭା ଦାସ। ଏଥିରେ ଉର୍ମିଳା ଦାସ,ମନ୍ଦାକିନୀ ପାଢ଼ୀ, ମୁରାରୀ ପ୍ରସାଦ ପଶାଏତ ଗାୟତ୍ରୀ ଦାସ, କମଳ କାମିନୀ ଦେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂସଦର ମୁଖପତ୍ର ମାଟିର ସୌରଭ ଉନ୍ମୋଚିତ ହୋଇଥିଲା।

# ରତନ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରତନ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭାରତୀୟ ଶିଳ୍ପ ଜଗତର ଶିଖର ପୁରୁଷ, ପଦ୍ମ ବିଭୂଷଣ ରତନ ଟାଟାଙ୍କ ଜୟନ୍ତୀ ଅବସରରେ ତାଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି । ସେ ଜଣେ ଏଭଳି ବ୍ୟକ୍ତିତ୍ୱ ଥିଲେ, ଯିଏକି ବ୍ୟାପାରରେ ନୈତିକ ମୂଲ୍ୟ ଓ ସାମାଜିକ ଦାୟିତ୍ୱକୁ ସର୍ବୋପରି ରଖିଥିଲେ । ରତନ ଟାଟାଙ୍କୁ ଟାଟା ଗ୍ରୁପକୁ ବିଶ୍ୱସ୍ତରୀୟ କରିବା ସହ ସାମାଜିକ କଲ୍ୟାଣ ପାଇଁ ତାଙ୍କ ଅତୁଳନୀୟ ଯୋଗଦାନ ପାଇଁ ବି ସର୍ବଦା ସ୍ମରଣ କରାଯିବ । ଦେଶର ବିକାଶ ଓ ସମାଜର ଉତ୍ଥାନରେ ତାଙ୍କ ଭୂମିକା କୋଟି କୋଟି ଭାରତୀୟଙ୍କ ପାଇଁ ସର୍ବଦାର ପ୍ରେରଣାର ସ୍ରୋତ ହୋଇ ରହିବ ।

## ଥମୁନି ହାତୀ ଆତଙ୍କ
# ସ୍କୁଲ କାନ୍ଥ ଭାଙ୍ଗିବା ସହିତ କଲେ ବ୍ୟାପକ କ୍ଷୟକ୍ଷତି



କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ବନଖଣ୍ଡରେ ଥମୁନି ହାତୀ ଆତଙ୍କ । ପୃଥକ ପୃଥକ ସ୍ଥାନରେ ଅଛନ୍ତି ୩୬ ଟି ହାତୀ । ହାତୀ ପାଇଁ ୧୦୦ ରୁ ଉର୍ଦ୍ଧ୍ୱ ଗାଁରେ ଲାଗି ରହିଛି ହାତୀ ଆତଙ୍କ । ଗତକାଲି ବିଳମ୍ବିତ ରାତ୍ରରେ କରଞ୍ଜିଆ ରେଞ୍ଜର କାଦଡିହା ସେକ୍ସନ ଭାଟିସାହି ଅଞ୍ଚଳରେ ୨୬ଟି ହାତୀ ଆତଙ୍କ ସୃଷ୍ଟି କରିଥିବା ବେଳେ ପ୍ରାଥମିକ ସ୍କୁଲର ପାଚେରୀ ଭାଙ୍ଗିଥିଲେ। ସେହିପରି ଚତୁରିସାହି ରେ ୨ ଦନ୍ତା ଦୁଧିଆଣୀ ରେଞ୍ଜ ଅନ୍ତର୍ଗତ ଦରି ସେକ୍ସନ ପୁରୁଣାଦେଓଗାଁରେ ୩ଟି ସିମିଳିପାଳର ହାତୀ, ଠାକୁରମୁଣ୍ଡା ରେଞ୍ଜ କେନ୍ଦୁମୁଣ୍ଡି ସେକ୍ସନ ୧ ଦନ୍ତା ଓ ଗଡଭଙ୍ଗା ସେକ୍ସନ ସାତକୋଶିଆ ସଂରକ୍ଷିତ ଜଙ୍ଗଲରେ ୪ଟି ଦନ୍ତା ସହିତ ମୋଟ ୩୬ ହାତୀ ରହି ସ୍କୁଲ ପାଚେରୀ ଭାଙ୍ଗିବା ସହିତ ବ୍ୟାପକ ଘର ସାମଗ୍ରୀ ନଷ୍ଟ କରିଛନ୍ତି । ହାତୀ ଭୟରେ ଲୋକମାନେ ରାତିରେ ଘରେ ନ ଶୋଇ ଘର ସମୁଖରେ ନିଆଁ ଜାଳି ଜଗି ରହୁଛନ୍ତି । ହାତୀ ଏବଂ ମନୁଷ୍ୟଙ୍କୁ ସୁରକ୍ଷା ଦେବାଲାଗି ବନ ବିଭାଗ କର୍ମଚାରୀମାନେ ମୁତୟନ ହୋଇଛନ୍ତି । ହାତୀ ରହୁଥିବା ଜଙ୍ଗଲରେ କାହାରିକୁ ନ ଯିବା ପାଇଁ ବାରଣ କରିଛି ବନ ବିଭାଗ । ହାତୀ ରହୁଥିବା ସ୍ଥାନ ଗୁଡ଼ିକରେ ହାତୀ ଦେଖିବା ପାଇଁ ଯାତ୍ରା ଭଳି ଭିଡ଼ ଦେଖିବାକୁ ମିଳୁଛି ।

# ଧାନ କିଣିବାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧାନ କିଣିବାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ଗୋଟିଏ ମାସ ତଳେ ସୋହେଲା ଠାରେ ଘୋଷଣା କରିଥିଲେ ଚାଷୀଙ୍କୁ ଶୋଷଣ କଲେ ଜେଲ୍ ପଠାଯିବ। ବିଭିନ୍ନ ଜିଲ୍ଲା ଦାୟିତ୍ୱ ମନ୍ତ୍ରୀ ମାନଙ୍କୁ ଦେଲେ । ଅଦିନିଆ ବର୍ଷା ରେ ଚାଷ ଉଜୁଡି ଯାଇଛି। ୪ ଦିନ ରେ ୫ ଚାଷୀଙ୍କ ମୃତ୍ୟୁ ଘଟିଲାଣି। ଇତିହାସରେ ଘଟଣା ବିରଳ। ୭୦ ରୁ ୯୦ ପ୍ରତିଶତ ଧାନ ଉଠିଯିବା କଥା। ତାହା ହୋଇନି। ପ୍ରାୟତଃ ସବୁ ଜିଲ୍ଲାରେ ୩ , ୪ ତାରିଖ ପରେ ଧାନ ଉଠାଯିବ। ଏହାଦ୍ୱାରା ଅଭାବି ବିକ୍ରୀ ହେଲା। ଅବ୍ୟବସ୍ଥା ପାଇଁ ସମ୍ବେଦନଶୀଳତା ରହିଲାନି। ଧାନ କିଣା ସାଇକେଲକୁ ଭାଙ୍ଗିଦେଲେ। ଚାଷୀ ପଡୋଶୀ ରାଜ୍ୟର ମିଲରଙ୍କୁ ବାଧ ହେଉଛି ଅଭାବି ବିକ୍ରୀ କରିବାକୁ। ସରକାରଙ୍କ ପାଖରେ ଏହାକୁ ମୁକାବିଲା କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ସେପଟେ ଧାନ ଉଠି ପାରୁନି, ଏପଟେ ଚାଷୀ ଅଭାବୀ ବିକ୍ରି କରୁଛି। ଏହାଦ୍ୱାରା ଆସନ୍ତା ରବି ସିଜିନ୍ ମଧ୍ୟ ପ୍ରଭାବିତ ହେବ। କଟନି ଛଟନି ହେବନି ବୋଲି ଘୋଷଣା କରିଥିଲେ ସରକାର ହେଲେ ଏବେ କଣ ଚାଲିଛି। ବର୍ଷା ପାଇଁ ଧାନ ରଙ୍ଗ ବଦଳି ଗଲା। ସେ ଧାନକୁ ସରକାର ଉଠାଇବେ ନା ନାହିଁ ସ୍ପଷ୍ଟ କରନ୍ତୁ। ମୁଖ୍ୟମନ୍ତ୍ରୀ ସର୍ବ ଦଳୀୟ ବୈଠକ ଡାକନ୍ତୁ, ଚାଷୀ ସଂଗଠନ ସହ ଆଲୋଚନା କରି ଚାଷୀ କୂଳକୁ ଉଦ୍ଧାର କରନ୍ତୁ ବୋଲି ଦାବି କହିଛନ୍ତି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ।

# ଯୁଦ୍ଧକାଳୀନ ଭିତ୍ତିରେ ଫସଲ କ୍ଷୟକ୍ଷତିର କ୍ଷତିପୂରଣ ପ୍ରଦାନ କରାଯାଉ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଅଦିନିଆ ବର୍ଷା ଯୋଗୁଁ ବ୍ୟାପକ ଫସଲହାନି ଘଟିବା ଫଳରେ ରାଜ୍ୟରେ ଗତ ଚାରି ଦିନରେ ପାଞ୍ଚ ଜଣ କୃଷକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି । ରାଜ୍ୟରେ କୃଷକ ମାନଙ୍କ ସମସ୍ୟା ଗମ୍ଭୀର ହୋଇଥିବା ବେଳେ ରାଜ୍ୟ ସରକାର କୃଷକଙ୍କ ସମସ୍ୟା ପ୍ରତି ଉଦାସୀନ ରହିଛନ୍ତି ବୋଲି ବିଜୁ ଜନତା ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି । ଡଃ ମହାନ୍ତି କହିଛନ୍ତି, ରାଜ୍ୟରେ ଧାନ ବିକ୍ରି କ୍ଷେତ୍ରରେ ମଣ୍ଡିରେ ବିଭିନ୍ନ ଅବ୍ୟବସ୍ଥା ଓ ଗ୍ରେନ ଆନାଲାଇଜର ମାଧ୍ୟମରେ କଟନୀ ଛଟନୀ ଚାଲୁ ରହିଛି । ଏହି ଅବ୍ୟବସ୍ଥା ଯୋଗୁଁ କୃଷକ ମାନେ ସମସ୍ୟାରେ ଥିଲାବେଳେ ରାଜ୍ୟରେ ଲଗାଣ ଅଦିନିଆ ବର୍ଷା ଯୋଗୁଁ ବ୍ୟାପକ ଫସଲହାନି ଘଟିଛି, ଯାହା ରାଜ୍ୟର କୃଷକ ମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ବ୍ୟାପକ କ୍ଷତି ସହି ନପାରି ଗତ ଚାରି ଦିନରେ ପାଂଚ ଜଣ ଚାଷୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି । ଏଭଳି ଘଟଣା ଓଡିଶା ଇତିହାସରେ ବିରଳ ଘଟଣା ହୋଇଥିଲା ବେଳେ ରାଜ୍ୟ ସରକାର କୃଷକଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି । କୃଷକଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ, କେବଳ କିଛି ମନ୍ତବ୍ୟରେ ସୀମିତ ରହିଛି । ଚାଷୀ ମାନଙ୍କ ହୋଇଥିବା କ୍ଷୟକ୍ଷତିର ଯୁଦ୍ଧକାଳୀନ ଭିତ୍ତିରେ ଆକଳନ ଓ କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ଡଃ ମହାନ୍ତି କହିଛନ୍ତି ।

# ମଦ ଦର ବୃଦ୍ଧି ନିଷ୍ପତି ସରକାର ନେବେ: ଅବକାରୀ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଦ ଦରବୃଦ୍ଧିକୁ ନେଇ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ପ୍ରାଇସ ଫିକ୍ସେସନ କମିଟି ରିପୋର୍ଟ ଆସିଛି । ସରକାର ନିଷ୍ପତ୍ତି ନେବେ । ଦର ବୃଦ୍ଧି ପାଇଁ ପ୍ରାଇସ ଫିକ୍ସେସନ କମିଟି ଥାଏ । ସମସ୍ତ ଷ୍ଟେକ ହୋଲଡରଙ୍କ ସହ ଆଲୋଚନ କରି ଏହି କମିଟି ନିଷ୍ପତ୍ତି ନିଏ । ୩ ଦିନ ତଳେ ଏହି କମିଟି ବସିଥିଲା ନିଷ୍ପତ୍ତି ଆସିଛି । ସରକାର ତା ଉପରେ ବିଚାର କରିବେ ବୋଲି ଅବକାରୀ ମନ୍ତ୍ରୀ କହିଛନ୍ତି ।

# ଓଡ଼ିଶା ସୂଚନା ସେବା ସଂଘର କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସୂଚନା ସେବା ସଂଘର ସାଧାରଣ ଅଧିବେଶନ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ସଂଘର ସାଂଗଠନିକ କ୍ରିୟାଶୀଳତା ନେଇ ଆଲୋଚନା ହୋଇଥିଲା । ଓଡ଼ିଶା ସୂଚନା ସେବା ସଂଘର କ୍ୟାଡ଼ରକୁ ସୁଦୃଢ଼ କରାଯିବା ସହ ଜିଲ୍ଲାସ୍ତରରେ କାର୍ଯ୍ୟରତ ଅଧିକାରୀମାନେ ଯେଭଳି ଦକ୍ଷତାର ସହିତ ସେମାନଙ୍କର ସେବା ପ୍ରଦାନ କରିପାରିବେ ସେ ନେଇ ଆଲୋଚନା ହୋଇଥିଲା । ସଂଘର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରାରମ୍ଭିକ ପର୍ଯ୍ୟାୟରେ ସଂପୃକ୍ତ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ସହ ଆଲୋଚନା କରାଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା । ଉପସ୍ଥିତ ଅଧିକାରୀମାନେ ସେମାନଙ୍କ କାର୍ଯ୍ୟସ୍ଥଳୀରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ଉପସ୍ଥାପନ କରିଥିଲେ । ଏହା ପରେ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ନିର୍ବାଚନରେ ସୁଚେତା ପ୍ରିୟଦର୍ଶିନୀ ସଭାପତି, ବିଭୂତି ଭୂଷଣ ନାୟକ ଉପସଭାପତି, ପଠାଣି ରାଉତ ସାଧାରଣ ସଂପାଦକ, ଦୀପକ କୁମାର ସାହୁ ଯୁଗ୍ମ ସଂପାଦକ ଓ ତନୁଜା ମହାନ୍ତି କୋଷାଧ୍ୟକ୍ଷ ଭାବରେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ । ଅନୁରୂପ ଭାବେ ପୂର୍ବାଂଚଳ ଜୋନ୍ ପାଇଁ ଅବିନାଶ ଆଜାଦ୍ ପାଣି, ଉତ୍ତରାଞ୍ଚଳ ନିମନ୍ତେ ପ୍ରହ୍ଲାଦ ଖୋସଲା ଏବଂ ଦକ୍ଷିଣାଞ୍ଚଳ ନିମନ୍ତେ ପ୍ରମିଳା ମାଝୀ ସଂପାଦକ ହୋଇଛନ୍ତି । କାର୍ଯ୍ୟକାରୀ ପରିଷଦରେ ଦେବାଶିଷ ପଟ୍ଟନାୟକ, ଜିତେନ୍ଦ୍ରୀୟ ଜେନା, ସୌରଭ କୁମାର ପ୍ରଧାନ, ଆଶୁତୋଷ ପାଇକରାୟ, ରବିନାରାୟଣ ବେହେରା, ରୋଜାଲିନ୍ ସାହୁ, ବିନାୟକ ମିଶ୍ର, ଆଲୋକ କୁମାର ମହାନ୍ତି, ହରପ୍ରସାଦ ମହାପାତ୍ର, ସାର୍ଥକ ଅଭିନନ୍ଦନ ରାୟଙ୍କୁ ଗ୍ରହଣ କରାଯାଇଥିଲା । ସୁରେନ୍ଦ୍ର ନାଥ ପରିଡ଼ା, ସନ୍ତୋଷ କୁମାର ଦାସ, ଗୁରବୀର ସିଂହ, ବିଶ୍ୱଜିତ ଦାଶ, ଚିତ୍ତରଞ୍ଜନ ପତି, ଦୀପ୍ତିମୟୀ ମହାପାତ୍ରଙ୍କୁ ଉପଦେଷ୍ଟା ରଖାଯାଇଛି । କର୍ମକର୍ତ୍ତାମାନେ ସଂଘକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଶୃଙ୍ଖଳିତ ଭାବରେ ପ୍ରୟାସ ବଜାୟ ରଖିବେ ବୋଲି ମତପ୍ରକାଶ ପାଇଥିଲା ।

# ଶତାୟୁ ମହିଳାଙ୍କ ପରଲୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତସ୍ଥିତ ଗଣ୍ଡରପୁର ଗ୍ରାମର ବର୍ଷୀୟାନ ମହିଳା ଶରତ କୁଅଁରଙ୍କର ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୧୦୦ ବର୍ଷ ହୋଇଥିଲା। ସେ ଜଣେ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ ଓ ଧର୍ମ ପରାୟଣା ମହିଳା ଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ସେ ସଦାସର୍ବଦା ଚଳଚଞ୍ଚଳ ଥିଲେ ଏବଂ ଛୋଟ ପିଲାମାନଙ୍କୁ ତାଙ୍କ ଜୀବନର ବିଭିନ୍ନ ଘଟଣାବଳୀ ଏବଂ ଅଭିଜ୍ଞତା ସମ୍ପର୍କରେ ଗପ ମାଧ୍ୟମରେ ଶିକ୍ଷା ଦେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇପୁତ୍ର ଆର୍ତ୍ତତ୍ରାଣ କୁଅଁର ଓ ଶିବପ୍ରସାଦ କୁଅଁର ଏବଂ ଦୁଇଝିଅ ବିଷ୍ଣୁପ୍ରିୟା କୁଅଁର ଓ ଉର୍ମିଳା କୁଅଁର ଏବଂ ବୋହୁ ପଙ୍କଜିନୀ ମହାନ୍ତି ଓ ବିଜୟଲକ୍ଷ୍ମୀ ମହାନ୍ତି, ନାତି ନାତୁଣି ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟୋଷ୍ଠପତ୍ର ଆର୍ତ୍ତତ୍ରାଣ ମୁଖାଗ୍ନି ଦେଇଥିଲେ।

# ପଦାର୍ଥ ରସାୟନ ବିଜ୍ଞାନରେ ଅଗ୍ରଗତି ଶୀର୍ଷକ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା କେମିକାଲ ସୋସାଇଟି ପକ୍ଷରୁ ପଦାର୍ଥ ରସାୟନ ବିଜ୍ଞାନରେ ଅଗ୍ରଗତି ସମ୍ପର୍କିତ ତିନି ଦିନିଆ ଜାତୀୟ ସମ୍ମିଳନୀ ଆଜି ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର)ରେ ଅନୁଷ୍ଠିତ ହୋଇଯାଇଛି । ଏଥିସହ ସୋସାଇଟିର ୩୮ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ବିଜ୍ଞାନ ଓ ବୈଷୟିକ ବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ରସାୟନ ବିଜ୍ଞାନ ହେଉଛି ବିଜ୍ଞାନର ମୁଳଭିତ୍ତି । ରାଜ୍ୟରେ ଏକ ଉତ୍ସର୍ଗୀକୃତ ରସାୟନ ବିଜ୍ଞାନ ପ୍ରତିଷ୍ଠାନର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା କେମିକାଲ ସୋସାଇଟି (ଓସିଏସ୍)ର ସଭାପତି ପ୍ରଫେସର ଅଜୟ କୁମାର ବେହେରା ଓ ଓୟୁଟିଆର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ଯୋଗଦେଇ ଥିଲେ । ଉକ୍ତ ସମ୍ମିଳନୀର ଆବଶ୍ୟକତା ଉପରେ ସେମାନେ ଆଲୋଚନା କରିଥିଲେ । କେବଳ ବୈଜ୍ଞାନିକ ଅନୁସନ୍ଧାନର ପରିସୀମାକୁ ଆଗେଇ ନେବା ପାଇଁ ନୁହେଁ ବରଂ ସମାଜର ପ୍ରଗତିରେ ଆବଶ୍ୟକୀୟ ଯୋଗଦାନ ଦେବା ଉଦ୍ଦେଶ୍ୟରେ ଆସନ୍ତା ଦୁଇ ଦିନ ଧରି ଏହି ସମ୍ମିଳନୀରେ ଏକାଧିକ ବୈଷୟିକ ଅଧିବେଶନ ଓ ପରେ ସମାପନୀ ସମାରୋହ ଅନୁଷ୍ଠିତ ହେବ।

# ସେଲ ରାଉରକେଲା ଇସ୍ପାତ କାରଖାନାର ନୂଆ ରେକର୍ଡ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ସେଲ ରାଉରକେଲା ଇସ୍ପାତ କାରଖାନାର ସ୍ପାଇରାଲ୍ ୱେଲଡେଡ୍ ପାଇପ୍ ପ୍ଲାଣ୍ଟ ଡିସେମ୍ବର ୨୭ ତାରିଖରେ ୧୪୨୨.୪ ମିଲିମିଟର ବାହ୍ୟ ବ୍ୟାସ ଏବଂ ୧୨.୫ ମିଲିମିଟର ମୋଟେଇ ବିଶିଷ୍ଟ ୪୧୦ ଟନ୍ ପାଇପ ପ୍ରସ୍ତୁତ କରି ନୂତନ ଏକଦିବସୀୟ ଉତ୍ପାଦନ ରେକର୍ଡ ସୃଷ୍ଟି କରିଛି। ଏଥିସହିତ ଗତ ୨୦୨୩ ସେପ୍ଟେମ୍ବର ୧୫ ତାରିଖରେ ହାସଲ ହୋଇଥିବା ୪୦୩ ଟନ୍ ପୂର୍ବ ଏକଦିବସୀୟ ଉତ୍ପାଦନ ରେକର୍ଡକୁ ମିଲ୍ ଅତିକ୍ରମ କରିଛି। ସିଲିଗୁଡି ପୌର ନିଗମର ପ୍ରକଳ୍ପ କାର୍ଯ୍ୟରେ ବ୍ୟବହାର ନିମନ୍ତେ ମେଷର୍ସ ଏହି ପାଇପକୁ ମେଷର୍ସ ପୂଜା ଏଣ୍ଟରପ୍ରାଇଜେସକୁ ଯୋଗାଇ ଦିଆଯିବ । ହଟ ଷ୍ଟ୍ରିପ ମିଲ-୨ ବିଭାଗରେ ଡିସେମ୍ବର ୨୮ ତାରିଖରେ ଆୟୋଜିତ ଏକ ଉତ୍ସବରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ପାଇପ ପ୍ଲାଣ୍ଟ ସାମୁଦାୟିକଙ୍କୁ ଅପରେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇଙ୍କ ଉପସ୍ଥିତିରେ ଏହି ଅନନ୍ୟ ସଫଳତା ପାଇଁ ସମ୍ବର୍ଦ୍ଧିତ କରିଥିଲେ ।

# ଭକ୍ତକବି ମଧୁସୂଦନ ରାଓଙ୍କ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭକ୍ତକବି ମଧୁସୂଦନ ରାଓଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନ ସାରସ୍ୱତ ସାଧକ, ଓଡ଼ିଆ ଭାଷାର ପ୍ରଥମ ବର୍ଣ୍ଣବୋଧର ପ୍ରଣେତା ଭକ୍ତକବି ମଧୁସୂଦନ ରାଓଙ୍କ ପୂଣ୍ୟତିଥିରେ କୋଟି କୋଟି ପ୍ରଣାମ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନୋଟ ସଂଗ୍ରହକାରୀ ରାଜକିଶୋର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନୋଟ ସଂଗ୍ରହକାରୀ ରାଜକିଶୋର ମହନ୍ତ । ଏନେଇ ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଯେ, କେନ୍ଦୁଝରର ପଳସପଙ୍ଗାର ବିଶିଷ୍ଟ କଏନ ଓ ନୋଟ ସଂଗ୍ରହକାରୀ ରାଜ୍ କିଶୋର ମହନ୍ତଙ୍କୁ ଭେଟି ମୁଁ ଅତ୍ୟନ୍ତ ଆନନ୍ଦିତ ଏବଂ ଗର୍ବିତ। ଶ୍ରୀ ମହନ୍ତ ନିଜର ନିଷ୍ଠା ଏବଂ ପରିଶ୍ରମ ବଳରେ ୪ ଟି ଲିମକା ବୁକ୍ ଅଫ ରେକର୍ଡସ୍, ଏସିଆ ବୁକ୍ ଅଫ୍ ରେକର୍ଡସ୍ ଓ ଗୋଲଡ୍ଜେନ ବୁକ୍ ଅଫ ୱାର୍ଲ୍ଡ ରେକର୍ଡସ୍ ଭଳି ସଫଳତା ହାସଲ କରିଛନ୍ତି। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

# ଓଷ୍ଟାର ୪୧ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଦ୍ୱିତୀୟ ଦିବସ



କଟକ(ଭାସ୍କର ନ୍ୟୁଜ): ସଂସ୍କୃତି ସମ୍ପନ୍ନ କଟକ ମହାନଗର ସ୍ଥିତ ନୟାସଡ଼କ ଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ(ଓଷ୍ଟା)ର ୪୧ ତମ ରାଜ୍ୟସ୍ତରୀୟ ଶିଶୁଉତ୍ସବ ଦ୍ୱିତୀୟ ଦିବସର ପୂର୍ବାହ୍ନରେ ଚିତ୍ରାଙ୍କନ, ବକ୍ତୃତା, ଗଳ୍ପଲିଖନ, କବିତା ରଚନା, ସାଧାରଣଜ୍ଞାନ, ଆବୃତ୍ତି, ଏକକ ଅଭିନୟ ଓ ବୁଦ୍ଧିପରୀକ୍ଷା ପ୍ରତିଯୋଗିତା ହୋଇଯାଇଛି। ଅପରାହ୍ନରେ ପୂଜ୍ୟପୂଜା ଆସର ଓ ପ୍ରତିଭା ସମ୍ମାନ ଉତ୍ସବର ସଭାକାର୍ଯ୍ୟ ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ନବକଳିକା ସଂଗୀତ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ସୁରେଶ ପୂଜାରୀ, ମାନ୍ୟବର ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ଯୋଗଦେଇ ନିଜର ବକ୍ତବ୍ୟ ମାଧ୍ୟମରେ ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ସାରା ଓଡ଼ିଶାର ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶରେ ସହାୟକ ହେବ ବୋଲି ମତବ୍ୟକ୍ତ କରିବା ସହ ପିଲାମାନଙ୍କୁ ମଣିଷ ପରି ମଣିଷଟିଏ ହେବାକୁ ଉପଦେଶ ଦେଇଥିଲେ। ଜଷ୍ଟିସ୍ ଡି.ପି. ଚୌଧୁରୀ, ମାନ୍ୟବର ପ୍ରାକ୍ତନ ବିଚାରପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୀବନରେ ଲକ୍ଷ୍ୟ ଧାର୍ଯ୍ୟ କରି ନିରନ୍ତର ସାଧନାରେ ମଗ୍ନ ରହିବାକୁ ପରାମର୍ଶ ଦେବା ସହିତ ସାଧନା ସନ୍ତୁଳତା ଆଣିଥାଏ ବୋଲି କହିଥିଲେ। ରାଜେନ୍ଦ୍ର କୁମାର ପାଢ଼ୀ, ପ୍ରାକ୍ତନ ପ୍ରାଧ୍ୟାପକ, ଇଂରାଜୀ ବିଭାଗ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ବହୁମୂଲ୍ୟ ମତାମତ ରଖିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ମାନସୀ ପାତ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନେ ନିଜ ଭିତରେ ଥିବା ଅର୍ନ୍ତନିହିତ ପ୍ରତିଭାର ବିକାଶ ପାଇଁ ନିରନ୍ତର ପ୍ରଚେଷ୍ଟା ଜାରିରଖିବା ନିମନ୍ତେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ଉତ୍ସବ ୨୦୨୪ର ଦ୍ୱିତୀୟ ଦିବସରେ ପୂଜ୍ୟପୂଜା ଆସର ଓ ପ୍ରତିଭା ସମ୍ମାନ ସମାରୋହରେ ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ବାରିକଙ୍କୁ 'ଅବନୀ ବରାଳ ସ୍ମୃତି ସମ୍ମାନ', ଶ୍ରୀଯୁକ୍ତ ଅକ୍ଷୟ କୁମାର ହୋତାଙ୍କୁ "କୈଳାସ ମହାପାତ୍ର ସ୍ମୃତି ସମ୍ମାନ', ଶ୍ରୀକାନ୍ତ ସାହୁଙ୍କୁ 'ଦିବ୍ୟସିଂହ ପଟ୍ଟନାୟକ ସ୍ମୃତି ସମ୍ମାନ', ଗୋପାଳ କୃଷ୍ଣ ବାରିକଙ୍କୁ 'ବନମାଳୀ ବ୍ରହ୍ମଚାରୀ ସ୍ମୃତି ସମ୍ମାନ' ସମେତ ଅନ୍ୟ ଶିକ୍ଷକ ନେତୃତ୍ୱ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ୨୦୨୪ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ସମଗ୍ର ରାଜ୍ୟରେ ସର୍ବୋଚ୍ଚ ୫୮୩ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ଦେବାହାଲ, ଅତାବିରା, ବରଗଡ଼ର ଛାତ୍ର ଶ୍ରୀମାନ୍ ଶୁଭଙ୍କର ସାହୁଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ପୂର୍ବସୂରୀ ମାନଙ୍କର ଲକ୍ଷ୍ୟ ଓ ସ୍ୱପ୍ନ ପୂରଣ ହୋଇପାରିଛି ବୋଲି ଉଲ୍ଲେଖ କରିବା ସହ ତିନିଦିନର ଏହି କାର୍ଯ୍ୟକ୍ରମକୁ ସରସ ଓ ସୁନ୍ଦର କରିବା ପାଇଁ ଆହ୍ୱାନ କରିଥିଲେ। ସହ ସଂପାଦକ ଆଶୁତୋଷ ପ୍ରସାଦ ରଥ ଅତିଥି ମାନଙ୍କୁ ସ୍ୱାଗତ କରିବା ପୂର୍ବକ ମଞ୍ଚକୁ ଆହ୍ୱାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏକାଡେମିକ୍ ସଂପାଦକ ପ୍ରଣବ କୁମାର ଜେନା ପ୍ରତିଭା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟରେ ଅଦରକାରୀ ଆଇନ ଖୋଜିବେ ଲ' କମିଶନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଅଦରକାରୀ ଆଇନ ଖୋଜିବେ ଲ' କମିଶନ । ସୁଶାସନ ପ୍ରତିଷ୍ଠା ପାଇଁ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି । ରାଜ୍ୟକୁ ଏହାର ଆବଶ୍ୟକତା ଥିଲା । ୨୦୧୮ ମସିହା ପରଠୁ ରାଜ୍ୟ ସରକାର ଉଚିତ ମଣି ନଥିଲେ । ଏବେ ଏହି କମିଶନ ରାଜ୍ୟର ବିଭିନ୍ନ ନୀତି ନିୟମର ତର୍ଜମା କରିବ । ଦରକାରୀ ନିୟମର ପରିବର୍ତ୍ତନ କରିବ । ଆବଶ୍ୟକିୟ ସଂଶୋଧନ କରିବ । ଅନାବଶ୍ୟକ ଆଇନକୁ ଖୋଜିକି ବାହାର କରିବ । ତର୍ଜମା କରି କମିଶନ ରାଜ୍ୟ ସରାକରଙ୍କୁ ସୁପାରିଶ କରିବେ କମିଶନ । ଏହା ଉପରେ ପରବର୍ତ୍ତୀ ସମୟରେ ଉପଯୁକ୍ତ ନିଷ୍ପତ୍ତି ରାଜ୍ୟ ସରକାର ନେବେ । ସୁଶାସନ ପ୍ରତିଷ୍ଠା ପାଇଁ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । କେନ୍ଦ୍ର ଢାଞ୍ଚାରେ ରାଜ୍ୟରେ ଏହାର ଆବଶ୍ୟକତା ଥିଲା । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ କମିଶନ ଗଠିତ ହୋଇଛି । ଆଉ ଜଣେ ସଦସ୍ୟ ଆଇନ ଶିକ୍ଷା କ୍ଷେତ୍ରରେ ଜଣେ ପ୍ରଫେସରଙ୍କୁ ଯୋଡ଼ାଯିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ।

## ଧାନର କଟନି ଛଟନି ବନ୍ଦ ପ୍ରତିବାଦରେ ଜାତୀୟ ରାଜପଥ ଅବରୋଧ



କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଞ୍ଚଳରେ ଚାଷୀଙ୍କ ଧାନର ଉଚିତ୍ ମୂଲ୍ୟ ପ୍ରଦାନ ଓ କଟନି ଛଟନି ବାବଦକୁ ନେଇ କେସିଙ୍ଗା ଜାତୀୟ ରାଜପଥ ଅବରୋଧ ହୋଇଯାଇଛି । ଦୀର୍ଘ ଦିନ ଧରି ଚାଷୀ କଷ୍ଟ ଉପାର୍ଜିତ ଧାନକୁ ମିଲର୍ଶ ଓ ପେକ୍ସ ଧାନ କୁଇଣ୍ଟାଲ ପିଛା ୭ କେଜିରୁ ଅଧିକ ଧାନ କଟାଯାଉଛି । ଧାନ ଖୋଲା ଆକାଶ ତଳେ ଶହ ଶହ କୁଇଣ୍ଟାଲ ଧାନ ପଡ଼ି ରହିଛି । ବିଳମ୍ବରେ ମଣ୍ଡି ଖୋଲିଥିବାରୁ ଟୋକନ୍‌ର ସମୟ ସୀମା ବୃଦ୍ଧି, ଚାଷୀଙ୍କ ଋଣ ଛାଡ କରାଯାଉ, ଫସଲ ବୀମା ଦିଆଯାଉ ଦାବିରେ ଶନିବାର ସଦର ବିଧାୟକ ସାଗର ଚରଣ ଦାସଙ୍କ ଆହ୍ୱାନ କ୍ରମେ କେସିଙ୍ଗା ବ୍ଲକ ଅଞ୍ଚଳରେ ୮ ଘଣ୍ଟିଆ ବନ୍ଦ ଡାକରା ନଗର ସଭାପତି ସୁବାସ ଜୈନ ଓ ବିଜୟ ଦୀପଙ୍କ ନେତୃତ୍ୱରେ ବିଭିନ୍ନ ଛକ ଜାଗାମାନଙ୍କରେ ପିକେଟିଂ କରି ଯାନବାହାନ ରୋକିବା ସହିତ ଦୋକାନ ବଜାର ବନ୍ଦ କରିଥିଲେ । ଦୂର ଜାଗାକୁ ଯାଉଥିବା ଗାଡ଼ି ମଟର ଯାତ୍ରୀ ମାନେ ବହୁତ୍ ହଇରାଣ ହୋଇଥିଲେ । ସହରରେ ବୋରିଙ୍ଗପଦର ଛକ ଠାରୁ ବୋଲଙ୍ଗିର ଛକ ଯାଏ ପ୍ରାୟ ତିନି କିମି ଦୂର ଯାଏ ସମସ୍ତ ଯାନ ବାହାନ ଅଟକି ରହିଛି । ଏହି ବନ୍ଧ ଡାକରାରେ ପୂର୍ବତନ ନଗରପାଳ ରାମଜୀ ମାତ୍ ଖୁଣ୍ଟିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମରାଲ ସୁନାନୀ, କଂଗ୍ରେସ ବ୍ଲକ ସଭାପତି ରାହାସ ସାହୁ, ପୂର୍ବତନ କଂଗ୍ରେସ ପୂର୍ବତନ ନଗର ସଭାପତି ଦୟାସାଗର ସାହା, କାଉନସିଲ୍‌ର ରୋହିତ ଜୈନ, ପ୍ରତାପ ବାଗ, ହେମରାଜ୍ ସାହା, ମହେନ୍ଦ୍ର ନାଏକ, ଜଗଦିଶ ଅଗ୍ରୱାଲ, ବିନୋଦ ଜୈନ, ପୃଥ୍ୱି ଜୈନ , ବସନ୍ତ ନାଏକ , ଗୋପୀ ମାଝୀ, ବାବୁଲାଲ ସୁନାନୀ, ରାମ ଚନ୍ଦର୍, ହରି କୁମାର, ମୋତି କୈବର୍ତ୍ତ, ରତନ ପ୍ରମୁଖ ଉପସ୍ଥିତ ଜାତୀୟ ରାଜ ପଥ ୨୬କୁ ଅବରୋଧ କରିଥିଲେ ।

## ପଦବୀ ବଜାୟ ରଖିଲେ ସରପଞ୍ଚ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକର ଗୋବର୍ଦ୍ଧନପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଶେଷରେ କାଟ ଖାଇଯାଇଛି । କଳାହାଣ୍ଡି ଜିଲ୍ଲାପାଳଙ୍କ ଚିଠି ନଂ ୧୫୯୭/୨୬. ୧୨. ୨୦୨୬ ଅନୁସାରେ ଉପସ୍ଥିତ ୧୨ ଜଣ ସଭ୍ୟସଭ୍ୟାଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ସଦସ୍ୟଙ୍କ ମତ ଅନାସ୍ଥା ସପକ୍ଷରେ ନଯିବାରୁ ଏହା କାଟ ଖାଇଗଲା ବୋଲି ନିର୍ଦ୍ଦେଶ ଜାରି ହୋଇଛି । ସୂଚନାଯୋଗ୍ୟ, ସରପଞ୍ଚ ବୈଦେହୀ ମାଝୀଙ୍କ ବିରୋଧରେ ପଞ୍ଚାୟତର ୱାର୍ଡ ସଭ୍ୟ-ସଭ୍ୟା ଅନାସ୍ଥା ପ୍ରସ୍ତାବ ଆଗତ କରିଥିବାବେଳେ ୨୪ ତାରିଖ ଦିନ ଆଲୋଚନା ଓ ଗୁପ୍ତ ମତଦାନ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟସଭ୍ୟାଙ୍କ ମଧ୍ୟରୁ ୮ଜଣ ୱାର୍ଡ ସଭ୍ୟ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଗୁପ୍ତ ମତଦାନ କରିଥିବାବେଳେ ଜଣେ ବିପକ୍ଷରେ ଓ ଜଣେ ସଭ୍ୟଙ୍କ ଭୋଟ ନାକଚ ହୋଇଥିଲା । ସେହିପରି ସରପଞ୍ଚଙ୍କ ସମେତ ଦୁଇଜଣ ସଭ୍ୟ ଅନୁପସ୍ଥିତ ରହିଥିଲେ । ଏହାକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଫଳାଫଳ ଘୋଷଣା କରାଯିବା ପରେ ସରପଞ୍ଚ ଶ୍ରୀମତୀ ମାଝୀ ପୂର୍ବବତ ନିଜ ପଦବୀ ବଜାୟ ରଖିଛନ୍ତି । ତେବେ ଅନାସ୍ଥା ପ୍ରସ୍ତାବରେ ବିଫଳ ହେବାପରେ ବିପକ୍ଷ ଗୋଷ୍ଠୀ କିଭଳି ପଦକ୍ଷେପ ନେବେ ନା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସ୍ୱୀକାର କରିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ରାଜ୍ୟସ୍ତରୀୟ ଯୁବ ଉତ୍ସବ-୨୦୨୪: କଳାହାଣ୍ଡି କଳାକାରଙ୍କୁ ମିଳିଲା ତୃତୀୟ ପୁରସ୍କାର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଭୁବନେଶ୍ୱରର ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ଠାରେ ଡିସେମ୍ବର ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ 'ରାଜ୍ୟସ୍ତରୀୟ ଯୁବ ଉତ୍ସବ-୨୦୨୪'ରେ ଅଂଶ ଗ୍ରହଣ କରି କଳାହାଣ୍ଡିର କଳାକାର ମାନେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡିଛି । କଳାହାଣ୍ଡିର ଶ୍ରୀ ଜଗନ୍ନାଥ ସଂଗୀତ କଳା ବିଦ୍ୟାଳୟ, ଭବାନୀପାଟଣାର କଳାକାରମାନେ ଯୁବ ଉତ୍ସବ-୨୦୨୪ରେ ଦଳଗତ ଲୋକ ସଂଗୀତରେ ଭାଗନେଇ ଏହି ଗୌରବ ଲାଭ କରିଥିବା କଳା ବିଦ୍ୟାଳୟର ମୁଖ୍ୟ ପ୍ରତିମା ମହାନ୍ତି ପ୍ରକାଶ କରିଛନ୍ତି । ଏହି କଳାକାର ମାନେ ହେଲେ ସୋମରେନ୍ଦ୍ର ଓ ସାଥି ସୁନନ୍ଦା, ନବୀନ ସାହୁ, କୁମୁଦ କାନ୍ତ ପ୍ରସାଦ ନାଏକ, ମୋନିକା, ଗଣେଶ, ମାନସ ବିରାଟ, ହିତେଶ୍ୱରୀ,ତରୁଣ କୁମାର, ଦୀପକ ହରିଜନ ଓ ଅନ୍ୟମାନେ ।




ଦଳଗତ ଲୋକ ସଂଗୀତରେ ନିଜ ଜିଲ୍ଲାରୁ ରାଜ୍ୟସ୍ତରେ ଭାଗ ନେଇ ତୃତୀୟ ସ୍ଥାନ ପାଇ କଳାହାଣ୍ଡି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଅନୁଷ୍ଠାନର ମୁଖ୍ୟ ପ୍ରତିମା ମହାନ୍ତି ନିଜେ ସଂଗୀତ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରୁଛନ୍ତି । ଏହି ଲୋକଗୀତଟିରେ ଭାଗ ନେଇଛନ୍ତି କୁମାର ଦ୍ରୋଣ ଓ ସହଯୋଗୀ ଭାବେ ଅଛନ୍ତି ଲୋଚନ ପାନ, ଆକାଶ ଏବଂ ସତ୍ୟଭାଇ ପ୍ରମୁଖ । ଶ୍ରୀ ଜଗନ୍ନାଥ ସଂଗୀତ କଳା ଅନୁଷ୍ଠାନ ଭବାନୀପାଟଣାର ଏହି ସଫଳତା ଯୋଗୁଁ ଜିଲ୍ଲାର ବିଭିନ୍ନ କଳା ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କଠାରୁ ଶୁଭେଚ୍ଛା ବାର୍ତ୍ତା ମାନ ପହଞ୍ଚିବାରେ ଲାଗିଛି । କଳାହାଣ୍ଡି ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ, ଏହି ସଫଳତା ଆମ କଳାହାଣ୍ଡି ଯୁବସମାଜର ପରିଶ୍ରମ ଓ ଏକତାର ଫଳ । ଏହା ଆମ ସାଂସ୍କୃତିକ ପରମ୍ପରାର ଗୌରବକୁ ଅଧିକ ବଢାଇବା ସହ ନୂତନ ପିଢୀକୁ ପ୍ରେରଣା ଯୋଗାଇବ । ଏଥିସହିତ ନୋଡାଲ ଅଫିସର ଏସ୍ ସୁରେନ୍ ଓ ବିରେନ୍ଦ୍ର କର ପ୍ରକାଶ କରିଛନ୍ତି ଯେ, ଏହା ଆଞ୍ଚଳିକ ଯୁବସଂସ୍କୃତିର ସଂରକ୍ଷଣ ଓ ସମୃଦ୍ଧି ପାଇଁ ଏହି ସଫଳତା ଏକ ମାଇଲଖୁଣ୍ଟ ।

## ଶାସ୍ତ୍ରୀଜୀ ବିଦ୍ୟାଳୟର କ୍ରୀଡା ଉତ୍ସବ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ସହର ଉପକଣ୍ଠ ଚକ୍ରଧର ନଗର ଠାରେ ଥିବା ଶାସ୍ତ୍ରୀଜୀ ଶିକ୍ଷା ନିକେତନର ତ୍ରୟୋଦଶତମ ବାର୍ଷିକ କ୍ରୀଡା ଉତ୍ସବ-୨୦୨୪ ମହା ସମାରୋହରେ ପାଳିତ ହୋଇଯାଇଅଛି । ୨୬ତାରିଖ ଗୁରୁବାର ଓ ୨୭ ତାରିଖ ଶୁକ୍ରବାର ଦୁଇଦିନ ବ୍ୟାପି ହେଉଥିବା ଏହି କ୍ରୀଡାଉତ୍ସବରେ ବିଦ୍ୟାଳୟ ନିର୍ଦ୍ଦେଶକ ପରମାନନ୍ଦ ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷିକେଶ ନାୟକ ଯୋଗ ଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ କ୍ରୀଡାବିତ୍ ଜଳେଶ୍ୱର ଗୌଡ, କିଶୋର ଚନ୍ଦ୍ର ସାହୁ, ମେଦିନୀପୁର ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ରାମଚନ୍ଦ୍ର ପ୍ରଧାନ, ଉଗ୍ରସେନ ସାହୁ, ଟ୍ରଷ୍ଟୀ ସଦସ୍ୟ ମଧୁସୂଦନ ପ୍ରଧାନ, କଳ୍ପେଶ୍ୱର ପୁରୋହିତ, ସ୍ୱପ୍ନା ପ୍ରଧାନ, ନିହାରିକା ପୁରୋହିତ, ଆଶୁତୋଷ ମୁଣ୍ଡ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନେ ମଶାଲ ଧରି ଗ୍ରାମ ପରିକ୍ରମା କରି ଚିତ୍ତାକର୍ଷକ ମାସ୍ ଡ୍ରିଲ୍ ପ୍ରଦର୍ଶନ ପୂର୍ବକ ପ୍ୟାରେଡ୍ ଅଭିବାଦନ ଜଣାଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଡିସ୍‌କସ୍ ଥ୍ରୋ, ୧୦୦ରୁ ୧୫୦୦ ମିଟର ପର୍ଯ୍ୟନ୍ତ ଦୌଡ଼ ପ୍ରତିଯୋଗିତା ସହ ଅନ୍ୟାନ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ମିହିର ଭୋଇଙ୍କ ସହ ମନୋରଞ୍ଜନ ପଣ୍ଡା, ସଂଗ୍ରାମ ସିଂ, ଶର୍ମିଷ୍ଠା ପାଠି, ସବିତା ମହାନ୍ତି, ଧରିତ୍ରୀ ପ୍ରଧାନ, ପ୍ରତିଭା ଗଉଡ, ସ୍ନିଗ୍ଧା ପ୍ରିୟଦର୍ଶିନୀ ରଣା, ଚିନ୍ମୟ ପଣ୍ଡା, ସୁବ୍ରତ ପଟନାୟକ, ରଞ୍ଜନ ବୈଠାରୁ, ତପନ ପ୍ରଧାନ କିଶୋରୀ ସାହୁ, ତୃପ୍ତି ତନ୍ମୟ, ରୁବି ବିଶି, ରେଶମା, ଅରୁଣ ଦାସ, ତୋଫାନ୍ ବାଗ, କାର୍ତ୍ତିକ ଭୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଚିନ୍ତାରେ ହରଡ ଚାଷୀ

ନର୍ଲା, (ଭାସ୍କର ନ୍ୟୁଜ) : ଆମ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ମୁଖ୍ୟତଃ ଭାତ ଓ ଡାଲି ହୋଇଥାଏ । ସେଥିପାଇଁ ପ୍ରତ୍ୟେକ ଚାଷୀ ନିଜ ନିଜ ଧାନ ବିଲରେ ଧାନ ଚାଷ କରିବା ସହିତ ବିଲ ହିଡରେ ହରଡ ଚାଷ କରିଥାନ୍ତି । ଫଳରେ ଧାନରୁ ଚାଉଳ ଓ ହରଡରୁ ଡାଲି ପ୍ରସ୍ତୁତ କରି ନିଜ ଆବଶ୍ୟକତାକୁ ପୂରଣ କରିବା ସହିତ ତାକୁ ବଜାରରେ ବିକି ଲାଭବାନ୍ ହୋଇଥାନ୍ତି । କିଛି ଦିନ ହେଲା କୋହଲା ପାଗ ଓ ଲଘୁଚାପ ଜନିତ ବର୍ଷା ଯୋଗୁଁ ଚାଷୀଙ୍କ ହରଡ ଚାଷ ଉପରେ ଅଧିକ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି । ଏହି ସମୟରେ ହରଡ ଗଛରେ ଫୁଲ ଫୁଟି ଥାଏ ରାତ୍ରି ସମୟରେ ଶୀତ ଓ ଦିନରେ ଖରା ମୁଖ୍ୟତଃ ଏହି ଚାଷ ପାଇଁ ଉପଯୋଗୀ । ପାଣିପାଗ କିନ୍ତୁ ଠିକ୍ ଏହି ସମୟରେ କୋହୋଲା ପାଗ ଓ ବର୍ଷା ହେବା ଯୋଗୁଁ ଗଛରେ ଫୁଲ ଓ କଢ଼ ସବୁ ଝଡି ପଡୁଛି । ମୁଣ୍ଡ ଝାଳ ତୁଣ୍ଡରେ ମାରି ଅକ୍ଲାନ୍ତ ପରିଶ୍ରମ କରି ଚାଷ କରିଥିଲେ ଚାଷୀ ଅମଳ ପୂର୍ବରୁ ନଷ୍ଟ ହେଉ ଥିବା ଚାଷକୁ ଦେଖି ହତାଶ ହୋଇ ପଡିଛନ୍ତି ଚାଷୀ କୂଳ ।



## ଭବାନୀପାଟଣାରେ ସୁଶାସନ କର୍ମଶାଳା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାସ୍ତରୀୟ ସୁଶାସନ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କର୍ମଶାଳା ମୁଖ୍ୟଅତିଥି ଭାବେ ପରମବ୍ରହ୍ମ ଯୋଷୀ, ଅବସରପ୍ରାପ୍ତ, ଓଡିଶା ପ୍ରଶାସନିକ ସେବା ଅଧିକାରୀ ଯୋଗଦାନ କରି ସୁଶାସନ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଉଲ୍ଲେଖ କରି ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ଏବଂ ଅତିରିକ୍ତ ଜିଲ୍ଲାପାଳ,(ରାଜସ୍ୱ)ବଇତୁରା ଦୀପ, ସୁଶାସନ କର୍ମଶାଳା ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଲୋକଙ୍କ ସମସ୍ୟା ଓ ଅଭିଯୋଗର ଆଶୁ ସମାଧାନ ଦିଗରେ ତତ୍ପରତା ଦେଖାଇବା ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମାଧନ କରିବା ଦିଗରେ ଏହି କାର୍ଯ୍ୟକ୍ରମ କି ଭଳି ସହାୟକ ହେବ ତାହା ପ୍ରକାଶ କରିଥିଲେ । ପରିଶେଷରେ ଡେପୁଟି ଜିଲ୍ଲାପାଳ ସତ୍ୟନାରାୟଣ ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବନବିଭାଗରେ କୋଟି କୋଟି ଟଙ୍କାର ହେରଫେର ଅଭିଯୋଗ

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ତଥା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳର ସିକେରକୁପା ଓ ବିଜେପୁର ସେକ୍ସନରେ ବିଭିନ୍ନ ଅନୁଦାନ ଦୁର୍ନୀତି ଚରମସୀମା ଲଙ୍ଘି ସାରିଥିବାବେଳେ ଗୋଟିକ ପରେ ଗୋଟିଏ ଦୁର୍ନୀତିର ଗୁମର ଏବେ ଫିଟିବାରେ ଲାଗିଛି । ବନ ବିଭାଗ ତରଫରୁ ବିଭିନ୍ନ ଯୋଜନାରେ ବୃକ୍ଷରୋପଣ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଆସୁଥିବାବେଳେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ କାଇଦା କରି ଅର୍ଥ ଓ ଅନୁଦାନ ଲୁଟ କରୁଥିବା ଅଭିଯୋଗ ହୋଉଛି । ଏହିପରି ଭାବେ ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ସିକେରକୁପା ସେକ୍ସନ ତଥା ପାଣିମୁଣ୍ଡା ବିଟ ସର୍ଗିଗୁଡା ସଂରକ୍ଷିତ ଜଙ୍ଗଲରେ ବୃକ୍ଷରୋପଣ ପାଇଁ ଏକାଧିକ ଯୋଜନାରେ ଅର୍ଥ ଅନୁଦାନ ଆସିଥିବାବେଳେ ଫରେଷ୍ଟର ଓ ବନରକ୍ଷୀ ମିଳିତ ଭାବେ ଚାରାଗଛ ନଲଗାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିବାକୁ ମସୁଧା ଚଳାଇଥିବା ଅଭିଯୋଗ ହେଉଛି । ମାସ ମାସ ଧରି କାମ କଲା ଶ୍ରମିକଙ୍କୁ ପାରିଶ୍ରମିକ ମିଳିନଥିବାବେଳେ ଲକ୍ଷ ଲକ୍ଷ ଟଙ୍କାର ଚାରାଗଛ ଜଙ୍ଗଲ ଭିତରେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି । ଗୋପାଳପୁର, ଟେକରତୋଳା ଓ ମଧୁପୁର ଲକଟାଖମନ ରାସ୍ତାରେ ଦଶ ହଜାରରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଚାରାଗଛ ଫିଙ୍ଗି ଦିଆଯାଇଛି । ଦୁଇମାସରୁ ଅଧିକ ସମୟ ହେଲା ଚାରାଗଛ ସବୁ ଫିଙ୍ଗି ଦିଆଯାଇ ଥିବାବେଳେ ପୁରୁଣା ବୃକ୍ଷରୋପଣକୁ ଦେଖାଇ ଅନୁଦାନ ହଡ଼ପ କରିବାକୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମସୁଧା ରଖିଥିବା ଅଭିଯୋଗ ହେଉଛି । ତେବେ ମନରେଗାରେ କୋଟି କୋଟି ଟଙ୍କା ହଡ଼ପ କରାଯାଉଥିବାବେଳେ ଏଥିରେ କିନ୍ତୁ ଟଙ୍କା ନାହିଁ ବୋଲି କାମ ହେଉନି ବୋଲି କୁହାଯାଉଛି । ତେବେ ଆମ୍ବ, ପଣସ, ବାଉଁଶ ଆଦି ମୂଲ୍ୟବାନ ଚାରାଗଛ ସବୁ ଜଙ୍ଗଲ ଭିତରେ ଫିଙ୍ଗିଦେଇ ସେସବୁର ବିଲ, ଭାଉଚର କରି ଅର୍ଥ ହଡ଼ପ କରିଥିବା ନେଇ ଅଭିଯୋଗ ହେଉଛି । କେବଳ ପାଣିମୁଣ୍ଡା ବିଟ ନୁହେଁ ବନାଞ୍ଚଳ ଅନ୍ତର୍ଗତ ବିଜେପୁର ସେକ୍ସନ ଓ ବିଟରେ ମଧ୍ୟ ଚାରା ନଲଗାଇ ଅର୍ଥ ହଡ଼ପ କରିବାକୁ ଜଙ୍ଗଲ ଭିତରେ ଲକ୍ଷ ଲକ୍ଷ ଟଙ୍କାର ଚାରାଗଛ ଫିଙ୍ଗାଯାଇଥିବା ଅଭିଯୋଗ ହେଉଛି । ସରକାରୀ ଅନୁଦାନ ହଡ଼ପ ପାଇଁ ବନବିଭାଗର ତଳୁ ଉପର ସମସ୍ତେ ଏକଜୁଟ ହୋଇଯାଇଥିବାବେଳେ ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ସିକେରକୁପା ଓ ବିଜେପୁର ସେକ୍ସନରେ ହେଉଥିବା ସମସ୍ତ ଦୁର୍ନୀତି ବିରୁଦ୍ଧରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି । ଏନେଇ ଗତ ଦେଢ଼ ମାସ ତଳେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ନିକଟରେ ଅଭିଯୋଗ ହୋଇଥିଲା । କିନ୍ତୁ ଅଭିଯୋଗ କରିବାର ଦୀର୍ଘ ଦିନ ବିତିବା ପରେ ବି ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ । ଏହାକୁ ନେଇ ବିଭିନ୍ନ ମହଲରେ ଦୃଢ଼ ପ୍ରତିକ୍ରିୟା ପ୍ରକାଶ ପାଉଥିବାବେଳେ ସିକେରକୁପା ଓ ବିଜେପୁର ସେକ୍ସନର ସମସ୍ତ ଅନୁଦାନ, କାର୍ଯ୍ୟକଳାପ ଉପରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି ।

## ବେହେରା ଦଣ୍ଡପାଟ ଧନୁଯାତ୍ରା ଆରମ୍ଭ ମଶାଲ ଯାତ୍ରା ସହ ଶୁଭ ଉଦ୍‌ଘାଟନ

ଧର୍ମଗଡ (ଭାସ୍କର ନ୍ୟୁଜ) : ଧର୍ମଗଡ ବ୍ଲକ ବେହେରା ସ୍ଥିତ ୭ମ ଦଣ୍ଡପାଟ ଧନୁଯାତ୍ରାର ଶୁଭ ଉଦ୍‌ଘାଟନ ହୋଇ ଯାଇଛି । ଶନିବାର ଦିନ ମହାଆଡମ୍ବରରେ ମଶାଲ ଯାତ୍ରା ଧନୁଯାତ୍ରା ମଞ୍ଚ ପରିସରରୁ ବାହାରି ଦଣ୍ଡପାଟ ଇଷ୍ଟ ଦେବୀ ଦନ୍ତେଶ୍ୱରୀ ପୀଠରେ ପହଞ୍ଚି ଥିଲା । ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ହେବା ପରେ ମଶାଲ ଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ମଶାଲ ଯାତ୍ରାରେ ଘୁମୁରା, ମାଦଲ, ଘଣ୍ଟ ବାଦ୍ୟ, ଦୁଲଦୁଲିବାଦ୍ୟ ଓ କଳାହାଣ୍ଡି ବଜାଶାଳ ବାଦ୍ୟ ସାମିଲ ହୋଇଥିଲା । ଅଞ୍ଚଳ ବିଭିନ୍ନ ଗ୍ରାମ ଦେବାଦେବୀ ନିମନ୍ତ୍ରିତ ହୋଇ ଲାଠି କୁର୍ଚି ପାଲକି ସମେତ ସାମିଲ ହୋଇଥିଲେ । କଳାକାରଙ୍କ ନୃତ୍ୟ, ବାଦ୍ୟ ଓ ରଙ୍ଗ ରଙ୍ଗୁଲି ଦର୍ଶକଙ୍କୁ ବେଶ ଆକୃଷ୍ଟ କରିରଖିଥିଲା । ଏହି ମଶାଲ ଯାତ୍ରାରେ ହଜାର ହଜାର ଲୋକ ସାମିଲ ହୋଇଥିଲେ । ଏହାପରେ କଂସ ଦରବାର ତଥା ଧନୁଯାତ୍ରା ପଡ଼ିଆରେ ମଶାଲ ସ୍ଥାପନ ହୋଇଯାଇଛି । ସୂଚନା ଯେ ଚଳିତବର୍ଷ ଏହି ଯାତ୍ରା ୨୫ତାରିଖରୁ ଅନୁଷ୍ଠିତ ହେବା କମିଟି ଧାର୍ଯ୍ୟ କରିଥିଲା । ହେଲେ ଲଘୁଚାପଜନିତ ବର୍ଷା ଯୋଗୁ ଏହାକୁ ସ୍ଥଗିତ ରଖି ୨୮ତାରିଖରେ ହେବାକୁ ନିଷ୍ପତ୍ତି କମିଟି ନେଇଥିଲା । ତେବେ ଉଦ୍‌ଘାଟନ ଉତ୍ସବ ମୁଖ୍ୟ ଅତିଥି ଭାବେ ବେହେରା ପଞ୍ଚାୟତ ସରପଞ୍ଚ କୁମୁଦିନି ଗୋଇନ୍ଦା ସାମିଲ ହେବା ସହ କଂସ ରଙ୍ଗ ମଞ୍ଚକୁ ଶୁଭ ଉଦ୍‌ଘାଟନ କରିଥିଲେ । ସମ୍ମାନୀୟ ଅତିଥି ଭାବେ ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୁଜାରୀ, ମଞ୍ଚାସିନ ରହିଥିଲେ । ତେବେ ପ୍ରଥମ ରଜନୀ ବେଳାରେ କଂସ ମହାରାଜାଙ୍କ ବୀରତ୍ୱ ପାଖରେ ଉଗ୍ରସେନ ମହାରାଜ ହାର ସ୍ୱୀକାର କରିବାକୁ ପଡିଥିଲା । ଉଗ୍ରସେନ ଗାଦୀଚ୍ୟୁତ ହେବାପରେ କଂସ ରାଜାଙ୍କ ରାଜ୍ୟ ଅଭିଷେକ ହୋଇଯାଇଛି । କଂସ ରାଜାଙ୍କ ରାଜ୍ୟ ଅଭିଷେକକୁ ନେଇ ମଥୁରା ବାସୀ ବେଶ ଉତ୍ସାହ ସହକାରେ ଉତ୍ସବ ପାଳନ କରୁଥିଲେ । ଅଭିଷେକ ଉତ୍ସବରେ ବିଭିନ୍ନ ଜିଲ୍ଲାରୁ ଆସିଥିବା



କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା । ଅଭିଷେକ ପରେ ପ୍ରତାପି କଂସ ରାଜାଙ୍କ ହୁକୁମ ଦଣ୍ଡପାଟ ଅଞ୍ଚଳରେ ୭ଦିନ ଧରି ଲାଗୁ ରହିବ । ଦଣ୍ଡପାଟ ଅଞ୍ଚଳରେ କଂସ ରାଜୁତି ଆରମ୍ଭ ହେବା ପରେ ସାଧାରଣଙ୍କ ଭିତରେ ବେଶ ଉତ୍ସହ ଖେଳି ଯାଇଛି । ପ୍ରଥମ ଦିନରେ ହିଁ ମହାମନ୍ତ୍ରୀଙ୍କୁ ଦଣ୍ଡପାଟ ସମସ୍ୟା ଉପରେ କଂସ ମହାରାଜପଚାରି ବୁଝି ଅଞ୍ଚଳ ଥିବା ସମସ୍ୟା ଉପରେ କ୍ଷୁବ୍ଧ ପ୍ରକାଶ କରିଥିଲେ ।ଯାହା ସବୁ ସମସ୍ୟା ରହିଛି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କଂସ ଦରବାରରେ ଆମନ୍ତ୍ରଣ କରିବାକୁ ମହାମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏସବୁ ଦୃଶ୍ୟ ଉପଭୋଗ କରିବାକୁ ଲୋକଙ୍କ ପ୍ରବଳ ଭିଡ ଜମିବାକୁ ଲାଗିଛି । ଗୋଟାଏ ପଟେ ମିନା ବଜାର ଓ କଂସ ରାଜାଙ୍କ ଅଭିନୟ କଳା ସମସ୍ତଙ୍କୁ ଆକୃଷ୍ଟ କରିପାରିଛି । ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ବଜାଇ ରଖିବାକୁ କଡା ପଦକ୍ଷେପ ଗ୍ରହଣ କରାଯାଇଛି । ଅନ୍ୟପଟେ ଧନୁଯାତ୍ରା କମିଟି ସଭାପତି ବିନ୍ଦୁସର ବିଶି, ସମ୍ପାଦକ ଲଳିତ ବାଣୁଆ ଜନସାଧାରଣଙ୍କୁ ଶାନ୍ତି ଶୃଙ୍ଖଳା ସହ ଉପଭୋଗ କରିବାକୁ ଆହ୍ୱାନ ଦେଇଥିବା ବେଳେ କମିଟିର ସଦସ୍ୟ ବୃନ୍ଦ ପରିଚାଳନାରେ ସହଯୋଗ କରୁଛନ୍ତି ।

## ରାଶିଫଳ

ରବିବାର, ୨୯ ଡିସେମ୍ବର ୨୦୨୪

**ମେଷ:** ଆଜି ଆପଣଙ୍କ ପାଇଁ ଏକ ଶୁଭ ଦିନ ହେବ । ପ୍ରିୟଜନ, ଆତ୍ମନିର୍ଭରଶୀଳତା ଏବଂ ସାଙ୍ଗମାନଙ୍କ ସହିତ ସାମାଜିକ କାର୍ଯ୍ୟ କରିବାରେ ପୁରା ଦିନ ଅତିବାହିତ ହେବ । ବନ୍ଧୁମାନେ ଉପକୃତ ହେବେ ଏବଂ ସେମାନଙ୍କ ପାଇଁ ଟଙ୍କା ମଧ୍ୟ ଖର୍ଚ୍ଚ କରିବାକୁ ପଡିବ ।

**ବୃଷ:** ଆଜି ଆପଣ ନୂତନ କାର୍ଯ୍ୟଗୁଡ଼ିକର ଆୟୋଜନ କରିବେ । ଅମଲାତନ୍ତ୍ର ଏବଂ ବ୍ୟବସାୟୀଙ୍କ ପାଇଁ ଆଜି ଏକ ଭଲ ଦିନ । ଉଚ୍ଚ ପଦାଧିକାରୀଙ୍କ ଉଚ୍ଚ ପ୍ରୋଫାଇଲ୍ ରହିବ । ପୁରୁଣା ଅସମ୍ପୂର୍ଣ୍ଣ କାର୍ଯ୍ୟ ସମାପ୍ତ ହେବ । ପଦୋନ୍ନତି ଅର୍ଥନୈତିକ ଲାଭ ଆଣିପାରେ ।

**ମିଥୁନ:** ଆଜି ଆପଣଙ୍କ ପାଇଁ ମାନସିକ ଦ୍ୱନ୍ଦ୍ୱ ଏବଂ ଜଟିଳତାର ଦିନ । ସମସ୍ତଙ୍କ ଶରୀର, ମନ ଏବଂ ଧନରେ ବାଧା ଆସିବ । ଆଜି କୌଣସି କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ଏବଂ ପ୍ରତିଯୋଗୀମାନଙ୍କ ସହିତ କୌଣସି ପ୍ରକାର ଆଲୋଚନାରୁ ଦୂରେଇ ରୁହନ୍ତୁ ।

**କର୍କଟ:** ଆଜି, ଆପଣଙ୍କର ଦିନ ପ୍ରତିକୂଳ ପରିସ୍ଥିତିରେ ପରିପୂର୍ଣ୍ଣ । ପରାମର୍ଶ ଦିଆଯାଇଛି ଯେ ଆପଣ କୌଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ଏବଂ ଆଜି ଚିକିତ୍ସା ଏବଂ ଅସ୍ତ୍ରୋପଚାରରୁ ମଧ୍ୟ ଦୂରେଇ ରୁହନ୍ତୁ । କ୍ରୋଧରୁ ଦୂରରେ ରୁହନ୍ତୁ । ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେବ ।

**ସିଂହ:** ଆଜି ଆପଣଙ୍କ ଦିନ ମଧ୍ୟମ ଫଳପ୍ରଦ । ଘର ବ୍ୟବସାୟରେ ସାବଧାନ ରୁହନ୍ତୁ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ, କିନ୍ତୁ ଆପଣଙ୍କ ସାଥୀଙ୍କ ମନ ଚିନ୍ତିତ ହେବ । ବରିଷ୍ଠ ଏବଂ ପ୍ରିୟଜନଙ୍କ ପାରସ୍ପରିକ କ୍ରିୟା ବୃଦ୍ଧି ପାଇବ । ଏକ ସୁନ୍ଦର ସ୍ଥାନକୁ ଯାତ୍ରା ସମ୍ଭବ ।

**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ । ଘରେ ସୁଖ ଏବଂ ଶାନ୍ତିର ପରିବେଶ ରହିବ ଏବଂ ମନ ମଧ୍ୟ ଖୁସି ହେବ । ଏକ ସୁଖଦ ବ୍ୟାପାର ହେବ । ରୋଗରେ ପୀଡିତଙ୍କ ଅବସ୍ଥା ସୁଧୁରିବା ସହିତ ସନ୍ତୁଷ୍ଟ ହେବାର ଭାବନା ରହିବ ।

**ତୁଳା:** ଆଜି ଆପଣ ଦିନଟି ଖୁସିରେ ବିତାଇବେ । ବୌଦ୍ଧିକ ଧାରା ଏବଂ ଆଲୋଚନା ପାଇଁ ଦିନଟି ଭଲ । ଆଜି, ଆପଣ କଳ୍ପନାର ସର୍ବୋତ୍ତମ ଉପଯୋଗ କରିବେ । ପିଲାମାନଙ୍କଠାରୁ ଭଲ ଖବର ପାଇ ହୃଦୟ ଖୁସି ହେବ ।

**ବିଛା:** ଆଜି ଏକ ଶାନ୍ତିପୂର୍ଣ୍ଣ ଦିନ ହେବ । ମନ ଚିନ୍ତିତ ରହିବ ଏବଂ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ପାର୍ଥକ୍ୟ ଅଛି, ତଥାପି କୌଣସି କ୍ଷତି ହେବ ନାହିଁ । ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ, ଟଙ୍କା କ୍ଷତି ହୋଇପାରେ ।

**ଧନୁ:** ଯଦି ଆପଣ ଆଜି ନୂତନ କାର୍ଯ୍ୟ ଆରମ୍ଭ କରନ୍ତି, ତେବେ ଆପଣ ନିଶ୍ଚିତ ଭାବରେ ସଫଳତା ପାଇବେ । ଏହା ସାଙ୍ଗ ଏବଂ ପ୍ରିୟଜନଙ୍କ ମିଶ୍ରଣ । ଆପଣ କାର୍ଯ୍ୟରେ ସଫଳତା ପାଇବେ ଏବଂ ପ୍ରତିଯୋଗୀମାନଙ୍କ ଉପରେ ବିଜୟ ପାଇବେ । ଶୁଭଫଳ ମିଳିବ ଏବଂ ସାମାଜିକ ସମ୍ମାନ ମଧ୍ୟ ଉପଲବ୍ଧ ହେବ ।

**ମକର:** ଆଜି ଆପଣଙ୍କର କଣ୍ଟିଜେନ୍ସି ଟଙ୍କା ମିଳିପାରେ । ପରିବାର ସଦସ୍ୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି ଯାହା ଘରକୁ ବିଶୃଙ୍ଖଳିତ କରିପାରେ । ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ । ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ । ଦୁଃସାହସିକ ଧାରା ପାଇଁ ଦିନଟି ଉପଯୁକ୍ତ ଅଟେ ।

**କୁମ୍ଭ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ । ଦିନଟି ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଅଟେ । ଆଧ୍ୟାତ୍ମିକତା ଏବଂ ଚିନ୍ତାଧାରା ଭଲ ରହିବ । ସାଙ୍ଗ ଏବଂ ସମ୍ପର୍କୀୟଙ୍କଠାରୁ ଉପହାର ପାଇବାର ସମ୍ଭାବନା ଅଛି ।

**ମୀନ:** ଆଜି ଆପଣଙ୍କର ଏକାଗ୍ରତା ଅଭାବ ହେବ । ଧାର୍ମିକ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ ହେବ । ପୁଞ୍ଜି ବିନିଯୋଗ ନିର୍ଦ୍ଦିଷ୍ଟ ଧ୍ୟାନ ଆବଶ୍ୟକ କରେ । ସମ୍ପର୍କୀୟଙ୍କଠାରୁ ଦୂରରେ ରୁହନ୍ତୁ କାରଣ ସେମାନେ ଅଲଗା ହୋଇପାରନ୍ତି । କୋର୍ଟ କାର୍ଯ୍ୟରେ ସତର୍କତା ଅବଲମ୍ବନ କରନ୍ତୁ ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଧାମନଗର, (ଭାସ୍କର ନ୍ୟୁଜ): ପୂର୍ବତନ ପ୍ରଧାନମନ୍ତ୍ରୀ, ବିଶିଷ୍ଟ ଅର୍ଥନୀତିଜ୍ଞ, ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର, ବିଚକ୍ଷଣ ରାଜନୀତିଜ୍ଞ, ଡ. ମନମୋହନ ସିଂଙ୍କ ବିୟୋଗରେ ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଶନିବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପରିଷଦର ସଭାପତି ଅନିଲ କୁମାର ବାରିକଙ୍କ, ସଭାପତିତ୍ୱରେ ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ରାମଚନ୍ଦ୍ର ସାହୁ, ହୃଦାନନ୍ଦ କର, କୋଷାଧ୍ୟକ୍ଷ ନୃସିଂହ ଚରଣ ନାୟକ,ବରିଷ୍ଠ ସଭ୍ୟ ମହେଶ୍ୱର ସ୍ୱାଇଁ, ନିରାକାର ଧଳ, ସେକ ଅବଦୁଲ ହକିମ, ନରେନ୍ଦ୍ର ମଲିକ, ନରେନ୍ଦ୍ର ଦାସ, ଲମ୍ବୋଦର ମହାନ୍ତି, ବୁଧିରାମ ବେହେରା, ବିଶ୍ୱନାଥ ବେହେରା, ଭୋଳାନାଥ ସାହୁ, ଧନଞ୍ଜୟ ଦାସ, ଗୋଲାମ ଜିଲାନି ହବିବି ପ୍ରମୁଖ ସଦସ୍ୟମାନେ ତାଙ୍କର ଅମରଆତ୍ମା ପ୍ରତି ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର ଗୁଣ ଗାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନମନ୍ତ୍ରୀ ସିଂଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ସଭ୍ୟ ଭିକାରୀ ବେହେରା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଜଗମୋହନପୁରରେ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୪୯ର ଜଗମୋହନପୁର ଠାରେ ପ୍ରସ୍ତାବିତ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷର ସବୁ ସମୟରେ ଏହି ସ୍ଥାନରେ ହାତୀଙ୍କ ଯାତାୟତ ରହୁଥିବାରୁ ପିୟୁପି ବା ପାସେଞ୍ଜର ଅଣ୍ଡରପାସ୍ ନକରି ଏବଂ ବଡ଼ ବ୍ରିଜ୍ କରିବାକୁ ବନବିଭାଗ ପ୍ରସ୍ତାବ ଦେଇଥିଲା। ଉକ୍ତ ଅଞ୍ଚଳଟି ହାତୀଙ୍କ ଚଲାପଥ ହୋଇଥିବାରୁ ହାତୀଙ୍କ ଚଳପ୍ରଚଳରେ ମଧ୍ୟ ଅସୁବିଧା ହେଉଛି। ହାତୀ ସୁରକ୍ଷା ସମନ୍ୱୟ ବୈଠକରେ ନିଷ୍ପତ୍ତି ଅନୁଯାୟୀ ଏକ କିଲୋମିଟର ଦୀର୍ଘ ଓଭରବ୍ରିଜ ମଧ୍ୟରୁ ହାତୀମାନଙ୍କ ପାଇଁ ଯାତାୟତ ପଥ ୫୩୨ ମିଟର ଲମ୍ବ ଓଭରବ୍ରିଜ୍ କରି ଯାତାୟତ ପଥ ରଖିବାକୁ ଏନ୍‌ଏଚ୍‌ଏଆଇ ସହମତି ପ୍ରକାଶ କରିଥିଲା। ତେବେ ଇତିମଧ୍ୟରେ ଜାତୀୟ ରାଜପଥ ୪୯ କାମ ଶେଷ ହେବାର ଦୁଇବର୍ଷ ପରେ ମଧ୍ୟ ବ୍ରିଜ୍ ପାଇଁ ଟେଣ୍ଡର ମଧ୍ୟ ହୋଇନାହିଁ। ଜଗମୋହନପୁରଠାରେ ବ୍ରିଜ୍ ନିର୍ମାଣ ହୋଇପାରୁ ନ ଥିବାରୁ ଲୋକଙ୍କ ଯାତାୟତରେ ମଧ୍ୟ ସମସ୍ୟା ଦେଖାଦେଇଛି। ଧୂଳିଉଡ଼ି ଯାତାୟତରେ ସମସ୍ୟା ଦେଖାଦେଉଛି। ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ସତ୍ତ୍ୱେ ଏନ୍‌ଏଚ୍‌ଏଆଇ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ କରୁଥିବାରୁ ଆଗାମୀ ଦିନରେ ସ୍ଥାନୀୟ ଲୋକ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

# ଗଠନ ହେଲା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର, ଚମ୍ପୁଆ ଏବଂ ସଦର ଉପଖଣ୍ଡରେ ଲଘୁ ଖଣିଜ ସମ୍ପଦ ଚୋରୀ ରୋକିବା ପାଇଁ ଉପଖଣ୍ଡସ୍ତରରେ ଏବଂ ତହସିଲ ସ୍ତରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ଗଠନ କରାଯାଇଛି। ଡିସେମ୍ବର ୧ ତାରିଖରେ କେନ୍ଦୁଝର ଜିଲ୍ଲାର ଜଣେ ଜୁନିୟର ମାଇନିଂ ଅଫିସର ଏବଂ ଅନ୍ୟ କର୍ମଚାରୀଙ୍କୁ ବାଲି ମାଫିଆମାନେ ସଂଘବଦ୍ଧ ଆକ୍ରମଣ ପରେ ସରକାର ଘଟଣାକୁ ଗୁରୁତର ସହ ନେଇ ଲଘୁ ଖଣିଜ ସମ୍ପଦ ଚୋରୀ ରୋକିବା ପାଇଁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଶାସନ ସଚିବ ତାଙ୍କ ଚିଠି ସଂଖ୍ୟା ୧୦୪୮୧ ତା ୦୪/୧୨/୨୦୨୪ ରେ ଉପଖଣ୍ଡ ସ୍ତରରେ ଏବଂ ତହସିଲସ୍ତରରେ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ଗଠନ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏହି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ମାସକୁ ଅତି କମ୍‌ରେ ଥରେ ଚୋରୀ ରୋକିବା ପାଇଁ ପଦକ୍ଷେପ ନେବେ ଏବଂ ଏହାର ରିପୋର୍ଟ ଜିଲ୍ଲାସ୍ତରରେ ଗଠିତ ହୋଇଥିବା ଟାର୍ସ୍କ ଫୋର୍ସକୁ ଏବଂ ଲଘୁ ଖଣି ନିର୍ଦ୍ଦେଶକଙ୍କୁ ପ୍ରଦାନ କରିବେ। ସବ୍‌ଡିଭିଜନ ସ୍ତରରେ ଗଠିତ ହୋଇଥିବା ଏନଫୋର୍ସମେଣ୍ଟ କମିଟିରେ ଉପ ଜିଲାପାଳଙ୍କୁ ଏହାର ଅଧ୍ୟକ୍ଷ ରଖାଯାଇଥିବା ବେଳେ ଏସଡିପିଓ, ଏସିଏଫ୍/ ରେଞ୍ଜ ଅଫିସର, ତହସିଲଦାର, ଆଇଆଇସି ମେମ୍ବର ଭାବେ କାର୍ଯ୍ୟ କରିବେ ଏବଂ ମାଇନିଂ ଅଫିସର କିମ୍ବା ଜୁନିୟର ମାଇନିଂ ଅଫିସର ମେମ୍ବର କନଭେନର ଭାବେ କାର୍ଯ୍ୟ କରିବେ। ତହସିଲ ସ୍ତରରେ ଗଠିତ ଏନ୍‌ଫୋର୍ସମେଣ୍ଟ କମିଟିରେ ତହସିଲଦାର ଅଧ୍ୟକ୍ଷ ରହିବେ। ଉକ୍ତ କମିଟିରେ ଆଇଆଇସି, ରେଞ୍ଜ ଅଫିସରଙ୍କୁ ସଦସ୍ୟ ରଖାଯାଇଥିବା ବେଳେ ମାଇନିଂ ଅଫିସର କିମ୍ବା ଜୁନିୟର ମାଇନିଂ ଅଫିସର ମେମ୍ବର କନଭେନର ଭାବେ କାର୍ଯ୍ୟ କରିବେ। ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଶାଳପଡ଼ା ବ୍ରିଜ ନିକଟ ସୁଡୁସୁଡ଼ିଆ ଛକରେ ଗତ ୧ତାରିଖ ରାତିରେ ଖଣି ବିଭାଗ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟରେ ନିୟୋଜିତ ଥିବା ବୋଲେରୋ ଗାଡ଼ି ଅଟକାଇ ବାଲି ମାଫିଆ ଅତର୍କିତ ଆକ୍ରମଣ କରିଥିଲେ। ଏହି ଘଟଣାରେ କେନ୍ଦୁଝର ଖଣି ମଣ୍ଡଳ ଜୁନିୟର ମାଇନିଂ ଅଫିସର ସୁରଜ ହେମ୍ବ୍ରମ, ଗାଡ଼ିର ଡ୍ରାଇଭର ପ୍ରସାଦ ମହାନ୍ତ ଏବଂ ତିନିଜଣ ସୁରକ୍ଷାକର୍ମୀ ଆହତ ହୋଇଥିଲେ। ୫ଟି ଗାଡ଼ିରେ ୧୫ ଜଣରୁ ଉର୍ଦ୍ଧ୍ୱ ବାଲି ମାଫିଆ ଖଣି ବିଭାଗ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡର ବୋଲେରୋ ଗାଡ଼ି ଅଟକାଇ ଗାଡ଼ି କାଚ ଭାଙ୍ଗି ଗାଡ଼ିରେ ଥିବା କର୍ମଚାରୀଙ୍କୁ ଠେଙ୍ଗା, ଧାରୁଆଅସ୍ତ୍ର ଧରି ଆକ୍ରମଣ କରିଥିଲେ। ଜୁନିୟର ମାଇନିଂ ଅଫିସର ସୁରଜ ହେମ୍ବ୍ରମଙ୍କ ସମେତ ଅନ୍ୟମାନଙ୍କୁ ଘୋଷାଡ଼ି ରାସ୍ତା ଉପରେ ମାଡ଼ ମାରିଥିଲେ। ପୋଲିସ ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୧୦ରୁ ଉର୍ଦ୍ଧ୍ୱ ଲୋକ ଏବେବି ଫେରାର ଅଛନ୍ତି। ଏହି ଘଟଣା ପରେ କେବଳ କେନ୍ଦୁଝର ଜିଲ୍ଲା ନୁହେଁ ରାଜ୍ୟରେ ମଧ୍ୟ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟ ଏକପ୍ରକାର ବନ୍ଦ ହୋଇଯାଇ ଥିଲା। ନୂତନ ଭାବେ ସବଡିଭିଜନ ଏବଂ ତହସିଲ ସ୍ତରରେ ସ୍କ୍ୱାର୍ଡ଼ ଗଠନ ପରେ ନିୟମିତ ଯାଞ୍ଚ କରାଯିବ। ଡିସେମ୍ବର ୧୮ ତାରିଖ ଦିନ ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅନ୍ତର୍ଗତ ଡାହିସାହି ଗ୍ରାମରେ ବେଆଇନ ବାଲି ଚୋରାଚାଲାଣ ରୋକିବାକୁ ଚଢ଼ାଉ ସମୟରେ ବାଲି ମାଫିଆମାନେ ପୋଲିସ ଗାଡ଼ି ଭଙ୍ଗାରୁଜା କରିବା ସହ କପ୍ତିପଦା ଥାନା ଅଧିକାରୀଙ୍କୁ ଆକ୍ରମଣ କରିଛନ୍ତି। ଡିସେମ୍ବର ୨୪ତାରିଖରେ ତାଳଚେର ଶିରିଗିଡ଼ା ବାଲିଘାଟରେ ଯାଞ୍ଚ ବେଳେ ମହିଳା ଖଣି ଅଧିକାରୀ ସୁକେସ୍ମିତା ମାଝୀଙ୍କୁ ଗାଡ଼ି ଚଢ଼ାଇ ମାରିଦେବାକୁ ଉଦ୍ୟମ କରିଛନ୍ତି। କେବଳ ଏହି ୩ ଟି ସ୍ଥାନ ନୁହେଁ ସମଗ୍ର ରାଜ୍ୟରେ ବାଲି ମାଫିଆମାନେ ରକ୍ତମୁଖା ହୋଇପଡ଼ିଛନ୍ତି। ଏନଫୋର୍ସମେଣ୍ଟ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀ ନିଜକୁ ସୁରକ୍ଷିତ ମଣୁ ନ ଥିବାରୁ ଗତ ଦୁଇ ସପ୍ତାହ ହେବ ଚୋରୀ ବଢ଼ିବାରେ ଲାଗିଛି। ବିଶେଷକରି ବାଲି ଚୋରୀ ବେଧଡ଼କ ଚାଲିଛି। ଫଳରେ ସରକାରଙ୍କ ରାଜସ୍ୱ ହାନୀ ହେଉଛି। କେବଳ ଲଘୁ ଖଣିଜ ସମ୍ପଦ ନୁହେଁ ଲୁହାପଥର ଏବଂ ମାଙ୍ଗାନିଜ ମଧ୍ୟ ବେଧଡ଼କ ଚୋରୀ ହେଉଛି। ଅନ୍ୟପକ୍ଷରେ ନୋଟିଫିକେସନକୁ ସଂଶୋଧନ କରାଯାଇ ତହସିଲଦାରଙ୍କୁ ଚୋରୀ କାର୍ଯ୍ୟରେ ନିୟୋଜିତ ଗାଡ଼ିକୁ ଜବତ କରିବାର କ୍ଷମତା ଦିଆଯିବାକୁ ଦାବୀ ହୋଇଛି। ଏ ନେଇ ଅତିରିକ୍ତ ଜିଲ୍ଲାପାଳ ଆଲୋକ କୁମାର ପ୍ରଧାନଙ୍କ ସହ ଯୋଗଯୋଗ କରିବାରୁ ଲଘୁ ଖଣିଜ ସମ୍ପଦ ଚୋରି ଉପରେ ରୋକ ଲଗାଇବାକୁ ସ୍କ୍ୱାର୍ଡ଼ ଗଠନ କରାଯାଇଛି। ଏହି ସ୍କ୍ୱାର୍ଡ଼ ବେଆଇନ ଉତ୍ତୋଳନ ଏବଂ ପରିବହନ ବେଳେ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

## ଗ୍ରାମପଞ୍ଚାୟତର ବର୍ଷ ଶେଷ ବୈଠକ




ଧର୍ମଗଡ଼, (ଭାସ୍କର ନ୍ୟୁଜ) : ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମ ପଞ୍ଚାୟତ ବର୍ଷ ଶେଷ ବୈଠକ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରଲୋକରେ ଏକ ଶୋକ ପ୍ରସ୍ତାବ ଗୃହିତ ହୋଇଥିଲା। ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପଞ୍ଚାୟତ ସରପଞ୍ଚ ବ୍ରିଜଲାଲ ନାଏକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ଉନ୍ନୟନ ମୂଳକ କାମଗୁଡ଼ିକର ସମୀକ୍ଷା କରାଯାଇଥିଲା। ଆସନ୍ତା ୨୫-୨୬ମସିହା ପାଇଁ ବିଭିନ୍ନ ୱାର୍ଡର ସଭ୍ୟସଭ୍ୟା ମାନେ ନିଜନିଜ ୱାର୍ଡ଼ରେ ଉନ୍ନୟନ ମୂଳକ କାମ କରିବାକୁ ପ୍ରସ୍ତାବ ରଖିଥିଲେ। ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ରମୋହନ ବିହାରୀ ଗତବର୍ଷ ପଞ୍ଚାୟତ ସ୍ତରରେ ହୋଇଥିବା କାମଗୁଡ଼ିକର ବିବରଣୀ ଉପସ୍ଥାପନ କରିଥିଲେ। ବ୍ଲକ୍‌ସ୍ତରରେ ପର୍ଲା ପଞ୍ଚାୟତକୁ ଏକ ବିକଶିତ ପଞ୍ଚାୟତରେ ପରିଣତ କରିବାକୁ ସମସ୍ତ ୱାର୍ଡ ସଭ୍ୟସଭ୍ୟାମାନଙ୍କୁ ସରପଞ୍ଚ ଆହ୍ୱାନ କରିଥିଲେ। ବୈଠକରେ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ।

## ପଥର ବଦଳରେ କଂକ୍ରିଟ ସାଇଫନ ନିର୍ମାଣ ଦାବି

ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଅଧିନସ୍ତ ତିହୁଡି ପଂଚାୟତ ପାରିମଳ ଗ୍ରାମରେ ଗହୀର ରୁ ବର୍ଷା ଜଳ ଦେବୀ ନଦୀ କୁ ନିଷ୍କାସନ ନିମନ୍ତେ ପଥର ସାଇପନ ଟିଏ ଅଛି। ପ୍ରତେକ ବର୍ଷ ବନ୍ୟା ଜଳ ଆସିଲେ ଉକ୍ତ ସାଇପନ ଟି ଭାଙ୍ଗି ଯାଉଥିବାରୁ ଗ୍ରାମବାସୀ ମାନଙ୍କ ପ୍ରତି ବନ୍ୟା ର ବିପଦ ଥିବା ଆଶଙ୍କା ରହିଛି। ସ୍ଥାୟୀ ଭାବରେ କଂକ୍ରିଟ ସାଇପନ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସଫଳ ମିଳୁନାହିଁ। ଏନେଇ ଗ୍ରାମବାସୀ ପକ୍ଷରୁ ନିଆଳି ଜଳସେଚନ ବିଭାଗ ଅଫିସ ଆଗରେ ଧାରଣା ଦେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।ଗ୍ରାମ ବାସି ଙ୍କ ପକ୍ଷରୁ ମଳୟ ରଂଜନ ଲେଙ୍କା, ସୁଶାନ୍ତ କୁମାର ମଲିକ, କହ୍ନେଇ ଦାଶ, ଅଶୋକ ଲେଙ୍କା, ବିଜୟ ମଲିକ, ପ୍ରଦୋଷ ମଲିକ, ଦିଲୀପ ଲେଙ୍କା, ଆଶିଷ କୁମାର ଲେଙ୍କାଙ୍କ ସମେତ ୫୦ ରୁ ଉର୍ଦ୍ଧ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ପାଚିକା, ସହାୟିକାଙ୍କ ତାଲିମ ଶିବିର



ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୁଲ୍ୟରେ କୋଷ୍ଠା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୭ ଓ ୨୮ ଦୁଇ ଦିନ ଧରି ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା, ସହାୟିକାଙ୍କ ପାଇଁ ୬ଟି ପର୍ଯ୍ୟାୟରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୨୮୨ ଜଣ ପାଚିକା, ସହାୟିକାଙ୍କୁ ଉତ୍ତମ ମାନର ତାଲିମ ପ୍ରଦାନ କରାଯାଇଛି। ଏହି ଶିବିରକୁ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମାଳତୀ ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ନାଏକ ଓ ସରୋଜ କୁମାର ସାହୁ ଯୋଗଦେଇ ପାଚିକାମାନଙ୍କର ରନ୍ଧନଶୈଳୀର ମାନ ଓ ପରିଷ୍କାର, ପରିଚ୍ଛନ୍ନତା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରତିଦିନ ପାଚିକାମାନଙ୍କ ଦ୍ୱାରା ଶୃଙ୍ଖଳା ଖାଦ୍ୟ ରନ୍ଧନ ପ୍ରତିଯୋଗିତା କରାଇ ଶ୍ରେଷ୍ଠ ତିନିଜଣ ପାଚିକାଙ୍କୁ ପୁରସ୍କୃତ କରାଯାଇଛି। ଏହି ତାଲିମ ଶିବିରରେ ରିସର୍ଚ୍ଚ ପର୍ସନ୍ ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗନ୍ନାଥ ନାଏକ, ସିଆରସିସି ବସନ୍ତ କୁମାର ସି, ଶିବପ୍ରସାଦ ମାରାଣ୍ଡି, ଅମୂଲ୍ୟ ଦେହୁରୀ ଓ ବରିଷ୍ଠ ଶିକ୍ଷକ ଶ୍ରୀରାମ ମୁର୍ମୁ ଓ ସୁଫଲ ସୋରେନ୍ ଯୋଗ ଦେଇଥିବା ବେଳେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଏମଡିଏମ୍ ଡିଇଓ ପଙ୍କଜିନୀ ସାହୁ, ବିଆରଟି ଶ୍ରୀଧର ପ୍ରସାଦ ସାହୁଙ୍କ ସହିତ ସମସ୍ତ କର୍ମଚାରୀ ଓ ସିଆରସିସି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚତୁର୍ଦ୍ଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଟାଙ୍ଗୀ ପଢ଼ିଆ ଠାରେ ଆୟୋଜିତ ଚତୁର୍ଦ୍ଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଷଷ୍ଠ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଏମ.କେ.ସି.ସି, ଘୋରଡ଼ିଆ ଓ ବି.ସି.ସି, ଲୋଧାଚୁଆ ମଧ୍ୟରେ ମୁକାବିଲା ହୋଇଥିଲା। ଘୋରଡ଼ିଆ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୯.୨ ଓଭର ଖେଳି ସମସ୍ତ ଉଇକେଟ ବିନିମୟରେ ୧୦୪ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଲୋଧଚୁଆ ଦଳ ୧୯.୨ ଓଭର ଖେଳି ୯୨ରନ କରି ସମସ୍ତ ଉଇକେଟ ହରାଇ ପରାଜିତ ହୋଇଥିଲା। ଏହି ମ୍ୟାଚଟିକୁ ଅମ୍ପେୟର ଭାବେ ପିଣ୍ଟୁଆ ପ୍ରଧାନ ଓ ନିବାସୀ ପତ୍ର ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ଅତିଥି ଭାବେ ସମାଜସେବୀ ତଥା ଶିଳ୍ପପତି ଶିବନାରାୟଣ ମିଶ୍ର, ଓଡ଼ିଶା ଉଦ୍ୟୋଗୀ ପରିବାର ସଦସ୍ୟ ଯୁବ ଶିଳ୍ପୋଦ୍ୟୋଗୀ ଜିତେନ୍ଦ୍ର କୁମାର ପ୍ରଧାନ ଓ ଜ୍ୟୋତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ୍ ସଭାପତି ନିରଞ୍ଜନ ନାୟକଙ୍କ ସମେତ ସଦସ୍ୟ ବାଘା, ସାଗର, ବିକାଶ, ବାବାଲି, ଗୌର ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ପ୍ରଥମ କ୍ୱାର୍ଟର ଫାଇନାଲରେ ଠଣାପଲ୍ଲୀ ଓ ଖଳିସାହି ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପରିଚାଳକ ଶାନ୍ତନୁ ଛୋଟରାୟ ସୂଚନା ପ୍ରଦାନ କରିଛନ୍ତି। ଏହି ମ୍ୟାଚ୍‌କୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଯୁବକମାନଙ୍କର ବେଶ୍ ଗହଳି ଦେଖିବାକୁ ମିଳିଥିଲା।

## ରଙ୍ଗତରଙ୍ଗର ଦ୍ୱିତୀୟ ସାଂସ୍କୃତିକ ସମାରୋହ



ଅନୁଗୁଳ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସଭାଘରେ ସାଂସ୍କୃତିକ ଅନୁଷ୍ଠାନ ରଙ୍ଗତରଙ୍ଗର ଦ୍ୱିତୀୟ ସାଂସ୍କୃତିକ ସମାରୋହ ଉଦଘାଟିତ ହୋଇଯାଇଛି। ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମାରୋହକୁ ନବ ମାଳତୀଙ୍କ ନାମରେ ଉତ୍ସର୍ଗ କରାଯାଇଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ଏହା ସହିତ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କ ଦେଶ ଓ ଜାତି ପ୍ରତି ଥିବା ଅବଦାନକୁ ସେ ସ୍ମରଣ କରିଥିଲେ। ସମ୍ମାନିତ ଅତିଥି ରୂପେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ନୂଆବର୍ଷରୁ ସଭାଘର ଭଡ଼ା ସାଂସ୍କୃତିକ ଅନୁଷ୍ଠାନଙ୍କ ପାଇଁ କିଭଳି କୋହଳ କରାଯିବ ସେଥିନେଇ ସେ ପଦକ୍ଷେପ ନେବେ ବୋଲି କହିଥିଲେ। ଅନ୍ୟତମ ଅତିଥି ନଗରପାଳ ଅକ୍ଷୟ କୁମାର ସାମନ୍ତ ଯୋଗଦେଇ ଅନୁଗୁଳର ପରିବେଶ ସୁରକ୍ଷା ପାଇଁ ସାମୂହିକ ଉଦ୍ୟମ ଲୋଡ଼ା ବୋଲି କହିଥିଲେ। ଏହି ଅବସରରେ ପ୍ରମେୟ ସମ୍ବାଦ ବିଭାଗ ମୁଖ୍ୟ ଜଳଧର ପ୍ରଧାନ ଯୋଗଦେଇ ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତିର ବିକାଶ ପାଇଁ ରଙ୍ଗତରଙ୍ଗ ଉପଯୁକ୍ତ ମଞ୍ଚ ତିଆରି କରୁ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ରଞ୍ଜନ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ସମାରୋହରେ ସଙ୍ଗଠନର ସଭାପତି ସୁଦିପ ଗଡ଼ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ବିଦ୍ୟାଧର ନାୟକ ଦୁଇଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତିଯୋଗିତାର ବିଚାରକ ମାନେ ମଧ୍ୟ ମଞ୍ଚରେ ଉପସ୍ଥିତ ରହି ସଙ୍ଗଠନର ସଫଳତା କାମନା କରିଥିଲେ। ପର୍ଶୁରାମ ଦାଶ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତାପ ମହାପାତ୍ର, ଆଦ୍ୟାଶ୍ଳୋକ ମିଶ୍ର, ନିରୋଦ କୁମାର ସାହୁ, ଜୟନ୍ତ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ଏହି ଅବସରରେ ଓଡ଼ିଶୀ ନୃତ୍ୟ, ଏକକ ଲୋକନୃତ୍ୟ ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଛି। ସନ୍ଧ୍ୟା କାର୍ଯ୍ୟକ୍ରମରେ ଅନୁଗୁଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରିତୀମୟ ଯୋଗଦେଇ ସମାରୋହର ସଫଳତା କାମନା କରିଥିଲେ। ଆସନ୍ତାକାଲି ଉଦଯାପନୀ ଦିବସରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ଦାସ ସମାରୋହରେ ଯୋଗ ଦେବେ।

## ଶିକ୍ଷୟିତ୍ରୀଙ୍କ ପରଲୋକ

ବାରଙ୍ଗ, (ଭାସ୍କର ନ୍ୟୁଜ୍): ଗୟଳବାଙ୍କ ନୋଡାଲ ହାଇସ୍କୁଲର ଆଦର୍ଶ ଶିକ୍ଷୟିତ୍ରୀ ମାଳତୀ ଜେନାଙ୍କର ୪୫ ବର୍ଷ ବୟସରେ କଟକ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁ ସମୟରେ ତାଙ୍କ ନିକଟରେ ସ୍ୱାମୀ ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗା ଚରଣ ଦାସ, ପୁତ୍ର ସୌମ୍ୟରଞ୍ଜନ ଦାସ ଓ କନ୍ୟା ଶାଶ୍ୱତୀ ଦାସ ଉପସ୍ଥିତ ଥିଲେ। ତାଙ୍କର ବିୟୋଗରେ ବାଙ୍କୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ସୌମ୍ୟରଞ୍ଜନ ଦାସ ମୁଖାଗ୍ନି ଦେଇଥିଲେ। ମାଳତୀ ଜେନା ନିଜର ଦୀର୍ଘ ଜୀବନ ମଧ୍ୟରେ ବାଆଁରା ସରକାରୀ ପ୍ରାଥମିକ ବିଦ୍ୟାଳୟ, କୂଅମଡ଼ା ପ୍ରାଥମିକ ବିଦ୍ୟାଳୟ ଓ ଭଗିପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରିଥିଲେ। ତାଙ୍କ ବିୟୋଗରେ ତାଙ୍କର ଛାତ୍ରଛାତ୍ରୀମାନେ ଗଭୀର ଶୋକ ପ୍ରକାଶ କରିଥିଲେ।

# ୩୫ ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍

## ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁର ଓ ଜୁଭେନାଇଲ୍ କଟକ ସେମିରେ



କାକଟପୁର, (ଭାସ୍କର ନ୍ୟୁଜ୍): ରାଜ୍ୟସ୍ତରୀୟ ମଙ୍ଗଳା କ୍ରିକେଟ କପର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ପ୍ରଥମ ପର୍ଯ୍ୟାୟରେ ୟୁନିକ ଇଲେଭେନ ଭଦ୍ରକ ବନାମ ଆଲଫା ବ୍ରହ୍ମପୁର ମଧ୍ୟରେ ଖେଳାଯାଇଥିଲା। ଉକ୍ତ ପ୍ରଥମ ପର୍ଯ୍ୟାୟ ମ୍ୟାଚରେ ୟୁନିକ ଇଲେଭେନ ଭଦ୍ରକ ପ୍ରଥମେ ଟସ ଜିତି ଆଲଫା ସ୍ପୋର୍ଟିଂ ବ୍ରହ୍ମପୁରକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏହି ମ୍ୟାଚରେ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ଆଲଫା ସ୍ପୋର୍ଟିଂ ୨୧୦ ରନ ସଂଗ୍ରହ କରିଥିଲା। ଜବାବରେ ୟୁନିକ ଇଲେଭେନ ଭଦ୍ରକ ସମସ୍ତ ଉଇକେଟ ହରାଇ ପରାଜୟ ବରଣ କରିଥିଲା। ଆଲଫା ସ୍ପୋର୍ଟିଂର ସୌମ୍ୟରଞ୍ଜନ ବିଶ୍ୱାଳ ସର୍ବାଧିକ ୭୧ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ ଜୁଭେନାଇଲ କଟକ ଓ ଗୋଲକୁଣ୍ଡା ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୁଭେନାଇଲ କଟକ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭରରେ ୩ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ବିପକ୍ଷରେ ଗୋଲକୁଣ୍ଡା ଯାଜପୁର ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୧୩ ରନ କରି ପରାଜୟ ବରଣ କରିଥିଲା। ଜୁଭେନାଇଲ କଟକର ମାନବ ଭଟ୍ଟାଚାର୍ଯ୍ୟ ସର୍ବାଧିକ ୫୨ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କାକଟପୁର ପ୍ରେସ କ୍ଲବ୍‌ର ସଭାପତି କମଳ ଲୋଚନ ଦୀକ୍ଷିତ ଓ ସମାଜସେବୀ ମାନସ କୁମାର ଦୀକ୍ଷିତ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିବା ବେଳେ ବରିଷ୍ଠ ଅମ୍ପେୟାର ନିର୍ମଳ କୁମାର ମିଶ୍ର ଓ ଅୟେସକାନ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ। ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ ଯଦୁପୁର ଇଲେଭେନ ଭୁବନେଶ୍ୱର ଏବଂ ଆଲଫା ସ୍ପୋର୍ଟିଂ ବ୍ରହ୍ମପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବର ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ ପ୍ରକାଶ କରିଛନ୍ତି। ମ୍ୟାନେଜର ଭାଗବତ ସ୍ୱାଇଁ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ, ସୂର୍ଯ୍ୟକାନ୍ତ ଦୀକ୍ଷିତ, ଶ୍ୟାମସୁନ୍ଦର ରଣା, ସଞ୍ଜୟ ସାମଲ, ଧୀରେନ୍ଦ୍ର ଚାନ୍ଦ, ଅକ୍ଷୟ ପ୍ରସାଦ ମହାନ୍ତି, ସୁଶାନ୍ତ ଦାଶ, ପିଣ୍ଟୁ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ପାଚିକା, ସହାୟିକାମାନଙ୍କ ତାଲିମ ଶିବିର




କଣିହାଁ, (ଭାସ୍କର ନ୍ୟୁଜ): କଣିହାଁ ବ୍ଲକ୍‌ରେ କାର୍ଯ୍ୟ କରୁଥିବା ପାଚିକା ତଥା ସହାୟିକା ମାନଙ୍କ ନିମନ୍ତେ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ନେଇ ଏକ ଦିବସୀୟ ବ୍ଲକ୍‌ସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏଥିନେଇ କଣିହାଁ ବ୍ଲକ୍ ଅଧିନସ୍ଥ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ କଣିହାଁ, ସରକାରୀ ଉଚ୍ଚ ବିଦ୍ୟାଳୟ ସମଲ ଓ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ବଜ୍ରକୋଟ ଠାରେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ୨୩ ଓ ୨୪ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଉକ୍ତ ଶିବିରରେ ୬ଟି ବ୍ୟାଚ୍‌ରେ ୩୪୨ପାଚିକା ସହାୟିକା ତାଲିମ ନେଇଥିଲେ। ଉକ୍ତ ତାଲିମ ଶିବିରରେ ପର୍ଯ୍ୟବେକ୍ଷକ ଭାବରେ କଣିହାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରୋତ୍ତମ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗୁଲୁ ପ୍ରଧାନ, ସନ୍ତୋଷ ପ୍ରଧାନ ଓ ସୁଜନ କୁମାର ସାହୁ ପ୍ରମୁଖ ଯୋଗ ଦେଇ ପାଚିକା ସହାୟିକାମାନଙ୍କୁ କିପରି ପ୍ରଶିକ୍ଷଣ ଦିଆଯାଉଛି ତଦାରଖ କରିଥିଲେ। ଶିବିରରେ ପ୍ରଶିକ୍ଷକ ଭାବରେ ଶିକ୍ଷକ ଜଗଶ୍ରୀତା ସାହୁ, ଶୁଭାଶିଷ ଦାସ, ବସନ୍ତ ସାହୁ, ଆଦିତ୍ୟ କୁମାର ପ୍ରଧାନ ଓ ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ରୋଷେଇ କରିବା ସମୟରେ କିପରି ବ୍ୟକ୍ତିଗତ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଅବଲମ୍ବନ କରିବାକୁ ପଡ଼ିବ ସେ ସମ୍ପର୍କରେ ପାଚିକା ସହାୟିକା ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ନାଇସ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ ବ୍ଲକ୍ ଖୁଣ୍ଟା ସ୍ଥିତ ନାଇସ ପବ୍ଲିକ ସ୍କୁଲର ୧୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି। ବିଦ୍ୟାଳୟର ଉପାଧ୍ୟକ୍ଷ ଭାସ୍କର ଚନ୍ଦ୍ର ମହାନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଡ. ଅରୁଣ କୁମାର ସେନାପତି ପୌରହିତ୍ୟ କରିଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀ ଶିକ୍ଷୟତ୍ରୀ ପ୍ରେମଲତା ମହାନ୍ତି ପାଠ କରିଥିଲେ। ମୁଖ୍ୟଅତିଥି ମୀନକେତନ ଦାଶ (ଅବସରପ୍ରାପ୍ତ ଶିକ୍ଷକ ଓ ପ୍ରଶିକ୍ଷକ), ମୁଖ୍ୟବକ୍ତା ରମାକାନ୍ତ ମହାପାତ୍ର (ଅବସର ପ୍ରାପ୍ତ ଶିକ୍ଷକ), ସମ୍ମାନୀତ ଅତିଥି ଭାବେ ଚୂଡ଼ାମଣି ମହାପାତ୍ର, ବିଷ୍ଣୁ ଚରଣ ସାହୁ, ସତ୍ୟାନନ୍ଦ ମିଶ୍ର, ସନ୍ତୋଷ କୁମାର ଖଣ୍ଡା, ସୁବାସ ଚନ୍ଦ୍ର ମହାପାତ୍ର ଓ ମାନସିଂହ ମୁର୍ମୁ ଉପସ୍ଥିତ ହୋଇ ଛାତ୍ରଛାତ୍ରୀମାନେ ନିଜକୁ କିପରି ଜଣେ ଜଣେ ଆଦର୍ଶ ଛାତ୍ର ହୋଇପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। ଏଥି ସହିତ ଉତ୍ତମ ଶିକ୍ଷା ପାଇଁ ସମୟାନୁବର୍ତ୍ତିତା ହେବା ନିତ୍ୟାନ୍ତ ଜରୁରୀ ବୋଲି ଛାତ୍ରଛତ୍ରୀ ତଥା ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରଞ୍ଜନ କୁମାର କରଣ ସଂଯୋଜନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ନେଇ ରାମାୟଣ ଓ ରେବତୀ ନାଟକ ପ୍ରଦର୍ଶନ କରାଯାଇଥିଲା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହିତ ଛାତ୍ରଛାତ୍ରୀ ମାନେ ପଢୁଥିବା କବିତାକୁ ସୁନ୍ଦର ସ୍ୱର ଓ ତାଳରେ ଗାନ କରିଥିଲେ। ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ଉତ୍ତମ ଛାତ୍ର ଭାବରେ ଭବାନୀ ଚନ୍ଦ୍ର ସିଂହକୁ ସମ୍ମାନୀତ କରାଯାଇଥିଲା। ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ନିତ୍ୟାନନ୍ଦ ସାହୁ ଭଲ ମଣିଷ ହେବା ପାଇଁ ଛାତ୍ରଛାତ୍ରୀ ତଥା ପରାମର୍ଶ ଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଳାଶୁଣୀ ଗୁମ୍ଫା ଉନ୍ନୟନ ପରିଷଦର ପ୍ରସ୍ତୁତି ବୈଠକ



ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭାବରେ ପରିଚିତ ଓଳାଶୁଣୀ ଗୁମ୍ଫାମେଳା ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ପାହାଡ଼ର ଶୀର୍ଷଦେଶରେ ଥିବା ଗଣେଶ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଳାଶୁଣୀ ମଠର ମଠାଧୀସ ମହନ୍ତ ଡ.ନାମାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ସ୍ୱର୍ଗତ ମହନ୍ତ ପର୍ଶୁରାମ ଦାସଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ସ୍ୱର୍ଗତ ପର୍ଶୁରାମ ଦାସଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ଓଳାଶୁଣୀ ଗୁମ୍ଫା ଉନ୍ନୟନ ପରିଷଦ ପକ୍ଷରୁ ଆସନ୍ତା ଜାନୁଆରୀ ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓଳାଶୁଣୀ ଗୁମ୍ଫାମେଳା ନିମିତ୍ତ ପାଇଁ ସମସ୍ତଙ୍କର ସହଯୋଗ କାମନା କରାଯାଇଥିଲା। ଏଥି ନିମନ୍ତେ ଯାଜପୁର ଜିଲ୍ଲା ପ୍ରଶାସନକୁ ପ୍ରସ୍ତୁତି ବୈଠକ କରିବା ପାଇଁ ଉନ୍ନୟନ ପରିଷଦ ପକ୍ଷରୁ ପତ୍ର ପ୍ରେରଣ କରାଯିବ ବୋଲି ସର୍ବସମ୍ମତି କ୍ରମେ ସ୍ଥିର କରାଗଲା। ଦୀର୍ଘଦିନ ହେବ ସମ୍ପାଦକ ପଦବୀ ଖାଲିପଡ଼ିଥିବାରୁ ତୁରନ୍ତ ସର୍ବସମ୍ମତି କ୍ରମେ ସ୍ଥାୟୀ ସମ୍ପାଦକ ନିଯୁକ୍ତି କରିବାକୁ ମତପ୍ରକାଶ ପାଇଥିଲା। ପରିବେଶ ସୁରକ୍ଷା ସହିତ ମେଳାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ସମସ୍ୟା ଓ ଦାୟିତ୍ୱ ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଚଳିତ ବର୍ଷ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ୧୮୮ତମ ବ୍ରହ୍ମଲୀନ ଦିବସ ମାଘମାସ କୃଷ୍ଣପକ୍ଷ ଏକାଦଶୀ ତିଥି ଜାନୁଆରୀ ୨୫ ତାରିଖରେ ମେଳା ଆରମ୍ଭ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ଅଶୋକ କୁମାର ସାମଲ, ପ୍ରାକ୍ତନ ସମିତି ସଭ୍ୟ ଦୀଲ୍ଲିପ କୁମାର ସାମଲ, ରୁଦ୍ରନାରାୟଣ ସିଂହ, ଶ୍ୟାମସୁନ୍ଦର ମହାରଣା, ବାଜ କିଶୋର ମହାରଣା, ଦେବାଶିଷ ସିଂହ, ଶରତ କୁମାର ସିଂହ, ଅମୂଲ୍ୟ କୁମାର ସିଂହ, ଉମେଶ ଚନ୍ଦ୍ର ସାମଲ, ପ୍ରଫୁଲ୍ଲ କୁମାର ପଣ୍ଡା, ବିକ୍ରମ କେଶରୀ ପ୍ରଧାନ, ନୀଳମାଧବ ସାମଲ, ରତିକାନ୍ତ ସାମଲ, ଅଲେଖ ସାମଲ, ଅନିଲ କୁମାର ଭୂୟାଁ, ନିଶିକାନ୍ତ ସାମଲ, କାହ୍ନୁ ଚରଣ ଦାସ, ଯଯାତି ସିଂହ, ମହେନ୍ଦ୍ର କୁମାର ରଣସିଂହ, ପଦ୍ମଲାଭ ସିଂହ, ବିଭୁତିଭୁଷଣ ସାମଲ, ଲଳିତଗିରି ସରପଞ୍ଚ ବଳରାମ ବେହେରା, ସମିତି ସଭ୍ୟ ଧ୍ରୁବଚରଣ ସାମଲ, ବୈନେତୟ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ମେଳାକୁ ସୂଚାରୁ ରୂପେ ସମ୍ପନ୍ନ କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନର ସହଯୋଗ ମଧ୍ୟ କାମନା କରାଯାଇଛି।



ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ସ୍ଥିତ ହିନ୍ଦୋଳ ଏନଏସିରେ ଆଜି ଏକ ହାତୀ ଛୁଆର ମୃତଦେହ ଉଦ୍ଧାର ହୋଇଛି। ଖବରରୁ ପ୍ରକାଶ ହିନ୍ଦୋଳ ଏନଏସି ସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟ ଜଙ୍ଗଲରେ ଏକ ହାତୀଛୁଆର ଗଳିତ ଶବ ପଡ଼ିଥିବାର ସ୍ଥାନୀୟ ଜନସାଧାରଣଙ୍କ ନିକଟରୁ ଶୁଣିବାକୁ ମିଳିଥିଲା। ଏହା ୫/୬ଦିନ ପୂର୍ବରୁ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ଖବର ପାଇ ହିନ୍ଦୋଳ ରେଞ୍ଜରଙ୍କ ସମେତ ବନବିଭାଗ କର୍ମଚାରୀ ଓ ବରିଷ୍ଠ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଅଞ୍ଚଳକୁ ସିଲ କରିଦେବା ସହ ପଶୁ ଡାକ୍ତରଙ୍କ ସାଇଣ୍ଟିଫିକ୍ ଟିମ୍‌କୁ ଡକାଇଥିଲେ ଏବଂ ଶବ ବ୍ୟବଚ୍ଛେଦ ପରେ ମୃତ ହାତୀ ଛୁଆର ଶବକୁ ପୋତି ଦିଆଯାଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ। ହିନ୍ଦୋଳରେ ହାତୀ ଆକ୍ରମଣ ଜନିତ ମୃତ୍ୟୁ ବୃଦ୍ଧିପାଇବା, ହାତୀ ପାଇଁ ବ୍ୟାପକ ଫସଲ ହାନିହେବା ସହ ହାତୀ ଓ ବନ୍ୟଜନ୍ତୁ ଶିକାର ହେବା ସହ ମୃତ୍ୟୁବରଣ କରିବା କିମ୍ବା ଜଙ୍ଗଲଜାତ ଦ୍ରବ୍ୟ ଚୋରି ରୋକିବାରେ ବିଫଳ ହିନ୍ଦୋଳ ବନବିଭାଗ ଖବର ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକମାନଙ୍କୁ ଘଟଣା ସ୍ଥଳକୁ ନ ଛାଡ଼ିବାକୁ ନେଇ ସାମ୍ବାଦିକ ମହଲରେ ଓ ବୁଦ୍ଧିଜୀବି ମହଲରେ ତୀବ୍ର ନିନ୍ଦା କରାଯାଇଛି।



## ମହାବୀର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଟାଙ୍ଗୀ,(ଭାସ୍କର ନ୍ୟୁଜ):କୁହୁଡ଼ି ଗ୍ରାମରେ ଅନୁଷ୍ଠିତ ହେଉଥିବା ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଶନିବାର ଥିଲା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍। ଏଥିରେ କୋଲକାତା ପୋଲିସ ସହିତ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ, ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୦ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରି ଫାଇନାଲ ମ୍ୟାଚ୍‌ରେ ପ୍ରବେଶ କରିଛି କୋଲକାତା ପୋଲିସ ଫୁଟବଲ ଟିମ୍। ଅତିଥି ଭାବେ ପୂର୍ବତନ ଚିଲିକା ବିଧାୟକ ରଘୁନାଥ ସାହୁ, ମର୍ଚ୍ଚାଣ୍ଟ ନେଭି କ୍ୟାପଟେନ୍ ମନ୍ମଥ ସିଂହ, ସମାଜସେବୀ ବୈକୁଣ୍ଠନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରବିବାର ଫାଇନାଲ ଖେଳରେ କୋଲକାତା ପୋଲିସ ଫୁଟବଲ ଟିମ୍ ସହିତ ଛତିଶଗଡ଼ ଫୁଟବଲ ଟିମ୍ ଭାଗ ନେବେ ବୋଲି ଆୟୋଜକ କମିଟି ପକ୍ଷରୁ ସମ୍ପାଦକ ମନୋଜ କୁମାର ମାନସିଂହ ଓ ସାମ୍ବାଦିକ ରମେଶ ନାଇଡୁ କହିଛନ୍ତି।

## ନବୋଦୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବାରଙ୍ଗ, (ଭାସ୍କର ନ୍ୟୁଜ): ମୁଣ୍ଡଳି ସ୍ଥିତ କଟକ ଜିଲ୍ଲାର ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବୀ ସମାପନ ହୋଇଯାଇଅଛି। ତିନି ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବର ସମାପନ ଅବସରରେ କଟକ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ଅଭିଷେକ ଶର୍ମା ମୁଖ୍ୟ ଅତିଥି ଭାବେ ଓ ମୁଣ୍ଡଳି ସ୍ଥିତ ଏନ୍.ଡି.ଆର୍.ଏଫ୍.ର ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ କୁମାର ଚୌହାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚୌହାନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ କ୍ରୀଡ଼ା ସହ ସର୍ବଦା ଯୋଡ଼ି ରହିବାକୁ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିଥଲେ। ବାଳକ ବିଭାଗର ଚମ୍ପିୟାନ ଭାବରେ ସମିର ବାଘେଲ,



ପ୍ରଭୁଦତ୍ତ ମହାପାତ୍ର, ଶ୍ରେୟଂସୁ ନାୟକ ଓ ବାଳିକା ବିଭାଗର ଚମ୍ପିୟାନ ଭାବରେ ସୋନି ମଣ୍ଡଭି, ଶୁଭଶ୍ରୀ ଭୋଇ, ରୋନାଲିଶା ବାହାଡ଼ିଙ୍କୁ ସ୍ୱତନ୍ତ୍ର ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥଲେ। ଚଳିତ ବର୍ଷ ଶ୍ରେଷ୍ଠ କ୍ରୀଡ଼ା ସଦନ ଭାବରେ ଉଦୟଗିରି ସଦନକୁ ବିଜେତା ଓ ଉପବିଜେତା ଭାବରେ ନୀଳଗିରି ସଦନକୁ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ରାମରାଜ୍ ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପାଧକ୍ଷ ଦିଲ୍ଲୀପ କୁମାର ବେହେରା ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଉତ୍ସବ ପରିଚାଳନାରେ ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ସହଯୋଗ କରିଥିବା ବେଳେ ଶାରିରୀକ ଶିକ୍ଷା ଶିକ୍ଷକ ଡ. ପ୍ରଦୀପ କୁମାର ଦୋରା ଓ ଶିକ୍ଷୟତ୍ରୀ ଅର୍ଚ୍ଚନା ବର୍ମା କ୍ରୀଡ଼ା ଉତ୍ସବକୁ ସଫଳ କରାଇବାରେ ରୂପରେଖ ପ୍ରଦାନ କରିଥଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଭିଭାବକମାନେ ମଧ ଯୋଗ ଦେଇଥିଲେ।

## ଦିଗନ୍ତ କୋଚିଂ ସେଣ୍ଟରର ତୃତୀୟ ବାର୍ଷିକ ଉତ୍ସବ ପାଳିତ

ବାରିପଦା, (ଭାସ୍କର ନ୍ୟୁଜ) : ବାରିପଦା ସହର ଅନ୍ତର୍ଗତ ୧୭ ନଂ. ୱାର୍ଡ଼ ସ୍ଥିତ ଦିଗନ୍ତ କୋଚିଂ ସେଣ୍ଟରର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଶିକ୍ଷା କେନ୍ଦ୍ରର ନିର୍ଦ୍ଦେଶକ ଅଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ଆଦିବାସୀ ଶିକ୍ଷା ସଂଯୋଜକ ସପନ ପୃଷ୍ଟି, ସମ୍ମାନିତ ଅତିଥି ଭାବେ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ, ୱାର୍ଡ଼ ନମ୍ବର ୧୭ର କାଉନ୍ସିଲର କରୁଣାକର ହେମ୍ବ୍ରମ ଓ ସୋମନାଥ ସିଂହ ଯୋଗଦେଇ ପିଲାଙ୍କ ଅଦମ୍ୟ ଉଦ୍ୟମ ହିଁ ସଫଳତାର ଚାବିକାଠି ବୋଲି ବକ୍ତବ୍ୟ ରଖିଥିଲେ। ଅଞ୍ଜନ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା




ବେଳେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଗଣେଶ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଚଳିତ ଶିକ୍ଷାବର୍ଷରେ ବିଭିନ୍ନ ବିଭାଗରେ ସଫଳ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲା। ସମାଜରେ ବିଭିନ୍ନ ବିଭାଗରେ ନିରନ୍ତର ସେବା କରି ଆସୁଥିବା ମାଣିକଲାଲ୍ ପାଣି, ସୌମ୍ୟରଞ୍ଜନ ପଟ୍ଟନାୟକ,ସୋମନାଥ ସିଂହ, ପ୍ରତ୍ୟୁଷ ମହାନ୍ତି ଓ ଡଃ ନିରୋଜ କୁମାର ପୋଥାଳଙ୍କୁ ଦିଗନ୍ତ ସମାଜ ସେବକ, ଦିଗନ୍ତ ଗୁରୁ ଶ୍ରେଷ୍ଠ ଆଦି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମା'ମାନଙ୍କୁ ଉତ୍ସାହିତ ତଥା ଶିକ୍ଷା ଦିଗରେ ଅଧିକ ସଚେତନ କରିବା ନିମନ୍ତେ ଅନୁଷ୍ଠାନ ତରଫରୁ ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ପିଲାମାନେ ବିଭିନ୍ନ ନୃତ୍ୟ, ଗୀତ, ନାଟକ ପରିବେଷଣ କରି ଦର୍ଶକ ମାନଙ୍କ ମନ ଛୁଇଁପାରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ବାରିପଦା, ପ୍ରକାଶ ସୋରେନ, ସମ୍ମାନିତ ଅତିଥି ରୂପେ ୱାର୍ଡ଼ ନମ୍ବର ୩ର କାଉନ୍ସିଲର ରାଜ ଗୁପ୍ତା, ୱାର୍ଡ ନମ୍ବର ୧୯ର କାଉନ୍ସିଲର ଦିଗବିଜୟ ହାଁସଦା ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଶିଶୁ ମର୍ଯ୍ୟାଦା ପାରିଜାତ ଓ ବହୁ ପ୍ରତିଭାର ଅଧିକାରୀ ବୋଲି ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷକ ତନ୍ମୟ କୁମାର ଜାନା, ଜୀବନ ସାହୁ, ସୁପ୍ରିୟା ଜେନା, ସ୍ମିତା ମିସ୍, ପୁଷ୍ପାଞ୍ଜଳି ମିସ୍, ସୋମଶ୍ରୀ ମିସ୍, ପ୍ରଶାନ୍ତ ସା, ଲିଟନ୍ ସା, ଯୋଗେଶ୍ୱର ସା, ବାବୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଅଞ୍ଜନ ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ।

## ବେତନଟୀ ପ୍ରିମିୟର ଲିଗ୍ ସେମିଫାଇନାଲରେ ଆରିୟନ ଫାଇଟର




ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ କ୍ରିକେଟ କ୍ଲବ୍ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୧ ର ୧୧ ଦିନରେ ପ୍ରଥମ ଏଲିମେଣ୍ଟର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ଆରିୟନ ଫାଇଟର ଓ ଦାନି -୧୧ ଚିତ୍ରଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଦାନି -୧୧ ଚିତ୍ରଡ଼ା ୨୫ ଓଭରରେ ୯ ୱିକେଟ ହରାଇ ୧୭୩ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଆରିୟନ ଫାଇଟର ୨୩.୧ ଓଭରେ ରେ ୬ ୱିକେଟ ହରାଇ ୧୭୯ ରନ କରି ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ଆରିୟନ ଫାଇଟରର ଖେଳାଳି ଶିବ ନାରାୟଣ ନାଏକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚଙ୍କୁ ବରିଷ୍ଠ ଖେଳାଳି ପ୍ରାକାଶ ଜ୍ୟୋତି ଆଦିତ୍ୟ ପୁରସ୍କୃତ କରିଥିଲେ। ଏହି ଖେଳକୁ କେ.ଇନ୍ଦ୍ର ପ୍ରସାଦ ଓ ଅନୁପ ଦଣ୍ଡପାଟ ପରିଚାଳନା କରିଥିଲେ। ଅନଲାଇନ ସ୍କୋର ଭାବରେ ଗୌରବ ନାଥ, ପରିଚାଳନା କରିଥିଲେ। ଏହି ଖେଳକୁ ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ।

## ହିଙ୍ଗୁଳା ପଡ଼ିଆରେ ଐତିହାସିକ 'ପ୍ଲାଟିନମ୍ କପ୍' ଉଦ୍‌ଘାଟିତ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାର କେରେଇ ନିର୍ବାଚନ ମଣ୍ଡଳୀର ହିଙ୍ଗୁଳା ହାଇସ୍କୁଲର ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଯଥା 'ପ୍ଲାଟିନମ୍ ଜୁବିଲି ସେଲିବ୍ରେସନ' ନିମନ୍ତେ ପଞ୍ଚସ୍ତରୀବର୍ଷର ପୁରାତନ ଛାତ୍ରମାନଙ୍କୁ ନେଇ ଦୀର୍ଘ ୪ ବର୍ଷ ଧରି ଭାଇଚାରା ବନ୍ଧନକୁ ଅତୁଟ ରଖିବା ଉଦ୍ଦେଶ୍ୟରେ ଐତିହାସିକ ଭାବେ ଗୋଟିଏ ବିଦ୍ୟାଳୟ ୪ ପିଢ଼ିର ପୁରାତନ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ୪୦ ଗୋଟି ବ୍ୟାଚ ମାଧ୍ୟମରେ ଦୁଇଦିନିଆ ଦିବାରାତ୍ରି 'ପ୍ଲାଟିନମ୍ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ' ଶନିବାର ସକାଳ ୮ ଘଟିକା ସମୟରେ ଶଙ୍ଖଚିଲାର ଆରାଧ୍ୟା ଦେବୀ ମା' ହିଙ୍ଗୁଳାଙ୍କ ଠାରୁ ପୂଜାର୍ଚ୍ଚନା ସହିତ ଆଜ୍ଞା ମାଳ ଏବଂ ଜ୍ୟୋତି ଆଣି ଶହଶହ ସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀ ସେମାନଙ୍କର ଗ୍ରୁପ୍ ସହିତ ମା'ହିଙ୍ଗୁଳାଙ୍କ ମନ୍ଦିର ଠାରୁ ହିଙ୍ଗୁଳା ହାଇସ୍କୁଲ ପର୍ଯ୍ୟନ୍ତ ଏକ ଶାନ୍ତି




ସଦଭାବନା ଜ୍ୟୋତିଯାତ୍ରା ଆରମ୍ଭ ହୋଇଥିଲା। ଏହି ସଦଭାବନା ଜ୍ୟୋତି ଯାତ୍ରାକୁ ପୁରାତନ ଛାତ୍ର ସଙ୍ଘ ଉପ ସଭାପତି ବିଷ୍ଣୁ ଚରଣ ସାହୁ ପତାକା ହଲେଇ ଉଦ୍‌ଘାଟନ କରିଥିଲେ। ପରେ ଏହି ଶୋଭାଯାତ୍ରାକୁ ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲଠାରେ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ଅଭିଜିତ ବାରିକ ସମେତ ପରିଚାଳନା କମିଟି ଓ ସମସ୍ତ କର୍ମଚାରୀବୃନ୍ଦ ଜ୍ୟୋତିକୁ ସ୍ୱାଗତ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସଦଭାବନାପୂର୍ଣ୍ଣ ଜ୍ୟୋତି ଯାତ୍ରାକୁ ପୁରାତନ ଛାତ୍ର ସଙ୍ଘର ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ଜେନା, ସଙ୍ଗଠନ ସମ୍ପାଦକ ସୌମ୍ୟବ୍ରତ ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ଆର୍ଯ୍ୟବିଭାଷ କୁମାର, ଆଦିତ୍ୟ କୁମାର ସାହୁ, ଦେବେନ୍ଦ୍ର କୁମାର ସାହୁ, ଅନନ୍ତ ଚରଣ ମଲ୍ଲିକ, ସସ୍ମିତେଶ ସାହୁ, ପରିକ୍ଷିତ ରାଉତ, ପରମେଶ୍ୱର ମାଲିକ, ଦିଲିପ କୁମାର ସାହୁଙ୍କ ନେତୃତ୍ୱରେ ଜ୍ୟୋତି ଯାତ୍ରା ସଞ୍ଚାଳନ କରାଯାଇଥିଲା। ଏହାପରେ ପ୍ଲାଟିନମ୍ କପ୍ ପଡ଼ିଆ ମଧ୍ୟକୁ ପୁରାତନ ଛାତ୍ର ସଙ୍ଘର ସମ୍ପାଦକ ବିନୋଦ ବିହାରୀ ସାହୁଙ୍କ ନେତୃତ୍ୱରେ କୋଷାଧ୍ୟକ୍ଷ ରଘୁନାଥ ସାହୁ, ବୈକୁଣ୍ଠ ଚରଣ ଜେନା, ଦେବେନ୍ଦ୍ର କୁମାର ସାହୁ ସମସ୍ତ ଖେଳାଳି ମାନଙ୍କୁ ଫିତା କାଟି ସ୍ୱାଗତ କରିଥିଲେ। ସମସ୍ତ ଖେଳାଳିମାନେ ପ୍ରଥମେ ପ୍ଲାଟିନମ୍ ପଡ଼ିଆକୁ ପ୍ରଣାମ କରି ପଡ଼ିଆ ପରିକ୍ରମା କରିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀଧର ଦାସ ଓ ସଂଯୋଜକ ଭଗବାନ ମଲ୍ଲିକ ଖେଳ ପତାକା ଉତ୍ତୋଳନ କରିବା ସହ ଜନ୍ମେଜୟ ସାହୁଙ୍କ ଦ୍ୱାରା ଶପଥପାଠ କରାଯାଇଥିଲା। ଜିତେନ୍ଦ୍ର ଦାସ ଓ ଆଲୋକ ଦାସଙ୍କ ପରିଚାଳନାରେ ଅମ୍ପେୟାର ଛାୟା କାନ୍ତ ଦ୍ୱିବେଦୀ, ବାବୁ ଦାସ୍, ରାଜେନ୍ଦ୍ର କୁମାର ଦାସ୍ ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ୫ ଓଭର ବିଶିଷ୍ଟ ପ୍ରଥମ ଲିଗ୍ ମ୍ୟାଚ କୁ ୨୦୨୪ ବ୍ୟାଚ୍ ଓ ହିଙ୍ଗୁଳା ହାଇସ୍କୁଲ ଏକାଦଶ ମଧ୍ୟରେ ଖେଳ ଆରମ୍ଭ କରାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିମଳେନ୍ଦୁ ସାହୁ, ଦୀପକ କୁମାର ଗୁରୁ, ପ୍ରମୁଖ ଅନ୍ୟମାନଙ୍କ ସହିତ ସହଯୋଗ କରିଥିଲେ।

## ଜିଏମ୍‌ଆର୍‌ରେ ରକ୍ତଦାନ ଶିବିର




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ କମଳାଙ୍ଗସ୍ଥିତ ଜିଏମ୍‌ଆର୍ କମଳାଙ୍ଗ ଏନର୍ଜି ଲିମିଟେଡ୍ (ଜିକେଇଲ) ପକ୍ଷରୁ ଶୁକ୍ରବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିକେଇଲ ଓ ଏହାର ସାମାଜିକ ଦାୟିତ୍ୱବୋଧ ସଂସ୍ଥା ଜିଏମ୍‌ଆର୍ ଭରଲକ୍ଷ୍ମୀ ଓ ଏହାର ସାମାଜିକ ଦାୟିତ୍ୱବୋଧ ସଂସ୍ଥା ଜିଏମ୍‌ଆର୍ ଭରଲକ୍ଷ୍ମୀ ଫାଉଣ୍ଡେସନ, ଓଡ଼ିଶା ବ୍ଲଡ୍ ସେଣ୍ଟର ଢେଙ୍କାନାଳ ଶାଖାର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ମୋଟ୍ ୨୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିକେଇଲ ପ୍ଲାଣ୍ଟ ହେଡ଼ ମନୋଜ ମିଶ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ ଓ ନିଜେ ରକ୍ତଦାନ କରି ଅନ୍ୟ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଜିଏମ୍‌ଆର୍ କର୍ମଚାରୀ, ରକ୍ଷା ସିକୁରିଟି, ଅଗ୍ନିଶମ କର୍ମଚାରୀ ଓ ଅପରେଣ୍ଟି ଏଜେନ୍ସିର କର୍ମଚାରୀମାନେ ରକ୍ତଦାନ କରିଥିଲେ। ଓଡ଼ିଶା ବ୍ଲଡ୍ ସେଣ୍ଟର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଜିଏମ୍‌ଆର୍ ଏନର୍ଜୀ (ଥର୍ମାଲ୍) ସିଇଓ ଧନଞ୍ଜୟ ଦେଶପାଣ୍ଡେ ସମସ୍ତ ରକ୍ତଦାତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଏହି ମହାନ୍ କାର୍ଯ୍ୟ ଜାରି ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ଜିକେଇଲ ଏକମାତ୍ର ଶିଳ୍ପ ସଂସ୍ଥା ଦୀର୍ଘ ଏକଦଶନ୍ଧି ଧରି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ସ୍ଥାନୀୟ ପ୍ରଶାସନ ଠାରୁ ପ୍ରଶଂସିତ ହୋଇଆସୁଛି।

## ଦଧିସିଙ୍ଗା ଗ୍ରାମରେ ହାତୀ ଉତ୍ପାତ

### ଖଳାରେ ପଶି ଧାନ ଖାଇଲା ଦନ୍ତା

ରାସୋଳ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଦଧିସିଙ୍ଗା ଗ୍ରାମରେ ହାତୀ ଉତ୍ପାତ ଯୋଗୁଁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଗତକାଲି ବିଳମ୍ବିତ ରାତିରେ ଗୋଟିକିଆ ଦନ୍ତାହାତୀ ଗ୍ରାମ ମଧ୍ୟରେ ବିଭିନ୍ନ ଲୋକଙ୍କ ବାଡ଼ିରେ ପଶି କ୍ଷୟକ୍ଷତି କରିଛି। ଆଜି ସକାଳ ୪ ଘଣ୍ଟା ସମୟରେ ବନବିଭାଗ କର୍ମଚାରୀ ମାନେ ଦନ୍ତାହାତୀଟିକୁ ଗ୍ରାମ ଜଙ୍ଗଲ ଆଡ଼େ ଘଉଡ଼ାଇ ଦେଇଥିଲେ। ହାତୀଟି ଗ୍ରାମ ତଳଆଡୁ ଆସି ହରିଜନ ସାହି ଠାରେ ଠିଆ ହୋଇଥିଲା। ସେଠାରୁ ଲୋକମାନେ ହୋହଲ୍ଲା କରିବାରୁ ରାସ୍ତାରେ ଯାଇ ରାଜକିଶୋର ମହାନ୍ତିଙ୍କ ବାଡ଼ିରେ ପଶି କଦଳୀଗଛ ଭାଙ୍ଗି ଖାଇବା ସହିତ ପନିପରିବା ମାଡ଼ି ଦଳି



ନଷ୍ଟ କରିବା ସହିତ ପଥର କାନ୍ଥ ଭାଙ୍ଗି ପଳାଇ ଯାଇଥିଲା। ସେଠାରୁ ହାତୀଟି ଜଗନ୍ନାଥ ମହାନ୍ତିଙ୍କ ବାଡ଼ିରେ ପଶି କଦଳୀ ଗଛ ଭାଙ୍ଗି ଖାଇ ସାହି ରାସ୍ତାରେ ଯାଇ ଚଞ୍ଚଳା ବେହେରାଙ୍କ ବାଡ଼ିରେ ନଷ୍ଟ କରି ସେଠାରୁ ଯାଇ ଲମ୍ବୋଦର ପରିଡ଼ାଙ୍କ ପଥର କାନ୍ଥ ଭାଙ୍ଗି ଖଳାରୁ ଧାନ ଖାଇ ବିଞ୍ଚିଥିଲା। ଶବର ସାହିରେ ପଶି ଚୌଧୁରୀ ଦେହୁରୀଙ୍କର ଖଳାରୁ ୪ ଟି ଧାନ ବିଡ଼ା ଖାଇଦେଉଛି। ଶରତ ପରିଡ଼ାଙ୍କ ବଗିଚାରୁ ୨୦ ବୁଦା ବାଉଁଶ ଖାଇ ନଷ୍ଟ କରିଛି। ଗାଁ'ଦାଣ୍ଡରେ ହାତୀକୁ ଲୋକମାନେ ଦେଖି ଭୟଭୀତ ହୋଇ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୪ଘଣ୍ଟା ପରିଶ୍ରମ କରି ହାତୀକୁ ଜଙ୍ଗଲ ରାସ୍ତାରେ ଘଉଡ଼ାଇ ଦେଇଥିଲେ।

## ପ୍ରକୃତି ଦାଉରେ ଚାଷୀ ହତାଶ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ଅଦିନିଆ ବର୍ଷା କାରଣରୁ ପ୍ରକୃତି ଦାଉରେ ଚାଷୀ ହତାଶ ହୋଇ ପଡ଼ିଛି। ଧାନ ଫସଲ ଠିକ୍ ଅମଳ ସମୟରେ ଲଘୁଚାପ ଜନିତ ଲଗାଣ ବର୍ଷା ତା'ର ବର୍ଷକର ଆହାରକୁ ଛଡ଼ାଇ ନେଇଛି। ଋଣ ନେଇ ଧାରକରଜ କରି ଚାଷ ପାଇଁ ନୟାନ୍ତ ହୋଇଥିବା ବେଳେ ଏବେ କ୍ଷତିଭରଣା ପାଇଁ ସରକାରୀ ସହାୟତାକୁ ଅପେକ୍ଷା କରିଛି। ତେବେ ରାଜସ୍ୱ ଓ କୃଷି ବିଭାଗ ମିଳିତ ଭାବେ କ୍ଷୟକ୍ଷତି ଆକଳନ କରୁଛନ୍ତି, ମାତ୍ର କ୍ଷତିଗ୍ରାସ୍ତ ଚାଷୀର ଦୁର୍ଦ୍ଦଶା ବଢ଼ିଚାଲିଛି। ବୀମାଭୁକ୍ତ ଚାଷୀମାନଙ୍କ ଫସଲହାନି ଅଭିଯୋଗ ପାଇଁ ଏକ ଟୋଲଫ୍ରି ନମ୍ବର ସରକାର ଜାରି କରି ୭୨ ଘଣ୍ଟା ମଧ୍ୟରେ ଜଣାଇବାକୁ ସୂଚନା ଦେଇଛନ୍ତି। ତେବେ ଚାଷୀ ଅଭିଯୋଗ ପାଇଁ ଏହି ନମ୍ବରରେ ଯୋଗାଯୋଗ କଲେ ପ୍ରାୟତଃ ସମ୍ଭବ ହେଉ ନାହିଁ କିମ୍ବା ସଂଯୋଗ ହୋଇଗଲେ ମଧ୍ୟ କେହି କ୍ଷୟକ୍ଷତି ତଦନ୍ତ କରିବାକୁ ଆସୁ ନଥିବା ଅଭିଯୋଗ ହୋଇଛି। ଏଥିନେଇ କୃଷକ ନେତା ପ୍ରକାଶ ରାଉତରାୟଙ୍କ ନେତୃତ୍ୱରେ ଶୁକ୍ରବାର ୫୦ରୁ ଉର୍ଦ୍ଧ୍ୱ ଚାଷୀ ଗଜା ହୋଇଥିବା ଧାନ ବିଡ଼ା ଧରି ବୋଲଗଡ଼ ତହସିଲଦାର ଦାୟିତ୍ୱରେ ଥିବା ଦିପ୍ତିମୟୀ ଶର୍ମା ଓ କୃଷି ଅଧିକାରୀ ସନ୍ତୋଷ କୁମାର ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ କ୍ଷୟକ୍ଷତି ଆବେଦନ ପ୍ରକ୍ରିୟାକୁ ସୁଧାରିବା, କୃଷି ଋଣ ଛାଡ଼ କରିବା, ମଣ୍ଡି ମାନଙ୍କରେ ଏହି ଉଜୁଡ଼ା ଧାନକୁ ଗ୍ରହଣ କରିବା ପାଇଁ ପଦକ୍ଷେପ ନେବା ଆଦି ଅନ୍ତର୍ଭୁକ୍ତ ଅଛି। ସୂଚନା ଥାଉକି ବୋଲଗଡ଼ ବ୍ଲକ୍ ଅଞ୍ଚଳର ସମୁଦାୟ ୧୫୮୦୫ ହେକ୍ଟର ଜମିରୁ ୧୪୦୩୭ ହେକ୍ଟର ଜମିରେ ଧାନଚାଷ ହୋଇଛି ଏବଂ ଏଥି ମଧ୍ୟରୁ ପ୍ରାୟ ଖାଲୁଆ ଜମିରେ କଟାଧାନ ଓ କଟା ଯାଇନଥିବା ଧାନ କ୍ଷତିଗ୍ରସ୍ତ ହୋଇଛି।

## ହିନ୍ଦୋଳ ସାମ୍ବାଦିକ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ

ରାସୋଳ, (ଭାସ୍କର ନ୍ୟୁଜ୍):ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡର ସର୍ବ ପୁରାତନ ପଞ୍ଜିକୃତ ସାମ୍ବାଦିକ ସଙ୍ଘର ନୂତନ କାର୍ଯ୍ୟକର୍ତ୍ତା ଚୟନ ହୋଇଯାଇଛି। ଗତ ୨୭ତାରିଖ ସନ୍ଧ୍ୟାରେ ଉପଖଣ୍ଡସ୍ଥିତ ସତମାଇଲ ଡାକବଙ୍ଗଳା ଠାରେ ସଂଘର ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସଭାପତି ସୁଶାନ୍ତ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଙ୍ଘର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ସଂଘର ନିୟମ ଅନୁସାରେ ସର୍ବସମ୍ମତି କ୍ରମେ ବରିଷ୍ଠ ସାମ୍ବାଦିକ ଦୀପ୍ତିକାନ୍ତ ପ୍ରଧାନ ସଭାପତି ଓ ସୁମନ୍ତ ଦେହୁରୀ ସମ୍ପାଦକ ଭାବରେ ମନୋନୀତ ହୋଇଥିଲେ। ସେହିପରି ସୁଶାନ୍ତ ସାମଲ ଉପସଭାପତି, ଜଗନ୍ନାଥ ଦାସ ସହ-ସମ୍ପାଦକ ଭାବରେ ମନୋନୀତ ହୋଇଥିଲେ ଏବଂ



ରବିନାରାୟଣ ପଟ୍ଟନାୟକ ପୂର୍ବବତ କୋଷାଧ୍ୟକ୍ଷ ଦାୟିତ୍ୱ ପାଇଁ ମନୋନୀତ ହୋଇଥିବା ବେଳେ ଆଗାମୀ ଏକବର୍ଷ ଯାଏଁ ସମସ୍ତ ମନୋନୀତ କାର୍ଯ୍ୟକର୍ତ୍ତା ମାନଙ୍କ କାର୍ଯ୍ୟକାଳ ସଂଘ ନିୟମ ଅନୁସାରେ ରହିବ ବୋଲି ଜଣାପଡ଼ିଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ବରିଷ୍ଠ ସଦସ୍ୟ ବ୍ରହ୍ମାନନ୍ଦ ପଟ୍ଟନାୟକ, ବିଶେଶ୍ୱର ସେଠି, ଦୁଷ୍ମନ୍ତ ମିଶ୍ର, ସରୋଜ ମିଶ୍ର, ପ୍ରଶାନ୍ତ ଜେନାମଣି, ସରୋଜ ଭୂତିଆ, ତପନ ପରିଡ଼ା, ସୁକୁଲି ସର, ପ୍ରତାପ ପଟ୍ଟନାୟକ, ଗୌତମ ମୁଦୁଲି, ତ୍ରିଲୋଚନ ପାଳ, କିଶୋର ପାଳ, ପ୍ରଭାତ ପୃଷ୍ଟି, ରମେଶ ସାହୁ, ସୌଭାଗ୍ୟ ସର, ପ୍ରକାଶ ନାୟକ, ହେମନ୍ତ ସାହୁ, ଦିନେଶ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ।

## ବିକଳାଙ୍ଗ ମଞ୍ଚ ପକ୍ଷରୁ ଭିନ୍ନକ୍ଷମଙ୍କୁ କିଟି ସାମଗ୍ରୀ ବଣ୍ଟନ



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ୍ ଅନ୍ତର୍ଗତ ଦୋବଲ ସ୍କୁଲ ପଡ଼ିଆ ଠାରେ ଓଡ଼ିଶା ବିକଳାଙ୍ଗ ମଞ୍ଚ ଆନୁକୂଲ୍ୟରେ ଆକ୍ସନ ଏଡ୍ ପକ୍ଷରୁ ଧାମନଗର ବ୍ଲକର ୧୦ ଟି ପଞ୍ଚାୟତର ୩୦୦ ଭିନ୍ନକ୍ଷମଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରା ଯାଇଥିଲା। ସୂଚନା ଯୋଗ୍ୟ ଯେ ଗତ ବାତ୍ୟା ଦାନାରେ କ୍ଷତି ଗ୍ରସ୍ତ ହୋଇଥିବା ଭିନ୍ନକ୍ଷମ ପରିବାରକୁ ଏହି ସାହାଯ୍ୟ ବଣ୍ଟନ କରାଯାଇଥିଲା। ବାତ୍ୟା ଦାନାର ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଥିଲା। ଦାନାର ପ୍ରଭାବରୁ ଏହି ଅଞ୍ଚଳର ଭିନ୍ନକ୍ଷମମାନେ ମଧ୍ୟ ବର୍ତ୍ତି ନଥିଲେ। ତେଣୁ ସେମାନଙ୍କୁ ଏକ ଛୋଟ ସହାୟତା ଯୋଗାଇବା ଆଶାରେ ଶନିବାର ଏହି କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପବିତ୍ର ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସରପଞ୍ଚ ଅଶୋକ କୁମାର ପଣ୍ଡା, ଜିଲ୍ଲା ପରିଷଦ ପ୍ରତିନିଧି ପ୍ରତାପ ସାମଲ, ୱାର୍ଡ଼ ସଭ୍ୟା କୁନିଲତା ବେହେରା, ସମାଜସେବୀ ଶୁଶାନ୍ତ ରାଉତ, ଆକ୍ସନ ଏଡ୍‌ର ରାଜ୍ୟ ମୁଖ୍ୟ ଦେବ୍ରତ ପାତ୍ର, ରାଜ୍ୟ ଜରୁରୀ କାଳୀନ ମୁଖ୍ୟ ଶୁଭେନ୍ଦୁ ରାୟ, ଜିଲ୍ଲା ସଂଯୋଜକ ପ୍ରଦ୍ୟୁତ ରଞ୍ଜନ ରାଉତ, ସହଯୋଗୀ ଅର୍ଜୁନ ଚରଣଙ୍କ ଉପସ୍ଥିତିରେ ସେମାନଙ୍କୁ ଏହି ସହାୟତା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ବିକଳାଙ୍ଗ ମଞ୍ଚର ରାଜ୍ୟ ସମ୍ପାଦକ ଅକ୍ଷୟ କୁମାର ସାହୁ, ଜିଲ୍ଲା ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ, ବ୍ଲକ ସଭାପତି କରୁଣା କର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## କର୍ମକର୍ତ୍ତାଙ୍କ ଘରେ ପହଞ୍ଚିଲେ ମହେଶ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଗତକାଲି ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ଗୋରିଲ ଗ୍ରାମର ବିଜେଡ଼ି କାର୍ଯ୍ୟକର୍ତ୍ତା ପିତବାସ ସାମଲଙ୍କ ମା' ଗହମ ସାମଲ ଇହଲୀଳା ସମ୍ବରଣ କରିଥିଲେ। ଏ ଖବର ପାଇ ପୂର୍ବତନ ସାଂସଦ ମହେଶ ସାହୁ ଆଜି ପିତବାସଙ୍କ ଗୋରିଲ ସ୍ଥିତ ବାସଭବନରେ ପହଞ୍ଚି



ଶୋକସନ୍ତପ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ସ୍ୱର୍ଗତ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ହିନ୍ଦୋଳ ଅଞ୍ଚଳକୁ ମହେଶଙ୍କ ଘନଘନ ଗସ୍ତ ଫଳରେ ତାଙ୍କର ଜନସମ୍ପର୍କ ବଢ଼ିବା ସହ ତୃଣମୂଳ ସ୍ତରରେ ବିଜେଡ଼ି ସୁଦୃଢ଼ ହେଉଛି। ମା'ଙ୍କ ମୃତ୍ୟୁରେ ପିତବାସଙ୍କ ପରିବାର ସହିତ ସ୍ଥାନୀୟ ଅଞ୍ଚଳରେ ରେ ଶୋକର ଛାୟା ଖେଳିଯାଇଛି।

## କମ୍ପ୍ୟୁଟର ବିଜ୍ଞାନ ବିଭାଗର ଆଲୁମିନି ବୈଠକ




କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ କମ୍ପୁଟର ବିଜ୍ଞାନ ବିଭାଗର ଆଲୁମିନି ବୈଠକ ଶନିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବର୍ତ୍ତମାନର ଅଧାପକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ କମ୍ପ୍ୟୁଟର ବିଜ୍ଞାନ ବିଭାଗର ପୁରାତନ ଛାତ୍ରଛାତ୍ରୀମାନେ ଏକତ୍ରୀତ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପୁରାତନ ଛାତ୍ରଛାତ୍ରୀମାନଙ୍କ ସମେତ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ମଧ ଏହି ବୈଠକରେ ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ଼. ପ୍ରଭାକର ମଲିକ ଯୋଗଦେଇ କିଭଳି ପୁରାତନ ଛାତ୍ରଛାତ୍ରୀ ବିଭାଗୀୟ ଅନୁଷ୍ଠାନର ମୁଖ୍ୟ ଅଂଶ ତାହା ବର୍ଣ୍ଣନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଆନନ୍ଦ ଚନ୍ଦ୍ର ନାୟକ ବୈଠକରେ ସଭାପତିତ୍ୱ କରି କହିଥିଲେ ଯେ ପୁରାତନ ଛାତ୍ରଛାତ୍ରୀମାନଙ୍କ ସହାୟତାରେ ବିଭାଗର ସର୍ବକାଳୀନ ବିକାଶ ସମ୍ଭବ। ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ସୌମ୍ୟାରାଣୀ ମହାରଣା, ସଞ୍ଜୟ କୁମାର ସ୍ୱାଇଁ, ସୁବ୍ରତ କୁମାର ପାତ୍ର, ଜ୍ୟୋତି ପ୍ରକାଶ କର ପ୍ରମୁଖ ଅନୁଷ୍ଠାନରେ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବୈଠକରେ ଚଳିତ ବର୍ଷ ଠାରୁ ଆରମ୍ଭ ହୋଇଥିବା ବିଭାଗୀୟ ବାର୍ଷିକ ସମ୍ବାଦପତ୍ର ଉନ୍ମୋଚିତ ହୋଇଥିଲା। ଆଲୁମିନିମାନଙ୍କ ମଧ୍ୟରୁ ଅଶ୍ୱିନୀ ରାଉତ, ବିକ୍ରମ ବାରିକ, ପ୍ରବୀର କୁମାର ସାହୁ, ସୌମ୍ୟରଞ୍ଜନ ରାଉତ, ପ୍ରଭାତ ଦାସ, ଶ୍ରଦ୍ଧାଞ୍ଜଳି ପାଢ଼ୀ, କଳ୍ପନା ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## କାଙ୍କଡ଼ପାଳ ନିକଟରୁ ଅଫୁଟା ବୋମା ଉଦ୍ଧାର

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ କାଙ୍କଡ଼ପାଳ ଗ୍ରାମ ନିକଟରୁ ଅଫୁଟା ବୋମା ଠାବ କରାଯାଇଛି। ରେଙ୍ଗାଳୀ କେନାଲ ପୋଲ ନିକଟରେ ଏହି ଅଫୁଟା ବୋମା ପଡିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସଦର ଥାନା ପୁଲିସ ବୋମା ନିଷ୍କ୍ରିୟ ଦଳ ନେଇ ଏହି ବୋମାକୁ ଉଦ୍ଧାର କରିଛି। ଘଟଣା ସ୍ଥଳରେ ୮ଟି ଅଫୁଟା ଓ ସେଗୁଡିକ ହାତ ତିଆରି ବୋମା ବୋଲି ଜଣାପଡିଛି। କୋଣସି ଅପରାଧିକ ଘଟଣା ଘଟାଇବା ଉଦ୍ଦେଶ୍ୟରେ ଏହା ବ୍ୟବହାର କରାଯାଇଥାନ୍ତା ବୋଲି ସନ୍ଦେହ କରାଯାଇଛି। ତେବେ କିଏ ଓ କେଉଁ ଉଦ୍ଦେଶ୍ୟରେ ଏଠାରେ ଏହି



ବୋମାଗୁଡ଼ିକ ପକାଇଛି ତାହା ଜଣାପଡ଼ି ନାହିଁ। ସଦର ପୁଲିସ ଏ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳରେ ଅଫୁଟା ବୋମା ମିଳିବା ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। କେତେବେଳେ କିଏ ଏହିଭଳି ଅଫୁଟା ବୋମାର ଶିକାର ହେବ କିଏ କହିପାରିବେ ନାହିଁ।

## ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ବାରଙ୍ଗ (ଭାସ୍କର ନ୍ୟୁଜ): ଚାନ୍ଦପୁର ଗ୍ରାମରେ ଥିବା ଅଗ୍ରଣୀ ଘରୋଇ ଶିକ୍ଷା ଅନୁଷ୍ଠାନ ଶ୍ରୀ ସତ୍ୟସାଇ ବିଦ୍ୟା ମନ୍ଦିରର ୨୩ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ରଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ବନଲତା ବେହେରା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବିଚାରପତି ନାରାୟଣ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ନାଥ ମାନସିଂହ, ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ଚନ୍ଦ୍ର ଶେଖର ଦାଶ, ଶିକ୍ଷାବିତ୍ ରବିନ୍ଦ୍ର କୁମାର ନାୟକ, ଏକ୍ସ ସରପଞ୍ଚ (ଟାଙ୍ଗୀ) ଭରତ ଚରଣ ବେହେରା, ବିଦ୍ୟା ମନ୍ଦିରର ପ୍ରିନ୍ସପାଲ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟୟନରତ ଥିବା ବିଦ୍ୟାର୍ଥିମାନଙ୍କୁ ବିଭିନ୍ନ ଶିକ୍ଷଣୀୟ ଉପଦେଶ ଦେଇଥିଲେ ମାନ୍ୟଗଣ୍ୟ ଅତିଥିବୃନ୍ଦ। ଶେଷରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## 'ଜ୍ୟୋତି କଳସ' ରଥର ଶୁଭ ଆଗମନ

ଜଗତସିଂହପୁର, (ଭାସ୍କର ନ୍ୟୁଜ): ଅଖିଳ ବିଶ୍ୱ ଓ ପରମ ବନ୍ଦନୀୟା ମାତା ଭଗବତୀ ଦେବୀଶର୍ମାଙ୍କର ଜନ୍ମ ସତବାର୍ଷିକ ଉପଲକ୍ଷେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଜଗତସିଂହପୁର ପକ୍ଷରୁ ଜ୍ୟୋତି କଳସ ରଥର ଶୁଭ ଆଗମନ କାର୍ଯ୍ୟକ୍ରମ ମହାଆଡମ୍ବର ସହକାରେ ପାଳନ କରାଯାଇଛି। ସ୍ଥାନୀୟ ଗାନ୍ଧୀଛକ ନିକଟରୁ ସହ ସହ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ବିଶ୍ୱରେ ପରସ୍ପର ମଧ୍ୟରେ ଭାତୃତ୍ୱ, ଶାନ୍ତି ସଦଭାବନା ବଜାୟ ରଖିବା ପାଇଁ ପ୍ରବଚନ ଆଦି ଦୀପ ଯଜ୍ଞ ଓ ସଙ୍ଗୀତ କାର୍ଯ୍ୟକ୍ରମ ପଳାଶୋଳ ସ୍ଥିତ ଅଟଳ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମକୁ ବଳରାମ ସାହୁ, କୃପାସିନ୍ଧୁ ଷଡଙ୍ଗୀ, ସନ୍ତୋଷ କୁମାର ଜେନା, ପଦ୍ମନାଭ ସାହୁ ଅଧିର କୁମାର ଜେନା, ଶଶାଙ୍କ ପଟ୍ଟନାୟକ, ପିତାମ୍ବର ପଣ୍ଡା ଓ ସୁବାସ ବେହେରା ପ୍ରମୁଖ ପରିଚାଳନା କରିବା ସହ ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ଆୟୋଜନ କରିଥିଲେ। ଭକ୍ତଙ୍କର ବେଶ୍ ସମାଗମ ହୋଇଥିଲା।